# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶନିବାର, ଜାନୁଆରୀ ୩୧/୨୦୨୬ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 31/2026 Page 14 ₹ 7.00 | SAMBALPUR

୫୨ଶ ଭାଗ ୬୮ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 52 ISSUE 68 ମୂଲ୍ୟ₹୭/-





## ସଂକ୍ଷେପରେ

### ଅଭିଯୁକ୍ତ ତନ୍ମୟ ମିର୍ଦ୍ଧା ଗିରଫ

**ପଶ୍ଚିମବଙ୍ଗ ଚିଟ୍‌ଫଣ୍ଡ ଦୁର୍ନୀତି ମାମଲା**

ନୂଆଦିଲ୍ଲୀ,୩୦।୧

ପଶ୍ଚିମବଙ୍ଗ ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଫେରାର ଅଭିଯୁକ୍ତ ତନ୍ମୟ ମିର୍ଦ୍ଧାଙ୍କୁ ଗିରଫ କରିଛି। ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ଚିଟ୍‌ଫଣ୍ଡ ଠକେଇ ସହ ଜଡ଼ିତ ମାମଲାଗୁଡ଼ିକର ତଦନ୍ତ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ୨୦୨୦ରେ ସିବିଆଇ ତତ୍କାଳ ମାମଲା ରୁଜୁ କରିଥିଲା। ଏକ୍ସପ୍ରେସ୍ କଲ୍ଟିଭେଶନ ଲିମିଟେଡ୍, କୋଲକାତାର ନିର୍ଦ୍ଦେଶକ ମିର୍ଦ୍ଧାଙ୍କ ସମେତ ଅନ୍ୟମାନେ ନିବେଶ ନାମରେ ଜାଲିଆତି କରି ଲୋକଙ୍କୁ ଠକି ୨.୧ କୋଟି ଟଙ୍କା ସଂଗ୍ରହ କରିଥିଲେ। ତଦନ୍ତ ଶେଷ ହେବା ପରେ ୨୦୨୨ରେ ସିବିଆଇ ଚାର୍ଜଶିଟ୍ ଦାଖଲ କରିଥିଲା। ମିର୍ଦ୍ଧା ତଦନ୍ତରେ ସାମିଲ ନ ହେବାରୁ ତାଙ୍କୁ ଫେରାର ଘୋଷଣା କରାଯାଇଥିଲା। କୋଲକାତାରେ ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ କୋର୍ଟ ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲେ।

### ଦିଲ୍ଲୀ ଦଙ୍ଗା ମାମଲାରେ ଖଲିଦ ସୈଫିଙ୍କୁ ଜାମିନ

ନୂଆଦିଲ୍ଲୀ,୩୦।୧

୨୦୨୦ର ଉତ୍ତରପୂର୍ବ ଦିଲ୍ଲୀ ଦଙ୍ଗା ମାମଲା ସହ ଜଡ଼ିତ ଷଡ଼ଯନ୍ତ୍ର ମାମଲାରେ ଅଭିଯୁକ୍ତ ଖଲିଦ ସୈଫିଙ୍କୁ ଦିଲ୍ଲୀର ଏକ ଅଦାଲତ ଶୁକ୍ରବାର ୧୩ ଦିନ ପାଇଁ ଅନ୍ତରୀଣ ଜାମିନ ମଞ୍ଜୁର କରିଛନ୍ତି। ଜାମିନରେ ରହିବା ସମୟରେ ସୋସିଆଲ ମିଡିଆ ବ୍ୟବହାର ନ କରିବା ସମେତ ଅନେକ ସର୍ତ୍ତ ରଖାଯାଇଛି। 'ୟୁନାଇଟେଡ୍ ଏଗେନେଷ୍ଟ ହେଟ୍'ର ପ୍ରତିଷ୍ଠାତା ସୈଫି ତାଙ୍କ ପୁତୁରା ବାହାଘରରେ ଯୋଗଦେବା ସହ ପରିବାର ସହିତ ରମଜାନ ପାଳିବା ନିମନ୍ତେ ଅନ୍ତରୀଣ ଜାମିନ ପାଇଁ ଆବେଦନ କରିଥିଲେ। ଅତିରିକ୍ତ ସେସନ୍ସ ଜଜ୍ ସମୀର ବାଜପେୟୀ ଏହାର ଶୁଣାଣି କରି ଅନ୍ତରୀଣ ଜାମିନ ମଞ୍ଜୁର କରିଛନ୍ତି। ସର୍ତ୍ତ ଅନୁଯାୟୀ, ସୈଫି ଏହି ସମୟରେ କୌଣସି ସାକ୍ଷୀଙ୍କ ସହ ଯୋଗାଯୋଗ କରିବେ ନାହିଁ ଏବଂ ଦିଲ୍ଲୀ, ଏନ୍‌ସିଆର୍ ଛାଡ଼ି ଯିବେ ନାହିଁ। ସେ ଗଣମାଧ୍ୟମ ସହ ଯୋଗାଯୋଗରେ ରହିବେ ନାହିଁ କିମ୍ବା ସୋସିଆଲ ମିଡିଆରେ କୌଣସି ପୋଷ୍ଟ କରିବେ ନାହିଁ।

### ଭାରତ-ଇୟୁ ଏଫ୍‌ଟିଏକୁ ନେଇ ଚିନ୍ତାରେ ପାକିସ୍ତାନ

**ମିଳି ନପାରେ ଜିଏସ୍‌ପି ସୁବିଧା**

ନ୍ୟୁୟର୍କ ,୩୦।୧

ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ମୁକ୍ତ ବାଣିଜ୍ୟିକ ଚୁକ୍ତି(ଏଫ୍‌ଟିଏ) ଏବେ ବିଶ୍ୱସ୍ତରରେ ଚର୍ଚ୍ଚାର ବିଷୟ ହୋଇଛି। ଆମେରିକାଠାରୁ ଆରମ୍ଭ କରି ବହୁ ପ୍ରମୁଖ ରାଷ୍ଟ୍ର ଏହି ଚୁକ୍ତିକୁ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ହେଲେ ଭାରତ-ଇୟୁ ଚୁକ୍ତିକୁ ନେଇ ପାକିସ୍ତାନର ଚିନ୍ତା ବଢିଯାଇଛି। ଏହି ଚୁକ୍ତି ଅନୁସାରେ ଏବେ ଭାରତୀୟ ବ୍ୟବସାୟୀ ଏବଂ ଉଦ୍ୟୋଗୀମାନେ ୟୁରୋପୀୟ ଦେଶଗୁଡିକରେ ଶୁଳ୍କମୁକ୍ତ ବ୍ୟବସାୟ କରିବାକୁ ସୁଯୋଗ ପାଇବେ। ଏହାଦ୍ୱାରା ଭାରତୀୟ ସାମଗ୍ରୀର ଚାହିଦା ବୃଦ୍ଧି ପାଇବା ସହ ପାକିସ୍ତାନୀ ସାମଗ୍ରୀର ଚାହିଦା କମିବ। ପୂର୍ବରୁ ଇୟୁ ଦ୍ୱାରା ପାକିସ୍ତାନକୁ ରପ୍ତାନି ଏବଂ ବ୍ୟବସାୟ କ୍ଷେତ୍ରରେ ମିଳୁଥିବା ଜିଏସ୍‌ପି(ଜେନେରାଲାଇଜଡ୍ ସିଷ୍ଟମ୍ ଅଫ୍ ପ୍ରିଫରେନ୍ସ) ସୁବିଧା ଆଉ ମିଳିବ ନାହିଁ। ପାକିସ୍ତାନୀ ରପ୍ତାନିକାରୀ ଘୋର ସମସ୍ୟାର ସମ୍ମୁଖୀନ ହେବେ।



ଜମ୍ମୁ-କଶ୍ମୀରର ରାଜୌରୀ ଅନ୍ତର୍ଗତ ବୁଧାଲ-ମାହୋର-ଗୁଲ୍ ରାସ୍ତାରୁ ବରଫ ହଟାଇବା ପାଇଁ ସୀମା ସଡ଼କ ସଂଗଠନ (ବିଆର୍‌ଓ) ଏକ ମେଶିନ୍ ବ୍ୟବହାର କରୁଛି।

### ଅହମଦାବାଦରେ ଅବତରଣ କଲା କୁଏଟ୍-ଦିଲ୍ଲୀ ବିମାନ

**ବୋମା ଭୟ**

ନୂଆଦିଲ୍ଲୀ,୩୦।୧

କୁଏଟ୍‌ରୁ ଶୁକ୍ରବାର ସକାଳେ ଦିଲ୍ଲୀ ଆସୁଥିବା ଏକ ଇଣ୍ଡିଗୋ ବିମାନରେ ବୋମା ଥିବା ନେଇ ଖବର ପ୍ରଚାର ହୋଇଯିବା ପରେ ଏହାକୁ ଅହମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରକୁ ନିଆଯାଇଥିଲା। ବିମାନଟି ଉକ୍ତ ଏୟାରପୋର୍ଟରେ ସକାଳ ୬ଟା ୪୦ ମିନିଟ୍ ସମୟରେ ନିରାପଦରେ ଅବତରଣ କରିଛି। ବିମାନ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ବିମାନ ଭିତରୁ ଜଣେ ଯାତ୍ରୀ ଏକ ହାତଲେଖା ନୋଟ୍ ପାଇଥିଲେ, ଯେଉଁଥିରେ ଲେଖାଥିଲା ଉକ୍ତ ବିମାନରେ ବୋମା ରହିଛି। ଫଳରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପାଇଲଟ୍ ଏୟାରଟ୍ରାଫିକ କଣ୍ଟ୍ରୋଲକୁ ସତର୍କ କରାଇଥିଲେ ଏବଂ ବିମାନକୁ ଅହମଦାବାଦ ବିମାନବନ୍ଦରକୁ ଅବତରଣ ପାଇଁ ପଠାଯାଇଥିଲା। ସମସ୍ତ ଯାତ୍ରୀ ସୁରକ୍ଷିତ ଭାବେ ଅବତରଣ କରିଥିବାବେଳେ ସୁରକ୍ଷା କର୍ମୀ ବିମାନରେ ଖାନତଲାସି କରିଥିଲେ। ତେବେ ସେଠାରୁ କୌଣସି ସନ୍ଦିଗ୍ଧ ସାମଗ୍ରୀ ମିଳି ନ ଥିବା କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି।

# ଉପମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥ ନେଇପାରନ୍ତି ସୁନେତ୍ରା

ମୁମ୍ବାଇ ,୩୦।୧

ଦିବଂଗତ ଏନସିପି(ଅଜିତ) ନେତା ତଥା ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣାରେ ନିଧନ ହେବା ପରେ ତାଙ୍କ ପତ୍ନୀ ସୁନେତ୍ରା ପାୱାରଙ୍କୁ ଉପମୁଖ୍ୟମନ୍ତ୍ରୀ କରିବାକୁ ଦଳୀୟ ସ୍ତରରେ ଦାବି ଜୋର୍‌ଦାର୍ ହୋଇଛି। ଏହିକ୍ରମରେ ଶୁକ୍ରବାର ଏନସିପି(ଅଜିତ)ର ୩ ବରିଷ୍ଠ ନେତା ଛଗନ୍ ଭୁଜବଳ, ପ୍ରଫୁଲ ପଟେଲ ଏବଂ ସୁନୀଲ ତଟକରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନଭିସ୍‌ଙ୍କୁ ତାଙ୍କ ବାସଭବନରେ ଭେଟି ଦାବି ଜଣାଇଛନ୍ତି। ଏପରିକି ସୁନେତ୍ରାଙ୍କୁ ଉପମୁଖ୍ୟମନ୍ତ୍ରୀ କରି ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଦେବାକୁ



ସୁନେତ୍ରା ପାୱାର

ମଧ୍ୟ ସେମାନେ ଦାବି କରିଛନ୍ତି। ଅଜିତ ପାୱାର ଫଡ଼ନଭିସ୍ ସରକାରରେ ଉପମୁଖ୍ୟମନ୍ତ୍ରୀ ରହିବା ସହିତ ତାଙ୍କ ହାତରେ ଅର୍ଥ, ଅବକାରୀ ଏବଂ କ୍ରୀଡ଼ା ଆଦି ପ୍ରମୁଖ ବିଭାଗ ଦାୟିତ୍ୱ ରହିଥିଲା। ସେହି ଅନୁସାରେ ସୁନେତ୍ରାଙ୍କୁ

**ଫେବୃଆରୀ ମଧ୍ୟଭାଗରେ ୨ ଏନ୍‌ସିପି ଗୋଷ୍ଠୀର ମିଶ୍ରଣ ହୋଇପାରେ**

ଦାୟିତ୍ୱ ଦେବାକୁ ଏହି ନେତାମାନେ ଫଡ଼ନଭିସଙ୍କ ନିକଟରେ ଦାବି କରିଛନ୍ତି। ଏହି ଆଲୋଚନା ପରେ ଆସନ୍ତାକାଲି ସୁନେତ୍ରା ଶପଥ ନେଇପାରନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି।

ଅନ୍ୟପଟେ ଏନସିପିର ବିଲୟକୁ ନେଇ ମଧ୍ୟ ଚର୍ଚ୍ଚା ବଢ଼ିବାରେ ଲାଗିଛି। ପୂର୍ବରୁ ଏନସିପିର ଦୁଇ ଗୋଷ୍ଠୀର ବିଲୟ ନେଇ ଅଜିତ ଉଦ୍ୟମ କରିଥିଲେ। ଏଥିନେଇ ସେ ତାଙ୍କ ଚାଚା ଶରଦ ପାୱାରଙ୍କ ସହ ଆଲୋଚନା କରିବା ସହିତ ଗତ ଡିସେମ୍ବର ଏବଂ ଚଳିତ ମାସ ପ୍ରାରମ୍ଭରେ ଦୁଇ ଦୁଇଥର ବୈଠକ କରିଥିଲେ। ତେବେ ସାଂପ୍ରତିକ ପରିପ୍ରେକ୍ଷୀରେ ଦଳର ବିଲୟକୁ ଉଭୟ ଗୋଷ୍ଠୀର ନେତା ଗୁରୁତ୍ୱ ଦେଉଛନ୍ତି। ଏ ସମ୍ପର୍କରେ ଆସନ୍ତା ଫେବୃଆରୀ ମଧ୍ୟଭାଗରେ ଘୋଷଣା କରାଯିବା ବୋଲି ଦଳ ପକ୍ଷରୁ କୁହାଯାଇଛି। ବିଶେଷକରି ଦଳର ମଙ୍ଗ କାହା ହାତରେ ରହିବ ତାହାକୁ ନେଇ ଦଳୀୟ ନେତାଙ୍କ ମଧ୍ୟରେ ମାନସମନ୍ଥନ ଆରମ୍ଭ ହୋଇଯାଇଛି।ଏଥିନେଇ ପ୍ରଫୁଲ ପଟେଲ, ସୁପ୍ରିୟା ସୁଲେ ଏବଂ ସୁନେତ୍ରା ପାୱାରଙ୍କ ନାମ ଚର୍ଚ୍ଚାରେ ରହିଥିଲେହେଁ ସାମ୍ପ୍ରତିକ ସ୍ଥିତିରେ ସୁନେତ୍ରାଙ୍କ ସପକ୍ଷରେ ଦଳର ବହୁ ନେତା ରହିଥିବା କୁହାଯାଉଛି।

## କନ୍‌ଫିଡେଣ୍ଟ ଗ୍ରୁପ୍ ଅଧ୍ୟକ୍ଷ ସି.ଜେ. ରୟଙ୍କ ଆତ୍ମହତ୍ୟା

ବେଙ୍ଗାଲୁରୁ,୩୦।୧

ରିଅଲ ଇଷ୍ଟେଟ୍ ବ୍ୟବସାୟୀ ତଥା କନ୍‌ଫିଡେଣ୍ଟ ଗ୍ରୁପ୍ ଅଧ୍ୟକ୍ଷ ସି.ଜେ. ରୟ ଶୁକ୍ରବାର ବେଙ୍ଗାଲୁରୁସ୍ଥିତ କାର୍ଯ୍ୟାଳୟରେ ନିଜ ମୁଣ୍ଡକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ତାଙ୍କ କାର୍ଯ୍ୟାଳୟରେ ଆୟକର ଚଢ଼ାଉ ଚାଲିଥିଲାବେଳେ ଏଭଳି ଅଘଟଣ ଘଟିଛି। ରୟଙ୍କୁ ୫୭ ବର୍ଷ ହୋଇଥିଲା। ଗୁରୁବାର ସକାଳେ ଆୟକର ବିଭାଗ ରୟଙ୍କ ସହ ସମ୍ପୃକ୍ତ କମ୍ପାନୀଗୁଡ଼ିକ ଉପରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ରୟଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଥିବା ଜଣାପଡ଼ିଥିଲା। ଶୁକ୍ରବାର ଅଶୋକ ନଗର ଥାନା ଅଞ୍ଚଳରେ କନ୍‌ଫିଡେଣ୍ଟ ଗ୍ରୁପ୍ ଅଧ୍ୟକ୍ଷ ନିଜକୁ ଗୁଳି କରିଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ ବୋଲି ବେଙ୍ଗାଲୁରୁ ପୋଲିସ କମିଶନର



ସୀମନ୍ତ କୁମାର ସିଂ କହିଛନ୍ତି।

ଆୟକର ବିଭାଗ ୩ ଦିନ ହେଲା ସିଂଙ୍କ କମ୍ପାନୀଗୁଡ଼ିକରେ ଚଢ଼ାଉ ଚଳାଇଥିଲା। ସିଂଙ୍କ ପରିବାର ସଦସ୍ୟ ଭାରତରେ ନ ଥିବାରୁ ପୋଲିସ ସେମାନଙ୍କ ସହ ଯୋଗାଯୋଗ କରିଛି। କେରଳ, କର୍ନାଟକ ସମେତ ଅଧିକାଂଶ ଦକ୍ଷିଣ ଭାରତୀୟ ରାଜ୍ୟରେ ରିଅଲ ଇଷ୍ଟେଟ୍ ଡେଭେଲପର କନ୍‌ଫିଡେଣ୍ଟ ଗ୍ରୁପ୍‌ର ଉପସ୍ଥିତି ରହିଛି। ଏଥିସହିତ ରୟ କେତେକ ମାଲୟାଲମ୍ ଚଳଚ୍ଚିତ୍ରର ପ୍ରଯୋଜକ।

## ତିରୁପତି ଲଡ୍ଡୁରେ ପ୍ରାଣୀ ଚର୍ବି ଅଭିଯୋଗକୁ ସିବିଆଇର ଖଣ୍ଡନ

ନେଲୋର,୩୦।୧

ତିରୁପତି ଲଡ୍ଡୁ ପ୍ରସାଦମ୍‌ରେ ପ୍ରାଣୀ ଚର୍ବି ବ୍ୟବହାର ହୋଇ ନ ଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଶୁକ୍ରବାର ଆନୁଷ୍ଠାନିକ ଭାବେ ସ୍ପଷ୍ଟ କରିଛି। ତିରୁମାଲା ଭେଙ୍କଟେଶ୍ୱର ମନ୍ଦିରରେ ମିଳୁଥିବା ପବିତ୍ର ପ୍ରସାଦରେ ପ୍ରାଣୀ ଚର୍ବି ବ୍ୟବହାର ହେଉଥିବା ନେଇ ହୋଇଆସୁଥିବା ଅଭିଯୋଗର ଅନ୍ତ ଘଟିଛି। ଲଡ୍ଡୁ ପ୍ରସ୍ତୁତିରେ ଅପମିଶ୍ରିତ ଘିଅ ବ୍ୟବହାର ଅଭିଯୋଗ ଉପରେ ସିବିଆଇ ୧୫ ମାସ ଧରି ତଦନ୍ତ କରିବା ପରେ ନେଲୋରର ଦୁର୍ନୀତି ନିରୋଧୀ ଅଦାଲତରେ ଚୂଡ଼ାନ୍ତ ଚାର୍ଜଶିଟ୍ ଦାଖଲ କରିଛି। ୨୦୧୯ରୁ ୨୦୨୪ ମଧ୍ୟରେ ମନ୍ଦିରକୁ ଯୋଗାଣ ହୋଇଥିବା ଘିଅରେ ପ୍ରାଣୀ ଚର୍ବିନ ଥିବା ଉକ୍ତ ଚାର୍ଜଶିଟ୍‌ରେ ସ୍ପଷ୍ଟ କରାଯାଇଛି।

ତିରୁପତି ଲଡ୍ଡୁରେ ପ୍ରାଣୀ ଚର୍ବିକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ପରେ ୨୦୨୪ ସେପ୍ଟେମ୍ବରରେ ସିବିଆଇ ତଦନ୍ତ ଆରମ୍ଭ କରିଥିଲା। ଭକ୍ତମାନଙ୍କୁ ପ୍ରଦାନ କରାଯାଉଥିବା ଲଡ୍ଡୁରେ ନିମ୍ନମାନ ତଥା ପ୍ରାଣୀ ଚର୍ବି ଅପମିଶ୍ରିତ ଘିଅ ବ୍ୟବହାର କରାଯାଉଥିବା ନେଇ ସେତେବେଳେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଏବଂ ଉପମୁଖ୍ୟମନ୍ତ୍ରୀ ପୱନ କଲ୍ୟାଣ ଅଭିଯୋଗ କରିଥିଲେ। ଏହାକୁ ନେଇ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଏହା ଗମ୍ଭୀର ସମ୍ବେଦନଶୀଳ ଧର୍ମୀୟ ପ୍ରସଙ୍ଗ ହୋଇଥିବାରୁ ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରି ନିରପେକ୍ଷ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସିବିଆଇ ଚାର୍ଜଶିଟ୍‌ରେ ଉଲ୍ଲେଖ କରିଛନ୍ତି, ତିରୁମାଲା ତିରୁପତି ଦେବସ୍ଥାନମ୍‌କୁ ଯୋଗାଇ ଦିଆଯାଉଥିବା ଘିଅ ପ୍ରକୃତ ଡେଏରି ଉତ୍ପାଦ ନୁହେଁ। ବିଭିନ୍ନ ବନସ୍ପତିରେ ରାସାୟନିକ ସାମଗ୍ରୀ ମିଶାଇ ଲାବରେଟୋରିରେ ଉକ୍ତ ଘିଅ ପ୍ରସ୍ତୁତ କରାଯାଇଥିବା ସିବିଆଇ କହିଛି।

## କେନ୍ଦ୍ରର ଆର୍ଥିକ ନିଅଣ୍ଟ ବଜେଟ ଆକଳନର ୫୪.୫%

ନୂଆଦିଲ୍ଲୀ,୩୦।୧(ପି.ଟି.)

ଡିସେମ୍ବର ଶେଷରେ କେନ୍ଦ୍ର ସରକାରଙ୍କ ଆର୍ଥିକ ନିଅଣ୍ଟ ୮.୫୫ ଲକ୍ଷ କୋଟି ଟଙ୍କା ବା ୨୦୨୫-୨୬ ଆର୍ଥିକ ବର୍ଷ ବଜେଟ ଆକଳନର ୫୪.୫ ପ୍ରତିଶତ ବୋଲି ଶୁକ୍ରବାର ପ୍ରକାଶିତ ସରକାରୀ ତଥ୍ୟରୁ ଜଣାପଡ଼ିଛି। ପୂର୍ବବର୍ଷ ଏହି ସମୟରେ କେନ୍ଦ୍ରର ଆର୍ଥିକ ନିଅଣ୍ଟ ବଜେଟ ଆକଳନର ୫୬.୭% ଥିଲା। ୨୦୨୫-୨୬ରେ ଆର୍ଥିକ ନିଅଣ୍ଟ ଜିଡିପିର ୪.୪% ବା ୧୫.୬୯ ଲକ୍ଷ କୋଟି ଟଙ୍କା ରହିବ ବୋଲି କେନ୍ଦ୍ର ସରକାର ଆକଳନ କରିଥିଲେ। କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟସ୍ (ସିଜିଏ)ଙ୍କ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ କେନ୍ଦ୍ର ସରକାର ୨୦୨୫ ଡିସେମ୍ବର ସୁଦ୍ଧା ୨୫.୨୫ ଲକ୍ଷ କୋଟି ଟଙ୍କା ପାଇଛନ୍ତି, ଯାହାକି ବଜେଟ ଆକଳନର ୭୨.୨ ପ୍ରତିଶତ। ଅନ୍ୟପକ୍ଷରେ ଏହି ସମୟ ମଧ୍ୟରେ ସରକାର ୩୩.୮ ଲକ୍ଷ କୋଟି ଟଙ୍କା ବ୍ୟୟ କରିଛନ୍ତି, ଯାହାକି ବଜେଟ ଆକଳନର ୬୬.୭ ପ୍ରତିଶତ। ସେଥିରୁ ୨୫.୯୩ ଲକ୍ଷ କୋଟି ଟଙ୍କା ରାଜସ୍ୱ ହୋଇଥିବାବେଳେ ୭.୮୭ ଲକ୍ଷ କୋଟି କ୍ୟାପଟାଲ ଆକାଉଣ୍ଟ ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି।

## ୨୦୩୨ରେ ଚନ୍ଦ୍ରକୁ ଧକ୍କାଦେବ ଗ୍ରହାଣୁ ପିଣ୍ଡ

**ସାଟେଲାଇଟ୍ କ୍ଷତିଗ୍ରସ୍ତ ହେବା ନେଇ ସତର୍କ କରାଇଲେ ବୈଜ୍ଞାନିକ**

ନୂଆଦିଲ୍ଲୀ,୩୦।୧

୨୦୩୨ରେ ଏକ କ୍ଷୁଦ୍ର ଗ୍ରହାଣୁ ପିଣ୍ଡ ଚନ୍ଦ୍ରକୁ ଧକ୍କା ଦେବା ନେଇ ବୈଜ୍ଞାନିକମାନେ ସତର୍କ କରାଇଛନ୍ତି। ଉକ୍ତ ଗ୍ରହାଣୁ ପିଣ୍ଡର ଓସାର ପ୍ରାୟ ୬୦ ମିଟର। ତେବେ ଚନ୍ଦ୍ର ସହ ଧକ୍କାଦେବାର ଆଶଙ୍କା ୪ ପ୍ରତିଶତ ରହୁଥିବା ସେମାନେ କହିଛନ୍ତି। ସମ୍ଭାବନା କମ୍ ହେଲେ ମଧ୍ୟ ଏହାକୁ ନେଇ ବୈଜ୍ଞାନିକମାନେ ଚିନ୍ତିତ ଓ ଉତ୍କଣ୍ଠିତ ଅଛନ୍ତି।



ଗ୍ରହାଣୁ ପିଣ୍ଡ ଚନ୍ଦ୍ରକୁ ଧକ୍କାଦେଲେ ସୃଷ୍ଟି ହେବାକୁ ଥିବା ଭଗ୍ନାବଶେଷ, ସାଟେଲାଇଟ୍ କ୍ଷତି ଏବଂ ସମ୍ଭାବ୍ୟ ଅଗ୍ନିପିଣ୍ଡୁଳା ବର୍ଷାକୁ ନେଇ ସେମାନେ ଚିନ୍ତିତ ଅଛନ୍ତି। ବୈଜ୍ଞାନିକମାନଙ୍କ କହିବା ଅନୁଯାୟୀ ଗ୍ରହାଣୁପିଣ୍ଡ ୨୦୨୪ୱାଇଆର୍୪ ଯେଉଁ ପଥ ଦେଇ ଗତିକରୁଛି, ତାହା ୨୦୩୨ ଡିସେମ୍ବର ୨୨ରେ ଚନ୍ଦ୍ର ସହ ଧକ୍କା ଲାଗିପାରେ। ଏହି ସଂଘର୍ଷରୁ ପ୍ରଚୁର ଶକ୍ତିର ପ୍ରଭାବ ଅନୁଭୂତ ହେବ। ୨୦୧୩ରେ ଏକ ଅଧିକ କ୍ଷୁଦ୍ର ଗ୍ରହାଣୁ ପିଣ୍ଡର ସଂଘର୍ଷ ଯୋଗୁ ହୋଇଥିବା ପ୍ରଭାବରୁ ଏହା ବହୁତ ଶକ୍ତିଶାଳୀ ହେବ। ଏହା ଫଳରେ ଚନ୍ଦ୍ରରେ ୧ କିଲୋମିଟର ଓସାରର ଗର୍ତ୍ତ ସୃଷ୍ଟି ହେବା ସହ ୫.୦ ତୀବ୍ରତାର ଚନ୍ଦ୍ର କମ୍ପନ ଅନୁଭୂତ ହେବ। ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଲୋକେ ଏହାର ପ୍ରାରମ୍ଭିକ ପ୍ରଭାବ ଦେଖିପାରିବେ। ଏହି ସମୟରେ ରାତ୍ରି ଆକାଶ ଆଲୋକମୟ ହୋଇଯିବ।

## ଫୁରସତ୍

# ରୋଜଗାରର ନିଆରା ମାଧ୍ୟମ

ଭାରତରେ ଲୋକମାନେ ସେମାନଙ୍କର ପାଳିତ କୁକୁରଙ୍କୁ ବାହାରକୁ ନେଇ ମଳତ୍ୟାଗ କରାଇବା ଏକ ସାଧାରଣ କଥା। ସେମାନେ ରାସ୍ତାରେ କିମ୍ବା ପାର୍କରେ ଏପରି କରନ୍ତି। ରାସ୍ତା ମଇଳା କରିବା କିମ୍ବା ଦୁର୍ଗନ୍ଧ ବିଷୟରେ ସେମାନେ ଆଦୌ ଚିନ୍ତା କରନ୍ତି ନାହିଁ। କିନ୍ତୁ ବ୍ରିଟେନ୍‌ରେ ଏହା ବହୁତ କମ୍। ସେଠାରେ କିଛି ଲୋକ କୁକୁର ମଳ ଉଠାଇ ବେଶ୍ ଭଲ ରୋଜଗାର କରୁଛନ୍ତି। ଜଣେ ବ୍ୟକ୍ତି ଏଭଳି କାମ କରି ବାର୍ଷିକ ପ୍ରାୟ ୨୯ ଲକ୍ଷରୁ ଅଧିକ ଟଙ୍କା ରୋଜଗାର କରୁଛନ୍ତି।

ୟୁକେର ଡର୍ବିଶାୟାର ବାସିନ୍ଦା ୩୯ ବର୍ଷୀୟ କାଇଲ୍ ନ୍ୟୁବି କୁକୁର ମଳ ଉଠାଇ ଅର୍ଥ ରୋଜଗାର କରନ୍ତି। ଗତବର୍ଷ ମାର୍ଚ୍ଚ ମାସରେ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଦେଖିବା ପରେ ସେ ଏଭଳି କାର୍ଯ୍ୟ କରିବା ଲାଗି 'ପେଟ୍ ପୁ ପିକ' ଆରମ୍ଭ କରିବାକୁ ପ୍ରେରଣା ପାଇଥିଲେ। ସେ ଜାଣିବାକୁ ପାଇଲେ, ଆମେରିକାରେ କୁକୁରର ମଳ ଉଠାଇବା କେତେ ଲୋକପ୍ରିୟ ଥିଲା। ତେଣୁ ଏହାକୁ ପୂର୍ବ ମିଡ୍‌ଲ୍ୟାଣ୍ଡସ୍‌ରେ ଆରମ୍ଭ କରିବାକୁ ସେ ଚେଷ୍ଟା କଲେ।

କାଇଲ ପ୍ରଥମେ ଏନେଇ ସୋସିଆଲ ମିଡିଆରେ ମଧ୍ୟ ଏକ ବିଜ୍ଞାପନ ପୋଷ୍ଟ କରିଥିଲେ। ତାଙ୍କର ପୋଷ୍ଟ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଧୀରେ ଧରେ ତାଙ୍କର ଗ୍ରାହକ ସଂଖ୍ୟା ବଢିଥିଲା। ସେ ବର୍ତ୍ତମାନ ଜଣେ ବୃତ୍ତିଗତ ମଳ ସ୍କୁପର ଭାବରେ କାମ କରନ୍ତି। ତାଙ୍କର ୩୫ ଜଣ ନିୟମିତ ଗ୍ରାହକ ଅଛନ୍ତି। ସେ ପାର୍ଟଟାଇମ୍ କୁକୁର ମଳ ସଫା କରିବା କାମ କରି ପ୍ରାୟ ୨,୬୮୦ ଡଲାର ରୋଜଗାର କରନ୍ତି। ମଳ ସଫା ପରେ, ସେହି ଅଞ୍ଚଳକୁ ଜୀବାଣୁମୁକ୍ତ କରିବା ପାଇଁ ଏକ ମେଶିନ ବ୍ୟବହାର କରାଯାଏ। କାଇଲ ଦିନକୁ ପ୍ରାୟ ଚାରି ଘଣ୍ଟା ଗାଡ଼ି ଚଲାଇବା ସହ ତିନି ଘଣ୍ଟା ସଫା କରିବାରେ ବିତାନ୍ତି। ଏପରିକି କୁକୁର ମଳ ନିଷ୍କାସନ କରିବା ପାଇଁ ୫୦ ମାଇଲ ପର୍ଯ୍ୟନ୍ତ ଗାଡ଼ି ଚଲାଇବାକୁ ପଡ଼େ ବୋଲି ସେ କୁହନ୍ତି।




# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ଶନିବାର, ଜାନୁଆରୀ ୩୧/୨୦୨୬ | Bhubaneswar, Saturday, January 31/2026 | ପୃଷ୍ଠା-୧









ବାବାସାହେବ ଆମ୍ବେଡକରଙ୍କୁ ଅପମାନ ଓ ସମ୍ବିଧାନକୁ ଅବମାନନା କରୁଥିବା ବ୍ୟକ୍ତିଙ୍କୁ ଗିରଫ କରିବା ଦାବିରେ ସମତାକାମୀ ବହୁଜନ ସଙ୍ଗଠନ ସମୂହ ପକ୍ଷରୁ ଶୁକ୍ରବାର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ।

# ଆଣବିକ ଲକ୍ଷ୍ୟରୁ ନ ହଟିଲେ ଯୁଦ୍ଧ

## ଇରାନ୍‌କୁ ଆମେରିକାର ଚେତାବନୀ

**ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ସଦ୍ୟ ଘଟଣାକ୍ରମରେ ଇରାନ ଉପକୂଳ ଠାରୁ କିଛି ଦୂରେ ଆମେରିକା କ୍ଷେପଣାସ୍ତ୍ର ନିକ୍ଷେପକାରୀ ଯୁଦ୍ଧପୋତ ସଜ୍ଜିତ କରି ରଖିଲାଣି। ଇରାନ ତୁରନ୍ତ ଆଣବିକ କାର୍ଯ୍ୟକ୍ରମ ବନ୍ଦ ନ କଲେ ଯୁଦ୍ଧକୁ ସାମ୍ନା କରିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଇରାନ ନିଜକୁ ପ୍ରସ୍ତୁତ କରିବା ସହ ପ୍ରାୟ ୧ ହଜାର ଡ୍ରୋନ୍ ମୁତୟନ କରିଛି। ଇତିମଧ୍ୟରେ ଆମେରିକାର ସମ୍ଭାବ୍ୟ ଆକ୍ରମଣକୁ ଦୃଷ୍ଟିରେ ରଖି ସ୍ଥିତି ଏଡ଼ାଇବା ଲକ୍ଷ୍ୟରେ ଇରାନ୍ ବୈଦେଶିକ ମନ୍ତ୍ରୀ ତୁର୍କୀର ସହାୟତା ଲୋଡ଼ିଥିବା ଦେଖିବାକୁ ମିଳିଛି। ତୁର୍କୀ ରାଷ୍ଟ୍ରପତି ରେସିପି ତାଇପେ ଏର୍ଡୋଗାନ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ ଥିବା କହିଛନ୍ତି। ଏସବୁ ଘଟଣାକ୍ରମ ମଧ୍ୟପ୍ରାଚ୍ୟକୁ ଅଶାନ୍ତ କରିବ ବୋଲି ଅନୁମାନ କରାଗଲାଣି।**

**ନ୍ୟୁୟର୍କ ,୩୦।୧**

ମଧ୍ୟପ୍ରାଚ୍ୟରେ ଆମେରିକାର ଶକ୍ତିଶାଳୀ ନୌସେନା ଉପସ୍ଥିତି ଇରାନ ଉପରେ ଆକ୍ରମଣର ଆଶଙ୍କାକୁ ଦ୍ୱିଗୁଣିତ କରିଛି। ଆରବ ସାଗରରେ ଇରାନ ଉପକୂଳଠାରୁ ଅଳ୍ପ କିଛି ଦୂରରେ ପରମାଣୁ ଅସ୍ତ୍ର ସଜିତ ଶକ୍ତିଶାଳୀ ଆବ୍ରାହମ ଲିଙ୍କନ ସମେତ ଆମେରିକାର ଅନ୍ୟ ବହୁ କ୍ଷେପଣାସ୍ତ୍ର ନିକ୍ଷେପକାରୀ ଯୁଦ୍ଧପୋତ ଆକ୍ରମଣ ପାଇଁ ଏକପ୍ରକାର ପ୍ରସ୍ତୁତ ରହିଛି। ଆମେରିକା ଯେକୌଣସି ମୁହୂର୍ତ୍ତରେ ଇରାନ ଉପରେ ଆକ୍ରମଣ ଆରମ୍ଭ କରିପାରେ ବୋଲି ଆଶଙ୍କା ତେଜିଛି। ଏହାମଧ୍ୟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଚେତାବନୀ ଦେବା ସହିତ ବିକଳ୍ପ ବାଛିନେବାକୁ କହିଛନ୍ତି। ଏଥିପାଇଁ ସେ ଦୁଇଟି ସର୍ତ୍ତ ରଖିଛନ୍ତି। ପ୍ରଥମତଃ ଇରାନ ତୁରନ୍ତ ଏହାର ଆଣବିକ କାର୍ଯ୍ୟକ୍ରମ ବନ୍ଦ କରିବା ନେଇ ଘୋଷଣା କରୁ। ଦ୍ୱିତୀୟରେ ଇରାନରେ ସାଧାରଣ ବିକ୍ଷୋଭକାରୀଙ୍କ ଉପରେ ହେଉଥିବା ଅତ୍ୟାଚାର ବନ୍ଦ ହେବା ସହିତ ଅନେକ ☞ପୃଷ୍ଠା-୨

# ବରିଷ୍ଠଙ୍କ ମତ ଅନୁଯାୟୀ ଜଗା ଦର୍ଶନ

## ସରକାର ଆଣିବେ 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନା

**ଭୁବନେଶ୍ୱର, ୩୦।୧(ସୁନିତ୍ ମିଶ୍ର)**

ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ଲାଗି ପୁରୀକୁ ଯେତିକି ବରିଷ୍ଠ ନାଗରିକ ଆସୁଥିଲେ ସେହି ସଂଖ୍ୟାରେ ହ୍ରାସ ଘଟିଥିବା ଲକ୍ଷ୍ୟ କରି ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିବାକୁ ଚିନ୍ତା କରିଛନ୍ତି। ରାଜ୍ୟ ସରକାର ଖୁବ୍‌ଶୀଘ୍ର ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା(ଏସ୍‌ଜେଡିୱାଇ)ର ଶୁଭାରମ୍ଭ କରିବେ। ଏହି ଯୋଜନା ମାଧ୍ୟମରେ ବରିଷ୍ଠ ନାଗରିକ ଏବଂ ବିଧବା ମହିଳାଙ୍କୁ ସାମିଲ କରାଯିବ। ଯେଉଁ ବରିଷ୍ଠ ନାଗରିକ ଭତ୍ତା ଏବଂ ବିଧବା ଭତ୍ତା ପାଉଛନ୍ତି ସେମାନଙ୍କୁ ହିଁ ଏହି ଯୋଜନାରେ ସାମିଲ କରାଯିବ। ଏନେଇ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ସବୁ ଜିଲାପାଳଙ୍କୁ ଚିଠି ଲେଖି ଜଣାଇଛନ୍ତି।

ପର୍ଯ୍ୟଟନ ନିର୍ଦ୍ଦେଶକ ଗତ ଜାନୁଆରୀ ୨୭ ତାରିଖରେ ଲେଖିଥିବା ତାଙ୍କ ଚିଠିରେ ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇ କହିଛନ୍ତି, ଏହି ଯୋଜନାକୁ ସଫଳ କରାଇବା ଲାଗି ବ୍ୟକ୍ତିଗତ ଭାବେ ହସ୍ତକ୍ଷେପକରି ସବୁ ହିତାଧିକାରୀଙ୍କ ନିକଟରୁ ମତ ସଂଗ୍ରହ କର। ରାଜ୍ୟର ସବୁ ଜିଲାରୁ ଶ୍ରୀମନ୍ଦିର ଦର୍ଶନ ଲାଗି ଆସୁଥିବା ବରିଷ୍ଠ ନାଗରିକମାନଙ୍କ ସଂଖ୍ୟା କମିଯାଇଛି। ଜିଲା ଅଧିକାରୀମାନେ ଏହାକୁ ଗୁରୁତ୍ୱର ସହ ନିଅନ୍ତୁ। ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ଲାଗି ପର୍ଯ୍ୟଟନ ବିଭାଗ ପରିବର୍ତ୍ତିତ ଗାଇଡ୍‌ଲାଇନ ପ୍ରସ୍ତୁତ କରିଛି। ଯେଉଁ ବରିଷ୍ଠ ନାଗରିକମାନଙ୍କ ବୟସ ୬୦ରୁ ୭୫ ବର୍ଷ ମଧ୍ୟରେ ହୋଇଥିବେ ବା ବରିଷ୍ଠ ନାଗରିକ ଭତ୍ତା ପାଉଥିବେ ସେମାନଙ୍କୁ ଏଥିରେ ସାମିଲ କରନ୍ତୁ। ସେହିପରି ବିଧବା ଭତ୍ତା ପାଉଥିବା ସମସ୍ତେ ମଧ ଏହି ଯୋଜନାର ହିତାଧିକାରୀ ହେବେ। ତେଣୁ ଏହି ଯୋଜନାରେ ସାମିଲହେବା ଲାଗି ସମସ୍ତ ହିତାଧିକାରୀ ସେମାନଙ୍କ ମତାମତ ଦେବା ବାଧ୍ୟତାମୂଳକ କରାଯାଉ। ବିଭାଗ ପୂର୍ବରୁ ଜିଲା ସାମାଜିକ ସୁରକ୍ଷା ଅଫିସର(ଡିଏସ୍‌ଏସ୍‌ଓ)ମାନଙ୍କ ସହ ଗତ ୧୩ ତାରିଖରେ ଏନେଇ ଏକ ବୈଠକ କରି ଆଲୋଚନା କରିଥିଲା। ଗତ ୧୫ ତାରିଖରେ ଭତ୍ତା ପ୍ରଦାନ ସମୟରେ ହିତାଧିକାରୀମାନଙ୍କ ନିକଟରୁ ସେମାନଙ୍କ ମତାମତ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଗ୍ରାମପଞ୍ଚାୟତ ସ୍ତରରୁ ଏହି ମତାମତ ସଂଗ୍ରହ କରିବେ ବୋଲି କଥା ହୋଇଥିଲେ। ଜିଲାସ୍ତରରୁ ଯେତିକି ତଥ୍ୟ ଆସିଛି ତାହା ଅତ୍ୟନ୍ତ ନୈରାଶ୍ୟଜନକ । ସେ ଆହୁରି କହିଛନ୍ତି, ଗତ ଜାନୁଆରୀ ୨୨ ରେ ଜିଲାୱାରି ଯେଉଁ ☞ପୃଷ୍ଠା-୨











# ୨୦ରେ ରାଜ୍ୟ ବଜେଟ

**ଭୁବନେଶ୍ୱର, ୩୦।୧(ସୁନିତ୍ ମିଶ୍ର)**

୧୭ତମ ବିଧାନସଭାର ବଜେଟ ଅଧିବେଶନ ଫେବୃଆରୀ ୧୭ ତାରିଖରୁ ଆରମ୍ଭ ହେବ। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ସରକାରଙ୍କ ପକ୍ଷରୁ ୨୦ ତାରିଖରେ ପୂର୍ଣ୍ଣାଙ୍ଗ ବଜେଟ୍ ଆଗତ କରାଯିବ। ଫେବୃଆରୀ ୧୭ରୁ ଆରମ୍ଭ ହେବାକୁ ଥିବା ଏହି ଅଧିବେଶନ ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ୨ଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ଅଧିବେଶନରେ ମୋଟ୍ ୨୯ଟି କାର୍ଯ୍ୟ ଦିବସ ରହିଛି। ୧୭ରେ ଗୃହକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ସମ୍ବୋଧିତ କରିବେ। ଏହାପରେ ରାଜ୍ୟପାଳଙ୍କ ସମ୍ବୋଧନ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୦ ତାରିଖରେ ଗୃହରେ ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବେ। ୨୪ ତାରିଖ ପର୍ଯ୍ୟନ୍ତ ବଜେଟ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ତିନି ଘଣ୍ଟାର ଗସ୍ତ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ୟୁନିଟ୍-୬ ନେତାଜୀ ଭବନ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ଜଗଦ୍‌ଗୁରୁ ଶ୍ରୀଧର ସ୍ୱାମୀଙ୍କ ଜୟନ୍ତୀ ମହୋତ୍ସବର ଉଦ୍‌ଯାପନୀ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ସାଇ ଅରବିନ୍ଦ ସ୍କୁଲ ଅଫ୍ ଇଣ୍ଟିଗ୍ରାଲ ଏଜୁକେଶନର ୨୫ତମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା।
- ଏକାମ୍ର ବାଟିକାର ବାର୍ଷିକ ଉତ୍ସବ ସମାରୋହ, ସ୍ଥାନ: ହୋଟେଲ ପ୍ରାଚି, ସମୟ: ଅପରାହ୍ନ ୫ଟା ୩୦।
- ମୟୂରଭଞ୍ଜ ସାଂସ୍କୃତିକ ସଂସଦ ପକ୍ଷରୁ ମୟୂରଭଞ୍ଜ ଉତ୍ସବ, ସ୍ଥାନ: ଉତ୍କଳ ମଣ୍ଡପ, ସ୍ଥାନ: ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ସହଯୋଗରେ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ୱେତପଦ୍ମା ସଙ୍ଗୀତାଳୟ କଲଚରାଲ୍ ଟ୍ରଷ୍ଟ ପକ୍ଷରୁ ଶୀତ ଉତ୍ସବ-୨୦୨୬, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।
- ବାର୍ଷିକ ଉତ୍ସବ ସମାରୋହ (ଆଭା), ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବେଷ୍ଟପୁର, ବାଲିଅନ୍ତା, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ବନ୍ଦେମାତରଂ କୋଷ୍ଟାଲ ସାଇକ୍ଲୋଥୋନ -୨୦୨୬, ସ୍ଥାନ: ଚାନ୍ଦିପୁର ବେଳାଭୂମି, ବାଲେଶ୍ୱର, ସମୟ: ସକାଳ ୬ଟା।
- ବିଶାଳ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଗୁହାଳିପଦା ମହିମା ମନ୍ଦିର ପଡିଆ, ସିଂଲା, ବାଲେଶ୍ୱର, ସମୟ: ସକାଳ ୮ଟା।
- ଯୁବ ମହୋତ୍ସବ 'ଉତ୍ସାହ -୨୦୨୬'ର ଉଦ୍‌ଯାପନୀ ଦିବସ, ସ୍ଥାନ: ଏଫଏମ ବିଶ୍ୱବିଦ୍ୟାଳୟ ପରିସର, ବ୍ୟାସବିହାର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାଖରାବାଦ ଛକ ଖେଳପଡିଆ, ରୂପସା, ସମୟ: ପୂର୍ବାହ୍ନ ୧୦ ଟା।
- ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ଆତିଥ୍ୟ ଭବନ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସମ୍ବର୍ଦ୍ଧନା ସଭା, ସ୍ଥାନ: ସରକାରୀ ପ୍ରାଥମିକ ବିଦ୍ୟାଳୟ, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ରୌପ୍ୟଜୟନ୍ତୀ ପାଳନ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ନୀଳସୁନ୍ଦରଜୀଉ ହାଇସ୍କୁଲ ପରିସର, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରତିଭା ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ପଳସା ଷ୍ଟାଡିୟମ, ଖଇରା, ସମୟ: ଅପରାହ୍ନ ୨ଟା।
- ରେମୁଣା ମହୋତ୍ସବର ଅଷ୍ଟମ ସନ୍ଧ୍ୟା, ସ୍ଥାନ: ମହୋତ୍ସବ ପଡିଆ, ହାତିଆଗଣ୍ଡ ଛକ, ରେମୁଣା, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- କିଶୋର ନାୟକ ମେମୋରିଆଲ କ୍ରିକେଟର ପ୍ରଦର୍ଶନୀ ମ୍ୟାଚ୍, ସ୍ଥାନ: ପୁରୁଷୋତ୍ତମପୁର, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ସିଆଇଏସ୍‌ଏଫ୍ ସାଇକ୍ଲୋଥନ୍ ରାଲି, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଓଲଙ୍ଗ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସର ପଦଯାତ୍ରା ଓ ସାଧାରଣ ସଭା, ସ୍ଥାନ: କାଳୀପଡ଼ିଆ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ସଡ଼କ ସୁରକ୍ଷା ମାସର ଉଦ୍‌ଯାପନୀ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଶକୁନ୍ତଳା ନାୟକ କ୍ରିକେଟ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ, ସ୍ଥାନ: ମଞ୍ଜୁରୀରୋଡ୍, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ମହୋତ୍ସବ ତୃତୀୟ ଦିନରେ ଅତିଥି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ,ସ୍ଥାନ: ଉତ୍ସବ ପଡିଆ, ବଡବିଲ, ସମୟ: ସନ୍ଧ୍ୟା ୭ଟା ୩୦।

## ମୟୂରଭଞ୍ଜ

- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ବୈଶିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବୈଶିଙ୍ଗା,ସମୟ: ପୂର୍ବାହ୍ନ ୧୦ଟା।
- ଉଦଳା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ:ବିଦ୍ୟାଳୟ ପରିସର,ଉଦଳା,ସମୟ: ପୂର୍ବାହ୍ନ ୧୦ଟା।
- ୨୭ତମ ଆନ୍ତଃକଲେଜ ସାଂସ୍କୃତିକ କାର୍ଯ୍ୟକ୍ରମ 'ୟୁଫୋରିଆ-୨୦୨୬', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା ସମୟ:ପୂର୍ବାହ୍ନ ୧୦ଟା।
- ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୨ଟା।

## କନ୍ଧମାଳ

- ସର୍ବଭାରତୀୟ ମୂଳ ନିବାସୀ ସଂଘର ସଭା ଓ ଶୋଭାଯାତ୍ରା, ସ୍ଥାନ: ଦାରିଙ୍ଗବାଡି, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ

- ଦ୍ୱାବିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ଅପରାହ୍ନ ୪ଟା।
- ଶ୍ରୀମଦ୍ ଭାଗବତ ପାରାୟଣ ଜ୍ଞାନଯଜ୍ଞର ଷଷ୍ଠ ଦିବସରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ସହରସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବୃନ୍ଦାବନ କଲୋନୀ ଶିବ ମନ୍ଦିର ପରିସର, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଶିବଶକ୍ତି ଯୁବକ ସଂଘ ପକ୍ଷରୁ ଗ୍ରାମାଞ୍ଚଳ ରାଜ୍ୟସ୍ତରୀୟ ଜମ୍ବୁଦ୍ୱୀପ କ୍ରିକେଟ କପ, ସ୍ଥାନ: ଶଙ୍ଖପଦା ଖେଳପଡିଆ, ମହାକାଳପଡା, ସମୟ: ମଧ୍ୟାହ୍ନ ୧୨ଟା।
- ମା' ବନ୍ଧମଙ୍ଗଳାଙ୍କର ବାର୍ଷିକ ଉତ୍ସବ, ସ୍ଥାନ: ରାମନଗରପାଟଣା, ଗୁଲନଗର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ମା' ପଳାସୁଣୀ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଧର୍ମଶାଳା ବ୍ଲକର ନୂଆଗାଁ ମୌଜା, ସମୟ: ପ୍ରାତଃ ୫ଟା।
- ଅଚ୍ୟୁତପୁର ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଧର୍ମଶାଳା ବ୍ଲକ୍‌ର ଅଚ୍ୟୁତପୁର ଅଷ୍ଟପ୍ରହର ମଣ୍ଡପ, ସମୟ: ପ୍ରାତଃ ୫ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଓ ହିନ୍ଦୁ ସମ୍ମିଳନୀ, ସ୍ଥାନ: କଣ୍ଟପୋଇ ପଡ଼ିଆ, ବରୀ, ସମୟ: ସକାଳ ୭ଟା।
- ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ରୌପ୍ୟ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଖେମେଶ୍ୱର, ବରୀ, ସମୟ: ପୂର୍ବାହ୍ନ ୧୧ଟା।
- ସଡ଼କ ସୁରକ୍ଷା ମାସ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର, ସ୍ଥାନ: ଦଶରଥପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଏନ୍‌ବିଟି ପକ୍ଷରୁ କାହାଣୀ ଦୁନିଆ କାର୍ଯ୍ୟକ୍ରମ, ସ୍ଥାନ: ପିଏଚ୍‌ଡି ପଡ଼ିଆସ୍ଥିତ ଶିଶୁ ମଞ୍ଚ, ସମୟ: ପୂର୍ବାହ୍ନ ୧୦ଟା।
- ଏନ୍‌ବିଟି ଆୟୋଜିତ ସମ୍ବଲପୁର ପୁସ୍ତକ ମେଳା, ସ୍ଥାନ: ପିଏଚଡି ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ମଦନାବତୀ ପବ୍ଲିକ ସ୍କୁଲର ୪୬ତମ ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସରସ୍ଥ ମଞ୍ଚ, ସମୟ: ଅପରାହ୍ନ ୩ଟା ୩୦।
- ଏନ୍‌ବିଟି ଓ ସେତୁ ଆୟୋଜିତ ପୁସ୍ତକ ମେଳା ମଞ୍ଚରେ ପ୍ରସିଦ୍ଧ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ସାଥିଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପିଏଚଡି ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।
- ପରମାଣପୁର ଧନୁଯାତ୍ରା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପରମାଣପୁର ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଲୋଇସିଂହା ପୋଲିସ ପକ୍ଷରୁ ଆମ ପୋଲିସ ସମିତି ବୈଠକ, ସ୍ଥାନ: ଥାନା ଅଭ୍ୟର୍ଥନା ଗୃହ, ସମୟ: ଅପରାହ୍ନ ୪ଟା।

## ରାଉରକେଲା

- ମାରୱାଡି କ୍ରିକେଟ ପ୍ରିମିୟର ଲିଗ୍ ଶୁଭାରମ୍ଭ, ସ୍ଥାନ: ଛେଣ୍ଡ ୟୁଜିଆଇ ଖେଳ ପଡିଆ, ସମୟ: ସକାଳ ୭ଟା।
- ଅଷ୍ଟ ପ୍ରହର ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: ସେକ୍ଟର-୬, ସମୟ: ସକାଳ ୭ଟା ୧୦।
- ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ସେକ୍ଟର-୨ ମହାଦେବ ମନ୍ଦିର, ସମୟ: ସକାଳ ୭ଟା।
- ବେଲଜିୟମ୍ ହକି ଖେଳାଳିଙ୍କ ଅଭ୍ୟାସ, ସ୍ଥାନ: ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଓଡିଶା ଲେଖିକା ସାଂସଦ ସୁନ୍ଦରଗଡ ଶାଖା ରାଉରକେଲାର ବାର୍ଷିକୋତ୍ସବ, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ସୌମ୍ୟଜିତ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ଡିଏଭି ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ୟୁଜିଆଇ ପଲିଫେଷ୍ଟ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଉତ୍କଳମଣି ଗୋପବନ୍ଧୁ ଯାନ୍ତ୍ରିକ ଅନୁଷ୍ଠାନ, ଜେଲ୍ ରୋଡ୍, ସମୟ: ଅପରାହ୍ନ ୩ଟା ୩୦।
- ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜଗଦା, ସମୟ: ଅପରାହ୍ନ ୪ଟା।

## ସୁନ୍ଦରଗଡ଼

- ବଡ଼ଗାଁ ଶ୍ରୀ ଆରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ସକାଳ ୯ଟା ୩୦।
- ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣି ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ ଟା।

## ବରଗଡ଼

- ସଡ଼କ ସୁରକ୍ଷା ମାସ ପାଳନର ଉଦ୍‌ଯାପନୀ ସମାରୋହ, ସ୍ଥାନ: ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ସକାଳ ୯ଟା ୩୦।
- ଆଚାର୍ଯ୍ୟ ବିକାଶ ଦିବସ,ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜାତୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ସରକାରୀ ମହିଳା କଲେଜ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ହରଭଙ୍ଗା ଲୋକ ମହୋତ୍ସବ ଉଦ୍‌ଯାପନ ଉତ୍ସବ, ସ୍ଥାନ: ହରଭଙ୍ଗା ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ହରଭଙ୍ଗା , ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ଧର୍ମ ଓ ସଂସ୍କୃତିର ମହାସଙ୍ଗମ, ହିନ୍ଦୁ ସମ୍ମିଳନୀ, ସ୍ଥାନ: ଦେବଗଡ ହାତୀଶାଳ ସାହି, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ତୃତୀୟ ଦିବସ ଓ କୃଷି ମହୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପ୍ରଧାନପାଟ ରୋଡ୍ ବଡ଼ବଗିଚା, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁବର୍ଣ୍ଣପୁର

- ବଡ ଗୋପାଳଜୀ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅବସରରେ ଗୀତାଯଜ୍ଞ ଓ ପୂଜାର୍ଚ୍ଚନା, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ଗୋପାଳଜୀ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ସଡକ ସୁରକ୍ଷା ମାସ ଉଦ୍‌ଯାପନୀ ସମାରୋହ, ସ୍ଥାନ: ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ସୁବର୍ଣ୍ଣପୁର ସହର ଛନ୍‌ଛାନ ଡୁଙ୍ଗୁରି ସ୍ଥିତ ଯୋଗେଶ୍ୱର ମନ୍ଦିର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ତରଭା ନୂଆପଡା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଜିଲାର ବିଭିନ୍ନ ସମସ୍ୟାକୁ ନେଇ ଜିଲା କଂଗ୍ରେସ ପକ୍ଷରୁ ଧାରଣା, ଜିଲାପାଳଙ୍କ କାର୍ଯ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ରାଧାକୃଷ୍ଣ ମନ୍ଦିର ପରିଚାଳନା କମିଟି ଗଠନ ପାଇଁ ସାଧାରଣ ସଭା, ସ୍ଥାନ: କୋମନା ବ୍ଲକ ତରବୋଡ଼ ରାଧାକୃଷ୍ଣ ମନ୍ଦିର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର ଉପରେ ଘର**
**ସୁନା ଖମ୍ବ ପରି ତିନି ଦିଅର**
**ଚନ୍ଦର ଉଦିଆ ବର ।**

ଭଲ ଘର, ଭଲ ବର ମିଳିବା ସୌଭାଗ୍ୟର କଥା ହୋଇଥାଏ। ଶାଶୁଘରେ ସ୍ତ୍ରୀ ଲୋକଟିର ଭଲ ଘର ଓ ଭଲ ବରକୁ ନେଇ ପ୍ରଶଂସା କରିବା ସହ ଦିଅରମାନଙ୍କର ରୂପ ଓ ଗୁଣକୁ ନେଇ ଆତ୍ମସନ୍ତୋଷ ଲଭିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଘୋଡ଼ା ଦଉଡ଼ି ଦଉଡ଼ି ଯେଉଁଠି**
**ହାତୀ ପାହୁଲ ପକାଇ ସେଇଠି ।**

ଲକ୍ଷ୍ୟହୀନ ବ୍ୟକ୍ତି କୌଣସି କାର୍ଯ୍ୟରେ ସଫଳ ହୋଇପାରି ନ ଥାନ୍ତି। ତେବେ ବୁଦ୍ଧି ବା ଲକ୍ଷ୍ୟ ଠିକ୍ ଥିଲେ ଜଣେ ଧୀର ହେଲେ ମଧ୍ୟ କର୍ମକ୍ଷେତ୍ରରେ ବେଶ୍ ଅଗ୍ରଗତି କରିପାରିବା ସହ ସଫଳତା ହାତେଇପାରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଆଣବିକ ଲକ୍ଷ୍ୟରୁ ନ ...

ହଜାର ଲୋକଙ୍କୁ ଯେଉଭଳି ହତ୍ୟା କରାଯାଉଛି ତାହା ମଧ୍ୟ ବନ୍ଦ ହେବା ଦରକାର ବୋଲି ଟ୍ରମ୍ପ କହିଛନ୍ତି। ଯଦି ଏହି ଦୁଇଟି ସର୍ତ୍ତକୁ ଇରାନ ସରକାର ନ ମାନନ୍ତି ତେବେ ଯୁଦ୍ଧ ପାଇଁ ପ୍ରସ୍ତୁତ ରୁହନ୍ତୁ ବୋଲି ସେ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ମଧ୍ୟପ୍ରାଚ୍ୟରେ ଏବେ ଆମେରିକା ନୌସେନାର ବହୁ ଶକ୍ତିଶାଳୀ ଯୁଦ୍ଧପୋତ ଆକ୍ରମଣ ପାଇଁ ପ୍ରସ୍ତୁତ ରହିଛି। କିନ୍ତୁ ଏହାକୁ ଯେଉଭଳି ଉପଯୋଗ ନ କରିବାକୁ ପଡ଼େ, ସେ ସମ୍ପର୍କରେ ଇରାନ ତୁରନ୍ତ ନିଷ୍ପତ୍ତି ନେବା ଦରକାର। ଭେନେଜୁଏଲା ଶୈଳୀରେ ଆମେରିକା ପ୍ରଥମେ ଇରାନର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବଂ ସାମରିକ ଘାଟି ଉପରେ ଆକ୍ରମଣ କରିପାରେ ବୋଲି ଆନ୍ତର୍ଜାତିକ ସ୍ତରରେ ସାମରିକ ବିଶେଷଜ୍ଞମାନେ ଆକଳନ କରିବା ଆରମ୍ଭ କରିଛନ୍ତି। ଏଭଳି ସ୍ଥିତିରେ ଇରାନ ନିଜକୁ ପ୍ରସ୍ତୁତ କରିବା ସହିତ ଆମେରିକାର ଆକ୍ରମଣକୁ ପ୍ରତିହତ କରିବା ଲାଗି ପ୍ରାୟ ୧ ହଜାର ଡ୍ରୋନ ମୁତୟନ କରିଛି ବୋଲି ଏଠାକାର ସରକାରୀ ଖବରଦାତା ଏଜେନ୍ସି ଟାସ୍‌ନିମ୍ ପ୍ରକାଶ କରିଛି।

### ତୁର୍କୀ ଶରଣରେ ଇରାନ

ଆମେରିକାର ସମ୍ଭାବ୍ୟ ଆକ୍ରମଣକୁ ଦୃଷ୍ଟିରେ ରଖି ଯେକୌଣସି ଭୟାବହ ସ୍ଥିତି ଏଡ଼ାଇବା ଲକ୍ଷ୍ୟରେ ଇରାନ ବୈଦେଶିକ ମନ୍ତ୍ରୀ ଆବାସ୍ ଆରାଗଚି ଦିନିକିଆ ଗସ୍ତରେ ଯାଇ ତୁର୍କୀରେ ପହଞ୍ଚିଛନ୍ତି। ଇରାନ ସମାନ ନୀତିରେ ଆମେରିକା ସହ ଏହାର ଆଣବିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବାକୁ ପ୍ରସ୍ତୁତ ରହିଛି ବୋଲି ସେଠାରେ ସାମ୍ବାଦିକମାନଙ୍କୁ ଆବାସ୍ କହିଛନ୍ତି। ଏହାବ୍ୟତୀତ ଇରାନ ଏବଂ ଆମେରିକା ମଧ୍ୟରେ ଯୁଦ୍ଧ ପରିସ୍ଥିତି ଏଡାଇବାକୁ ତୁର୍କୀ ରାଷ୍ଟ୍ରପତି ଏର୍ଡୋଗାନ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ ରହିଛନ୍ତି ବୋଲି କହିଛନ୍ତି। ତେବେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଚେତାବନୀକୁ ନେଇ ମଧ୍ୟପ୍ରାଚ୍ୟରେ ଆରବ ରାଷ୍ଟ୍ରସମୂହର ଚିନ୍ତା ବଢିଛି। ଯଦି ଆମେରିକା ଇରାନ ଉପରେ ଆକ୍ରମଣ କରେ ତେବେ ପୁଣିଥରେ ମଧ୍ୟପ୍ରାଚ୍ୟ ସ୍ଥିତି ଅଶାନ୍ତ ହେବା ସହିତ ଆନ୍ତର୍ଜାତିକ ଅର୍ଥନୈତିକ କ୍ଷେତ୍ରକୁ ପ୍ରଭାବିତ କରିବ ବୋଲି ଆକଳନ କରାଯାଉଛି। ଶନିବାର ନୂଆଦିଲ୍ଲୀଠାରେ ହେବାକୁ ଥିବା ଭାରତ-ଆରବ ରାଷ୍ଟ୍ର ସମୂହ(ଲିଗ୍ ଅଫ୍ ଆରବ ଷ୍ଟେଟସ୍) ବୈଠକରେ ଏସମ୍ପର୍କରେ ଆଲୋଚନା କରାଯିବ ବୋଲି ସୂଚନା ମିଳିଛି।



ଇରାନ ବହିର୍ବ୍ୟାପାର ମନ୍ତ୍ରୀ ଆବାସ୍ ଆରାଗଚି ତୁର୍କୀର ଇସ୍ତାନବୁଲକୁ ଦିନିକିଆ ଗସ୍ତରେ ଯାଇ ତାଙ୍କର ତୁର୍କୀ ପ୍ରତିପକ୍ଷ ହାକାନ ଫିଦାନଙ୍କୁ ଭେଟୁଛନ୍ତି।

## ଭେନେଜୁଏଲା ପରେ ଟ୍ରମ୍ପଙ୍କ ଟାର୍ଗେଟରେ କ୍ୟୁବା, ଜାରିହେଲା ଜରୁରୀ ସ୍ଥିତି

ନ୍ୟୁୟର୍କ ,୩୦।୧: ଭେନେଜୁଏଲା ପରେ ଏବେ ଅନ୍ୟତମ କାରିବିଆନ ରାଷ୍ଟ୍ର କ୍ୟୁବା ଉପରେ ଟ୍ରମ୍ପଙ୍କ ଦୃଷ୍ଟି ପଡ଼ିଛି। କ୍ୟୁବାକୁ ଏକଘରିକିଆ କରିବାକୁ ଟ୍ରମ୍ପ ଏହି ଦେଶ ଉପରେ ଜରୁରିକାଳୀନ ସ୍ଥିତି ଘୋଷଣା କରିଛନ୍ତି। ଏନେଇ ସେ ଏକଜିକ୍ୟୁଟିଭ୍ ଅର୍ଡର ଜାରି କରିବା ସହିତ ଆମେରିକାର ଆଇନ ବ୍ୟବସ୍ଥା ଅନୁଯାୟୀ ' ଇଣ୍ଟରନ୍ୟାଶନାଲ ଇମର୍ଜେନ୍ସି ଇକୋନୋମିକ ପାୱାର ଆକ୍ଟ(ଆଇଇଇପିଏ) ଏବଂ ନ୍ୟାଶନାଲ ଇମର୍ଜେନ୍ସି ଆକ୍ଟ(ଏନଇଏ) ଅନୁସାରେ କ୍ୟୁବା ଉପରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଆମେରିକା ପ୍ରଶାସନ କ୍ୟୁବା ଉପରେ ଜରୁରିକାଳୀନ ସ୍ଥିତି ଜାରି କରିଛି। ଟ୍ରମ୍ପଙ୍କ ନିର୍ଦ୍ଦେଶନାମା ଅନୁସାରେ ଯଦି କୌଣସି ରାଷ୍ଟ୍ର କ୍ୟୁବାକୁ ତୈଳ କିମ୍ବା ଶକ୍ତି ଯୋଗାଣ କରେ ତେବେ ସମ୍ପୃକ୍ତ ରାଷ୍ଟ୍ର ଉପରେ ଆମେରିକା ଉଚ୍ଚ ଟାରିଫ୍ ଲଗାଇବ ବୋଲି ଧମକ ଦେଇଛି। କ୍ୟୁବାକୁ ତୈଳ ଏବଂ ଶକ୍ତି ଯୋଗାଣ ବନ୍ଦ ହୋଇଯିବାରୁ ସେଠାକାର ସାଧାରଣ ଜନଜୀବନ ବହୁମାତ୍ରାରେ ପ୍ରଭାବିତ ହୋଇଛି। ଭେନେଜୁଏଲା ଭଳି କ୍ୟୁବା ସରକାରଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବା ଲକ୍ଷ୍ୟରେ ଟ୍ରମ୍ପ ଏଭଳି ଆଭିମୁଖ୍ୟ ଗ୍ରହଣ କରିଛନ୍ତି।

## ବରିଷ୍ଠଙ୍କ ମତ ଅନୁଯାୟୀ ...

ତଥ୍ୟ ସଂଗ୍ରହ ହୋଇଥିଲା ତାହା ଚିଠିରେ ଉଲ୍ଲେଖ ଅଛି। ତଥ୍ୟ ସଂଗ୍ରହରେ ଯେଉଁ ସମସ୍ୟା ରହିଛି ତାହା ମଧ୍ୟ ଦର୍ଶାଯାଇଛି। ଗୁରୁତ୍ୱକୁ ବିଚାର କରି ଜିଲାପାଳମାନେ ବ୍ୟକ୍ତିଗତ ଇଚ୍ଛାକୁ ବୃଦ୍ଧିକରି ଏହି ଯୋଜନାକୁ ପ୍ରାଧାନ୍ୟ ଦେଇ ଆଗକୁ ବଢ଼ାନ୍ତୁ। ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ଚଳିତ ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୫୦୦୦ ହିତାଧିକାରୀଙ୍କୁ ପୁରୀ ଆଣି ଏହି ଯୋଜନାରେ ବୁଲାଇବେ। ସେହିପରି ୨୦୨୬-୨୭ ଆର୍ଥିକ ବର୍ଷରେ ୩୦ ହଜାର ହିତାଧିକାରୀ ଉକ୍ତ ଯୋଜନାରେ ଆସି ପୁରୀ ବୁଲିବେ। ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଲକ୍ଷ୍ୟ ହେଉଛି ତୀର୍ଥଯାତ୍ରୀଙ୍କୁ ସବୁ ସୁବିଧା ପ୍ରଦାନ କରିବା। ସେମାନଙ୍କୁ ଦର୍ଶନ ସମୟରେ ସ୍ୱତନ୍ତ୍ର ସୁବିଧା ମିଳିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

## ୨୦ରେ ରାଜ୍ୟ ...

ଉପରେ ଆଲୋଚନା ହେବ। ଫେବୃଆରୀ ୨୫ରୁ ମାର୍ଚ୍ଚ ୮ ତାରିଖ ଯାଏ ଗୃହରେ କୌଣସି କାର୍ଯ୍ୟ ଦିବସ ନ ଥିବାବେଳେ ବିଧାନସଭା ବନ୍ଦ ରହିବ।

ପୁନର୍ବାର ମାର୍ଚ୍ଚ ୯ରୁ ଗୃହ କାର୍ଯ୍ୟ ଆରମ୍ଭ ହେବ। ମାର୍ଚ୍ଚ ୩୧ରେ ଗୃହରେ ବଜେଟ ପାରିତ କରାଯିବ। ମୁଖ୍ୟତଃ ଭାଜପା ସରକାର ରାଜ୍ୟ ବଜେଟ ଆକାର କିପରି କରୁଛନ୍ତି ଏବଂ କେତେ ଟଙ୍କାର ବଜେଟ ଚଳିତ ଥର ଆସୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ ଆଣିଥିଲେ। ତେଣୁ ଏଥର ସରକାର ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଅଧିକ ଟଙ୍କାର ବଜେଟ ଆଣିପାରନ୍ତି ବୋଲି ସରକାରୀ ସୂତ୍ରରୁ ଜାଣିବାକୁ ମିଳିଛି। ବଜେଟ ଅଧିବେଶନ ଭିତରେ ମୋଟ୍ ୨୨ଟି ଛୁଟିଦିନ ରହୁଛି। ତେବେ ଏପ୍ରିଲରେ ରାଜ୍ୟର ୪ ରାଜ୍ୟ ସଭା ଆସନ ଖାଲି ହେବାକୁ ଥିବାବେଳେ ଏଥର ବଜେଟ ଅଧିବେଶନ ସମୟରେ ବଡ଼ ଧରଣର ରାଜନୀତି ଦେଖିବାକୁ ମିଳିପାରେ। ଉଭୟ ବିରୋଧୀ ଏବଂ ଶାସକ ଦଳ ମଧ୍ୟରେ ଅନେକ ପ୍ରସଙ୍ଗକୁ ନେଇ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇପାରେ। ଗତଥର ତୁଳନାରେ ବିରୋଧୀ ଦଳର ସଦସ୍ୟମାନେ ନିଜର ବିରୋଧର ଧାରା ସାମାନ୍ୟ ବୃଦ୍ଧି କରିପାରନ୍ତି ବୋଲି ବଜେଟ ଅଧିବେଶନ ସମ୍ପର୍କିତ ଘୋଷଣା ପରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଗ୍ରହଚକ୍ରର ଅନୁକୂଳତା କର୍ମକ୍ଷେତ୍ର, ପାରିବାରିକ ଏବଂ ସାମାଜିକ ଦିଗକୁ ଋଦ୍ଧିମନ୍ତ କରିବ। ଶିଳ୍ପ, ନିର୍ମାଣ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହେବ। ଆନୁଷ୍ଠାନିକ କାମରେ ଅଗ୍ରଣୀ ଭୂମିକା ଗ୍ରହଣ କରି ପଦସ୍ଥ ବ୍ୟକ୍ତିଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ପରିଶ୍ରମ ଓ ଭ୍ରମଣ ଜନିତ କ୍ଳାନ୍ତି ଅନୁଭବ କରିବେ।

**ବୃଷ** ସାଧାରଣ କଥାକୁ କେନ୍ଦ୍ରକରି ଘରୋଇ ଝମେଲା କାରଣରୁ ମନ ଭଲ ରହିବ ନାହିଁ। ବାଣିଜ୍ୟ, ପରିବହନ, ଲେଖାପଢ଼ା, ପ୍ରଶାସନ କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁଙ୍କ ସହଯୋଗୀ ମନୋଭାବ ପ୍ରତି ସ୍ନେହ ଶ୍ରଦ୍ଧା ଓ ପ୍ରେମାନୁରାଗୀ ହୋଇପାରନ୍ତି। ମୃଗଶିରା ନକ୍ଷତ୍ର ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କତା ଅବଲମ୍ବନ କରିବା ଭଲ ।

**ମିଥୁନ** ସହକର୍ମୀଙ୍କ ସହାୟତାରେ କର୍ମକ୍ଷେତ୍ରରେ କାମ ଗୁଡ଼ିକ ସୁବିଧାରେ ହୋଇଯିବ। ପୁନର୍ବସୁ ନକ୍ଷତ୍ରର ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆଲୋଚନା ସମୟରେ ଦ୍ୱନ୍ଦ୍ୱରେ ପଡ଼ି ବନ୍ଧୁଙ୍କ କଥାକୁ ଠିକ୍‌ଭାବରେ ନ ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିପାରନ୍ତି।

**କର୍କଟ** ପରିସ୍ଥିତିକୁ ଯେତେଟା ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇ କାମ ସ୍ଥଗିତ ରହିଯାଇପାରେ। ପୁଷ୍ୟା ନକ୍ଷତ୍ର କର୍ମକ୍ଷେତ୍ରରେ ବାଧବାଧକତାରେ କେତେକ କାମ କରିବାକୁ ପଡ଼ିବ। ପରିବାରରେ ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିବେ।

**ସିଂହ** ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ପାରିବାରିକ ପରିସ୍ଥିତି ମନ୍ଦ ହେବନି। ଆର୍ଥିକ ଅନଟନ ପ୍ରଗତିରେ ଅନ୍ତରାୟ ସୃଷ୍ଟି କରିବ। ତଥାପି ବାରମ୍ବାର ଚେଷ୍ଟା କରିବା କାରଣରୁ ବନ୍ଧୁଙ୍କ ନିକଟରୁ ପରିଶେଷରେ କିଛି ପାଇପାରନ୍ତି । କ୍ରୀଡ଼ା , ସାହିତ୍ୟ ଚର୍ଚ୍ଚା, ଚଳଚ୍ଚିତ୍ର, ସଙ୍ଗୀତ, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା** ପରିବାର ସହମତି ବିନା ବନ୍ଧୁଙ୍କ ପରାମର୍ଶରେ କୌଣସି କାମ କରିବାକୁ ମନ ବଳାଇପାରନ୍ତି। ଖଳ ଲୋକଙ୍କ କଥାରେ ଭୁଲ୍ ମାର୍ଗ ଅନୁସରଣ କଲେ ହଇରାଣ ହେବେ। ଚିତ୍ରା ନକ୍ଷତ୍ର କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେଇପାରନ୍ତି। ମକଦ୍ଦମା, ବିତର୍କ, ସଭା ସମିତି, ସଂଗଠନ, ନିର୍ମାଣ ଓ ପରିବହନରୁ ଶୁଭଫଳ ପାଇବେ।

**ତୁଳା** ବନ୍ଧୁଙ୍କ ସହ ଆଲୋଚନା ପ୍ରସଙ୍ଗରେ ବିଭିନ୍ନ କଥା କହିବା କାରଣରୁ ବିବାଦ ବଢ଼ିବ। ବିଶାଖା ନକ୍ଷତ୍ର ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ବ୍ୟଥିତ କରିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିପାରେ। ଜ୍ୟେଷ୍ଠା ନକ୍ଷତ୍ର ଦ୍ରବ୍ୟ ନଷ୍ଟ ହେବାରୁ ଅନ୍ୟ ଉପରେ ରାଗି ପାରନ୍ତି। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ରାଜନୀତି, ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା, ସଂଗଠନ ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ** ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ପଡ଼ୋଶୀ କିମ୍ବା ଈର୍ଷାପରାୟଣ ବ୍ୟକ୍ତି ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ଦୋଷଯୁକ୍ତ ମନ୍ତବ୍ୟ ଦେବେ। ଉତ୍ତରାଷାଢ଼ା ନକ୍ଷତ୍ର ଦିନଟିରେ ଯାନ ବାହାନରେ ସତର୍କତା ରକ୍ଷା କରନ୍ତୁ। ବାକି ରହିଥିବା ଟଙ୍କା ପାଇବାରେ ଆଜି କୌଣସି ପ୍ରକାରର ଅସୁବିଧା ହେବ ନାହିଁ।

**ମକର** ଶ୍ରବଣା ନକ୍ଷତ୍ର ମାନସିକ ଅଶାନ୍ତିରୁ ମନରେ ସରସତା ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ ନ କଲେ କଳହର ସମ୍ମୁଖୀନ ହୋଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ପରିବାରରେ ଶାନ୍ତି ଫେରି ଆସିବ। ରପ୍ତାନି କାରବାର, ନିର୍ମାଣ, ପରିବହନ ଏଜେନ୍ସି, ସାମ୍ବାଦିକତାରେ ପ୍ରଂଶସିତ ହେବେ।

**କୁମ୍ଭ** ଜଣେ ବନ୍ଧୁ ପାରିବାରିକ ସମସ୍ୟା ସମାଧାନର ଚେଷ୍ଟା କରିବେ। ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଶତଭିଷା ନକ୍ଷତ୍ର ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହେବ। ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ କରିବା ଭଲ ହେବ। ଆଜିର ଯାତ୍ରା ଅବଶ୍ୟ ସଫଳ ହେବାରେ ବନ୍ଧୁଙ୍କ ଅବଦାନକୁ ଭୁଲିପାରିବେ ନାହିଁ।

**ମୀନ** ଆଜି ଅଟକିଥିବା କାମ ସୁବିଧାରେ ସମ୍ପନ୍ନ ହୋଇ ନ ପାରେ। ରେବତୀ ନକ୍ଷତ୍ର ପରିସ୍ଥିତିବଶତଃ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଖର୍ଚ୍ଚ ପରିମାଣ ବୃଦ୍ଧି ହେତୁ ମନରେ ସରସତା ରହିବ ନାହିଁ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଜାନୁୟାରୀ ୩୧ ତାରିଖ, ମାଘ ଶୁକ୍ଳ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ, ଶନିବାର। ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ଯୋରନ୍ଦା ମହିମାଗାଦିରେ ମେଳା, ନିତ୍ୟାନନ୍ଦ ଗୋସ୍ୱାମୀଙ୍କ ଜନ୍ମୋତ୍ସବ, ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୬ ଗତେ ଘ.୦୧।୦୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୧୩ ଗତେ ଘ.୧୦।୩୬ ମଧ୍ୟେ ରାହୁକାଳ।



ହିମାଚଳ ପ୍ରଦେଶର କୁଲ୍ଲୁ ଜିଲାସ୍ଥିତ ବରଫାବୃତ୍ତ ସୋଲାଙ୍ଗ ଉପତ୍ୟକାରେ ପର୍ଯ୍ୟଟକମାନେ ଶୁକ୍ରବାର ସ୍କିଂ ଏବଂ ପାରାଗ୍ଲାଇଡିଂ ଭଳି ଶୀତକାଳୀନ ତଥା ଦୁଃସାହସିକ କ୍ରୀଡ଼ାର ଆନନ୍ଦ ନେଉଛନ୍ତି।

# ବିକ୍ରି ହୋଇପାରିବ ତମାଖୁବିହୀନ ଗୁଟ୍‌ଖା

**ଭୁବନେଶ୍ୱର,୩୦।୧(ସୁନିତ୍ ମିଶ୍ର)**

ରାଜ୍ୟରେ କିଛିଦିନ ହେଲା ଦୋକାନୀମାନେ ପ୍ରାୟତଃ ପାନମସଲା (ଗୁଟ୍‌ଖା) ବିକିବା ବନ୍ଦ କରିଦେଇଛନ୍ତି। ତଥାପି ଯେଉଁଠି ଏହା ବିକ୍ରି ହେଉଛି, ତାହା ଲୁଚାଛପାରେ ଏବଂ ଅତି ସତର୍କତା ସହ। ଯଦି ସିଧାସଳଖ ଯାଇ କୌଣସି ଗ୍ରାହକ ପାନମସଲା ବା ଗୁଟ୍‌ଖା ମାଗୁଛନ୍ତି, ତାହା ନାହିଁ ବୋଲି ସିଧାସିଧା ଦୋକାନୀ ମନାକରୁଥିଲେ। ତେବେ ଲୁଚାଛପାରେ ମିଳୁଥିବା ଏହି ସାମଗ୍ରୀର ମୂଲ୍ୟ ପୂର୍ବ ତୁଳନାରେ ପ୍ରାୟ ୨ଗୁଣ। ସରକାର ପାନମସଲା ବିକ୍ରି ଉପରେ ଚଢ଼ାଉକରି କଟକଣା ଲଗାଇଥିଲେ। ହେଲେ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଅଶ୍ୱଥୀ ଏସ୍ ଅର୍ଥ ବିଭାଗର ସିଟି ଆଣ୍ଡ ଜିଏସ୍‌ଟି କମିଶନରଙ୍କୁ ଏ ବାବଦରେ ଚିଠି ଲେଖି ଜଣାଇଛନ୍ତି ଯେ, ଯେଉଁ ପାନମସଲାରେ ତମାଖୁ ବା ନିକୋଟିନ୍ ରହୁନାହିଁ, ସେଗୁଡ଼ିକ ଉପରେ କୌଣସି ପ୍ରତିବନ୍ଧକ ନାହିଁ। ସେଗୁଡିକ ବିକ୍ରି କରାଯାଇପାରିବ। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ତମାଖୁଯୁକ୍ତ ଗୁଟ୍‌ଖା ଖାଇବା ଦ୍ୱାରା ମୁଖ କର୍କଟ ରୋଗୀଙ୍କ ସଂଖ୍ୟା ବହୁ ପରିମାଣରେ ବୃଦ୍ଧି ପାଉଛି। ତେଣୁ ଏହାକୁ ବନ୍ଦ କରିବାର ଆବଶ୍ୟକତା ରହିଛି। ସ୍କୁଲ, କଲେଜ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ୧୦୦ ମିଟର ପରିଧି ଭିତରେ ଗୁଟ୍‌ଖା ବିକ୍ରି ଉପରେ କଟକଣା ରହିଛି। ତେଣୁ ପୋଲିସ, ଜିଲା ପ୍ରଶାସନ ଏବଂ ଅନ୍ୟମାନେ ମିଳିତ ଭାବେ ଏହାକୁ ରୋକିବାକୁ ଚେଷ୍ଟା କରୁଛନ୍ତି। ଯୁବପିଢ଼ିଙ୍କ ଭିତରେ ସଚେତନତା ସୃଷ୍ଟିକରି ସେମାନଙ୍କୁ ଏହି ଅଭ୍ୟାସରୁ ଦୂରେଇ ରଖିବାକୁ ଚେଷ୍ଟା କରାଯାଉଛି। ଯେଉଁ ନୋଟିଫିକେଶନ ହୋଇଛି, ସେଥିରେ ଉଲ୍ଲେଖ ରହିଛି ତମାଖୁ ବା ନିକୋଟିନ୍‌ଯୁକ୍ତ ଗୁଟ୍‌ଖା ବନ୍ଦ କରାଯିବ। ଯେଉଁ ପାନମସଲା ବା ଗୁଟ୍‌ଖା ତମାଖୁ କିମ୍ବା ନିକୋଟିନ୍‌ଯୁକ୍ତ ନୁହେଁ, ସେଗୁଡ଼ିକ ବିକ୍ରି କରିହେବ।

# 'ସହରାଞ୍ଚଳ ପାର୍କର ବଦଳିବ ରୂପରେଖ'

**ଭୁବନେଶ୍ୱର,୩୦।୧(ବନ୍ଦନା ସେଠୀ)**

ଭୁବନେଶ୍ୱର, କଟକ ସମେତ ଓଡ଼ିଶାର ସମସ୍ତ ପୌରାଞ୍ଚଳରେ (ୟୁଏଲ୍‌ବି) ଥିବା ପାର୍କଗୁଡ଼ିକର ରୂପରେଖ ବଦଳିବ। ଏଗୁଡ଼ିକର ସୌନ୍ଦର୍ଯ୍ୟକରଣ ସହ ସାମଗ୍ରିକ ଉନ୍ନତି ପାଇଁ ଯୋଜନା ପ୍ରସ୍ତୁତ କରାଯିବ। ଏନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିବା ଅବସରରେ ମନ୍ତ୍ରୀ କହିଲେ, ପାର୍କଗୁଡ଼ିକର ପୁନରୁଦ୍ଧାର ପାଇଁ ସ୍ପଷ୍ଟ ସମୟସୀମା ଓ ଗୁଣବତ୍ତା ବଜାୟ ରଖିବାକୁ ସମସ୍ତ ପୌରାଞ୍ଚଳକୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ଉପରଠାଉରିଆ ସଜବାଜ ନ କରି ସ୍ଥାୟୀ ଉନ୍ନତି ପାଇଁ ନିୟମିତ ଯାଞ୍ଚ ଓ ବଜେଟ୍ ବ୍ୟବସ୍ଥା କରିବାକୁ ସେ କହିଛନ୍ତି। ଓଡ଼ିଶାର ସହରଗୁଡ଼ିକୁ ସ୍ୱଚ୍ଛ, ସବୁଜ ଏବଂ ନାଗରିକ-ଅନୁକୂଳ କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ। ଏହି ପରିପ୍ରେକ୍ଷୀରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ତୁରନ୍ତ ଏହି ନିର୍ଦ୍ଦେଶାବଳୀକୁ ମିଶନ ମୋଡ୍‌ରେ କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ଅନେକ ସହରାଞ୍ଚଳରେ ପାର୍କଗୁଡ଼ିକର ରକ୍ଷଣାବେକ୍ଷଣରେ ଅବହେଳା ଓ ଭିତ୍ତିଭୂମିର ଅବକ୍ଷୟକୁ ନେଇ ମନ୍ତ୍ରୀ ଚିନ୍ତା ପ୍ରକଟ କରିଛନ୍ତି। ସେହିପରି ଅବହେଳା କରୁଥିବା ଅଧିକାରୀ ଏବଂ ସଂସ୍ଥା ବିରୋଧରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେଉଁଠି ତ୍ରୁଟି ପରିଲକ୍ଷିତ ହେବ, ସେଠାରେ ଦାୟିତ୍ୱ ନିର୍ଦ୍ଧାରଣ କରାଯାଇ ଦଣ୍ଡବିଧାନ ହେବ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି। ପାର୍କଗୁଡ଼ିକ କେବଳ ମନୋରଞ୍ଜନର ସ୍ଥାନ ନୁହେଁ। ଏହା ସହରର ସାମାଜିକ, ପରିବେଶ ଏବଂ ସାଂସ୍କୃତିକ ପରିଚୟ। ପାର୍କରେ ସ୍ଥାପିତ ବିଶିଷ୍ଟ ବ୍ୟକ୍ତି ଓ ଐତିହାସିକ ଜନନାୟକଙ୍କ ପ୍ରତିମୂର୍ତ୍ତିଗୁଡ଼ିକର ଯତ୍ନ ନେବା ଉପରେ ମଧ୍ୟ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

# ଏମ୍‌ସିଏଲ୍ କୋଇଲା ଖଣିରେ ସିବିଆଇ ଚଢ଼ାଉ

**ସୁନ୍ଦରଗଡ଼/ହେମଗିର,୩୦।୧(ଜୟ ନାରାୟଣ ମେଣ୍ଡୁଲି/ଚୈତନ୍ୟ ପଟେଲ)**

## ଅନେକ ହଜାର ଟନ୍ କୋଇଲାର ହିସାବ ମିଳୁ ନ ଥିବା ଅଭିଯୋଗ



ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ଏମ୍‌ସିଏଲ୍ କୋଇଲା ଖଣିରେ ଶୁକ୍ରବାର ସିବିଆଇର ୩ ଟିମ୍ ଚଢ଼ାଉ କରିଛି। ଏମ୍‌ସିଏଲ୍ ଗର୍ଜନବାହାଲ, କୁଲଡା କୋଇଲା ଖଣି ଓ କନିକା ରେଲୱେ ସାଇଡିଂରେ ସିବିଆଇର ସ୍ୱତନ୍ତ୍ର ଦଳ ଚଢ଼ାଉ କରି ଖୋଳତାଡ କରୁଛି। ଏମ୍‌ସିଏଲ୍ କୋଇଲା ଖଣିରୁ ସାଇଡିଂକୁ ଯାଉଥିବା ବହୁ ହଜାର ଟନ୍ କୋଇଲାର ହିସାବ ମିଳୁ ନ ଥିବା ଅଭିଯୋଗରେ ଏହି ଚଢ଼ାଉ ହେଉଥିବା ଜଣାପଡ଼ିଛି। ଏ ସମ୍ପର୍କରେ ସିବିଆଇ ପକ୍ଷରୁ ଗଣମାଧ୍ୟମକୁ କୌଣସି ସୂଚନା ମିଳିନାହିଁ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏମ୍‌ସିଏଲ୍‌କୋଇଲା ଖଣିରୁ ସାଇଡିଂକୁ ଯାଉଥିବା କୋଇଲାର ଠିକ୍ ହିସାବ ନ ଥିବା ଅଭିଯୋଗ ହୋଇଛି। କୋଇଲା ଚୋରାଚାଲାଣ ଅଭିଯୋଗକୁ ନେଇ ଦିଲ୍ଲୀ ସିବିଆଇର ୩ଟି ଦଳ ଏକକାଳୀନ ଏହି ତନାଘନା ତଦନ୍ତ ଚଳାଇଛନ୍ତି। କନିକା ରେଲ୍‌ୱେ ସାଇଡିଂ ଇନଚାର୍ଜ ସାରଦା ପ୍ରସନ୍ନ ସେଠୀଙ୍କୁ ତାଙ୍କ କମ୍ପାନୀ ନିବାସରୁ ଓ ଗର୍ଜନବାହାଲ ଖଣି କର୍ମଚାରୀଙ୍କୁ ଉଠାଇ ନେଇ କନିକା ସାଇଡିଂରେ ଜେରା କରାଯାଉଥିବା ସୂଚନା ମିଳିଛି। କୋଇଲା କିଭଳି ସାଇଡିଂ ମାଧ୍ୟମରେ ପାର ହେଉଥିଲା, କିଏ ନେଉଥିଲା, କୋଇଲା କେଉଁଠିକୁ ଯାଉଥିଲା ତା'ର ତନାଘନା କରାଯାଉଛି। ଅପରପକ୍ଷରେ ଏମ୍‌ସିଏଲ୍‌ର କେତେଜଣ ଅସାଧୁ ଅଧିକାରୀ, କର୍ମଚାରୀ କୋଇଲା ଚୋରାଚାଲାଣକାରୀଙ୍କ ସହ ହାତ ମିଳାଇ ବହୁ କୋଟି ଟଙ୍କାର ହେରଫେର କରୁଥିବା ନେଇ ସିବିଆଇ ଅଭିଯୋଗ ପାଇଥିବା ସୂଚନା ମିଳିଛି। ଉକ୍ତ ୩ ଟିମ୍‌ରେ ସିବିଆଇର ମହିଳା ଅଧିକାରୀଙ୍କ ସମେତ ୧୩ଜଣ ଅଧିକାରୀ ସାମିଲ ହୋଇଥିବା ଜଣାପଡ଼ିଛି। ଖବର ଲେଖାହେବା ସୁଦ୍ଧା ଚଢ଼ାଉ ଜାରି ରହିଛି।

ଅପରପକ୍ଷରେ ହେମଗିର ତହସିଲର ବିଭିନ୍ନ ଜଙ୍ଗଲ ଅଞ୍ଚଳରେ ୧୦ରୁ ଊର୍ଦ୍ଧ୍ୱ ଚୋରା କୋଇଲା ଖଣି ଠାବ ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ଖଣି ବିଭାଗର ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ ପହଞ୍ଚି ତଦନ୍ତ ଚଳାଇଥିଲେ। ସ୍ଥାନୀୟ ବିଧାୟକ ଯୋଗେଶ କୁମାର ସିଂହ ଏହି ଖଣି ଚୋରିର ସିବିଆଇ ତଦନ୍ତ ପାଇଁ ଦାବି କରି ମୁଖ୍ୟମନ୍ତ୍ରୀ ଓ ଦିଲ୍ଲୀସ୍ଥିତ ସିବିଆଇ ନିର୍ଦ୍ଦେଶକଙ୍କୁ ଚିଠି ଲେଖିଥିଲେ। ସେହିପରି ପୂର୍ବତନ ବିଧାୟିକା କୁସୁମ ଟେଟେ, କଂଗ୍ରେସ ନେତୃବୃନ୍ଦ ମଧ୍ୟ ଏହାର ତଦନ୍ତ ଦାବି କରିଥିଲେ।

# ଋତୁସ୍ରାବ ସ୍ୱାସ୍ଥ୍ୟ ମୌଳିକ ଅଧିକାର: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩୦।୧(ପି.ଟି.)**

## ମାଗଣା ସାନିଟାରି ପ୍ୟାଡ୍, ସ୍କୁଲ୍‌ରେ ଅଲଗା ପାଇଖାନା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁଯାୟୀ ଋତୁସ୍ରାବକାଳୀନ ସ୍ୱାସ୍ଥ୍ୟ ଜୀବନ ଧାରଣ ମୌଳିକ ଅଧିକାରର ଅଂଶବିଶେଷ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର ଘୋଷଣା କରିଛନ୍ତି। ଏଥିସହିତ ଛାତ୍ରୀମାନଙ୍କୁ ମାଗଣାରେ ଓକ୍ସୋ-ବାୟୋଡିଗ୍ରେଡେବଲ୍ ସାନିଟାରି ନାପ୍‌କିନ୍ ଓ ଛାତ୍ରୀଛାତ୍ରଙ୍କ ପାଇଁ ଅଲଗା ପାଇଖାନା ଯୋଗାଇଦେବାକୁ ସର୍ବୋଚ୍ଚ ଅଦାଲତ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି।

ଲିଙ୍ଗଗତ ନ୍ୟାୟ ଏବଂ ଶୈକ୍ଷିକ ସମାନତାକୁ ସୁନିଶ୍ଚିତ କରିବା ପାଇଁ ଜଷ୍ଟିସ୍ ଜେ.ବି. ପରଦ୍ଦିୱାଲା ଏବଂ ଆର୍. ମହାଦେବନଙ୍କ ଖଣ୍ଡପୀଠ ଉପରୋକ୍ତ ଐତିହାସିକ ରାୟ ପ୍ରଦାନ କରିଛନ୍ତି। ସରକାରୀ ହେଉ କି ଅନୁଦାନପ୍ରାପ୍ତ ଅଥବା ଘରୋଇ, ସବୁ ସ୍କୁଲ୍‌ରେ ଉପରୋକ୍ତ ସୁବିଧା ଉପଲବ୍ଧ ହେବା ଜରୁରୀ ବୋଲି ଖଣ୍ଡପୀଠ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶନାମାର ଅନୁପାଳନ ନ ହେଲେ ଘରୋଇ ସ୍କୁଲଗୁଡ଼ିକର ସ୍ୱୀକୃତି ପ୍ରତ୍ୟାହାର ସାଙ୍ଗକୁ ସରକାରୀ ଶିକ୍ଷାନୁଷ୍ଠାନର ବିଫଳତା ପାଇଁ ରାଜ୍ୟ ସରକାରଗୁଡ଼ିକୁ ସିଧା ଉତ୍ତରଦାୟୀ କରାଯିବା ସହ କଠୋର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଜଷ୍ଟିସ୍ ପରଦ୍ଦିୱାଲା ଚେତାବନୀ ଦେଇଛନ୍ତି।

ଖଣ୍ଡପୀଠ କହିଛନ୍ତି, ଋତୁସ୍ରାବ ସ୍ୱାସ୍ଥ୍ୟ ଅଧିକାର ଜୀବନଧାରଣ ଅଧିକାରର ଅଂଶବିଶେଷ। ସୁରକ୍ଷିତ, ପ୍ରଭାବୀ ଏବଂ ଶସ୍ତା ଋତୁସ୍ରାବକାଳୀନ ସ୍ୱାସ୍ଥ୍ୟ ପରିଚାଳନା ବ୍ୟବସ୍ଥା ଛାତ୍ରୀମାନଙ୍କୁ ସର୍ବୋଚ୍ଚ ମାନର ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟରେ ସହାୟକ ହୋଇଥାଏ। ସୁସ୍ଥ ପ୍ରଜନନ ଜୀବନଯାପନ ଅଧିକାର ଶିକ୍ଷା ଏବଂ ଯୌନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ଅଧିକାର ସହ ଜଡ଼ିତ ବୋଲି ଖଣ୍ଡପୀଠ କହିଛନ୍ତି। ଋତୁସ୍ରାବ ସମୟରେ ବ୍ୟବହୃତ ହେଉଥିବା ଅବଶୋଷକ ଉପଲବ୍ଧତା ସମ୍ପର୍କରେ ଖଣ୍ଡପୀଠ ପ୍ରତ୍ୟେକ ସ୍କୁଲକୁ ମାଗଣାରେ ଉପଯୁକ୍ତ ସାନିଟାରି ନାପ୍‌କିନ୍ ଯୋଗାଇଦେବା ନିମନ୍ତେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି।

## ମଧ୍ୟାହ୍ନଭୋଜନ ପ୍ରସ୍ତୁତିବେଳେ ଫାଟିଲା ପ୍ରେସର୍‌କୁକର: ୨ ପାଚିକା ଆହତ

**ଆଠଗଡ଼,୩୦।୧(ସତ୍ୟ ପ୍ରସାଦ ରଥ)**

କଟକ ଜିଲା ଆଠଗଡ ବ୍ଲକ ଅନ୍ତର୍ଗତ ଗୋବିନ୍ଦ-ମାଧବପୁର ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ମଧ୍ୟାହ୍ନ ସମୟରେ ଅଘଟଣ ଘଟିଛି। ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରନ୍ଧା ହେଉଥିବାବେଳେ ବ୍ୟବହୃତ ପ୍ରେସର୍‌କୁକର ଫାଟିଯିବାରୁ ୨ଜଣ ପାଚିକା ଆହତ ହୋଇଛନ୍ତି। ସେମାନେ ହେଲେ ତୁଳସୀ ବେହେରା ଓ ଚଞ୍ଚଳା ନାଏକ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ସ୍ୱାଇଁ, ଶିକ୍ଷୟିତ୍ରୀ ରଞ୍ଜନା ବେହେରା ଓ ଗ୍ରାମବାସୀଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାର କରାଯାଇ ଆଠଗଡ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନେ ସାମାନ୍ୟ ଆହତ ହୋଇଥିବା ଚିକିତ୍ସାଳୟ ପକ୍ଷରୁ ସୂଚନା ମିଳିଛି। ପ୍ରେସର୍‌କୁକର ଫାଟି ଉପରକୁ ଉଠିଯିବାରୁ ବିଦ୍ୟାଳୟର ଆଜବେଷ୍ଟସ ଭାଙ୍ଗିଯାଇଛି। ପ୍ରଚଣ୍ଡ ଶବ୍ଦ ଯୋଗୁ ଗ୍ରାମବାସୀ ଓ ବିଦ୍ୟାର୍ଥୀମାନେ ଭୟଭୀତ ହୋଇ ପଡ଼ିଥିଲେ। ଖବରପାଇ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ମୁରଲୀଧର ସାହୁ ଡାକ୍ତରଖାନାରେ ପହଞ୍ଚି ଉଭୟ ଆହତ ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଛନ୍ତି।

## ସୀମାନ୍ତରେ ଗୁଳି ବିନିମୟରେ ୨ ମାଓବାଦୀ ନିହତ

**ମାଲକାନଗିରି,୩୦।୧(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ବିଜାପୁର ଜିଲାରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୨ ମାଓବାଦୀ ନିହତ ହୋଇଛନ୍ତି। ୨ ମୃତ ମାଓବାଦୀ ହେଲେ ଏସିଏମ୍ ପ୍ରଦୀପ ଓ ଭୀମା। ବିଜାପୁର ଜିଲା କାଭରଗଟ୍ଟା ଜଙ୍ଗଲରେ ପ୍ରାୟ ୮ରୁ ଊର୍ଦ୍ଧ୍ୱ ମାଓବାଦୀଙ୍କ ଉପସ୍ଥିତି ନେଇ ଡିଆରଜି ଓ ସିଆର୍‌ପିଏଫ୍ ବାହିନୀ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ଏହି ସମୟରେ ମାଓବାଦୀମାନେ ପୋଲିସ ଉପରକୁ ଆକ୍ରମଣ କରିଥିଲେ। ପୋଲିସ ପାଲଟା ଗୁଳି ଚାଳଣା କରିଥିଲା। ଏହା ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ସୁରକ୍ଷା କର୍ମୀମାନେ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ କରି ୨ ମାଓବାଦୀଙ୍କ ମୃତଦେହ ଜବତ କରିଥିଲେ। ପ୍ରଦୀପଙ୍କ ଉପରେ ୫ ଲକ୍ଷ ଟଙ୍କା ଓ ଭୀମାଙ୍କ ଉପରେ ୨ଲକ୍ଷ ଟଙ୍କାର ଇନାମ ଘୋଷଣା କରାଯାଇଥିଲା। ଏହି ୨ ମାଓବାଦୀ କାଭରଗଟ୍ଟା ପଞ୍ଚାୟତ ସରପଞ୍ଚ ଭୀମା ମାଡକାମୀଙ୍କ ହତ୍ୟା ଘଟଣାରେ ସାମିଲ ଥିବା ସୂଚନା ମିଳିଛି। ଜଙ୍ଗଲରୁ ଏକେ-୪୭, ଅଫୁଟା ଗୁଳି, ପିସ୍ତଲ ଓ ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ବର୍ତ୍ତମାନ ସୁଦ୍ଧା ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରହିଥିବା ସୂଚନା ମିଳିଛି।






ବାହାର ଜଗତରେ ଘୁରି ବୁଲୁଥିବା ଉଡନ୍ତା ଶକ୍ତିଗୁଡିକ ହାତରେ ନିଜକୁ ଛାଡି ଦିଅନାହିଁ। କୌଣସି କାମ ପାଇଁ ତରବର ଥିଲେ ମଧ, କିଛି ସମୟ ପଛକୁ ହଟିଯାଅ। ଦେଖି ଆଶ୍ଚର୍ଯ୍ୟ ହେବ ଯେ ତୁମ କାମଟି କେତେ ଶୀଘ୍ର ଓ କେତେ ସାଫଲ୍ୟମଣ୍ଡିତ ହୋଇଛି।-ଶ୍ରୀମା

-ନିତ୍ୟାନନ୍ଦ ମହାପ୍ରଭୁଙ୍କ ଜନ୍ମୋତ୍ସବ, ଯୋରନ୍ଦା ମେଳା, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା



# ତିନି ଘଣ୍ଟାର ଗସ୍ତ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନୂଆଦିଲ୍ଲୀରେ ମଧ୍ୟାହ୍ନ ଭୋଜନ ସମୟରେ ଏକ ବିଜ୍‌ନେସ ସମ୍ପର୍କିତ ଆଲୋଚନା ପାଇଁ ତିନି ଘଣ୍ଟା ଯଥେଷ୍ଟ ସମୟ। ତେବେ ଗତ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିମନ୍ତ୍ରଣରେ ଯେତେବେଳେ ୟୁଏଇ ରାଷ୍ଟ୍ରପତି ମହମ୍ମଦ ବିନ୍ ଜାଏଦ ଆସିଥିଲେ, ସେତେବେଳେ ଏହି ଗସ୍ତ ଏକ ଲମ୍ବା କାର୍ଯ୍ୟର ମୂଳଦୁଆ ପକାଇଥିଲା। ୟୁଏଇ ରାଷ୍ଟ୍ରପତି ଭାବରେ ଏହା ତାଙ୍କର ତୃତୀୟ ଗସ୍ତ ଥିଲା । ବୈଦେଶିକ ମନ୍ତ୍ରଣାଳୟ (ଏମ୍‌ଇଏ) ଯୋଗୁ ଏହି ବ୍ୟବସ୍ଥିତ ଗସ୍ତ ଅଧିକ ସଫଳ ହୋଇଛି। ଏମ୍‌ଇଏ ଚୁପ୍‌ଚାପ୍ ସର୍ବାଧିକ ଗୁରୁତ୍ୱର ସହ ଯୋଜନା କରିଥିଲା। ଏହା ଥିଲା ଶାନ୍ତ, ସୁଚିନ୍ତିତ ତଥା ପ୍ରଭାବଶାଳୀ କୂଟନୀତି। ଏହାର ପ୍ରଚ୍ଛଦପଟରେ ପ୍ରତିରକ୍ଷା ଏବଂ ଆତଙ୍କବାଦ ବିରୋଧୀ ସହଯୋଗକୁ ଦୃଢ଼ କରିବାରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ପ୍ରମୁଖ ଭୂମିକା ରହିଛି। ଗସ୍ତ ସମୟରେ ସ୍ୱାକ୍ଷରିତ ହୋଇଥିବା ଲିଖିତ ଘୋଷଣାନାମା ଭାରତ-ୟୁଏଇ ରଣନୈତିକ ପ୍ରତିରକ୍ଷା ସହଭାଗିତାକୁ ଗତିଶୀଳ କରିଛି। ୨୦୦୩ରେ ଆରମ୍ଭ ହୋଇଥିବା ପ୍ରତିରକ୍ଷା ସହଯୋଗ ଏବେ ଅଧିକ ମହତ୍ତ୍ୱାକାଂକ୍ଷୀ ପର୍ଯ୍ୟାୟରେ ପ୍ରବେଶ କରୁଛି, ଯେଉଁଥିରେ ମିଳିତ ଉତ୍ପାଦନ, ପ୍ରତିରକ୍ଷା ନବସୃଜନ, ଉନ୍ନତ ପ୍ରଯୁକ୍ତିବିଦ୍ୟା, ସାଇବର କ୍ଷମତା, ସ୍ୱତନ୍ତ୍ର କାର୍ଯ୍ୟ ଏବଂ ଆନ୍ତଃ ସଞ୍ଚାଳନ କ୍ଷମତା ଅନ୍ତର୍ଭୁକ୍ତ। ସହଭାଗିତାରେ ପ୍ରତିରକ୍ଷା ହାର୍ଡୱେରର ନିର୍ମାଣ ଉପରେ ଗୁରୁତ୍ୱ ବିଶେଷ ଭାବରେ ଉଲ୍ଲେଖନୀୟ, ଯାହା ବ୍ୟବସାୟିକ ଚୁକ୍ତି ଅପେକ୍ଷା ବିଶ୍ୱାସ ଏବଂ ଦୀର୍ଘକାଳୀନ ସମନ୍ୱୟକୁ ସୂଚିତ କରୁଛି। ଭାରତ ବିକାଶଶୀଳ ଦେଶଗୁଡ଼ିକର ନେତୃତ୍ୱ ନେବାକୁ ଆଶା ରଖୁଥିବା ବେଳେ ୟୁଏଇ ଅନ୍ୟ ଦେଶରେ ପ୍ରଭାବ ପକାଇବାକୁ ଆଗ୍ରହୀ। ଏହି ସହଭାଗିତା କେବଳ ଏକ ସମ୍ମିଳିତ ରଣନୀତି ନୁହେଁ ବରଂ ଏକ ଦୀର୍ଘକାଳୀନ ରଣନୈତିକ ଭାଗୀଦାରି। ଏହି ସମ୍ପର୍କ କେଉଁ ଆଡ଼କୁ ଯାଉଛି ଏବଂ ଉଭୟ ପକ୍ଷ ଶୀଘ୍ର ସେଠାରେ ପହଞ୍ଚିବାକୁ ଆଗ୍ରହୀ ବୋଲି ଏହି ୩ ଘଣ୍ଟାର ଗସ୍ତ ସ୍ପଷ୍ଟ କରିଥିଲା।

### ଆଇନର ଅବମାନନା

ଆଇପିଏସ୍-ସିଏପିଏଫ୍ ମଧ୍ୟରେ ଦୀର୍ଘ ସମୟ ଧରି ଚାଲିଥିବା ବିବାଦ ସୁପ୍ରିମକୋର୍ଟକୁ ଫେରିଛି। ଏଥର ଏକ ଅବମାନନା ଆବେଦନ କରାଯାଇଛି। ଅବସରପ୍ରାପ୍ତ ସିଏପିଏଫ୍ ଅଧିକାରୀଙ୍କ ଏକ ଗୋଷ୍ଠୀ ଅଭିଯୋଗ କରିଛନ୍ତି ଯେ, କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀରେ ଆଇପିଏସ୍ ଡେପୁଟେଶନ ହ୍ରାସ କରିବା ପାଇଁ ଏକ ସ୍ପଷ୍ଟ ନ୍ୟାୟିକ ନିର୍ଦ୍ଦେଶନାମା ଉପରେ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ପଛଘୁଞ୍ଚା ଦେଉଛନ୍ତି। ତେବେ ପର୍ଯ୍ୟବେକ୍ଷକମାନେ ସୂଚାଇ ଦେଇଛନ୍ତି ଯେ, ଏହା ପଛରେ ସେମାନଙ୍କର ଏକ ଯୁକ୍ତି ଥାଇପାରେ। ଗତ ବର୍ଷ, ସୁପ୍ରିମକୋର୍ଟ ସ୍ପଷ୍ଟ ଭାବରେ ସିଏପିଏଫ୍‌ର ଗ୍ରୁପ୍-ଏ କ୍ୟାଡରଗୁଡ଼ିକୁ ସଙ୍ଗଠିତ ସେବାର ମାନ୍ୟତା ଦେଇଥିଲେ ଏବଂ ଦୁଇ ବର୍ଷ ମଧ୍ୟରେ ଆଇପିଏସ୍ ଡେପୁଟେଶନକୁ ପର୍ଯ୍ୟାୟକ୍ରମେ ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ଉଦ୍ଦେଶ୍ୟ ଥିଲା ସେହି ବିଭେଦକୁ ଶେଷ କରିବା, ଯାହା ଅନେକ ହଜାର ସିଏପିଏଫ୍ ଅଧିକାରୀଙ୍କୁ ବରିଷ୍ଠ ନେତୃତ୍ୱ ପଦବୀ ପାଇବାରୁ ବଞ୍ଚିତ କରିଥିବା ବେଳେ ଅନ୍ୟ ସେବାର ଅଧିକାରୀଙ୍କୁ ନିୟମିତ ଭାବରେ ଶୀର୍ଷ ପଦବୀରେ ନିଯୁକ୍ତି ଦେଇଛି। ତଥାପ ଅନେକ ମାସ ବିତିଯାଇଥିଲେ ମଧ୍ୟ ସ୍ଥିତିରେ ବିଶେଷ କିଛି ପରିବର୍ତ୍ତନ ହୋଇ ନାହିଁ। ଆଇପିଏସ୍ ଅଧିକାରୀମାନେ ବରିଷ୍ଠ ପଦବୀ ଦଖଲ କରି ଚାଲିଛନ୍ତି। ସେବା ନିୟମ ଆଢୁଆଳରେ ରହିଯାଇଛି । ଅବମାନନା ଆବେଦନରେ ଯୁକ୍ତି କରାଯାଇଛି ଯେ ଏହା ଏକ ବିଳମ୍ବ ନୁହେଁ ବରଂ ଏହା ପ୍ରକ୍ରିୟାଗତ ତଥା ଯୋଜନାବଦ୍ଧ ଭାବରେ ଆଇନର ଅବମାନନା। ଏବେକାର ବ୍ୟବସ୍ଥାର ସମର୍ଥକମାନେ ଯୁକ୍ତି କରନ୍ତି ଯେ ଜାତୀୟ ସୁରକ୍ଷା ପାଇଁ ଆବଶ୍ୟକ ଗୁରୁତ୍ୱପୂର୍ଣ୍ଣ ରଣନୀତିକ ନିରୀକ୍ଷଣ ଏବଂ ପ୍ରଶାସନିକ ଅଭିଜ୍ଞତା ଆଇପିଏସ୍ ଅଧିକାରୀଙ୍କର ରହିଛି। ସିଏପିଏଫ୍ ଅଧିକାରୀଙ୍କୁ ସେମାନଙ୍କ ନିଜ ସଙ୍ଗଠନର ନେତୃତ୍ୱରୁ ସ୍ଥାୟୀ ଭାବରେ ବଞ୍ଚିତ କରାଯାଉଥିବାରୁ ଏହି ଯୁକ୍ତି ମୂଲ୍ୟହୀନ ମନେହୁଏ।

### ସିଏଟିଙ୍କ ନିର୍ଦ୍ଦେଶ

କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (ସିଏଟି) ସମୀର ୱାଙ୍ଖେଡେଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ କେତେ ଗମ୍ଭୀରତାର ସହିତ ନେଇଥିଲେ ତାହାକୁ ନେଇ ଯଦି କୌଣସି ସନ୍ଦେହ ଥିଲା, ତେବେ ସିଏଟି ନିର୍ଦ୍ଦେଶ ତାହାକୁ ସମାଧାନ କରିବା ଦରକାର। ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ 'କ୍ଷତିକାରକ' ଏବଂ ପ୍ରତିଶୋଧାତ୍ମକ ବୋଲି କହିବା ନ୍ୟାୟିକ ଦୃଷ୍ଟିରୁ କମ୍ ମହତ୍ତ୍ୱପୂର୍ଣ୍ଣ ନୁହେଁ। ଚାର୍ଜ ମେମୋରାଣ୍ଡମ୍‌କୁ ବାତିଲ କରିବା ସହ ସିବିଆଇସିକୁ ଆଗକୁ ବଢ଼ିବାକୁ ନିଷେଧ କରି, ସିଏଟି ଏକ ସ୍ପଷ୍ଟ ବାର୍ତ୍ତା ଦେଇଛି ଯେ, ନିୟମ ବଦଳାଇ କିମ୍ବା ଆଇନଗତ ଭାବରେ ଅସାମର୍ଥ୍ୟ ବିଷୟର ପୁନରାବୃତ୍ତି କରି ଶୃଙ୍ଖଳା ଲାଗୁ କରାଯାଇପାରିବ ନାହିଁ। ଟ୍ରିବ୍ୟୁନାଲ ଜାଣିପାରିଲେ ଯେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ଆଧାର କ'ଣ ହୋଇପାରିବ ସେ ବିଷୟରେ ସ୍ପଷ୍ଟ ଆଇନଗତ ସୀମା ଥିବା ସତ୍ତ୍ୱେ କର୍ତ୍ତୃପକ୍ଷ ଆଗକୁ ବଢୁଥିଲେ। ଏଭଳି କରିବା ଦ୍ୱାରା ଜଣାପଡ଼ିଥିଲା ଯେ, ସଂଶୋଧନ କରିବାର ଉଦ୍ଦେଶ୍ୟ କମ୍ ଏବଂ ଅଧିକ ଦଣ୍ଡଦାୟକ ଦେଖାଯାଉଥିଲା। ଭାରତର ପ୍ରବର୍ତ୍ତନ ଏଜେନ୍ସିଗୁଡ଼ିକ ପ୍ରାୟତଃ ଆଇନର ଶାସନ ଏବଂ ସଂସ୍ଥାଗତ ବିଶ୍ୱସନୀୟତା ବିଷୟରେ କୁହନ୍ତି। ତଥାପି ଏଠାରେ ସେମାନଙ୍କୁ ବ୍ୟବସ୍ଥା ସମ୍ପର୍କରେ ମନେ ପକାଇବାକୁ ପଡ଼ିଲା ଯେ, ନ୍ୟାୟ ବାହାରେ ଯେତିକି ପ୍ରଯୁଜ୍ୟ ଭିତରେ ମଧ୍ୟ ସେତିକି ଆବଶ୍ୟକ । ଏହି ଆଦେଶ ୱାଙ୍ଖେଡେଙ୍କୁ ନେଇ ଉଠୁଥିବା ପ୍ରତ୍ୟେକ ଅଭିଯୋଗରୁ ମୁକ୍ତ କରେ ନାହିଁ। ଏହା ଯାହା କରିଛି ତାହା କୌଣସି ଛୋଟ କଥା ନୁହେଁ। ତାହା ହେଉଛି ବୈଧ ନିରୀକ୍ଷଣ ଏବଂ ପ୍ରଶାସନିକ ଦଣ୍ଡବିଧାନ ମଧ୍ୟରେ ଏକ ସୀମାରେଖା ଟାଣିଛି। ଆଜିର ଅଭିଯୋଗଯୁକ୍ତ ଅମଲାତାନ୍ତ୍ରିକ ପରିବେଶରେ ସେହି ପାର୍ଥକ୍ୟ ଅଧିକ ମୂଲ୍ୟବାନ୍।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | 2 | 9 | 8 | | 3 |
| | | | | 1 | 5 | | 7 | |
| 2 | 7 | | 3 | | 4 | | | |
| | 3 | | | | | 1 | | |
| 5 | 6 | | | | | 7 | 3 | 8 |
| 8 | | 2 | | 7 | | 5 | | 6 |
| 1 | 2 | | 4 | | | 3 | 6 | |
| | | | | | | | | 2 |
| | 5 | 9 | 2 | 6 | 8 | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 2 | 7 | 4 | 3 | 1 | 8 | 6 |
| 8 | 1 | 4 | 5 | 9 | 6 | 3 | 7 | 2 |
| 3 | 7 | 6 | 2 | 8 | 1 | 9 | 4 | 5 |
| 4 | 8 | 9 | 3 | 7 | 5 | 2 | 6 | 1 |
| 1 | 5 | 7 | 6 | 2 | 8 | 4 | 9 | 3 |
| 2 | 6 | 3 | 4 | 1 | 9 | 7 | 5 | 8 |
| 9 | 3 | 1 | 8 | 6 | 7 | 5 | 2 | 4 |
| 6 | 2 | 5 | 9 | 3 | 4 | 8 | 1 | 7 |
| 7 | 4 | 8 | 1 | 5 | 2 | 6 | 3 | 9 |

ଗତକାଲିର ଉତ୍ତର

# ବିକାଶ: ସ୍ୱପ୍ନ ଓ ବାସ୍ତବତା



ଡ଼. ସନ୍ତୋଷ କୁମାର ମହାପାତ୍ର

ଖବରକାଗଜ ବା ଟିଭି ଚାନେଲ ଖୋଲିଲେ ବିକଶିତ ଭାରତ କଥା ଶୁଣିବାକୁ ବା ପଢ଼ିବାକୁ ମିଳେ, କିନ୍ତୁ ସେହି ବିକଶିତ ଭାରତର ସ୍ୱରୂପ କ'ଣ ହେବ, କାହାର କେତେ ଲାଭ, କିଏ ସେପର୍ଯ୍ୟନ୍ତ ବଞ୍ଚିଥିବ କେହି କହିପାରୁ ନାହାନ୍ତି? ଜଳବାୟୁ ପରିବର୍ତ୍ତନ ଜନିତ ଯେଉଁ ଜିଡିପି ହ୍ରାସ ପାଇବ ଏବଂ ବାୟୁମଣ୍ଡଳ ଦୂଷିତ, ଖାଦ୍ୟ ଭେଜାଲ ଓ ଜୀବନଶୈଳୀ ଜନିତ ରୋଗ ଯୋଗୁ ଯେଉଁ ଭୟଙ୍କର କ୍ଷତି ମାନବ ସମାଜକୁ ସମ୍ମୁଖୀନ ହେବାକୁ ପଡ଼ିବ ତାହା ଶାସକ ଶ୍ରେଣୀ କହୁନାହାନ୍ତି? ଭାରତର କିଛି ପ୍ରମୁଖ ସହରରେ ଭୂପୃଷ୍ଠର ଜଳପତ୍ତନ ବହୁମାତ୍ରାରେ ହ୍ରାସ ପାଇ ଭୟଙ୍କର ସମସ୍ୟା ସୃଷ୍ଟି କରିବାକୁ ଯାଉଛି। ସାମାଜିକ ସମସ୍ୟା ଆହୁରି ଭୟଙ୍କର। ଗତ ଗଣତନ୍ତ୍ର ଦିବସ ପାଳନ ବେଳେ ୫ ବର୍ଷର ଝିଅ ଦୁଷ୍କର୍ମର ଶିକାର ହେବାର ହୃଦୟବିଦାରକ ଖବର ଶୁଣିବାକୁ ମିଳିଥିଲା। ସ୍ୱପ୍ନ ଦେଖାଇ କ୍ଷମତା ଧରିରଖିବା ଓ ବର୍ତ୍ତମାନର ସମସ୍ୟାରୁ ଲୋକଙ୍କୁ ଦୂରେଇ ରଖିବା ପାଇଁ ହୁଏତ ସମ୍ଭବ ହୋଇପାରେ, କିନ୍ତୁ ଭବିଷ୍ୟତ ପିଢ଼ିଙ୍କ କଥା ଶାସକ ଶ୍ରେଣୀ ଭୁଲିଯିବା ଅନୁଚିତ। ଆଗାମୀ ପିଢ଼ିଙ୍କ ଭବିଷ୍ୟତ ଖରାପ ହେଲେ ଧନୀ, ଗରିବ, ନେତା, ମନ୍ତ୍ରୀ ଓ କ୍ଷମତାଶାଳୀ ଆଦି ସମସ୍ତଙ୍କର ପିଲା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବେ। ଯେଉଁ ବୁଦ୍ଧିଜୀବୀ ନୀରବ ରହୁଛନ୍ତି ବା ଏପରି ସ୍ଲୋଗାନକୁ ବିରୋଧ କରୁନାହାନ୍ତି, ସେମାନେ ଭୁଲ୍ କରୁଛନ୍ତି। ଜୀବନ କେତେ ଅନିଶ୍ଚିତ ବୋଲି କରୋନା ମହାମାରୀରୁ ଆମେ କିଛି ଶିଖିଲେ ନାହିଁ। ବେକାରି, ଦାରିଦ୍ର୍ୟ, ପୁଷ୍ଟିହୀନତା ଆଜି ବ୍ୟାପକ, କୋଟି କୋଟି ଯୁବତୀଯୁବକ ବେକାର। ଶିକ୍ଷା, ସ୍ୱାସ୍ଥ୍ୟ ଆଜି ଅପହଞ୍ଚ। କ୍ଷମତା, ପ୍ରଚୁର ଅର୍ଥ ନ ଥିଲେ କେହି ପଚାରିବେ ନାହିଁ।

ଦାରିଦ୍ର୍ୟ ଦୂର ଅର୍ଥ ନୁହେଁ ଖାଲି ଦି ଓଳି ଖାଇବା ; ଏକ ସରସ ସୁନ୍ଦର ତଥା ଗୁଣାତ୍ମକ ଜୀବନ ବଞ୍ଚିବାର ପରିବେଶ ସୃଷ୍ଟି କରିବା। ଯଦି ଏତେ ବିକାଶ ହେଉଛି, ତେବେ ୮୦ କୋଟି ଲୋକଙ୍କୁ କାହିଁକି ଖାଦ୍ୟ ସହାୟତା ଯୋଗାଇବାକୁ ପଡୁଛି? ଆମେ ଏଠାରେ କହୁ ନାହୁଁ ଏହି ସରକାର ଦାୟୀ ଏବଂ ପୂର୍ବ ସରକାର ଭଲ, କିନ୍ତୁ ପ୍ରଶ୍ନ ହେଉଛି ଲୋକଙ୍କ ଅଭାବ, ଅନଟନ ତଥା ବିଭିନ୍ନ ସମସ୍ୟା ବେଶି ଆଲୋଚନା ହେବା ଉଚିତ। ପ୍ରଭୁ ରାମଚନ୍ଦ୍ର ସର୍ବଦା ପ୍ରଜାଙ୍କ ଭଲ ମନ୍ଦ ଜାଣିବା ପାଇଁ ଚେଷ୍ଟା କରୁଥିଲେ, ପ୍ରଚାରରେ ଲିପ୍ତ ରହୁ ନ ଥିଲେ। ଯେତେବେଳେ ବିକାଶ ଓ ପ୍ରଗତି କଥା ପ୍ରଚାର କରାଯାଉଛି, ସେତେବେଳେ ଅର୍ଥନୀତି ସମ୍ମୁଖରେ କିଛି ଭୟଙ୍କର ସମସ୍ୟା ଦେଖାଦେଇଛି। ୨୦୦୭ ରେ ଭାରତ ନିମ୍ନ-ଆୟ ଶ୍ରେଣୀରୁ ନିମ୍ନ-



ମଧ୍ୟମ ଆୟ ଦେଶର ଶ୍ରେଣୀକୁ ପ୍ରବେଶ କରିଥିଲେ ମଧ୍ୟ ପ୍ରାୟ ଦୁଇ ଦଶକ ଧରି ସେଇ ଶ୍ରେଣୀରେ ଅଟକି ରହିଛି। ନିରନ୍ତର ଉଚ୍ଚ ଆର୍ଥିକ ବୃଦ୍ଧି ହାର ସତ୍ତ୍ୱେ, ଭାରତର ମୁଣ୍ଡପିଛା ଆୟ କ୍ରୟ ଶକ୍ତି ସମତା ଦୃଷ୍ଟିରୁ ସମ୍ପ୍ରତି ବର୍ଷଗୁଡ଼ିକରେ ହାରାହାରି ୨୪୦୦ ଡଲାର ୨୭୦୦ ମଧ୍ୟରେ ରହିଛି, ଯେତେବେଳେ ଉଚ୍ଚ -ମଧ୍ୟମ ଆୟ ଶ୍ରେଣୀ (୪୪୬୬ ୧୩,୮୪୫ ଡଲାର) ଏବଂ ଉଚ୍ଚ-ଆୟ ଶ୍ରେଣୀ (୧୩, ୮୪୫ ଡଲାର ଠାରୁ ଅଧିକ) ପାଇଁ ଆବଶ୍ୟକ ସୀମାଠାରୁ ବହୁତ କମ୍। ୨୦୨୫ରେ ୨୮୧୮ଡଲାରରେ ପହଞ୍ଚିଛି। ଯଦି ୨୦୪୭ ବର୍ଷ ବେଳକୁ ମୁଣ୍ଡପିଛା ଆୟ ଅଧିକ ହୁଏ, ସେତେବେଳେ ଉଚ୍ଚ-ଆୟ ଶ୍ରେଣୀର ମାନଦଣ୍ଡ ସଂଶୋଧିତ ହୋଇ ବହୁ ଅଧିକ ହୋଇଯାଇଥିବ, ଯାହା କେହି କହୁ ନାହାନ୍ତି। ପୁନଶ୍ଚ ଭାରତ ମୁଣ୍ଡପିଛା ଆୟ ଦୃଷ୍ଟିରୁ ୧୪୪ ଓ କ୍ରୟଶକ୍ତି ମୁଣ୍ଡପିଛା ଆୟ ଦୃଷ୍ଟିରୁ ୧୨୫ ସ୍ଥାନରେ ଅଛି। ବିଶ୍ୱବ୍ୟାଙ୍କ ଅନୁସାରେ ଭରତ ମଧ୍ୟମ-ଆୟ ଫାନ୍ଦରେ ସବୁଦିନେ ପଡ଼ିଯିବାର ଆଶଙ୍କାରେ ରହନ୍ତି।

ବାହ୍ୟ କ୍ଷେତ୍ରର ପରିସ୍ଥିତି ମଧ୍ୟ ଗଭୀର ଚିନ୍ତା ସୃଷ୍ଟି କରିଛି। ମୋଟ ଆକାରରେ ବିଦେଶୀ ପ୍ରତ୍ୟକ୍ଷ ବିନିଯୋଗ (ଏଫଡିଆଇ) ୨୦୨୪-୨୫ ମସିହାରେ ପ୍ରାୟ ୮୧ ବିଲିୟନ ଡଲାରରେ ପହଞ୍ଚିଥିବା ସତ୍ତ୍ୱେ, ନିଟ୍ ଏଫଡିଆଇ ଆଶ୍ଚର୍ଯ୍ୟଜନକ ଭାବରେ ହ୍ରାସ ପାଇଛି। ୨୦୨୪-୨୫ ମସିହାରେ ନିଟ ଏଫଡିଆଇ ପ୍ରାୟ ୯୬% ହ୍ରାସ ପାଇ ୦.୪ ବିଲିୟନ ଡଲାରରେ ପହଞ୍ଚିଛି। ଏହାର ପ୍ରଧାନ କାରଣ ହେଲା ବିଦେଶୀ କମ୍ପାନୀମାନଙ୍କ ଦ୍ୱାରା ଲାଭ ନିଜ ଦେଶକୁ ନେଇଯିବା ଓ ଭାରତୀୟ କମ୍ପାନୀମାନେ ବିଦେଶରେ ବେଶି ନିବେଶ କରିବା। ବହିର୍ମୁଖୀ ବା ଆଉଟୱାର୍ଡ ଏଫ୍‌ଡିଆଇ ୨୦୨୩-୨୪ ମସିହାର ୧୬.୭ ବିଲିୟନ ଡଲାର ହୋଇଥିଲାବେଳେ ୨୦୨୪-୨୫ ମସିହାରେ ୨୯.୨ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ଏହା ସ୍ପଷ୍ଟ ହୁଏ ଯେ ଭାରତୀୟ କର୍ପୋରେଟମାନେ ଭାରତ ଅପେକ୍ଷା ବିଦେଶରେ ଅଧିକ ଭଲ ସୁଯୋଗ ଦେଖୁଛନ୍ତି। ଆର୍ଥିକ ବଜାରରେ ମଧ୍ୟ ସମାନ ଚାପ ପ୍ରତିଫଳିତ ହେଉଛି। ୨୦୨୫ ମସିହାରେ ବିଦେଶୀ ପୋର୍ଟଫୋଲିଓ ନିବେଶକମାନେ ପ୍ରାୟ୧.୫୮ ଲକ୍ଷ କୋଟି ଟଙ୍କାର ଇକ୍ୱିଟି ବା ଅଂଶଧନ ପ୍ରତ୍ୟାହାର କରିନେଇଥିଲେ, ଯାହା କୌଣସି ବର୍ଷରେ ସର୍ବାଧିକ। ଏହି ପ୍ରବୃତ୍ତି ୨୦୨୬ରେ ମଧ୍ୟ ଜାରି ରହିଛି। ଦେଶୀୟ ସଂସ୍ଥାଗତ ନିବେଶକମାନେ କିଛି ପରିମାଣରେ ଏହାକୁ ସନ୍ତୁଳିତ କରିଥିଲେ ମଧ୍ୟ ବିଦେଶୀ ନିବେଶକଙ୍କ ଆତ୍ମବିଶ୍ୱାସ ଦୁର୍ବଳ ରହିଛି। ମୁଦ୍ରା ବଜାର ମଧ୍ୟ ଏହି ଚାପକୁ ପ୍ରତିବିମ୍ବିତ କରିଛି। ୨୦୨୫ ଆରମ୍ଭରେ ପ୍ରାୟ ପ୍ରତି ଡଲାର ମୂଲ୍ୟ ୮୫.୮୦ ଟଙ୍କା ଥିବାବେଳେ ଡିସେମ୍ବର ୨୦୨୫ ମସିହାରେ ପ୍ରଥମଥର ପାଇଁ ୯୦ ଟଙ୍କା ସୀମା ଅତିକ୍ରମ କରି ୯୦.୩୦ ଟଙ୍କା ପର୍ଯ୍ୟନ୍ତ ଐତିହାସିକ ନିମ୍ନସ୍ତରକୁ ଛୁଇଁଥିଲା। ୨୦୨୬ ଜାନୁଆରୀ ୨୬ ସୁଦ୍ଧା ଏହା ୯୧.୭୧ ଟଙ୍କାକୁ ପୁନଶ୍ଚ ହ୍ରାସ ପାଇଛି।୨୦୨୫ରେ ଟଙ୍କାର ୬% ଅବମୂଲ୍ୟାୟନ ହୋଇ ଏସିଆର ସବୁଠାରୁ ଖରାପ ପ୍ରଦର୍ଶନକାରୀ ମୁଦ୍ରାମାନଙ୍କ ମଧ୍ୟରେ ଗଣାଯାଇଛି। ଏହାର ପ୍ରଧାନ କାରଣ ହେଲା ବିଦେଶୀ ନିବେଶକଙ୍କ ପୁଞ୍ଜି ପ୍ରତ୍ୟାହାର, ଆମଦାନୀ ରପ୍ତାନିଠାରୁ ବହୁ ଅଧିକ ହେବା ଏବଂ ଡଲାର ଚାହିଦା ଯୋଗାଣଠାରୁ ବୃଦ୍ଧି ପାଇବା।

ଘରୋଇ ଆର୍ଥିକ ଅବସ୍ଥା ଆହୁରି ଭୟଙ୍କର। ଭାରତୀୟ ପରିବାରମାନେ ଖର୍ଚ୍ଚ ଜାରି ରଖିବା ପାଇଁ ଋଣ ଉପରେ ନିର୍ଭର କରୁଛନ୍ତି, ଯାହା ପାରମ୍ପରିକ ସଞ୍ଚୟ ଅଭ୍ୟାସର ବିରୋଧୀ। ରିଜର୍ଭ ବ୍ୟାଙ୍କ ତଥ୍ୟ ଅନୁସାରେ, ୨୦୧୯ରୁ ୨୦୨୫ ମଧ୍ୟରେ ପାରିବାରିକ ଦେୟ ପ୍ରାୟ ୧୦୨% ବୃଦ୍ଧି ପାଇଥିବା ବେଳେ ସମ୍ପତ୍ତି କେବଳ ୪୮% ବୃଦ୍ଧି ପାଇଛି। ୨୦୨୩-୨୪ରେ ପାରିବାରିକ ଋଣ ଜିଡିପିର ପ୍ରାୟ ୪୧.୩%ରେ ପହଞ୍ଚିଛି, ଯାହା ହାରାହାରି ପାଞ୍ଚ ବର୍ଷୀୟ ୩୮.୩%ଠାରୁ ଅଧିକ। ତୁଳନା ସ୍ୱରୂପ, ୨୦୨୨-୨୩ ମସିହାରେ ପାରିବାରିକ ଋଣ ଜିଡିପିର ପ୍ରାୟ ୩୭.୯% ଥିଲା। ଏହା ସହ ପାରିବାରିକ ନିଟ୍ ଆର୍ଥିକ ସଞ୍ଚୟ ଭୟଙ୍କର ଭାବେ ହ୍ରାସ ପାଇଛି। ୨୦୨୦-୨୧ରେ ଏହା ଜିଡିପିର ୧୧.୫% ଥିଲାବେଳେ ୨୦୨୩-୨୪ରେ ପ୍ରାୟ ୫.୪%କୁ ହ୍ରାସ ପାଇଛି, ଯାହା ଚାରି ଦଶକରେ ପ୍ରାୟ ସବୁଠାରୁ କମ୍। ୨୦୧୩-୧୪ରେ ଆର୍ଥିକ ଦେୟ ଜିଡିପିର ୩.୨% ଥିଲାବେଳେ ୨୦୨୩-୨୪ରେ ଜିଡିପିର ୬.୪%କୁ ବୃଦ୍ଧି ପାଇଛି, ଯାହା ଗତ ୧୭ବର୍ଷରେ ସର୍ବନିମ୍ନ, ଅର୍ଥାତ ୨୦୦୭ର ବିଶ୍ୱ ଆର୍ଥିକ ସଙ୍କଟ ସମୟର ସ୍ତର ସହ ସମାନ। ମୋଟ ଆଭ୍ୟନ୍ତରୀଣ ସଞ୍ଚୟ, ଯାହା ୨୦୦୭-୦୮ରେ ୩୬.୭% ଥିଲା, ବର୍ତ୍ତମାନ ହାରାହାରି ୩୦% ରହିଛି, ଯାହା ଶୁଭ ସଂକେତ ନୁହେଁ । ଭାରତ ନିଜକୁ ଆଜି ମଧ୍ୟ ବିଶ୍ୱର ସବୁଠାରୁ ଦ୍ରୁତ ବୃଦ୍ଧିଶୀଳ ମୁଖ୍ୟ ଅର୍ଥ ବ୍ୟବସ୍ଥାଗୁଡ଼ିକ ମଧ୍ୟରୁ ଗୋଟିଏ ଭାବେ ପ୍ରଦର୍ଶନ କରୁଥିବା ସତ୍ତ୍ୱେ, ଏହି ବୃଦ୍ଧି ମାନବ କୁଶଳତାରେ ସମାନ ଉନ୍ନତି ଆଣିପାରିନି। ଲାଭର ଅଧିକାଂଶ ଉଚ୍ଚ-ଆୟ ଶ୍ରେଣୀରେ ସୀମିତ ରହିଛି, ଯାହା ଫଳରେ ଅସମାନତା ବଢୁଛି। ମାନବ ବିକାଶ ସୂଚକାଙ୍କ (ଏଚ୍‌ଡିଆଇ), ବିଶ୍ୱ କ୍ଷୁଧା ସୂଚକାଙ୍କ, ବିଶ୍ୱ ଖୁସି ସୂଚକାଙ୍କ ଆଦି ସୂଚକାଙ୍କରେ ଭାରତର ଦୟନୀୟ ସ୍ଥିତି ଚିନ୍ତାଜନକ ହୋଇଛି।

ମୋ:୯୪୩୭୨୦୮୭୬୨

# ଧୂଳିରେ ରୁନ୍ଧି ହେଉଛି ସହର



ଇନ୍ଦୁ ଭୂଷଣ ଭୂୟାଁ

ସହରୀ ସଭ୍ୟତାର ଅଭିବୃଦ୍ଧି ସହ ତାଳ ଦେଇ ବଢୁଛି ବାୟୁ ପ୍ରଦୂଷଣ। ବହୁ ସଂଖ୍ୟାରେ ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳ ଏହାର ପ୍ରମୁଖ କାରଣ । ସହରର ବାୟୁରେ ବର୍ଦ୍ଧିତ ଧୂଳିକଣାର ପରିମାଣ ଜନଜୀବନକୁ କ୍ଷତି ପହଞ୍ଚାଉଛି। ଏହାର ପ୍ରଭାବରେ ବିଭିନ୍ନ ପ୍ରକାର ରୋଗ ସୃଷ୍ଟି ହେଉଛି। ଏବେଠୁ ନିରାକରଣ ବ୍ୟବସ୍ଥା ଗ୍ରହଣ ନ କଲେ ଆଗାମୀ ଦିନରେ ଏସବୁର ମାତ୍ରା ଯେ ତୀବ୍ରରୂପ ଧାରଣ କରିବ ସେନେଇ ଆଶଙ୍କା ପ୍ରକାଶ ପାଇଲାଣି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କଟକ ସହରର ତିନି ସ୍ଥାନରେ ବାୟୁ ପ୍ରଦୂଷଣକୁ ମାପିବା ପାଇଁ ଯନ୍ତ୍ର ସ୍ଥାପନ କରାଯାଇଛି। ଏହାଦ୍ୱାରା ବାୟୁରେ ଥିବା ସଲ୍‌ଫର ଡାଇଅକ୍ସାଇଡ, ନାଇଟ୍ରୋଜେନ ଡାଇଅକ୍ସାଇଡ ଶ୍ୱାସକ୍ରିୟାରେ ନେଇ ହେଉଥିବା ୧୦ ମାଇକ୍ରୋନରୁ କମ୍ ଓ ୨.୫ ମାଇକ୍ରୋନ୍‌ରୁ କମ୍ ଆକାର ବିଶିଷ୍ଟ ଧୂଳିକଣାର ପରିମାଣକୁ ପରୀକ୍ଷା କରାଯାଉଛି।

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସୁପାରିସ ଅନୁସାରେ ପ୍ରତି ଘନମିଟର ବାୟୁରେ ମାଇକ୍ରୋଗ୍ରାମ୍ ଏକକରେ ଦୈନିକ ହାରାହାରି ସଲ୍‌ଫର ଡାଇଅକ୍ସାଇଡର ମାତ୍ରା ୮୦, ନାଇଟ୍ରୋଜେନ ଡାଇଅକ୍ସାଇଡର ମାତ୍ରା ୧୦, ୧୦ ମାଇକ୍ରୋନରୁ କମ୍ ଆକାର ଧୂଳିକଣାର ମାତ୍ରା ୧୦୦ ଓ ୨.୫ ମାଇକ୍ରୋନରୁ କମ୍ ଆକାର ଧୂଳିକଣାର ମାତ୍ରା ୬୦ ରହିଲେ କ୍ଷତିକାରକ ନୁହେଁ। ମାତ୍ର ୨୦୨୪-୨୫ରେ ରାଜ୍ୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ପ୍ରସ୍ତୁତ ବାର୍ଷିକ ରିପୋର୍ଟ ଅନୁସାରେ ପ୍ରତି ଘନମିଟର ବାୟୁରେ ୧୦ ମାଇକ୍ରୋନ୍‌ରୁ କମ୍ ଆକାର ଧୂଳିକଣାର ହାରାହାରି ପରିମାଣ ବାଦାମବାଡ଼ିଠାରେ ୧୯୨, ସୂର୍ଯ୍ୟବିହାରଠାରେ ୧୬୧ ଓ ବାରବାଟୀ ଷ୍ଟାଡିୟମଠାରେ ୩୪୪ ରହିଥିଲା। କଟକରେ ଅନ୍ୟ ଉପାଦାନଗୁଡ଼ିକ ନିରାପଦ ପରିମାଣରେ ଥିବାବେଳେ ଧୂଳିକଣାର ହାରାହାରି ମାତ୍ରା ୨ଗୁଣରୁ ୩ଗୁଣ ବିପଦରେ ରହିଛି। ଭୁବନେଶ୍ୱର ସହରର ୫ଟି ସ୍ଥାନରେ ଲାଗିଥିବା ବାୟୁ ପ୍ରଦୂଷଣ ମାପ ଯନ୍ତ୍ରଗୁଡ଼ିକରୁ ମିଳିଥିବା ତଥ୍ୟରୁ ପ୍ରଦୂଷଣ ମାତ୍ରା କେତେକ ସ୍ଥାନରେ କଟକଠାରୁ କମ୍ ଥିବାବେଳେ କେତେକ ସ୍ଥାନରେ ଅଧିକ ଥିବା ଜଣାଯାଇଛି।

ପରିବେଶ ବିଜ୍ଞାନୀଙ୍କ କହିବା ଅନୁଯାୟୀ, ସହରରେ ବହୁସଂଖ୍ୟକ ଗାଡ଼ିରୁ ନିର୍ଗତ ଧୂଆଁ, ଓ ସେଗୁଡ଼ିକର ଚଳାଚଳ ଯୋଗୁ ହେଉଥିବା ଧୂଳି, ଖୋଲାଯାନରେ ମାଲ ପରିବହନ, ନିର୍ମାଣ ସାମଗ୍ରୀ ବିକ୍ଷିପ୍ତ ଭାବେ ପକାଇବା ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ହୋଇଛି। ଡ୍ରେନ୍‌ରୁ ବାହାର କରାଯାଉଥିବା ଆବର୍ଜନାଗୁଡ଼ିକ ଶୁଖାଇବା ପାଇଁ ଦୀର୍ଘଦିନ ଧରି ରାସ୍ତା ପାର୍ଶ୍ୱରେ ପକାଇ ରଖାଯାଉଥିବା କାରଣରୁ ଧୂଳିକଣା ବାୟୁରେ ମିଶୁଛି। ଏଭଳି ପରିସ୍ଥିତି ନଭେମ୍ବରରୁ ମେ' ଯାଏ ଅଧିକ ହୋଇଥାଏ। ଏସବୁ ପ୍ରତି ସମସ୍ତେ ସଚେତନ ହେଲେ ପ୍ରଦୂଷଣକୁ କେତେକାଂଶରେ ରୋକାଯାଇପାରିବ। ଡାକ୍ତରମାନଙ୍କ କହିବା ଅନୁଯାୟୀ ବାୟୁ ମଣ୍ଡଳରେ ଧୂଳିକଣାର ପରିମାଣ ବୃଦ୍ଧି ଘଟିଲେ ମଣିଷ ଶ୍ୱାସକ୍ରିୟାରେ ସେଗୁଡ଼ିକୁ ଗ୍ରହଣ କରିବ। ଏହାଦ୍ୱାରା ମୁଣ୍ଡବିନ୍ଧା, ଟିବି, ଆଜମା ଆଦି ଶ୍ୱାସଜନିତ ରୋଗ ହେବା ସହ ଶିଡ଼ି ଚଢ଼ିବା ବେଳେ ଧଇଁସଇଁ ହେବା ଭଳି ଅନେକ ପ୍ରକାର ରୋଗରେ ସହରୀ ଲୋକ ପୀଡ଼ିତ ହେଉଛନ୍ତି।



ପ୍ରଦୂଷଣ ନିୟନ୍ତ୍ରଣ ବାହାନାରେ ସାଧାରଣ ଜନତାଙ୍କ ଉପରେ ବିଭିନ୍ନ ବାଟରେ ସରକାର ଜରିମାନା ଲଗାଉଥିବାବେଳେ ପ୍ରଶାସନକୃତ ପରିବେଶ ପ୍ରଦୂଷଣ ଚରମ ସୀମାରେ ପହଞ୍ଚିଛି। ବାୟୁ ପ୍ରଦୂଷଣ ପାଇଁ ଯାନବାହନ ଉପରେ ପ୍ରଦୂଷଣ ପ୍ରମାଣପତ୍ର ଆଳରେ ଜରିମାନା ଲାଗୁହେଉଛି, କିନ୍ତୁ ରାସ୍ତାରେ କେଉଁଠି ବହଳ ବହଳ ଧୂଳି ତ କେଉଁଠି ଆବର୍ଜନା ଗଦା ଗଦା ହୋଇ ସ୍ଥାନୀୟ ପରିବେଶକୁ ବିଷାକ୍ତ କରିଦେଉଛି। ଏ ବାବଦ ଯେଉଁ କ୍ଷତି ହେଉଛି ଏଥିନିମିତ୍ତ ବାୟୁମଣ୍ଡଳ ପ୍ରଦୂଷଣ ହେବା ସହିତ ଦୁର୍ଘଟଣାରେ ମଧ୍ୟ ଧନ ଜୀବନ ହାନି ଘଟୁଛି। ଏ କ୍ଷତିପୂରଣ ସରକାର ଭରଣା କରିବା କଥା। ଏହା ବେଶ୍ ଭଲ ଭାବେ ସମସ୍ତଙ୍କୁ ଜଣା ଯେ ହଜାର ବର୍ଷର କଟକ ସହରର ବାୟୁ ମଣ୍ଡଳର ସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଗତ କିଛିଦିନ ତଳେ କଟକ ସିଡିଏକୁ ଯାଇଥିବାବେଳେ କୁହୁଡ଼ିର ଆଚ୍ଛନ୍ନ ପରିବେଶ ଫର୍ଚ୍ଚା ହେଲାବେଳକୁ ଦିନ ୧୨ଟା ପରେ। ଇଆଡ଼େ ସହରର ବାୟୁମଣ୍ଡଳରେ ଧୂଳି, ବାଲି ଓ ସୂକ୍ଷ୍ମକଣିକାର ମାତ୍ରା ବଢ଼ି ଚାଲିଥିବାରୁ ବାୟୁର ଗୁଣାତ୍ମକମାନ ବିଗିଡ଼ିଛି ବୋଲି ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ସହରର ବାୟୁମଣ୍ଡଳର ଏକ୍ୟୁଆଇ ୧୮୦ରୁ ଆରମ୍ଭ କରି ୩୦୦ ପର୍ଯ୍ୟନ୍ତ ରହୁଛି, ଯାହାକି ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଘାତକ। କଟକ ସହରର ବାୟୁ ପ୍ରଦୂଷଣର କାରଣ ମୁଖ୍ୟତଃ ପ୍ରଶାସନକୃତ କହିଲେ ଅତ୍ୟୁକ୍ତି ହେବନାହିଁ। ଯାନବାହନଜନିତ ପ୍ରଦୂଷଣ ତ ହେଉଛି ତା' ସହିତ ସବୁଜ ବଳୟ ହ୍ରାସ ପାଉଛି। ବିଭିନ୍ନ ଘର ନିର୍ମାଣ ଓ ଘର ଭଙ୍ଗାର ଆବର୍ଜନା ଖୋଲାମେଲାରେ ରହୁଥିବାରୁ ବିଷାକ୍ତ ବାଷ୍ପ ନିର୍ଗତ ହେଉଛି। ଏସବୁ ବାୟୁ ମଣ୍ଡଳରେ ସୂକ୍ଷ୍ମକଣିକା, ଯାହାକୁ ନାନୋ ପାର୍ଟିକିଲ୍ ବା ଅଲଟ୍ରା ଫାଇନ ପାର୍ଟିକିଲ୍ ବୃଦ୍ଧିରେ ସହାୟକ ହୋଇ ପ୍ରାଣିଜଗତ ପ୍ରତି ବିପଦ ସୃଷ୍ଟି କରୁଛି। କଟକ ସହରରେ ଏବେ ବି ବାଲି, ମାଟି, କଠିନ ଆବର୍ଜନା ଖୋଲାରେ ପରିବହନ ହେଉଛି। ବିନା ପରିଶୋଧନରେ ତରଳ ଆବର୍ଜନା ଜଳାଶୟକୁ ଛଡ଼ା ଯାଉଛି। ଏ କ୍ଷେତ୍ରରେ ସମସ୍ତଙ୍କର ଗୁରୁଦାୟିତ୍ୱ ରହିଛି ଘରର ଆବର୍ଜନା ଅଳିଆ ଗାଡ଼ିକୁ ନିଶ୍ଚିତ ଭାବରେ ଦେବା, ନିଜ ପରିବେଶ ଓ ଘରର ଚତୁଃପାର୍ଶ୍ୱକୁ ସଫାସୁତରା ରଖିବା, ଖୋଲା ପାଣିର ଅପଚୟ କରିବା ନାହିଁ । ପରିବେଶ ପାଇଁ ପ୍ରଶାସନ ମଧ୍ୟ ଠିକ୍ ଢଙ୍ଗରେ କାର୍ଯ୍ୟ କରିବା ସହିତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଭିନ୍ନ ଏନ୍‌ଜିଓ ତଥା ଅନୁଷ୍ଠାନମାନଙ୍କୁ ନେଇ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯିବା ମଧ୍ୟ ଜରୁରୀ।

ପୁରୁଣା ସୋନାରି, ଜାମସେଦପୁର
ମୋ: ୭୪୮୮୯୯୮୫୩୨

## ଏଇ ଭାରତରେ

ଦେଶର ଗ୍ରାମାଞ୍ଚଳରେ ଜଳ ସଙ୍କଟ ଦୂର କରିବା ପାଇଁ ସବୁ ଗାଁକୁ ପାଇପ୍ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଯୋଜନା କାର୍ଯ୍ୟକାରୀ କରାଯାଇଥିଲେ ମଧ୍ୟ ତାହା ଏବେ ସୁଦ୍ଧା ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ପ୍ରଚାର ଯେଭଳି କରାଗଲା ସେହି ଅନୁଯାୟୀ ଫଳ ମିଳିଲା ନାହିଁ। ଏବେ ମଧ୍ୟ ଦେଶର ବହୁ ଗ୍ରାମ ପାନୀୟ ଜଳ ପାଇବାରୁ ବଞ୍ଚିତ ରହିଛନ୍ତି। ଏହି କ୍ରମରେ ସରକାରଙ୍କ ବିଫଳତାକୁ ଦୂରକରିବା ପାଇଁ ପାନୀୟ ଜଳ ଯୋଗାଇ ଦେବା ସକାଶେ କେତୋଟି ବେସରକାରୀ ସଂସ୍ଥା ଉଦ୍ୟମ କରୁଛନ୍ତି। ସେମାନଙ୍କ ମଧ୍ୟରେ କୋଲକାତାର ମେଘଦୂତ ଫାଉଣ୍ଡେଶନର ପଦକ୍ଷେପ ଅନ୍ୟତମ, ଯାହା ଜୟଦୀପ ମୁଖାର୍ଜୀଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଛି। ଏହି ଫାଉଣ୍ଡେଶନ ପକ୍ଷରୁ ପଶ୍ଚିମବଙ୍ଗ ବୀରଭୂମ ଜିଲା ରାସପୁର ଗାଁରେ ଏକ ୱାଟର ଫିଲ୍‌ଟ୍ରେଶନ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇ କମ୍ୟୁନିଟି ଟ୍ୟାପ୍ ମାଧ୍ୟମରେ ଲୋକଙ୍କୁ ପାଣି ଯୋଗାଇ ଦିଆଯାଉଛି। ଏହି ଗାଁରେ ୧୦୦ ପରିବାରରେ ରହୁଛନ୍ତି ୩୦୦୦ରୁ ଊର୍ଦ୍ଧ୍ୱ ଲୋକ । ଗାଁରେ ୱାଟର ଫିଲ୍‌ଟ୍ରେଶନ ପ୍ଲାଣ୍ଟ ନିର୍ମାଣ ହେବା ପୂର୍ବରୁ ମହିଳାମାନେ ଗାଁଠାରୁ ଦୂରରେ ଥିବା ଟ୍ୟୁବ୍‌ୱେଲରୁ ଆର୍ସେନିକ ଏବଂ ଅନ୍ୟ ସବୁ ପ୍ରଦୂଷିତ କଣିକା ଥିବା ପାଣି ଆଣି ପିଉଥିଲେ ଏବଂ ଅନେକ ସମୟରେ ରୋଗରେ ପୀଡ଼ିତ ହେଉଥିଲେ। ଏବେ ଗ୍ରାମବାସୀ ଦିନକୁ ଦୁଇଥର ୱାଟର ଫିଲ୍‌ଟ୍ରେଶନ ପ୍ଲାଣ୍ଟରୁ ପିଇବା ପାଣି ନେଉଛନ୍ତି। ଏଭଳି ପଦକ୍ଷେପ ଦେଶର ଗ୍ରାମାଞ୍ଚଳରେ ପାନୀୟ ଜଳ ସଙ୍କଟ ଦୂରକରିବା ସକାଶେ ଏକ ନୂଆ ରାସ୍ତା ଦେଖାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୩୧ ଜାନୁଆରୀ ୧୯୭୭

- ରାଜ୍ୟରେ ଜନତା ଦଳ ପକ୍ଷରୁ 'ଯୁବ ଜନତା' ନାମରେ ଏକ ଯୁବ ସଙ୍ଗଠନ ଗଠନ କରାଯାଇଛି।
- ଇଜିପ୍ଟରେ ଦରଦାମ ବୃଦ୍ଧିକୁ କେନ୍ଦ୍ର କରି ତୁମୁଳ ଦଙ୍ଗାଗୋଳ ଘଟି ୭୮ ଜଣଙ୍କ ମୃତ୍ୟୁ।
- ଚୀନ ଓ ପାକିସ୍ତାନ ମଧ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସହଯୋଗ ପାଇଁ ଚୁକ୍ତି ସ୍ୱାକ୍ଷରିତ।

## ପାଠକ ଶ୍ରେଷ୍ଠ ବିଚାରକ

### ଫୁଡ୍ ବ୍ଲଗ୍ ଉପରେ ନିୟନ୍ତ୍ରଣ ନାହିଁ

ମହାଶୟ,

କଟକ, ଭୁବନେଶ୍ୱର ଭଳି ସହରରେ ଖାଦ୍ୟକୁ ନେଇ ଭିଡିଓ ପ୍ରସ୍ତୁତ କରୁଥିବା କ୍ରିଏଟରଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। ଟୁଇନସିଟିରେ ପ୍ରାୟ ଶହେରୁ ଅଧିକ ଫୁଡ ବ୍ଲଗର ଏବେ ଭିଡିଓ ପ୍ରସ୍ତୁତ କରି ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି। ହୋଟେଲ, ରେଷ୍ଟୁରାଣ୍ଟଠାରୁ ଆରମ୍ଭ କରି ଷ୍ଟ୍ରିଟ ଫୁଡ୍ ଯାଏ ସବୁଠି ପହଞ୍ଚି ଏମାନେ ଭିଡିଓ କରିଥାନ୍ତି। ଏହାର ଏକ ସକାରାତ୍ମକ ଦିଗ ରହିଛି। ଏମାନଙ୍କ ସୂଚନା ଆଧାରରେ ସାଧାରଣ ଲୋକେ କୌଣସି ନିର୍ଦ୍ଦିଷ୍ଟ ହୋଟେଲ, ରେଷ୍ଟୁରାଣ୍ଟ ବା ଷ୍ଟ୍ରିଟ ଫୁଡ ଷ୍ଟଲ ଉପରେ ବିସ୍ତୃତ ସୂଚନା ପାଇପାରୁଛନ୍ତି। ମୂଲ୍ୟ କେତେ, ଟେଷ୍ଟ କେମିତି, କେତେ ଭେରାଇଟି ଉପଲବ୍ଧ ସହ ବିଭିନ୍ନ ସୂଚନା ଲୋକେ ମୋବାଇଲ ମାଧ୍ୟମରେ ପାଇପାରିଥାନ୍ତି। କଣ୍ଟେଣ୍ଟ କ୍ରିଏଟରମାନେ ଖାଦ୍ୟପେୟ ପ୍ରସ୍ତୁତ କରୁଥିବା ବ୍ୟବସାୟୀଙ୍କ ଲାଗି ପ୍ରଚାର ପ୍ରସାର ଭିଡିଓ କରୁଛନ୍ତି। କିନ୍ତୁ ବ୍ୟବସାୟୀମାନେ କେତେ ସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି ସେ ଦିଗରେ ପ୍ରାୟ କାହାର ନିଘା ରହୁନାହିଁ। ତେବେ ଯେଉଁ ଭିଡିଓ ପ୍ରସ୍ତୁତ କରୁଛନ୍ତି ଭିଡିଓରେ ଅନେକ କଣ୍ଟେଣ୍ଟ କ୍ରିଏଟର ଏହା ବିଜ୍ଞାପନ ପ୍ରଚାରଧର୍ମୀ ବା ପ୍ରାୟୋଜିତ ଭିଡିଓ ବୋଲି ଉଲ୍ଲେଖ କରୁନାହାନ୍ତି। ଫଳରେ ଲୋକେ ଏହାକୁ ଦେଖି ପ୍ରଭାବିତ ହେବା ସହ ସ୍ୱାସ୍ଥ୍ୟକର ଖାଦ୍ୟ ଖାଉଛନ୍ତି କି ନାହିଁ ତାହା ଜାଣୁ ନାହାନ୍ତି। ବ୍ଲଗରମାନେ ଭିଡିଓ ପ୍ରସ୍ତୁତ କରି ସୋସିଆଲ ମିଡିଆରେ ପୋଷ୍ଟ କରିବା ପୂର୍ବରୁ ରିଏଲିଟି ଚେକ କରନ୍ତୁ। ବ୍ୟବସାୟ କେତେ ସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି ଦେଖି ଭିଡିଓ କରନ୍ତୁ।

-ଶ୍ୟାମସୁନ୍ଦର ସାମଲ, ସୁଭଦ୍ରା ନଗର, ବିଡ଼ାନାସୀ, କଟକ

## ଚିରନ୍ତନୀ

ଚମକି ମରମତଳେ
ଚାହେଁ ମୁଁ ନିରେଖି
ଜୀର୍ଣ୍ଣ ବିକଳ ପ୍ରାଣେ
ଛୁଇଁଗଲା ସେ କି ?
-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ ଅବସରରେ ଶୁକ୍ରବାର ବିଧାନସଭା ପରିସର ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ସୁରେଶ ଚନ୍ଦ୍ର ପୂଜାରୀ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଓ ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ।

# କୋଟିଆକୁ କେହି ଅଲଗା କରିପାରିବେନି: ମନ୍ତ୍ରୀ

**ଭୁବନେଶ୍ୱର,୩୦।୧(ସୁନିତ୍ ମିଶ୍ର)**

କୋଟିଆରେ ଆନ୍ଧ୍ର ଅଫିସରମାନେ ପଶିବା ପରେ ଏବେ ସେହି ଘଟଣାକୁ ନେଇ ପୁଣିଥରେ ଚର୍ଚ୍ଚା ଜୋର୍ ଧରିଛି। ରାଜ୍ୟର ୨ ଜଣ ବରିଷ୍ଠ ମନ୍ତ୍ରୀ କହିଛନ୍ତି, ଓଡ଼ିଶାରୁ କେହି କୋଟିଆକୁ ଅଲଗା କରିପାରିବେ ନାହିଁ। ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, କୋଟିଆରେ ବେଆଇନ ଅନୁପ୍ରବେଶକଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସୀମା ଅତିକ୍ରମକରି କୋଟିଆ ଲୋକଙ୍କୁ ଆନ୍ଧ୍ର ପ୍ରଭାବିତ କରୁଛି। ଆନ୍ଧ୍ର ମାଉସୀ ହୋଇ ସାହାଯ୍ୟ କରୁଛି , ଓଡ଼ିଶା ମା' ଭଳି ଦାୟିତ୍ୱ ତୁଲାଉଛି। କୋଟିଆର ବିକାଶ ପାଇଁ ପୂର୍ଣ୍ଣକାଳୀନ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। କୋଟିଆ ଲାଗି ରୋଡ୍ ମ୍ୟାପ୍ ପ୍ରସ୍ତୁତ ହେଉଛି। କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ, ତାକୁ ଏଠାରୁ କେହି ଅଲଗା କରିପାରିବେ ନାହିଁ ବୋଲି ସେ କହିଛନ୍ତି।

ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, କୋଟିଆ ଓଡ଼ିଶାର ଥିଲା ଏବଂ ଆଗକୁ ମଧ୍ୟ ରହିବ। କୋଟିଆରେ ଆନ୍ଧ୍ର ଅଧିକାରୀଙ୍କ ସହ ଗଣ୍ଡଗୋଳ ପାଇଁ ସେମାନେ ଦାୟୀ। ଅଧିକାର ନ ଥାଇ ଆନ୍ଧ୍ର ଦ୍ୱନ୍ଦ୍ୱ ସୃଷ୍ଟିକରିଛି, କିନ୍ତୁ ଆମେ ଛାଡ଼ିବୁ ନାହିଁ। ରାଜନୈତିକ କାରଣରୁ କୋଟିଆକୁ ଖରାପ ନଜରରେ ଦେଖିଲେ ଛଡ଼ାଯିବ ନାହିଁ ବୋଲି ପୃଥ୍ୱୀରାଜ କହିଛନ୍ତି।




# ବିଧାୟକଙ୍କ ଦରମା ବୃଦ୍ଧିର ପୁନର୍ବିଚାର ହୋଇପାରେ

**ଭୁବନେଶ୍ୱର,୩୦।୧(ସୁନିତ୍ ମିଶ୍ର)**

ବିଧାନସଭାର ଗତ ଅଧିବେଶନ ସମୟରେ ସର୍ବସମ୍ମତିକ୍ରମେ ବିଧାୟକମାନଙ୍କ ଦରମା ଓ ଭତ୍ତା ବୃଦ୍ଧି ନେଇ ବିଲ୍ ଗୃହରେ ପାରିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ବିଭିନ୍ନ ଆଡୁ ଏହି ବିଲ୍‌କୁ ତୀବ୍ର ବିରୋଧ କରାଯାଇଥିଲା। ଫଳରେ ଭାଜପାର ମନ୍ତ୍ରୀ ଏବଂ ବିଧାୟକମାନେ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିବା ସହ ଏହି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଅନୁରୋଧ କରିଥିଲେ। ଆସନ୍ତା ବଜେଟ ଅଧିବେଶନ ସମୟରେ ରାଜ୍ୟ ସରକାର ବିଧାୟକମାନଙ୍କ ଦରମା ଓ ଭତ୍ତା ସାଢ଼େ ୩ ଗୁଣା ବୃଦ୍ଧି ନେଇ ଆଣିଥିବା ବିଲ୍ ଉପରେ ପୁନର୍ବିଚାର କରିପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏନେଇ ଭାଜପା ବିଧାୟକ ତଥା ଏ ସମ୍ପର୍କିତ କମିଟି ଅଧକ୍ଷ ଭାସ୍କର ମଢ଼େଇ କହିଛନ୍ତି, ବିଧାୟକମାନେ ପୁନର୍ବିଚାର ଲାଗି ଲିଖିତ ପ୍ରସ୍ତାବ ଦେଇଥିଲେ। ବିଭିନ୍ନ ସାମାଜିକ ସଙ୍ଗଠନ, ସାଧାରଣ ଲୋକ ସମାଲୋଚନା କଲେ। ଆସନ୍ତା ବଜେଟ ଅଧିବେଶନରେ ପୁନର୍ବିଚାର ହୋଇ ବିଲ୍ ପାରିତ ହୋଇପାରେ। ବିଧାୟକଙ୍କ ଦରମା କିଛି କମ୍ ହୋଇପାରେ। ଆପାତତଃ ସୁହାଇବା ଭଳି ସର୍ବନିମ୍ନ ଆବଶ୍ୟକ ମୁତାବକ ଦରମା କରାଯାଉ। ସରକାର ଏନେଇ ବିଚାର କରୁଛନ୍ତି, ଅନୁଧ୍ୟାନକରି ପଦକ୍ଷେପ ନେବେ ବୋଲି ମଢ଼େଇ କହିଛନ୍ତି।

# ୧୫ ଜିଲାରେ ଖୁବ୍ କମ୍ କୁଷ୍ଠ ରୋଗୀ ଅଛନ୍ତି: ସ୍ୱାସ୍ଥ୍ୟ ସଚିବ

## ସମ୍ବର୍ଦ୍ଧିତ ହେଲେ ୩ ଡାକ୍ତର, ୫ ଆଶାକର୍ମୀ

**ଭୁବନେଶ୍ୱର,୩୦।୧(ବନ୍ଦନା ସେଠୀ)**



ସମ୍ବର୍ଦ୍ଧିତ ଡାକ୍ତର ଓ ଆଶାକର୍ମୀଙ୍କ ସହ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥି ଏସ୍. ଓ ଅନ୍ୟ ଅଧିକାରୀମାନେ।

କୁଷ୍ଠ ରୋଗକୁ ଠିକ୍ ସମୟରେ ଚିହ୍ନଟ ଓ ଚିକିତ୍ସା କରାଗଲେ ରୋଗ ସମ୍ପୂର୍ଣ୍ଣ ଭଲ ହୋଇପାରିବ। ସାମାଜିକ ସହଯୋଗ ଓ ସଚେତନତା ମାଧ୍ୟମରେ ଏହାକୁ ହରା ଯାଇପାରିବ। ଏବେ ରାଜ୍ୟରେ ଶୀଘ୍ର କୁଷ୍ଠରୋଗ ଚିହ୍ନଟ ହେବା ସହିତ ସହଜରେ ଚିକିତ୍ସା ହୋଇପାରୁଛି। ଫଳରେ ୧୫ ଜିଲାରେ ଖୁବ୍ କମ୍ ସଂଖ୍ୟକ କୁଷ୍ଠ ରୋଗୀ ଅଛନ୍ତି। ଡାକ୍ତର ଏବଂ ଆଶାକର୍ମୀଙ୍କ କଠିନ ପରିଶ୍ରମ ଯୋଗୁ ଏହା ସମ୍ଭବ ହୋଇପାରିବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଆଗାମୀ ଦିନରେ ଏହି ରୋଗର ସମ୍ପୂର୍ଣ୍ଣ ନିରାକରଣ ପାଇଁ ସମସ୍ତଙ୍କୁ ଅଧିକ କାମ କରିବାକୁ ପଡ଼ିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ତଥା କମିଶନର ଅଶ୍ୱଥି ଏସ୍. କହିଛନ୍ତି। ଶୁକ୍ରବାର ବିଭାଗ ପକ୍ଷରୁ ମିଳିତ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷରେ କୁଷ୍ଠ ନିବାରଣ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଚିବ ଏହା କହିବା ସହ ରାଜ୍ୟର କୁଷ୍ଠ ରୋଗର ସ୍ଥିତି ନେଇ ତଥ୍ୟ ରଖିଥିଲେ। ବିଭାଗର ତଥ୍ୟ ଅନୁଯାୟୀ, ୨୦୨୪-୨୫ ବର୍ଷରେ ରାଜ୍ୟରେ ମୋଟ୍ ୭୩୪୯ କୁଷ୍ଠରୋଗ କେସ୍ ଚିହ୍ନଟ ହୋଇଛି। ସେହିପରି କୁଷ୍ଠ ରୋଗୀ ସଂଖ୍ୟାରେ ୯୨ପ୍ରତିଶତ ହ୍ରାସ ଘଟିଥିବାବେଳେ ଏବେ ୧୦୬ଟି ଗ୍ରେଡ୍-୨ କେସ୍ ରହିଛି। ସେହିପରି ୩୯୫ଜଣ କୁଷ୍ଠ ଆକ୍ରାନ୍ତ ଶିଶୁ ରୋଗୀ ଅଛନ୍ତି। ଏଯାବତ୍ ଅସ୍ତ୍ରୋପଚାର ମାଧ୍ୟମରେ ୬୯୮ କେସ୍‌ରେ କୁଷ୍ଠ ବିକଳାଙ୍ଗ ରୋଗୀଙ୍କୁ ପୁନଃକ୍ଷମ କରାଯାଇଛି ବୋଲି ସୂଚନା ଦିଆଯାଇଛି।

ଏହି ଅବସରରେ କୁଷ୍ଠ ରୋଗୀଙ୍କୁ ଭଲ କରିଥିବା ଆୟୁଷ ମେଡିକାଲ ଅଫିସର ଡା. ଦିବ୍ୟେନ୍ଦୁ କୁମାର ସାହୁ, ମେଡିକାଲ ଅଫିସର ଡା. ମନୀଷ କୁମାର ସାହୁ ଓ ଆୟୁଷ ମେଡିକାଲ ଅଫିସର ଡା. ତପସ୍ୱିନୀ ମିଶ୍ରଙ୍କୁ ପ୍ରଶଂସାପତ୍ର ସହ ଅର୍ଥରାଶି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଆଶାକର୍ମୀ ପ୍ରତିମା ମଲ୍ଲିକ, ରଜନୀ ଭୋଇ, ମଞ୍ଜୁଲତା ଲେଙ୍କା, ୱାଇ. ମଞ୍ଜୁ, ମନୋରମା ମଲ୍ଲିକଙ୍କୁ ଭଲ ପ୍ରଦର୍ଶନ ନିମନ୍ତେ ମଧ୍ୟ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶଲ୍ୟ ବିଶେଷଜ୍ଞ ତଥା ଅତିରିକ୍ତ ନିର୍ଦ୍ଦେଶକ (କୁଷ୍ଠ) ଡା. ଲକ୍ଷ୍ମଣ କୁମାର କର୍ମୀ ପରିଚାଳନା କରିଥିଲେ। ସ୍ୱତନ୍ତ୍ର ସଚିବ ଡା. ବିଜୟ କୁମାର ମହାପାତ୍ର, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ପ୍ରଦୀପ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ବାଂଲାଦେଶୀଙ୍କୁ ଦେଶାନ୍ତର କଲା ଜିଲା ପ୍ରଶାସନ



**କେନ୍ଦ୍ରାପଡ଼ା,୩୦।୧(ଜଗନ୍ନାଥ ଧଳ)**

ଦୀର୍ଘ ୨୧ ବର୍ଷ ପରେ କେନ୍ଦ୍ରାପଡ଼ା ଜିଲାରେ ଅନୁପ୍ରବେଶକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ୩ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଜିଲା ପ୍ରଶାସନ ଶୁକ୍ରବାର ଦେଶାନ୍ତର କରିଥିବା ସୂଚନା ମିଳିଛି। ସେମାନେ ହେଲେ ଅମିନା ବିବି, ଇନସାନ ଖାନ ଓ ମୁନତାଜ ଖାନ। ୨୦୨୫ ନଭେମ୍ବର ୨୭ରେ ଜିଲାର ବିଭିନ୍ନ ସ୍ଥାନରେ ରହି ଆସୁଥିବା ୧୨ ଜଣିଆ ପରିବାର ସଦସ୍ୟଙ୍କୁ ଅନୁପ୍ରବେଶକାରୀ ସନ୍ଦେହରେ ଜିଲା ପୋଲିସ ଅଟକ ରଖିଥିଲା। ୭ ଦିନ ମଧ୍ୟରେ ଅଟକଙ୍କ ମଧ୍ୟରୁ ପରିଚୟ ପତ୍ର ସଂଗ୍ରହ କରି ୯ ଜଣଙ୍କୁ ଛାଡି ଦେଇଥିଲା। ତେବେ ଏହି ୩ ଜଣ ପରିଚୟ ପତ୍ର ଦେଇ ନ ପାରିବାରୁ ସେମାନଙ୍କୁ ଅଟକ ରଖାଯାଇଥିଲା। ଏହି ପରିବାର ୧୯୮୭ ମସିହାରେ ବାଂଲାଦେଶରୁ ଆସିଥିବା ସୂଚନା ମିଳିଛି। ଅପରପକ୍ଷରେ ୨୦୦୪ ମସିହାରେ କେନ୍ଦ୍ରାପଡ଼ା ଜିଲାରେ ଜିଲା ପ୍ରଶାସନ ପକ୍ଷରୁ ମୋଟ ୧୬୪୯ ଜଣ ଅନୁପ୍ରବେଶକାରୀ ଭାବେ ଚିହ୍ନଟ ହୋଇଥିଲେ। ଏମାନଙ୍କ ମଧ୍ୟରୁ କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳରେ ରହୁଥିବା ଚିହ୍ନଟ ୧୫୫୧ ଜଣ ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର ନୋଟିସ ଦିଆଯାଇଥିଲା। କୋର୍ଟରେ ମାମଲା କରିବା ପରେ ସେମାନେ ଦେଶାନ୍ତର ହୋଇ ନ ଥିଲେ। ସୂଚନାଯୋଗ୍ୟ ବଙ୍ଗ ଭଙ୍ଗ ସମୟରେ ମୋଟ ୧୨୩୭ ବାଂଲାଦେଶୀଙ୍କୁ କେନ୍ଦ୍ରାପଡ଼ା ଜିଲାରେ ଥଇଥାନ କରାଯାଇଥିଲା। ୨୦୧୧ ଜନଗଣନାରେ ବଙ୍ଗଭାଷୀଙ୍କ ସଂଖ୍ୟା ୭୬ ହଜାରରୁ ଅଧିକ ହୋଇଥିବା ବେଳେ ବର୍ତ୍ତମାନ ସେମାନଙ୍କ ସଂଖ୍ୟା ଲକ୍ଷାଧିକ ଅଛି।

# ଟିଟିଲାଗଡ଼-ସମ୍ବଲପୁର ରେଳ ସେକ୍ସନ ନିରୀକ୍ଷଣ କଲେ ଫୁଙ୍କୱାଲ



**ଭୁବନେଶ୍ୱର,୩୦।୧ (ଅନୁରାଧା ମହାରଣା)**

ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଶୁକ୍ରବାର ଟିଟିଲାଗଡ଼ - ସମ୍ବଲପୁର ରେଳ ସେକ୍ସନର ବିଭିନ୍ନ ବ୍ୟବସ୍ଥା ଓ କାର୍ଯ୍ୟର ନିରୀକ୍ଷଣ କରିଛନ୍ତି। ଏହି ସମୟରେ ଫୁଙ୍କୱାଲ ଟିଟିଲାଗଡ, ବଡ଼ମାଲ, ବଲାଙ୍ଗୀର, ବରପାଲି, ହୀରାକୁଦ ଏବଂ ସମ୍ବଲପୁର ସମେତ ବିଭିନ୍ନ ଷ୍ଟେଶନରେ ନିରାପତ୍ତା ବ୍ୟବସ୍ଥା, ଟ୍ରାଫିକ ସୁବିଧା, ଯାତ୍ରୀଙ୍କ ସୁବିଧା ଏବଂ ଚାଲୁରହିଥିବା ଭିତ୍ତିଭୂମି ବିକାଶ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ନିରାପଦ ଏବଂ ସୁଗମ ଟ୍ରେନ ଚଳାଚଳ କାର୍ଯ୍ୟ ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିବା ସହ ଆବଶ୍ୟକ ସତର୍କତା ଅବଲମ୍ବନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ଅନେକ ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତି ଉପରେ ମଧ୍ୟ ଫୁଙ୍କୱାଲ ସମୀକ୍ଷା କରିଥିଲେ। ଏଥିମଧ୍ୟରେ ପାର୍କିଂ କ୍ଷେତ୍ରରେ ଉନ୍ନତି, ସର୍କୁଲାର ବା ଚଳପ୍ରଚଳ କ୍ଷେତ୍ର ଓ ଷ୍ଟେଶନରେ ଲ୍ୟାଣ୍ଡସ୍କେପ ଅନ୍ତର୍ଭୁକ୍ତ। ବିଶେଷକରି ଅମୃତ ଷ୍ଟେଶନ ଯୋଜନା ଅଧୀନରେ ଷ୍ଟେଶନ ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ଉପରେ ମହାପ୍ରବନ୍ଧକ ଗୁରୁତ୍ୱାରୋପ କରିଥିଲେ। ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀଙ୍କ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ପ୍ରକଳ୍ପ ସମୟସୀମା ଏବଂ ନିରାପତ୍ତା ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ମହାପ୍ରବନ୍ଧକ ଫୁଙ୍କୱାଲଙ୍କୁ ଅବଗତ କରିଥିଲେ।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଭୁବନେଶ୍ୱରର ଏକ ସ୍ନାକ୍ସ ବିତରକ ପାଇଁ ଯୁବ Sales & Marketing କର୍ମଚାରୀ ଆବଶ୍ୟକ।
ଦରମା ଟ.12,000+ ଇନସେଣ୍ଟିଭ୍।
ନିଜସ୍ୱ ବାଇକ୍ ଆବଶ୍ୟକ।
ଫୋନ୍: 9886365677

**WANTED**
A reputed office requires
Junior Accountant, Personal Assistant, Experience Driver
Qualification: Preferable for Company Secretary, B.Tech, Diploma, C.A Course (Degree & Non Degree) for its Bhubaneswar Office.
8117889084, 9178181581

**URBAN YATRA - TOUR COMPANY**
BHUBANESWAR, ODISHA
URGENT HIRING - IMMEDIATE JOINING
Positions Open:
• SUPERVISOR
• COOK
• WAITRESS
Experience required: 2 years & above
9938012124 | 9439534567
www.urbanyatra.com

MagnetConnects
**JOB VACANCY**
Contact: +91 97008 02000/ +91 73770 61767
Address: Pramila Tower, Sishu Vihar, Patia, Behind Pantaloons, BBSR
• PROJECT MANAGER/ CO-ORDINATOR (Experience: 2 - 6 years)
• IT - LARAVEL DEVELOPER (Experience: 2 - 6 years)
• DATA ENTRY/ EXCEL (Basic Computer. Experience: 1 - 2 years)
• OFFICE BOY (Experience: 0 - 2 years)

**ଆବଶ୍ୟକ**
ମଙ୍ଗଲୁରୁ (କର୍ଣ୍ଣାଟକ)ରେ ଅବସ୍ଥିତ ଏକ କମ୍ପାନୀ ପାଇଁ ହେଲ୍ପରମାନଙ୍କର ଆବଶ୍ୟକତା ଅଛି। ଖାଦ୍ୟ ଏବଂ ରହିବା ସୁବିଧା ଦିଆଯିବ।
ବେତନ: Rs.12,000/-.
ଯୋଗାଯୋଗ କରନ୍ତୁ: 8951619411

**APPOINTMENT**
CCIE SCHOOL
Behind RTO-1 Office, Bhubaneswar-22
Required : TGT (All Subjects) & P.E.T
Qualification : Graduate with B.Ed
Interested candidates may send their C.V. to: ccieprincipal@gmail.com or submit application form in school office within 15 days.
CONTACT: 9861463006, 0674-2541372

**କେନ୍ଦ୍ରୀୟ ରେଶମ ବୋର୍ଡ**
(ବୟନ ମନ୍ତ୍ରଣାଳୟ, ଭାରତ ସରକାର)
ବିଟିଏମ୍ ଲେ'ଆଉଟ୍, ମାଦିୱାଳା, ବେଙ୍ଗାଲୁରୁ - ୫୬୦୦୬୮, କର୍ଣ୍ଣାଟକ
ଫୋନ୍: +୯୧ ୮୦ ୨୬୨୮୨୬୯୯ ଫାକ୍ସ: +୯୧ ୮୦ ୨୬୬୮୧୫୧୧ ଇ-ମେଲ୍: estab.csb@nic.in
ବିଜ୍ଞାପନ ସଂ. ସିଏସ୍‌ବି/୦୨/୨୦୨୫
**ନିଯୁକ୍ତି ବିଜ୍ଞପ୍ତି**
ତାରିଖ: ୩୧।୦୧।୨୦୨୬
କେନ୍ଦ୍ରୀୟ ରେଶମ ବୋର୍ଡ ଡେପୁଟେଶନ ଭିତ୍ତିରେ ବିଭିନ୍ନ ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ଅଧିସୂଚନା ସଂ. ସିଏସ୍‌ବି/୦୨/୨୦୨୫, ତାରିଖ: **୨୨।୧୧।୨୦୨୫** ଜାରି କରିଅଛି, ଯାହା ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ର **୨୨-୨୮ ନଭେମ୍ବର, ୨୦୨୫ ସଂସ୍କରଣରେ** ପ୍ରକାଶିତ ହୋଇଥିଲା। ଏତଦ୍ୱାରା ସୂଚିତ କରିଦିଆଯାଉଛି ଯେ ବିଭିନ୍ନ ପଦବୀ ଲାଗି ଆବେଦନ ପ୍ରାପ୍ତ କରାଯିବାର ଶେଷ ତାରିଖକୁ ଆଉ ୩୦ ଦିନ ବୃଦ୍ଧି କରାଯାଇଛି, ଅର୍ଥାତ୍ **ତା୨୦।୦୨।୨୦୨୬ରିଖ** ପର୍ଯ୍ୟନ୍ତ।
ବିବରଣୀ ପାଇଁ, ସିଏସ୍‌ବି ୱେବ୍‌ସାଇଟ୍: www.csb.gov.in ଦେଖନ୍ତୁ।
CBC: 41109/12/0018/2526
କେନ୍ଦ୍ରୀୟ ରେଶମ ବୋର୍ଡ

**ପୂର୍ବ ତଟ ରେଳପଥ**
ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ (STBA)
ନିଯୁକ୍ତି ନିମନ୍ତେ ଅଧିସୂଚନା
ସଂ.: SDCM/KUR/STBA/Notification/NSG-6/2026/Phase-9 ତାରିଖ : 16.01.2026
ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ 07 (ସାତ) ଗୋଟି 'NSG-6' ବର୍ଗର ଷ୍ଟେସନଗୁଡ଼ିକ ଠାରେ 03 (ତିନି) ବର୍ଷ ନିମନ୍ତେ କମ୍ପ୍ୟୁଟରୀକୃତ ଅଣସଂରକ୍ଷିତ ଟିକେଟିଙ୍ଗ୍ ସିଷ୍ଟମ୍ (UTS) ମାଧ୍ୟମରେ କମିଶନ ଭିତ୍ତିରେ ଅସଂରକ୍ଷିତ ଟିକଟ ଜାରି ନିମନ୍ତେ ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟଙ୍କ (STBAs) ମନୋନୟନ ଏବଂ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ନିର୍ଦ୍ଧାରିତ ସର୍ତ୍ତାବଳୀ ପୂରଣ କରୁଥିବା ଇଚ୍ଛୁକ ବ୍ୟକ୍ତିବିଶେଷ ନିର୍ଦ୍ଧାରିତ ଫର୍ମାଟରେ **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ୍** ନିକଟକୁ ଆବେଦନ କରିପାରିବେ।
ଆବଶ୍ୟକ STBAଙ୍କ ସଂଖ୍ୟା : ପ୍ରତ୍ୟେକ ଷ୍ଟେସନରେ ଦିନରାତି କାର୍ଯ୍ୟ କରିବା ନିମନ୍ତେ କେବଳ ଏକ (01) STBA.
**ଷ୍ଟେସନଗୁଡ଼ିକର ନାମ**
1. ସଦାଶିବପୁର (SSPR), 2. ମୋଟରି (MWQ), 3. ଚାରବାଟିଆ (CBT), 4. ବୁଢ଼ାପଙ୍କ (BDPK), 5. ବାଘୁଆପାଳ (BGPL), 6. ହରିଦାସପୁର (HDS) ଏବଂ 7. ହିନ୍ଦୋଳ ରୋଡ୍ (HND)।
ଉପରୋକ୍ତ ଷ୍ଟେସନଗୁଡ଼ିକ ନିମନ୍ତେ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତଗୁଡ଼ିକ ତା.23.02.2026 ରିଖ 1100 ଘଟିକା ମଧ୍ୟରେ କିମ୍ବା ଏହା ପୂର୍ବରୁ **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ୍‌ଙ୍କ** କାର୍ଯ୍ୟାଳୟରେ ପକାଯିବା ଦରକାର। ଯଦି ଅନ୍ତିମ ଦିବସ ଅର୍ଥାତ୍ ତା.23.02.2026ରିଖ ଛୁଟି ଦିବସ ରୂପେ ଘୋଷିତ ହୁଏ, ତେବେ ଦରଖାସ୍ତଗୁଡ଼ିକ ଏହାର ପରବର୍ତ୍ତୀ କାର୍ଯ୍ୟଦିବସରେ ସେହି ସମାନ ସମୟ ମଧ୍ୟରେ ଗ୍ରହଣ କରାଯିବ।
ଦରଖାସ୍ତ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.23.02.2026 ରିଖ 1100 ଘଟିକା
ଦରଖାସ୍ତ ବାକ୍ସ ଖୋଲାଯିବା ତାରିଖ ଓ ସମୟ : ତା.23.02.2026 ରିଖ 1130 ଘଟିକା।
ନିୟମ ଏବଂ ସର୍ତ୍ତାବଳୀ ତଥା ଦରଖାସ୍ତ ଫର୍ମାଟ ସମ୍ପର୍କିତ ସବିଶେଷ ବିବରଣୀ ନିମନ୍ତେ ଦୟାକରି ଆମ ୱେବ୍‌ସାଇଟ୍ www.eastcoastrail.indianrailways.gov.in ଏବଂ http://tenders.gov.in ଅବଲୋକନ କରନ୍ତୁ କିମ୍ବା ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ୍, ପୋଷ୍ଟ : ଜଟଣୀ, ଖୋର୍ଦ୍ଧା, ପିନ୍ : 752050 ଙ୍କ ସହିତ ଯୋଗାଯୋଗ କରନ୍ତୁ।
PR-1064/Q/25-26
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍

IISER BERHAMPUR
भारतीय विज्ञान शिक्षा एवं अनुसंधान संस्थान बरहमपुर
INDIAN INSTITUTE OF SCIENCE EDUCATION AND RESEARCH BERHAMPUR
Established by the Ministry of Education, Govt. of India
**Recruitment Notice for Non-Teaching Position**
Advt. No. NT- 01/2025 Dated :31.12.2025
Opening date for submission of online application: **0900 hrs**. of **January 31, 2026**
Closing date of submission of online application: **1730 hrs**. of **March 02, 2026**
Crucial date for calculation of age/qualification/experience: **March 02, 2026**
The Indian Institute of Science Education and Research Berhampur, an Institute of National Importance, established by the Ministry of Education, Government of India, in order to promote higher scientific learning and research as well as scientific exploration at the undergraduate and postgraduate levels of education and to create scientists and academicians of the highest quality invites **ONLINE Applications** from eligible Indian nationals to fill-up the following sanctioned regular post as per the reservation and mode of recruitment mentioned against each: -

| S. No. | Name of the post | Group | Pay Level (as per 7th CPC) | Mode of recruitment | Vertical Reservation | | | | | Horizontal Reservation | Total No. of posts |
|---|---|---|---|---|---|---|---|---|---|---|---|
| | | | | | UR | SC | ST | OBC | EWS | PWD | |
| **A. Registry and Ministerial Cadre** | | | | | | | | | | | |
| 1 | Deputy Registrar | A | 12 | Direct Recruitment | **01** | 00 | 00 | 00 | 00 | 00 | **01** |
| 2 | Private Secretary | B | 7 | | **01** | 00 | 00 | 00 | 00 | 00 | **01** |
| 3 | Junior Assistant (MS) | C | 3 | | **01** | 00 | 00 | 00 | 00 | 00 | **01** |
| **B. Ministerial Cadre** | | | | | | | | | | | |
| 4 | Senior Superintendent | B | 7 | Deputation | **01** | 00 | 00 | 00 | 00 | 00 | **01** |
| **C. Technical (Laboratory) Cadre** | | | | | | | | | | | |
| 5 | Technical Officer (Lab) | A | 10 | Direct Recruitment | **01** | 00 | 00 | 00 | 00 | 00 | **01** |
| 6 | Junior Technical Assistant (Lab) | C | 5 | | **01** | 00 | 00 | 00 | 00 | 00 | **01** |
| **D. Technical (IT) Cadre** | | | | | | | | | | | |
| 7 | Senior Technical Officer (IT) | A | 11 | Direct Recruitment | **01** | 00 | 00 | 00 | 00 | 00 | **01** |
| **E. Engineering Cadre** | | | | | | | | | | | |
| 8 | Assistant Engineer (Civil) | B | 7 | Direct Recruitment | **01** | 00 | 00 | 00 | 00 | 00 | **01** |
| 9 | Junior Engineer (Electrical) | B | 6 | | **01** | 00 | 00 | 00 | 00 | 00 | **01** |
| **F. Medical Cadre** | | | | | | | | | | | |
| 10 | Medical Officer | A | 10 | Direct Recruitment | **01** | 00 | 00 | 00 | 00 | 00 | **01** |
| 11 | Nurse | B | 7 | | **01** | 00 | 00 | 00 | 00 | 00 | **01** |
| **G. Library Cadre** | | | | | | | | | | | |
| 12 | Junior Library Superintendent* | B | 6 | Direct Recruitment | 00 | 00 | 00 | 00 | 00 | **01*** | **01** |
| **H. Sports and Physical Education Cadre** | | | | | | | | | | | |
| 13 | Physical Education Instructor | B | 7 | Direct Recruitment | **01** | 00 | 00 | 00 | 00 | 00 | **01** |
| **I. Official Language Cadre** | | | | | | | | | | | |
| 14 | Junior Translator (Rajbhasha) | B | 6 | Direct Recruitment | **01** | 00 | 00 | 00 | 00 | 00 | **01** |
| | | | | **Total** | **13** | **00** | **00** | **00** | **00** | **01** | **14** |

* The vacancy is reserved for applicants belonging to category of Persons with Benchmark Disability (PwBD) viz. One Arm (OA), One Leg (OL) and Hard of Hearing (HH).
**Note:** The candidates are required to apply through **ONLINE** process only. Please visit Institute website **https://www.iiserbpr.ac.in/** for submission of online application and full text of the advertisement for all other details regarding age relaxation, probation, recruitment rules etc.
**Sd/-**
**कुलसचिव/Registrar**

## ସଂକ୍ଷେପରେ

### ନଅଗାଁ(କ)ରେ ବାଲ୍ୟ ବିବାହ ରୋକିଲା ପ୍ରଶାସନ

ଲୋଇସିଂହା,୩୦।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(କ) ଗ୍ରାମରେ ଫେବୃଆରୀ ୨ ତାରିଖରେ ହେବାକୁ ଥିବା ଏକ ବାଲ୍ୟ ବିବାହକୁ ଶୁକ୍ରବାର ରୋକିଛି ଜିଲା ପ୍ରଶାସନ। ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ପୋଲିସ ଉପସ୍ଥିତିରେ ଆଗଲପୁର ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଶୁଭଶ୍ରୀ ମିଶ୍ର, ଜିଲା ଶିଶୁ ସୁରକ୍ଷା ୟୁନିଟ ଶିଶୁ ସୁରକ୍ଷା କେନ୍ଦ୍ରର ଡିପିସି ସୁବୋଧ କୁମାର ପଧାନ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ଞାନରଞ୍ଜନ ଦାସ, ପଲ୍ଲୀ ଆଲୋକ ପାଠାଗାର ସାମାଜିକ କର୍ମୀ ପ୍ରହ୍ଲାଦ ପଧାନ, ନମିତା ପଧାନ, ସ୍ଥାନୀୟ ଅଙ୍ଗନୱାଡି କର୍ମୀ ସୁମିତ୍ରା ସାହୁ, ୱାର୍ଡ ସଭ୍ୟ ଶୁଭମ ଜେନା ପ୍ରମୁଖ ନାବାଳିକାଙ୍କ ଘରକୁ ଯାଇଥିଲେ। ଏହି ଟିମ୍ ନାବାଳିକାଙ୍କ ଅଭିଭାବକ ଓ ପରିବାର ସଦସ୍ୟଙ୍କୁ ସାକ୍ଷାତ କରି କାଉନସେଲିଂ କରିଥିଲେ। ନାବାଳିକା ବିବାହ ହେବା ଦ୍ୱାରା ତାଙ୍କର ଶାରିରୀକ, ମାନସିକ ଓ ସାମାଜିକ କୁପରିଣାମ ବିଷୟରେ ବୁଝାଇଥିଲେ। ଏହାସହିତ ବାଲ୍ୟବିବାହ ନିଷେଧ ଆଇନ ୨୦୦୬ ସମ୍ପର୍କରେ ଅବଗତ କରିଥିଲେ। ଏହାଛଡା ନାରୀ ଶିକ୍ଷାର ଗୁରୁତ୍ୱ ଓ ସରକାରୀ କଲ୍ୟାଣମୂଳକ ଯୋଜନା ଗୁଡିକ ବିଷୟରେ ମଧ ଅବଗତ କରାଯାଇଥିଲା।

### ରେଳ ମହାପ୍ରବନ୍ଧକଙ୍କ ଟିଟିଲାଗଡ଼ ଗସ୍ତ

ଟିଟିଲାଗଡ଼,୩୦।୧ (ଶରତ ମିଶ୍ର)

ପୂର୍ବତଟ ରେଳ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଶୁକ୍ରବାର ଟିଟିଲାଗଡ଼ ଗସ୍ତ କରିବା ସହ ବିଭିନ୍ନ ସୁରକ୍ଷା ବ୍ୟବସ୍ଥା ତଦାରଖ କରିଛନ୍ତି। ତାଙ୍କ ଗସ୍ତ କାଳରେ ସମ୍ବଲପୁର ଡିଆରଏମ୍ ଏସ. ଚୌଧୁରୀଙ୍କ ସମେତ ଅନେକ ଉଚ୍ଚ ଅଧିକାରୀ ସାମିଲ ଥିଲେ। ମହାପ୍ରବନ୍ଧକଙ୍କ ଗସ୍ତ କାର୍ଯ୍ୟକ୍ରମ ନେଇ ରେଳ ସୁରକ୍ଷା ବଳ, ଜିଆରପି ପକ୍ଷରୁ ବିଶେଷ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ଦେଖାଯାଇଥିଲା। ମହାପ୍ରବନ୍ଧକଙ୍କୁ ଟିଟିଲାଗଡ଼ ସୋଲିଡେଟାରି ଫୋରମର ଆବାହକ ବାଳକୃଷ୍ଣ ଷାଣ୍ଡଙ୍କ ନେତୃତ୍ୱରେ ବୁଦ୍ଧିଜୀବୀ ସାକ୍ଷାତ କରିବା ସହ ଟିଟିଲାଗଡ଼ କେସିଙ୍ଗା ରାସ୍ତାର କତରକେଲାଠାରେ ରେଳ ଧାରଣା ଉପରେ ଓଭରବ୍ରିଜ ନିର୍ମାଣ ଦାବି ଦୋହରାଇଥିଲେ। ବଲାଙ୍ଗୀର ଜିଲାର ଟିଟିଲାଗଡ଼ ଏବଂ କଳାହାଣ୍ଡି ଜିଲାର କେସିଙ୍ଗା ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ। ଅନ୍ୟପକ୍ଷରେ ଟିଟିଲାଗଡ଼ ଦେଇ ଯାଇଥିବା ଜାତୀୟ ରାଜପଥ ୫୯ ସହ କେସିଙ୍ଗା ଦେଇ ଯାଇଥିବା ଜାତୀୟ ରାଜପଥ ୨୬କୁ ଏହି ରାସ୍ତା ସଂଯୋଗ କରୁଛି। ଫଳରେ ତିନୋଟି ରେଳ ଧାରଣା ରହିଥିବା କତରକେଲା ଠାରେ ବହୁ ସମୟ ଧରି ରେଳ ଫାଟକ ବନ୍ଦ ରହୁଥିବାରୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆମ୍ବୁଲାନ୍ସ ମଧ ଦୀର୍ଘ ସମୟ ଧରି ଅଟକି ରହୁଥିବାରୁ ରୋଗୀଙ୍କ ଜୀବନ ବିପନ୍ନ ହେଉଛି। ଏନେଇ ରେଳ ବିଭାଗ ତୁରନ୍ତ ରେଳବାଇ ଓଭର ବ୍ରିଜ ନିର୍ମାଣ ପାଇଁ ସୋଲିଡେଟାରି ଫୋରମ ପକ୍ଷରୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ କଳାହାଣ୍ଡି ଜିଲା କେସିଙ୍ଗା ସଚେତନ ନାଗରିକ ମଞ୍ଚ ପକ୍ଷରୁ ସଭାପତି ଉତ୍ତର ମହଲା କେସିଙ୍ଗାରୁ ରାଜଧାନୀ ଭୁବନେଶ୍ୱରକୁ କୌଣସି ସିଧାସଳଖ ଯାତାୟାତ ବ୍ୟବସ୍ଥା ନ ଥିବା, କେସିଙ୍ଗା ଭବାନୀପାଟଣା ନୂଆ ରେଳ ଲାଇନ ବିଳମ୍ବିତ ହେଉଥିବା, କେସିଙ୍ଗା ରେଳ ଷ୍ଟେଶନରେ ଦୀର୍ଘ ବର୍ଷରୁ ନିର୍ମିତ ୪ ନମ୍ବର ପ୍ଲାଟଫର୍ମ କାର୍ଯ୍ୟକ୍ଷମ ହେଉନଥିବା, କେସିଙ୍ଗାରୁ ଆରଏମଏସ କାର୍ଯ୍ୟାଳୟ ବଲାଙ୍ଗୀରକୁ ସ୍ଥାନାନ୍ତର ହେବା ନେଇ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ମହା ପ୍ରବନ୍ଧକଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ।

### କେଭି କଲେଜରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

କଣ୍ଟାବାଞ୍ଜି,୩୦।୧(ଗୁରୁ ଦୟାଲ ହଂସ)

କଣ୍ଟାବାଞ୍ଜିସ୍ଥିତ କେ.ଭି. ମହାବିଦ୍ୟାଳୟର ଅଧକ୍ଷ ଡ. ମନୋଜ ପଟ୍ଟନାୟକଙ୍କ ସଭାପତିତ୍ୱରେ ଗୁରୁବାର ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। କଲେଜର ଆଇକ୍ୟୁଏସିର ସହଯୋଗରେ ଏହା ଆରମ୍ଭ ହୋଇଛି। ଏହା ଭାରତ ସରକାରଙ୍କ ଏମଏସଏମଇ ବିଭାଗ ବ୍ରହ୍ମପୁର ଦ୍ୱାରା ପ୍ରାୟୋଜିତ। ଉଦ୍‌ଘାଟନୀ ଉତ୍ସବରେ ଏମଏସଏମଇ, ଟିଡିସି ବ୍ରହ୍ମପୁରର ଉପ ନିର୍ଦ୍ଦେଶକ ଭି ଭି ରାମାରାଓ ମୁଖ୍ୟଅତିଥି ଓ ବିବେକାନନ୍ଦ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ବର୍ଣ୍ଣନା କରିଥିଲେ।

# 'ଦାଦନ ରୋକିବ ନୂଆ ଯୋଜନା'

ବଲାଙ୍ଗୀର,୩୦।୧(ବୀରେନ୍ଦ୍ର କୁମାର ଝାଙ୍କର)


ଭିବି-ଜି ରାମଜି କର୍ମଶାଳାରେ ଅତିଥିମାନେ ଶ୍ରମିକଙ୍କୁ ପୁରସ୍କୃତ କରୁଛନ୍ତି।

**ଭିବି-ଜି ରାମ ଜି ଆଇନ ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା**

- ୩୨ ହଜାର ଦାଦନ ଶ୍ରମିକଙ୍କୁ ଅଟକାଇଛି ଜିଲା ପ୍ରଶାସନ
- ୧୯ ହଜାର ଦାଦନ ଘରେ ତାଲା ମାରି ରାଜ୍ୟ ବାହାରେ

ବଲାଙ୍ଗୀର ଜିଲା ଏକ ଦାଦନ ପ୍ରବଣ ଜିଲା। ତଥ୍ୟ ଅନୁସାରେ ଜିଲାରୁ ୧୯ ହଜାର ଦାଦନ ଶ୍ରମିକ ନିଜ ଘରେ ତାଲା ମାରି ରାଜ୍ୟ ବାହାରକୁ ଯାଇଛନ୍ତି। ୩୨ ହଜାର ଦାଦନ ଶ୍ରମିକଙ୍କୁ ଜିଲା ପ୍ରଶାସନ ରାଜ୍ୟ ବାହାରକୁ ରୋକିବାରେ ସଫଳ ହୋଇଛି। ଯେଉଁମାନଙ୍କୁ ରୋକାଯାଇଛି ସେମାନଙ୍କୁ ଜିଲା ଭିତରେ କାମ ଯୋଗାଇ ଦିଆଯାଇ ଆତ୍ମନିର୍ଭରଶୀଳ କରାଯିବ। ଯୋଜନା ସଠିକ୍ କାର୍ଯ୍ୟକାରୀ ହେଲେ ଜିଲା ଭିତରେ ଶ୍ରମିକ ପରିବାର ଆତ୍ମନିର୍ଭରଶୀଳ ହେବେ। ଏହାପରେ ରାଜ୍ୟ ବାହାରକୁ ଯାଇଥିବା ଦାଦନ ଜିଲାକୁ ଫେରାଇବା ଯୋଜନା କରାଯିବ। ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଏବଂ ଆଜୀବିକା ମିଶନ୍ ଗ୍ରାମୀଣ (ଭିବି-ଜି ରାମ ଜି) ଯୋଜନା ବଲାଙ୍ଗୀର ଜିଲାର ଦାଦନ ଶ୍ରମିକ ପଳାୟନ ରୋକିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଶୁକ୍ରବାର ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ପ୍ରେକ୍ଷାଳୟରେ ଅନୁଷ୍ଠିତ ଭିବି-ଜି ରାମ ଜି ଆଇନ ସମ୍ପର୍କିତ ଏକ କର୍ମଶାଳାରେ କହିଥିଲେ। ଏହି କର୍ମଶାଳାରେ ସେ ଆହୁରି କହିଥିଲେ ଯେ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଦୁର୍ନୀତି ହେଉଥିଲା। ଫଳରେ ଏହି ଯୋଜନାର ସୁଫଳ ଶ୍ରମିକମାନେ ପାଉ ନଥିଲେ। ମାତ୍ର ଭିବି-ଜି ରାମ ଜି ଯୋଜନାର ସୁଫଳ ଯୋଗାଇବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଗ୍ୟାରେଣ୍ଟି ଦେଇଛନ୍ତି। ରାଜ୍ୟ ତଥା ଜିଲା ସ୍ତରରେ ସେ ଏବଂ ତାଙ୍କ ବିଭାଗୀୟ ଅଧିକାରୀ, ଜିଲାପାଳ, ସିଡିଓ, ବିଡିଓ, ସମସ୍ତ ସହଯୋଗୀ କର୍ମଚାରୀ ଏହି ଗ୍ୟାରେଣ୍ଟିକୁ ସୁନିଶ୍ଚିତ କରିବାକୁ ପଡିବ। ଯେଉଁଠାରେ ଦୁର୍ନୀତି ସମ୍ପର୍କରେ ଜଣାପଡିବ ସେଠାରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ହେବ ବୋଲି ମନ୍ତ୍ରୀ ନାଏକ କହିଥିଲେ। ଏହି କର୍ମଶାଳାରେ ବଲାଙ୍ଗୀର ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂଦେଓ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଭିବି-ଜି ରାମ ଜି ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଜଣାଇବା ସକାଶେ ପ୍ରଧାନମନ୍ତ୍ରୀ ମୋଦୀ ସାଂସଦ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଯୋଜନା ମାଧମରେ ଗରିବ ଶ୍ରେଣୀର ଲୋକଙ୍କ ଉନ୍ନତି ଦେବା ସହ ଗାଁରେ ବିକାଶ ପ୍ରକଳ୍ପ ତିଆରି କରାଯାଇପାରିବ। ଦାଦନ ସମସ୍ୟା ଜିଲାର ଏକ ପ୍ରମୁଖ ସମସ୍ୟା। ଏହି ନୂଆ ଆଇନ ଏବଂ ଯୋଜନା ଜିଲାର ଦାଦନ ସମସ୍ୟା ରୋକିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଟିଟିଲାଗଡ ବିଧାୟକ ନବୀନ ଜୈନ କହିଥିଲେ ଯେ, ଡବଲ ଇଞ୍ଜିନ ସରକାର ଲୋକଙ୍କ ବିକାଶ ଦିଗରେ ଜୋର ଦେଉଛି। ବଲାଙ୍ଗୀର ଜିଲାର ଦାଦନ ଶ୍ରମିକ ସମସ୍ୟା ଏହାଦ୍ୱାରା ସମାଧାନ ହୋଇପାରିବ। ଜିଲାପାଳ ଗୌରବ ଶିବାଜୀ ଇସଲୱାର ତାଙ୍କ ବକ୍ତବ୍ୟରେ ଭିବି-ଜି ରାମ ଜି ଯୋଜନାକୁ ଜିଲାରେ କିଭଳି କାର୍ଯ୍ୟକାରୀ କରାଯିବ କହିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା ତାଙ୍କ ବକ୍ତବ୍ୟରେ ଭିବି-ଜି ରାମ ଜି ଯୋଜନାର ଆଭିମୁଖ୍ୟ ଏବଂ ଏଥିରେ ଥିବା ଆଇନଗତ ଦିଗ ଉପରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ଜିଲାର ସମସ୍ତ ବିଡିଓ ଓ ଅନ୍ୟ ସହଯୋଗୀ କର୍ମଚାରୀ ଯୋଗଦାନ କରିଥିଲେ। ଏହି ଅବସରରେ ଜିଲାରେ ଏମ୍‌ଜିଏନ୍‌ଆଇଜିଏ ଯୋଜନାରେ ସବୁଠୁ ବେଶୀ ଦିନ କାମ କରିଥିବା ଶ୍ରମିକଙ୍କୁ ଛତା ଏବଂ ଉପାୟନ ଦେଇ ପୁରସ୍କୃତ କରାଯାଇଥିଲା।

# ପାନୀୟ ପ୍ରକଳ୍ପ ଗ୍ୟାଲେରି ସୀମାରୁ ବାଲି ଉଠାଣ ନେଇ ଅସନ୍ତୋଷ

ଲୋଇସିଂହା,୩୦।୧(ସୁଶାନ୍ତ ବାରିକ)

**ଛେଲବାହାଲ ବାଲିଘାଟ**

- ୩ ଶହ ବଦଳରେ ୬ ଶହ ଟଙ୍କା ରୟାଲ୍‌ଟି

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅଧୀନ ଛେଲବାହାଲସ୍ଥିତ ସୁକତେଲ ନଦୀ ବାଲିଘାଟ ନେଇଥିବା ଲିଜଧାରୀଙ୍କ ମନମାନୀ ଦେଖିବାକୁ ମିଳିଛି। ଗତ ବୁଧବାର ଠାରୁ ହଠାତ୍ ବାଲିଉଠାଣ ରୟାଲ୍‌ଟି ବାବଦକୁ ଟ୍ରାକ୍ଟର ଟ୍ରିପ୍ ପିଛା ୩ ଶହ ଟଙ୍କା ବୃଦ୍ଧି କରାଯାଇଛି। ଅପରପକ୍ଷେ ରୟାଲ୍‌ଟି ବାବଦକୁ ଦିଆଯାଉଥିବା ୱେ ବିଲ୍‌ରେ ପଇଠ ଟଙ୍କା ଲେଖାଯାଉନାହିଁ। ଏନେଇ ଯୋଗୀସର୍ଡା ସରପଞ୍ଚ ବିଜୁଳି ପ୍ରଧାନ ଓ ବୁର୍ଡା ସରପଞ୍ଚ ସୁଦୀପ କୁମାର ସା ପ୍ରମୁଖ ପ୍ରତିବାଦ କରି କ୍ଷୋଭ ପ୍ରକାଶ କରିଛନ୍ତି। ଏହାସହିତ ଉଭୟ ସ୍ଥାନୀୟ ତହସିଲଦାର ଟିଙ୍କୁନୁ ପୁଟାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଅଭିଯୋଗରୁ ପ୍ରକାଶ ଯେ, ଯୋଗୀସର୍ଡା ପଞ୍ଚାୟତ ଛେଲବାହାଲ ସୁକତେଲ ନଦୀ ବାଲଘାଟକୁ ଜଣେ ବ୍ୟକ୍ତି ଲିଜ୍ ପାଇଛନ୍ତି। ଆସନ୍ତା ମାର୍ଚ୍ଚ ପର୍ଯ୍ୟନ୍ତ ଲିଜ ଧାର୍ଯ୍ୟ ସମୟ ରହିଛି। ଜାନୁଆରୀ ୨୭ ତାରିଖ ପର୍ଯ୍ୟନ୍ତ ଉକ୍ତ ବାଲିଘାଟରୁ ବାଲି ଉଠାଣ ବାବଦକୁ ଟ୍ରାକ୍ଟର ପିଛା ୩ ଶହ ଟଙ୍କା ନିଆଯାଉଥିଲା। ହେଲେ ୨୮ ତାରିଖ ଠାରୁ ୩ ଶହ ବଦଳରେ ୬ ଶହ ଟଙ୍କା ନିଆଯାଉଛି। କିନ୍ତୁ ବାଲି ପରିବହନ ବାବଦକୁ ଦିଆଯାଉଥିବା ୱେ ବିଲ୍‌ରେ ନିଆଯାଉଥିବା ଟଙ୍କା ଦର୍ଶାଯାଉନାହିଁ। ଅପରପକ୍ଷରେ ଯୋଗୀସର୍ଡା ପଞ୍ଚାୟତ ପାନୀୟ ଜଳ ପ୍ରକଳ୍ପରେ ସୁକତେଲ ନଦୀ ଶଯ୍ୟାର ଗ୍ୟାଲେରିରୁ ବେଧଡକ ବାଲି ଉଠାଣ ଯୋଗୁ ଖରା ଦିନରେ ପାଣି ସଙ୍କଟ ଆଶଙ୍କା ରହିଛି। କାରଣ ଛେଲବାହାଲସ୍ଥିତ ସୁକତେଲ ନଦୀରୁ ଯୋଗୀସର୍ଡା ପଞ୍ଚାୟତର ସମସ୍ତ ଗ୍ରାମକୁ ପାଇପ ଜଳ ଯୋଗାଣ ହେଉଛି। ଫଳରେ ଏ ନେଇ ଯୋଗୀସର୍ଡା ସରପଞ୍ଚ ବିଜୁଳି ପଧାନ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରକଳ୍ପ ନିକଟ ନଦୀଶଯ୍ୟା ଗ୍ୟାଲେରି ଉପରୁ ବାଲି ଉଠାଣକୁ ବାରଣ କରି ଲିଜ୍ ସୀମାରୁ ବାଲି ଉଠାଇବାକୁ ସେ କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ପୁଟାଙ୍କୁ ପଚାରିବାରୁ ଏନେଇ ଅଭିଯୋଗ ପାଇଲା ପରେ ଲିଖିତ ଭାବେ ଜଣାଇବାକୁ ଉଭୟ ସରପଞ୍ଚଙ୍କୁ କୁହାଯାଇଛି। ସେହିପରି ବଲାଙ୍ଗୀର ଖଣି ଅଧିକାରୀ ଅଙ୍କିତ ଦାସଙ୍କୁ ପଚାରିବାରେ ଭିନ୍ନ ଭିନ୍ନ ଦରରେ ଘାଟ ଲିଜ୍ ରହିଛି। ଲିଜ୍‌ଧାରୀଙ୍କ ଉପରେ ୱେ ବିଲ୍ ଦର ନିର୍ଦ୍ଧାରଣ କରୁଛି। ଅନ୍‌ଲାଇନରେ ଚାଲାଣ କଟାଯାଉଛି। କାହିଁକି ୱେ ବିଲ୍ ଦର ରହୁନାହିଁ। ଏହାକୁ ନେଇ ବିବାଦ ଦେଖାଦେଉଛି ବୋଲି ପଚାରିବାରୁ ,ଯଦି ସେମିତି ପରିସ୍ଥିତି ଉପୁଜୁଛି , ତେବେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟିକୁ ଅଣାଯିବ ବୋଲି ସେ କହିଥିଲେ।

# ଉତ୍ତମ ଛାତ୍ର ଗଠନ ଉପରେ ଗୁରୁତ୍ୱ



ଉତ୍ସବରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ମୁରିବାହାଲ,୩୦।୧(ଶ୍ରୀବତ୍ସ ବେହେରା)

**ମୁରିବାହାଲ ପଞ୍ଚାୟତି ହାଇସ୍କୁଲର ବାର୍ଷିକ ଉତ୍ସବ**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମା ପଞ୍ଚାୟତି ହାଇସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହେମନ୍ତ ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଭାଜପା ଜିଲା ସଭାପତି ତଥା ସାଂସଦ ପ୍ରତିନିଧି ଶ୍ରୀବତ୍ସ ବେହେରା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୀତବାସ ସାହୁ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ସୁନୀଲ କୁମାର ପାତ୍ର, ପୁରାତନ ଛାତ୍ର ଭଗବାନ ମହାନ୍ତି, ଆଲମୁନି ସଭାପତି ଘନଶ୍ୟାମ ଖମାରୀ, ସଦର ସମିତି ସଭ୍ୟ ଚକ୍ରଧର ହେର୍ଣ୍ଣା, ବିଜ୍ଞାନ ଶିକ୍ଷକ ବିକ୍ରମ ପୁରୋହିତ ମଞ୍ଚାସୀନ ଥିଲେ।

ଏହି ଅବସରରେ ଅତିଥି ବୃନ୍ଦ ଉତ୍ତମ ଛାତ୍ରୀଛାତ୍ର ଗଠନ କରିବା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକଙ୍କ କର୍ତ୍ତବ୍ୟ ଉପରେ ମତ ପ୍ରକାଶ କରିଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଉତ୍ସବ ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରଦୀପ କୁମାର ପୁଟେଲ ମଞ୍ଚ ପରିଚାଳନା କରିଥିବା ବେଳେ ସଂସ୍କୃତ ଶିକ୍ଷକ ଚନ୍ଦ୍ରଧ୍ୱଜ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଧାନଶିକ୍ଷକ ପାତ୍ର , ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସାହୁ, ବରିଷ୍ଠ ସାମ୍ବାଦିକ ଦୁର୍ଗାନନ୍ଦ ମହାକୁର, ପ୍ରଫୁଲ୍ଲ ବଘାର ଓ ସୁଦାମ ବଘାର, ଅବସରପ୍ରାପ୍ତ କର୍ମଚାରୀ ନୀଳାମ୍ବର ରାଉତଙ୍କୁ ସମ୍ମାନିତ କରାଯାଇଥିଲା। ମନୋଜ କୁମାର ସ୍ୱାଇଁ, ଡି.ରିଚାଇ ନାଗ, ରାକେଶ କୁମାର ନାଗ, ଶିଶିର ବୈଠରୁ, ସ୍ୱାଧୀନ ପଟ୍ଟନାୟକ, ମନୋଜ କୁମାର ସ୍ୱାଇଁ, ଦିପ୍ତିମୟୀ ଲେଙ୍କା, ନୀତେଶ ତାଣ୍ଡି, କଳାକାହ୍ନୁ ରଣା, ଶିଶିର କୁମାର ବୈଠାରୁ, ସୁରେଶ ମହାକୁର, ସୁନୀଲ ବାରିକ କୃପାସିନ୍ଧୁ ବାଗ ପ୍ରମୁଖ ସହଯୋଗ କରିଥିଲେ।

# ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

କଣ୍ଟାବାଞ୍ଜି,୩୦।୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା ଭାଲୁମୁଣ୍ଡାଗ୍ରାମସ୍ଥିତ ବନ୍ଧଲି ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଶୁକ୍ରବାର ଜବତ କରିଛି। ମୃତକ ହେଲେ ତୁରେକେଲା ଗ୍ରାମର କେଶରୀ ବାଗ (୩୫)। ତାଙ୍କୁ କେହି ହତ୍ୟା କରି ପୋଖରୀରେ ଫିଙ୍ଗି ଦେଇଥିବା ପରବାର ଲୋକେ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବଙ୍ଗୋମୁଣ୍ଡା ଥାନା ତୁରେକେଲା ଗ୍ରାମର କେଶରୀ ଦ୍ୱିତୀୟ ବିବାହ ପରେ ନିକଟସ୍ଥ ବେଲପଡା ଗ୍ରାମରେ ରହୁଥିଲେ। ସେ ଭାଲୁମୁଣ୍ଡାରେ ଜଣେ ବ୍ୟକ୍ତିଙ୍କ ଘରେ ଡ୍ରାଇଭର ଭାବେ କାମ କରୁଥିଲେ। ପୂର୍ବରୁ କେଶରୀ ନିଜ ଜାତିର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। କିନ୍ତୁ ପରେ ଅନ୍ୟ ଏକ ସଂପ୍ରଦାୟର ଯୁବତୀଙ୍କୁ ଦ୍ୱିତୀୟ ବିବାହ କରି ବେଲପଡା ଗ୍ରାମରେ ରହୁଥିଲେ। ଏହାକୁ ନେଇ ବିବାଦ ଥିବା ବେଳେ କେଶରୀଙ୍କୁ ହତ୍ୟା କରାଯାଇ ପୋଖରୀରେ ଫିଙ୍ଗି ଦିଆଯାଇଥିବା ମୃତକଙ୍କ ବଡଭାଇ ଭିବିରାମ ବାଗ ବଙ୍ଗୋମୁଣ୍ଡା ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି। କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡି, ବଙ୍ଗୋମୁଣ୍ଡା ଓ ମୁରିବାହାଲ ପୋଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଘଟଣାର ପର୍ଦ୍ଦାଫାଶ ହୋଇନାହିଁ। ବଙ୍ଗୋମୁଣ୍ଡା ପୋଲିସ ଏକ ମାମଲା (ନଂ ୧।୨୬) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

# ଉଡ଼ାର ମୁଖ୍ୟରାସ୍ତା କାଦୁଅପୂର୍ଣ୍ଣ


ଉଡ଼ାର ଉପରପଡ଼ାର ନଳକୂପ ନିକଟରେ ସୋ-ପିଟରୁ ପାଣି ବାହାରି ରାସ୍ତା କାଦୁଅ ହୋଇପଡିଛି।

ଦେଓଗାଁ,୩୦।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

**କାମ ଦେଉନି ସୋ-ପିଟ୍**

ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଅନ୍ତର୍ଗତ ଉଡାର ଗାଁର ଉପରପଡା ମୁଖ୍ୟରାସ୍ତା ନଳକୂପ ନିକଟରେ ନିର୍ମାଣ ହୋଇଥିବା ସୋ-ପିଟ୍ କାମରେ ଆସୁ ନ ଥିବାରୁ ଦୂଷିତ ପାଣି ବାହାରି ରାସ୍ତା କାଦୁଅପୂର୍ଣ୍ଣ ହୋଇପଡିଥିବା ଅଭିଯୋଗ ହୋଇଛି। ନଳକୂଅ ପାଣି ବାରମ୍ବାର ରାସ୍ତାରେ ପ୍ରବାହିତ ହେବାରୁ କାଦୁଅ ହୋଇ ମଶାମାଛି ବୃଦ୍ଧି ପାଉଛି। ଏଥିଯୋଗୁ ଆଖପାଖ ଲୋକେ ବିଭିନ୍ନ ସମସ୍ୟା ଭୋଗୁଥିବା ନେଇ ପଡାର ପ୍ରମୋଦ କୁମାର ବହିଦାର, ବିରଜ ନାଏକ, ଟିକେଚନ୍ଦ ସାହୁ, ଶେଷଦେବ ମାଝୀ, କଳଦାର ପଧାନ, ବୈଶାଖୁ ପଧାନ, ରାଜୀବ ପଧାନ, ସରସ୍ୱତୀ ଭଣ୍ଡା, ମହାଦେଇ ପଧାନ, ପ୍ରେମଶିଳା ପଧାନ ପ୍ରମୁଖ ଅଭିଯୋଗ କରିଛନ୍ତି। ପଡାବାସୀଙ୍କ କହିବା ଅନୁଯାୟୀ ଗାଁରେ ରହିଥିବା ନଳକୂପଗୁଡିକ ମଧ୍ୟରୁ ବୈଶାଖୁ ପଧାନଙ୍କ ଘର ସାମ୍ନାରେ ରହିଥିବା ନଳକୂପରେ ବର୍ଷସାରା ପାଣି ବାହାରେ ଓ ପିଇବା ପାଇଁ ଉପଯୋଗୀ ହେଉଥିବାରୁ ଏହି ନଳକୂପ ଉପରେ ପଡାର ପ୍ରାୟ ସମସ୍ତେ ନିର୍ଭର କରନ୍ତି। ଏଣୁ ଲୋକଙ୍କ ଦାବି ଅନୁସାରେ ବର୍ଷକ ତଳେ ପଞ୍ଚାୟତ ତରଫରୁ ଏକ ସୋ-ପିଟ୍ ନିର୍ମାଣ କରାଯାଇଥିଲା। ହେଲେ ଉକ୍ତ ସୋ-ପିଟ୍ ଠିକ ଭାବେ ନିର୍ମାଣ ହୋଇ ନ ଥିବାରୁ ବର୍ଷେ ନ ପୁରୁଣୁ ପାଣି ବାହାରି ରାସ୍ତା ଉପରେ ବୋହୁଛି। ଏଣୁ ଗାଁ ପରିବେଶ ଦୂଷିତ ହୋଇପଡିଛି। ଏ ଦିଗରେ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ପଡାବାସୀ ଦାବି କରିଛନ୍ତି।

# ଦେଶୀ ବିଦେଶୀ ମଦ ଜବତ: ଜଣେ ଗିରଫ

ଲୋଇସିଂହା,୩୦।୧(ସୁଶାନ୍ତ ବାରିକ)

ଆଗଲପୁର ଥାନା ଅଧୀନ ଉଚ୍ଚବାହାଲ ଗ୍ରାମରେ ପୋଲିସ ଚଢାଉ କରି ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଉଚ୍ଚବାହାଲ ଗ୍ରାମର ବିକ୍ରମ ଦୋରା। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ବିକ୍ରମ ଗ୍ରାମରେ ବେଆଇନ ଭାବରେ ଦେଶୀ ଓ ବିଦେଶୀ ମଦ କାରବାର ଚଳାଇଥିବା ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଥାନା ଅଧିକାରୀ ଅନିତା ନାୟକଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଉଚ୍ଚବାହାଲରେ ବିକ୍ରମଙ୍କ ଘରେ ଚଢାଉ କରିଥିଲେ। ଚଢାଉ ସମୟରେ ବିଭିନ୍ନ ବ୍ରାଣ୍ଡର ୮୭ ବିଦେଶୀ ମଦ ବୋତଲ ଓ ୫୦ ଦେଶୀ ମଦ ପାଉଚ ଜବତ କରାଯାଇ ବିକ୍ରମଙ୍କୁ ଗିରଫ କରାଯାଇଥିଲା। ମଦ ରୋକିବା ପାଇଁ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଥାନା ଅଧିକାରୀ ନାୟକ ସୂଚନା ଦେଇଛନ୍ତି।

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ପାଟଣାଗଡ,୩୦।୧(ସଚ୍ଚିଦାନନ୍ଦ ମହାକୁର)

**ବଙ୍ଗୋମୁଣ୍ଡାବାହାଲ ଗାଁର ନାବାଳକ ହତ୍ୟା ମାମଲା**

ବଲାଙ୍ଗୀର ଜିଲା ବେଲପଡ଼ା ଥାନା ଅନ୍ତର୍ଗତ ବଙ୍ଗୋମୁଣ୍ଡାବାହାଲ ଗାଁରେ ୨୦୧୭ ମସିହାରେ ଘଟିଥିବା ନାବାଳକ ହତ୍ୟା ମାମଲାର ଶୁଣାଣି ହୋଇଛି। ଶୁକ୍ରବାର ପାଟଣାଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ସୋନାଲି ପଟ୍ଟନାୟକ ଏହି ମାମଲାର ବିଚାର କରି ଅଭିଯୁକ୍ତ ସନାତନ ବର୍ଗର୍ତ୍ତିଙ୍କୁ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୨୦ ହଜାର ଟଙ୍କା ଜରିମାନା ଏବଂ ଅନାଦେୟରେ ୨ ବର୍ଷ ଅତିରିକ୍ତ ଦଣ୍ଡାଦେଶ ଶୁଣାଇଥିବା ସରକାରୀ ଓକିଲ ଭକ୍ତରାମ ବାଗ ସୂଚନା ଦେଇଛନ୍ତି। ଗତ ୨୦୧୭ ଏପ୍ରିଲ ୧୪ ତାରିଖ ରାତିରେ ହତ୍ୟାର ଶିକାର ହୋଇଥିବା ନାବାଳକ ଜଣକ ତାଙ୍କ ଆଈ କୁନ୍ତି ନାଗ ଓ ଦୁଇ ଭଉଣୀଙ୍କ ସହ ଘରେ ଶୋଇଥିଲେ। ସେହି ସମୟରେ ଅଭିଯୁକ୍ତ ସନାତନ ତାଙ୍କ ଘରକୁ ଯାଇ ଧାନ କାଟିବା ଦା'ରେ ପ୍ରଥମେ ୧୦ ବର୍ଷୀୟ ନାବାଳକଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ନାବାଳକଙ୍କ ମୃତ୍ୟୁ ଘଟିଥିଲା। ପରେ ଅଭିଯୁକ୍ତ ଦୁଇ ନାବାଳିକାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେବା ପରେ ଆହତ ଦୁଇ ନାବାଳିକାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନା ନିଆଯାଇଥିଲା। ଏହି ଘଟଣାକୁ ନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଘଟଣାର ୫ ବର୍ଷ ପରେ ଶୁକ୍ରବାର ପାଟଣାଗଡ ଅତିରିକ୍ତ ଜିଲା ଦୌରାଜଜ୍ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ଆଶିଷ ଚନ୍ଦନ ଓ ଭକ୍ତରାମ ବାଗ ପରିଚାଳନା କରୁଥିଲେ।

# କୋଲକାତାକୁ ହରାଇ ସେମିରେ ବରଗଡ଼

ବଲାଙ୍ଗୀର,୩୦।୧(ବୀରେନ୍ଦ୍ର କୁମାର ଝାଙ୍କର)


ଦୁଇ ଦଳର ଖେଳାଳିଙ୍କ ସହ ଅତିଥିମାନେ।

**ସର୍ବଭାରତୀୟ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ ଫୁଟ୍‌ବଲ**

ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ସର୍ବଭାରତୀୟ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ଦିନ ଶୁକ୍ରବାର ଅନୁଷ୍ଠିତ ଖେଳରେ ବରଗଡ ୟୁନାଇଟେଡ କ୍ଲବ ୪-୦ ଗୋଲ ରେ ଏସ୍‌ଡି ଇଲେଭନ କୋଲକତାକୁ ହରାଇ ସେମି ଫାଇନାଲକୁ ପ୍ରବେଶ କରିଛି। ଟୁର୍ନାମେଣ୍ଟ କମିଟି କାର୍ଯ୍ୟକାରୀ ସଭାପତି ବିଧୁ ଭୂଷଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଖେଳରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଜିଲା ରେଙ୍ଗାଲି ବିଧାନସଭା ମଣ୍ଡଳୀ ବିଧାୟକ ସୁଦର୍ଶନ ହରିପାଲ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ଲିକା ସାହୁ ଓ ଉପାଧକ୍ଷା ଗାୟତ୍ରୀ ଭୋଇ ଯୋଗ ଦେଇଥିଲେ। କମିଟିର ବରିଷ୍ଠ ସଦସ୍ୟ ଆଇନଜୀବୀ ଅଶୋକ କୁମାର ମହାନ୍ତି, ସୁଶୀଳ କୁମାର ଚାନ୍ଦ, ଲକ୍ଷ୍ମଣ କୁମାର ମେହେର, ନିହାର ରଞ୍ଜନ ସ୍ୱାଇଁ, ଉପସଭାପତି ଶମ୍ଭୁ ପ୍ରସାଦ ନାଗ, ସମ୍ପାଦକ ସାଗର ସଙ୍ଗମ ଶତପଥୀ ମଞ୍ଚାସୀନ ଥିଲେ। ଖେଳକୁ ଜିତେନ୍ଦ୍ର ପାତ୍ର, ସୁଦର୍ଶନ ସେଠ, ସୁବ୍ରତ ପୁରୋହିତ ଓ ବିକି ବିଶି ପରିଚାଳନା କରିଥିଲେ। ଖେଳରେ ବରଗଡ ଦଳର ରୁଦ୍ର ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଟ୍ରଫି ସହ ୨ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ପୂର୍ବତନ ଖେଳାଳି ଲୋକନାଥ କୁମୁରା ଓ ଶ୍ରୀବତ୍ସ ମେହେରଙ୍କୁ ମାନପତ୍ର ଓ ଉପାୟନ ଦିଆଯାଇ ସମ୍ମାନିତ କରାଯାଇଥିଲା। କ୍ରୀଡା ସଂସଦର ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଜିଲା କ୍ରୀଡା ସଂସଦର କୋଷାଧକ୍ଷ ହେମନ୍ତ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ। ଶନିବାର ଦିନ ରାମଧୁନ କ୍ଲବ ସୁବର୍ଣ୍ଣପୁର ବନାମ ବରଗଡ ୟୁନାଇଟେଡ କ୍ଲବ ମଧରେ ଦ୍ୱିତୀୟ ସେମିଫାଇନାଲ ଖେଳ ହେବ ବୋଲି ଟୁର୍ନାମେଣ୍ଟ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଗୁଣ୍ଠୁଚିତରାରେ ଜବରଦଖଲ ଉଚ୍ଛେଦ



**ଘଣ୍ଟାପଡ଼ା,୩୦।୧(ପ୍ରଭାତ କୁମାର ସାହୁ):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖମନମୁଣ୍ଡା ପଞ୍ଚାୟତର ଗୁଣ୍ଠୁଚିତରା ଗ୍ରାମରେ ସ୍ଥାନୀୟ ତହସିଲ ପ୍ରଶାସନ ପକ୍ଷରୁ ଶୁକ୍ରବାର ଜବରଦଖଲ ଉଚ୍ଛେଦ ହୋଇଛି। ସୂଚନା ଅନୁସାରେ ଗ୍ରାମର ଗୋଚର, ସ୍କୁଲ ଅଞ୍ଚଳ, ସର୍ବସାଧାରଣ ସ୍ଥାନରେ କେତେକ ପରିବାର ଦୀର୍ଘଦିନ ଧରି ଘର କରି ରହୁଥିଲେ। ଗତ ୩ ବର୍ଷ ହେଲା ଗ୍ରାମବାସୀ ଜବରଦଖଲ ଉଚ୍ଛେଦ ପାଇଁ ଜିଲାପାଳ, ତହସିଲଦାର ଓ ଆର୍‌ଆଇଙ୍କୁ ଲିଖିତ ଭାବେ ଜଣାଇ ଆସୁଥିଲେ। ଶେଷରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଗତ ସପ୍ତାହରେ ଜବରଦଖଲକାରୀଙ୍କୁ ନୋଟିସ ଜାରି କରିଥିଲେ। ଶୁକ୍ରବାର ଅତିରିକ୍ତ ତହସିଲଦାରଙ୍କ ନେତୃତ୍ୱରେ ସୁପରଭାଇଜର, ଖୁଣ୍ଟିଗୋରା ଆର୍‌ଆଇ ଏବଂ ଘଣ୍ଟାପଡ଼ା ପୋଲିସ ସହାୟତାରେ ଜବରଦଖଲକାରୀଙ୍କ ଘର ଭଙ୍ଗାଯାଇ ସ୍ଥାନଟିକୁ ସଂରକ୍ଷିତ ଘୋଷଣା କରାଯାଇଛି।

### ନବନିର୍ବାଚିତ ହାବିଲଦାର କନଷ୍ଟେବଲ ସଂଘର ଶପଥ ଗ୍ରହଣ ଉତ୍ସବ

**ବୌଦ୍ଧ,୩୦।୧( ଅଜିତ କୁମାର ବାରିକ):** ବୌଦ୍ଧ ହାବିଲଦାର ଓ କନଷ୍ଟେବଳ ସଂଘର ନୂତନ କର୍ମକର୍ତ୍ତାମାନଙ୍କ ଶପଥ ଗ୍ରହଣ ଉତ୍ସବ ସ୍ଥାନୀୟ ଟାଉନହଲ ଠାରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ଶପଥପାଠ ଗ୍ରହଣ ଉତ୍ସବରେ ମୁଖ୍ୟଅତିଥି ଭାବରେ ଡିଏସପି ଗୌରାଙ୍ଗ ଚରଣ ସାହୁ ଯୋଗଦେଇ ସଂଘର ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ସଂଘର ନବନିର୍ବାଚିତ କର୍ମକର୍ତ୍ତାମାନେ ନିରପେକ୍ଷ ଭାବରେ ଶୃଙ୍ଖଳାର ସହିତ ଜିଲା ପୋଲିସ ଫୋର୍ସର ଉନ୍ନୟନ ପାଇଁ ମିଳିମିଶି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ନବନିର୍ବାଚିତ ସଭାପତି ଭାବେ ବୁଲୁ କୁମାର ମିଶ୍ର ପ୍ରଥମେ ଶପଥ ପାଠ କରିଥିଲେ । ଉପସଭାପତି ଭାବେ ଆଲୋକ ସିଂ କହଁର, ସଂପାଦକ ରଞ୍ଜିତ କୁମାର ପଣ୍ଡା, ସହ ସଂପାଦକ ଅଜିତ କୁମାର ଗାଇଗୌରିଆ, ସମିର କୁମାର ଭୋକ୍ତା, ଷଣ୍ଡେଶ୍ୱର କର୍ଣ୍ଣ , କୋଷାଧକ୍ଷ ଯଶୋବନ୍ତ ପ୍ରଧାନ ଓ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବରେ ପୂର୍ଣ୍ଣଚନ୍ଦ୍ର ସାହୁ, ନାରାୟଣ ସାହୁ, ମମତା କହଁର, ରଞ୍ଜିତ ଝାଙ୍କର, ଜଗତ ମୋହନ ନାୟକ ପ୍ରମୁଖ ପୃଥକ ଭାବରେ ଶପଥ ଗ୍ରହଣ କରିଥିଲେ। ଶପଥ ପାଠ ଉତ୍ସବରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ହାବିଲଦାର ଓ କନଷ୍ଟେବଳ ରାଜ୍ୟ ମହାସଂଘ ସଭାପତି ଅନିଲ କୁମାର ସେଣ୍ଠ, ପୋଲିସ ବିଭାଗର ଅଧିକାରୀ, ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଟ୍ୟାଗ୍ ଅଛି, ଧାନ ଉଠୁନି

**ପଦ୍ମପୁର ଉପଖଣ୍ଡ**

**ମଣ୍ଡିରେ ପଡିଛି ୧୬ ଲକ୍ଷ ୩ ହଜାର ପ୍ୟାକେଟ ଧାନ**

**ପଦ୍ମପୁର,୩୦।୧(ପ୍ରଦୀପ୍ତ ଦାଶ)**



ଚାଷୀମାନେ ନିଜ ଧାନକୁ ଜଗି ରହିଛନ୍ତି।

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଅଞ୍ଚଳରେ ମଣ୍ଡି ଖୋଲିବାର ୨ ମାସ ବିତିଥିଲେ ମଧ୍ୟ ସମସ୍ତ ଚାଷୀଙ୍କ ପାଖରେ ଟୋକନ ପହଞ୍ଚି ପାରିନାହିଁ। ଯେଉଁ ଚାଷୀଙ୍କ ପାଖରେ ଟୋକନ ଅଛି ସେମାନେ ମଣ୍ଡିରେ ଧାନ ପକାଇଛନ୍ତି। ଏହାସତ୍ତ୍ୱେ ମଣ୍ଡିରୁ ଠିକ୍ ଭାବେ ଧାନ ଉଠୁ ନ ଥିବା ଅଭିଯୋଗ ହୋଇଛି।

ପଦ୍ମପୁର ବ୍ଲକ ଉପାନ୍ତ ଦହିତା, ଦହିଗାଁ, ବୁଡେନ, ଜମଲା, କନସିଂହା ସମେତ ପାଇକମାଲ, ଝାରବନ୍ଧ, ଗାଇସିଲେଟ ଅଞ୍ଚଳର ୯୨ଟି ମଣ୍ଡିରେ ଧାନ କିଣାବିକାରେ ଅଚଳାବସ୍ଥା ଦେଖାଯାଇଛି। ଶୁକ୍ରବାର ସୁଦ୍ଧା ଉପଖଣ୍ଡ ଅଧୀନ ୯୨ ମଣ୍ଡିରେ ୧୬ ଲକ୍ଷ ୩ ହଜାର ୧୮୦ ପ୍ୟାକେଟ ଧାନ ପଡି ରହିଥିବା ନିମନ୍ତ୍ରିତ ବଜାର କମିଟି ସମ୍ପାଦକ ରବି ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ପାଇକମାଳ ବ୍ଲକ ଝିଙ୍କି ମଣ୍ଡିରେ ୬୦ହଜାର, ପାଇକମାଲରେ ୫୨ ହଜାର, ଧାରୋଲରେ ୩୭ ହଜାର, ଝାରବନ୍ଧ ବ୍ଲକ ଅମଠି, ଭଏସାଦର୍ହା, ଲୌଡିଦର୍ହଆ ସମେତ ଅନେକ ଉପାନ୍ତ ମଣ୍ଡିରେ ୩୦ହଜାର ପ୍ୟାକେଟ ଉପରେ ଧାନ ପଡି ରହିଛି। ଆଜି ପର୍ଯ୍ୟନ୍ତ ସମସ୍ତ ଚାଷୀଙ୍କ ଟୋକନ ଆସିନାହିଁ। ଯେଉଁ ଚାଷୀମାନଙ୍କ ଟୋକନ ଆସିଛି ସେମାନଙ୍କ ଧାର୍ଯ୍ୟ ଜମି ପରିମାଣରୁ ବହୁତ କମ୍ ଆସିଛି।

ଅନ୍ୟପକ୍ଷେ ମିଲର୍ସ ମନଇଚ୍ଛା କଟନି କରି ଧାନ ଉଠାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଚାଷୀ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଗୋଟିଏ ପଟେ କଟନି ଛଟନି ପାଇଁ ଚାଷୀ ଅସନ୍ତୁଷ୍ଟ ରହୁଥିବା ବେଳେ ଅନେକ ଚାଷୀ ସେମାନଙ୍କ ଟୋକନ ତାରିଖ କେବେ ଆସିବ ଓ ସେମାନେ ମଣ୍ଡିକୁ କେବେ ଧାନ ନେବେ ସେହି ଅପେକ୍ଷାରେ ଶୀତ କାକରରେ ନିଜର ଅମଳ ଧାନକୁ ଧରି ଜଗି ବସିଛନ୍ତି। ଅଧିକାଂଶ ଚାଷୀଙ୍କ ଟୋକନ ତାରିଖ ଅତିକ୍ରମ କରିଗଲାଣି। ସେହିପରି କିଛି ଚାଷୀଙ୍କ ଟୋକନ ଲାପ୍ସ ହୋଇଥିବା ଅଭିଯୋଗ ମଧ୍ୟ ହୋଇଛି। ସେହିପରି କେଉଁ ମଣ୍ଡିରେ କେତେ କୁଇଣ୍ଟାଲ ଧାନ କିଣାଯିବ ତାହା ଯୋଗାଣ ବିଭାଗ ସ୍ଥିର କରୁଛି। ଗୋଟିଏ ମଣ୍ଡିକୁ ଦିନକୁ ମାତ୍ର ୧୫୦ରୁ ୨୦୦ କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଦିଆଯାଉଛି। ଏହା ଧାନ ବିକ୍ରିକୁ ମନ୍ଥର କରି ଦେବା ସହିତ କଟନି ଛଟନିକୁ ପ୍ରୋତ୍ସାହିତ କରୁଛି। ଏ ସମ୍ପର୍କରେ ଉପଖଣ୍ଡ ଯୋଗାଣ ଅଧିକାରୀ ସନ୍ତୋଷ କୁମାର ପଧାନଙ୍କୁ ପଚାରିବାରୁ ସେ କହିଲେ, ଧାନ ଉଠାଇବା ପାଇଁ ମିଲର୍ସଙ୍କୁ ପର୍ଯ୍ୟାପ୍ତ ଟ୍ୟାଗ୍ ଦିଆଯାଇଛି। ମାତ୍ର ମିଲର୍ସ ଧାନ ଉଠାଉ ନାହାନ୍ତି। ସେଥିପାଇଁ ଚାଷୀମାନଙ୍କ ଧାନ ଖୋଲା ଆକାଶ ତଳେ ପଡିରହିଛି ବୋଲି ପଧାନ କହିଥିଲେ।

## ଓଡ଼ିଶା ପବ୍ଲିକ ସ୍କୁଲର ପ୍ରଥମ ବାର୍ଷିକୋତ୍ସବ




ବାର୍ଷିକୋତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ପଲସାଗୋରା,୩୦।୧(ଅଶ୍ୱିନୀ କୁମାର ନନ୍ଦ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକସ୍ଥିତ ଓଡ଼ିଶା ପବ୍ଲିକ ସ୍କୁଲ ଓ ପିଇ କୋଚିଂ ସେଣ୍ଟରର ପ୍ରଥମ ବାର୍ଷିକୋତ୍ସବ ଭାଇବ୍ରାନ୍ସ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ ମୁଖ୍ୟଅତିଥି, ଅବସରପ୍ରାପ୍ତ ଅଧ୍ୟାପକ ସନ୍ତୋଷ କୁମାର ବିଶି ମୁଖ୍ୟ ବକ୍ତା ଏବଂ କଣ୍ଟାମାଳ ଥାନାଧିକାରୀ ଇନ୍ସପେକ୍ଟର ବାସୁଦେବ ଭୋଇ, ବୌଦ୍ଧ ଫାୟାର ଅଫିସର ସୁମନ୍ତ କୁମାର ଜେନା, ଶିକ୍ଷକ ଅନନ୍ତ କୁମାର ପ୍ରଧାନ, କଣ୍ଟାମାଳ ହାଇସ୍କୁଲ ପ୍ରଧାନଶିକ୍ଷକ ମନୋରଞ୍ଜନ ପ୍ରଧାନ, ଶିମିଳିଯୋରା ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରକାଶ ପ୍ରଧାନ, ପଞ୍ଚାୟତ କଲେଜ ଅଧ୍ୟାପକ ବସନ୍ତ କୁମାର ଖଟୁଆ, ପ୍ରଧାନଶିକ୍ଷକ କୁଶ ନାୟକ, ସମାଜସେବୀ ରଞ୍ଜିପ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସୁଶାନ୍ତ କୁମାର କହଁର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧକ୍ଷ ଉଦୟ ନାଥ ଧଳ ବାର୍ଷିକ ବିବରଣୀ ପାଠ, ଶିକ୍ଷକ ଆୟୁଷ କୁମାର ନାୟକ ଓ ସୁଶ୍ରୀ ପ୍ରଭାସିନୀ ନାୟକ ଅତିଥି ପରିଚୟ ସହ ସଭା ସଂଯୋଜନା ଏବଂ ବାଲି ତିର୍କୀ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନାଟକ ‘ଅଭିଳାସା’ ପରିବେଷିତ ହୋଇଥିଲା।

## ଅସୁରଗଡ଼ ଲୋକ ମହୋତ୍ସବ ଉଦ୍‌ଯାପିତ



ଶେଷ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

**ମନମୁଣ୍ଡା,୩୦।୧( ବେଣୁଧର ପଧାନ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ମନମୁଣ୍ଡା ସୁବର୍ଣ୍ଣ ମେରୁ ପଡିଆରେ ଚାଲିଥିବା ତୃତୀୟ ଅସୁରଗଡ଼ ଲୋକ ମହୋତ୍ସବ ଗତ ବୁଧବାର ଉଦ୍‌ଯାପିତ ହୋଇଛି। ଶେଷ ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ମୁଖ୍ୟ ଅତିଥି, କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଜିଲା ପରିଷଦ ଉପାଧ୍ୟକ୍ଷ ସଙ୍କର୍ଷଣ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି, ସୁଧୀର ମହାକୁଡ, ଭାଜପା ଯୁବ ନେତା ଶିବ ଚାଉଲିଆ, କମିଟି ସଭାପତି ଆଶିଷ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଅର୍ଚ୍ଚିତା ପାଢୀ ଓ ଭବତୋଷ ବିଶି ମଞ୍ଚ ପରିଚାଳନା କରିଥିଲେ।

## ଛାତ୍ରୀ ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ

**ବରପାଲି,୩୦।୧(ଚିତ୍ତରଞ୍ଜନ ସାହୁ) :** ବରପାଲି ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ଶିବିରର ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବ ଅଧ୍ୟକ୍ଷା ଜୟନ୍ତୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହରେ ମୁଖ୍ୟ ଅତିଥିଭାବରେ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ଧୀରୋଜ କୁମାର ତ୍ରିପାଠୀ, ଶୈକ୍ଷିକ ପ୍ରଭାରୀ ଅଧ୍ୟାପକ ଅଲେଖ କୁମାର ମହାନନ୍ଦ ସମ୍ମାନିତ ଅତିଥି, ଆମ କଲେଜ, ଆମ ଗୌରବର ସଂଯୋଜକ ଅଧ୍ୟାପକ ଉତ୍ତରକୁମାର ଗଡ଼ତିଆ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲେ। ସଭା ପ୍ରାରମ୍ଭରେ ଆତ୍ମ ସୁରକ୍ଷା ଶିବିରର ସଂଯୋଜିକା ଅଧ୍ୟାପିକା ନତାଶା ସିକନ୍ଦର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ମାଷ୍ଟର ଟ୍ରେନର୍ ରେଣୁକା ଗହୀର ଛାତ୍ରୀଙ୍କୁ ଶିବିରରେ ଶିଖିଥିବା ବିଷୟକୁ ଉପଯୋଗ କରିବା ପାଇଁ କହିଥିଲେ। ଛାତ୍ରୀ ମାନଙ୍କ ମଧ୍ୟରେ ସସ୍ମିକା ପଣ୍ଡା, ସାତୀ ପଧାନ, ଭବାନୀ ବାଗ, ଦେବଯାନୀ ବିଶ୍ୱାଳ, ଆରୁଷୀ କର୍ମୀ ପ୍ରମୁଖ ଶିବିର ସମ୍ପର୍କରେ ନିଜ ନିଜ ଅନୁଭୂତି କହିଥିଲେ। ଶେଷରେ ମାନସୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମ୍ଭୋଚ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ହରଭଙ୍ଗା,୩୦।୧(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ସାମ୍ଭୋଚ ସରକାରୀ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜନୀକାନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି, ଜିଲାପାଳ ବିଭୂତି ଭୂଷଣ ନାୟକ, ହରଭଙ୍ଗା ବିଇଓ ହାଡିବନ୍ଧୁ ବେହେରା ସମ୍ମାନୀତ ଅତିଥି ଏବଂ ଜିଲା ଶିକ୍ଷାଧିକାରୀ ଟେମଲାଲ ଦୁବେ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଶିକ୍ଷକ ପ୍ରଫୁଲ୍ଲ କୁମାର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ବିଜୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଗ୍ରାମ ସଭାପତି ମିହିର କର୍ଣ୍ଣ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ ପ୍ରଧାନ, ପଞ୍ଚସଖା ସେତୁ ସଭାପତି ଶ୍ରୀଧର ପ୍ରଧାନ, ପୂର୍ବତନ ସରପଞ୍ଚ ଦିଲୀପ ପ୍ରଧାନ ଏବଂ ୨୦୨୫ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ସ୍ମିତାରାଣୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଧରଣୀଧର ସାହୁଙ୍କ ନିର୍ଦ୍ଦେଶନାରେ ଏକାଙ୍କିକା ‘ବିଲ୍ଲ ମଙ୍ଗଳ’ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

## ତମାଖୁ ଉତ୍ପାଦ ବିକ୍ରି କରି ଗଣିଲେ ଦଣ୍ଡ

**ବରଗଡ଼, ୩୦।୧(ପ୍ରେମାନନ୍ଦ ଖମାରୀ)**



ପାନ ଦୋକାନରେ ଚଢ଼ାଉ ଚାଲିଛି।

ବରଗଡ ଜିଲା ସ୍ୱାସ୍ଥ୍ୟ, ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଏକ ମିଳିତ କାର୍ଯ୍ୟକାରୀ ସ୍କ୍ୱାଡ୍ ଗଠିତ ହୋଇ ତମାଖୁ ନିୟନ୍ତ୍ରଣ ନିୟମ ଭାଙ୍ଗି ସର୍ବସାଧାରଣ ସ୍ଥାନରେ ତମାଖୁ ଉତ୍ପାଦ ବିକ୍ରି କରୁଥିବା ୧୭ ଜଣଙ୍କଠାରୁ ସମୁଦାୟ ୩୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହାସହିତ ହୋଟେଲ, ଠେଲାମାନଙ୍କୁ ସଫା ପାଣି ଦେବା, ସଫା ସୁତୁରା ପରିବେଶ ରଖିବା, ବାସି ଖାଦ୍ୟ ନ ଦେବା, ଖାଦ୍ୟରେ ରଙ୍ଗ ବ୍ୟବହାର ନ କରିବା, ଖବରକାଗଜରେ ଖାଦ୍ୟ ସାମଗ୍ରୀ ନ ଦେବା, ଭେଷଜ ବ୍ୟବସାୟୀମାନଙ୍କୁ ନାରକୋଟିକ ଔଷଧଗୁଡ଼ିକ ଡାକ୍ତରଙ୍କ ବିନା ପରାମର୍ଶରେ ବିକ୍ରି ନ କରିବା ଏବଂ ତମାଖୁ ବ୍ୟବହାରର କ୍ଷତି ବିଷୟରେ ସଚେତନ କରାଯାଇଥିଲା। ଉକ୍ତ ସ୍କ୍ୱାଡ୍‌ରେ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ପରମେଶ୍ୱର ନାଏକ, ଜିଲା ପରାମର୍ଶଦାତା ସ୍ୱାଗତିକା ବେହେରା, ଜିଲା ଭେଷଜ ନିରୀକ୍ଷକ ଦୀପକ କୁମାର ସିଂହ, ପୋଲିସ ଏଏସ୍‌ଆଇ ପିତବାସ ପଟେଲ, ଅବକାରୀ ଏଏସ୍‌ଆଇ ମଳୟ କୁମାର ପଧାନ ଏବଂ ସେମାନଙ୍କ ଟିମ୍ ସହିତ ଉପସ୍ଥିତ ଥିଲେ।

## ସଚେତନତାରେ ସଡ଼କ ସୁରକ୍ଷା

**ବରଗଡ଼,୩୦।୧(ପ୍ରେମାନନ୍ଦ ଖମାରୀ):** ପ୍ରତିଟି ଜୀବନ ମୂଲ୍ୟବାନ। ସଚେତନତାରେ ହିଁ ଜୀବନ ରକ୍ଷା ହୋଇପାରିବ ବୋଲି ଶୁକ୍ରବାର ବରଗଡ଼ ଟାଉନ ପୋଲିସ ପକ୍ଷରୁ ସ୍ଥାନୀୟ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ଟାଉନ ଥାନା ପୋଲିସ ଅଧିକାରୀ ଗୁଣ୍ଡିଆ ଖାଖାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ଆଇ କମଳିନୀ ନାଏକ, ଏସ୍‌ଆଇ ଭଗତ ସିଂ ମାଝୀ, ପ୍ରଧାନ ଶିକ୍ଷକ ସୁଦୀପ ରଥ, ସ୍କୁଲ କମିଟି ସଦସ୍ୟ କପିଳେଶ୍ୱର ବାଗ, ସୁଦର୍ଶନ ବାରିକ, ଛାତ୍ରୀ ସାଳିନୀ ସା ପ୍ରମୁଖ ସଡ଼କ ସୁରକ୍ଷା ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇବା ସହ ଜଣେ ଛାତ୍ରୀ ଅତି କମ୍‌ରେ ୨ଜଣଙ୍କୁ ସଚେତନ କରାଇବା ପାଇଁ ଆହ୍ୱାନ ଦିଆଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ କୁଇଜ୍ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ଆୟୁର୍ବେଦ ଚିକିତ୍ସାଳୟ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା




ଅତିଥିମାନଙ୍କ ସହ ସମ୍ବର୍ଦ୍ଧିତ କର୍ମଚାରୀ।

**ପାଇକମାଲ,୩୦।୧(ବଡ ଶତପଥୀ)**

ପାଇକମାଲ ସରକାରୀ ଆୟୁର୍ବେଦ ଚିକିତ୍ସାଳୟ ପରିସରରେ ଶୁକ୍ରବାର ଦୁଇ ଜଣ କର୍ମଚାରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଚିକିତ୍ସାଳୟର ଅଧୀକ୍ଷକ ଡ଼ ଶରତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ଅଧୀକ୍ଷକ ଡା. ପ୍ରଦୀପ କୁମାର ଦୋରା ମୁଖ୍ୟ ଅତିଥି, ପୂର୍ବତନ ଅଧୀକ୍ଷକ ଡା. ପ୍ରଦୀପ କୁମାର ସାହୁ ମୁଖ୍ୟ ବକ୍ତା, ଡା. ମାନଭଞ୍ଜନ ପଣ୍ଡା, ମାତୃ ପ୍ରସାଦ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅବସର ନେଉଥିବା ସୌକିଲାଲ ସେଠ ଓ ଦୁର୍ଯ୍ୟୋଧନ ସେଠଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଲେବିଆ ସାଗର ସଭା ପରିଚାଳନା କରିଥିବା ବେଳେ ଡା. ଅଜିତ କୁମାର ଦର୍ଜୀ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡା. ଶ୍ରୀକାନ୍ତ ନାଗ, ଡା. ସ୍ୱାଗତିକା ପ୍ରଧାନ, ମୁରଲି ବାଗ, ବିଶ୍ୱନାଥ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଡା. ଶ୍ରୀକାନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଡ୍ରେନେଜ ଅବ୍ୟବସ୍ଥା, ଜିଲାପାଳଙ୍କୁ ଫେରାଦ

**ବରଗଡ଼,୩୦।୧(ପ୍ରେମାନନ୍ଦ ଖମାରୀ)**



ଡ୍ରେନେଜ ଅବ୍ୟବସ୍ଥାର ସମାଧାନ ନେଇ ପଡାବାସୀ ଅତିରିକ୍ତ ଜିଲାପାଳଙ୍କୁ ଭେଟୁଛନ୍ତି।

ବରଗଡ଼ ସହରର ବିଭିନ୍ନ ସ୍ଥାନରେ ନର୍ଦ୍ଦମା ପାଣି ନିଷ୍କାସନ ତଥା ଡ୍ରେନେଜ ଅବ୍ୟବସ୍ଥା ଲାଗି ରହିଛି। ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ ୨ ଏବଂ ୱାର୍ଡ଼ ନଂ ୪ର ନିର୍ଭର ଯୋଗ୍ୟ ସ୍ଥାନୀୟ ଲମ୍ବା ବିଲଡ଼ିଂରୁ ତଳିପଡ଼ାକୁ ଯାଇଥିବା ରାସ୍ତା ଉପରେ ଗତ କିଛିଦିନ ହେବ ଦିନରାତି ଡ୍ରେନେଜ ପାଣି ପ୍ରବାହିତ ହେଉଛି। ଦୀର୍ଘଦିନରୁ ଏହି ସମସ୍ୟା ଲାଗି ରହିଛି, ମାତ୍ର ଏପର୍ଯ୍ୟନ୍ତ ଏହାର ସ୍ଥାୟୀ ପ୍ରତିକାର କରାଯାଇ ନାହିଁ। ଅଭିଯୋଗ କଲେ କେବଳ ପୌରପରିଷଦ ଗାଡି ଆଣି ନର୍ଦ୍ଦମା ପାଣିକୁ ସେଠାରୁ କାଢି ନିଆଯାଉଛି। ଫଳରେ ସମସ୍ୟା ସମାଧାନ ହୋଇପାରୁ ନାହିଁ। ଏହାକୁ ନେଇ ପଡ଼ାବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜି ଉଠିଛି। ଏହି କ୍ରମରେ ଶୁକ୍ରବାର ପଡାବାସୀ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ନର୍ଦ୍ଦମା ପାଣି ନିଷ୍କାସନ ପାଇଁ ନୂତନ ଡ୍ରେନେଜ ବ୍ୟବସ୍ଥା କରିବା ପାଇଁ ସେମାନେ ସ୍ମାରକପତ୍ରରେ ଦାବି କରିଥିଲେ। ଏ ଦିଗରେ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲାପାଳ ସାହୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ପଡାବାସୀ ଜିଲାପାଳଙ୍କଠାରେ ଏଭଳି ଅଭିଯୋଗ କରିବାର କିଛି ସମୟ ପରେ ସମ୍ପୃକ୍ତ ପଡାକୁ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ ଏବଂ ପୌର ପରିଷଦ ନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁ ପହଞ୍ଚିଥିଲେ। ସେଠାରେ ଜମିଥିବା ନର୍ଦ୍ଦମା ପାଣିକୁ ପୌର ପରିଷଦ ଏକ ଗାଡିରେ କାଢି ନେଇଥିଲା ଏବଂ ନର୍ଦ୍ଦମା ପାଣି ଯେଭଳି ସେଠାରେ ଜମି ନ ରହିବ, ସେ ଦିଗରେ ଅସ୍ଥାୟୀ ପଦକ୍ଷେପ ନେଇଥିଲା। ତେବେ ଆସନ୍ତା ୧୫/୨୦ ଦିନ ପରେ ଉକ୍ତ ପଡାରେ ଲାଗି ରହିଥିବା ଏହି ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି ବିଧାୟକ ପଡାବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## ଶିଶୁକନ୍ୟାଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା ଲୋଡ଼ା

**ବରଗଡ଼, ୩୦।୧(ପ୍ରେମାନନ୍ଦ ଖମାରୀ)**




ଅତିଥିଙ୍କ ଗହଣରେ କୃତୀ ଛାତ୍ରୀମାନେ।

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲରେ ଶୁକ୍ରବାର ଜାତୀୟ କନ୍ୟାସନ୍ତାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମାଳତୀ ନାୟକ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ବୈଷ୍ଣବ ଭୋଇ ମୁଖ୍ୟ ବକ୍ତା ଓ ସମନ୍ୱିତ ଶିଶୁ ବିକାଶ ସୁପରଭାଇଜର ସ୍ୱର୍ଣ୍ଣପ୍ରଭା ନାଏକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଲୋକନାଥ ଚେରକିଆ, ସିଆର୍‌ସିସି କେଦାର ନାଏକ, ଶିକ୍ଷକ ସଞ୍ଜୟ ଖମାରୀ, ଈଶ୍ୱର ପଧାନ, ପୂର୍ବତନ ଶିକ୍ଷକ ରାଧେଶ୍ୟାମ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଶ୍ରୀପତି ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଶିକ୍ଷକ ସଞ୍ଜୟ ଖମାରୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ନାୟକ ଜାତୀୟ କନ୍ୟାସନ୍ତାନ ଦିବସର ମହତ୍ତ୍ୱ ଓ ଶିଶୁକନ୍ୟାଙ୍କ ଅଧିକାର ବିଷୟରେ ଆଲୋକପାତ କରିଥିଲେ। ଶିଶୁକନ୍ୟା ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବାଧାବିଘ୍ନ ଗୁଡ଼ିକୁ ଦୂର କରିବା ସହ ସେମାନଙ୍କୁ ପୁଅମାନଙ୍କ ପରି ସମାନ ସୁଯୋଗ ଯୋଗାଇବା ପାଇଁ ସମସ୍ତେ ଆଗେଇ ଆସିବା ଉଚିତ ବୋଲି ଅତିଥିବୃନ୍ଦ ମତପ୍ରକାଶ କରିଥିଲେ। ଛାତ୍ରୀମାନେ କନ୍ୟା ଭ୍ରୂଣ ହତ୍ୟା, ବେଟି ପଢ଼ାଓ ବେଟି ବଢ଼ାଓ ପ୍ରସଙ୍ଗ ଉପରେ ଆଧାରିତ କ୍ଷୁଦ୍ର ନାଟିକା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ବକ୍ତୃତା ପ୍ରତିଯୋଗିତାରେ ଛାତ୍ରୀ ରିୟା ବାରିକ ପ୍ରଥମ, ଦିବ୍ୟା ନାଏକ ଦ୍ୱିତୀୟ ଓ ରୋହିଣୀ ପଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ କନିଷ୍ଠ ବିଭାଗରୁ ଛାତ୍ରୀ ଆସ୍ଥା ସା, ଭୂମି ସା ଓ ରିତୁ ଖଡିଆ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ବରିଷ୍ଠ ବିଭାଗରୁ ରୋଶନୀ ପଟେଲ, କ୍ଷୀରୋଦ୍ରି ବେହେରା ଓ ଅର୍ପିତା ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସମସ୍ତ କୃତୀ ପ୍ରତିଯୋଗୀଙ୍କ ସମେତ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଶିକ୍ଷକ ତେଜରାମ ସା, ସୁବାସ ଚନ୍ଦ୍ର ଖମାରୀ, ଅଙ୍କିତ ମହନ୍ତ, ଈଶ୍ୱର ପଧାନ, ବୋଧରାମ ବିଶ୍ୱାଳ, ପଦ୍ମଲୋଚନ ବିଶି, ପ୍ରଶାନ୍ତ ମହାପାତ୍ର, ଅମୂଲ୍ୟ ଭୋଇ, ସୁଦର୍ଶନ ପଧାନ, ଦେବାଶିଷ ମିର୍ଦ୍ଧା, ଶିକ୍ଷୟିତ୍ରୀ ରୋଜାଲିନ ଭୋଇ, ସୌଦାମିନୀ ବାରିକ, ରାଜକୁମାରୀ ଭୁଏ, ମନୋଜା ପଟେଲ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସୌଦାମିନୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୫ ଦିନ ପରେ ଧାରଣା ପ୍ରତ୍ୟାହୃତ

■ ଜିଲାପାଳ, ବିଧାୟକଙ୍କ ଉପସ୍ଥିତିରେ ଆଲୋଚନା
■ ଓସିପିଏଲ୍ ଖଣି ସମ୍ମୁଖରେ ବିସ୍ଥାପିତଙ୍କ ଧାରଣା

ସୁନ୍ଦରଗଡ଼,୩୦।୧(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ଓସିପିଏଲ ମନୋହରପୁର କୋଇଲା ଖଣି ସାନଘୁମୁଡା ଓ ଡୁଲିଙ୍ଗାର ଆଂଶିକ ବିସ୍ଥାପିତ ପରିବାରର ବିବାହିତା ଝିଅ ଓ ଜଙ୍ଗଲ ଜମି ଅଧିକାରରେ ପଟ୍ଟା ପାଇଥିବା ପରିବାରଙ୍କୁ କ୍ଷତି ପୂରଣ, ଥଇଥାନ ଓ ପୁର୍ନବାସ ଦାବି ନେଇ ଓସିପିଏଲ ଖଣି ସମ୍ମୁଖରେ ଚାଲିଥିବା ଧାରଣା ଶୁକ୍ରବାର ୧୫ଦିନରେ ପହଞ୍ଚିଛି। ଡା. ହିମାଂଶୁ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଚାଲିଥିବା ଆନ୍ଦୋଳନକୁ ସ୍ଥାନୀୟ ବିଧାୟକ ଯୋଗେଶ କୁମାର ସିଂହ ପ୍ରଥମ ଦିବସରୁ ସମର୍ଥନ ଜଣାଇ ଆସୁଛନ୍ତି। ଶୁକ୍ରବାର ସିଂହ ଧାରଣା ସ୍ଥଳରେ ପହଞ୍ଚି ବିସ୍ଥାପିତଙ୍କ ସହିତ ଆଲୋଚନା କରି ଦାବି ପୂରଣ ଦିଗରେ ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି କରିଥିଲେ। ସନ୍ଧ୍ୟାରେ ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ସିଂହଙ୍କ ଉପସ୍ଥିତିରେ ଜିଲାପାଳଙ୍କ କାର୍ଯ୍ୟାଳୟରେ କମ୍ପାନୀ ଅଧିକାରୀ ଓ ଧାରଣାରତ ବିସ୍ଥାପିତଙ୍କ ସହିତ ଆଲୋଚନା ହୋଇଥିଲା। ଆଲୋଚନା ପରେ ଆସନ୍ତା ୪୫ ଦିନ ମଧ୍ୟରେ ପୁନଃ ସର୍ଭେ କରାଯାଇ ଦାବି ପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ପରେ ସନ୍ଧ୍ୟା ସାଢେ ୭ଟା ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଆଲୋଚନା ବୈଠକରେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝୀ, ସଦର ଉପଜିଲାପାଳ ତେଜସ୍ୱିନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ଓସିପିଏଲ ଖଣି ସମ୍ମୁଖରେ ବିସ୍ଥାପିତଙ୍କ ଧାରଣା।

# ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ସମ୍ବଲପୁର,୩୦।୧(ପ୍ରମୋଦ ବହିଦାର)

ସମ୍ବଲପୁର ସହର ଧନୁପାଲି ଥାନା ଅନ୍ତର୍ଗତ ଭତରା ପେଟ୍ରୋଲ ପମ୍ପ ନିକଟରେ ୫୫ନଂ. ଜାତୀୟ ରାଜପଥରେ ଏକ ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମହାବୀରପଡ଼ାର ଅନ୍ତର୍ଯ୍ୟାମୀ ବେହେରା(୮୩)। ଅନ୍ତର୍ଯ୍ୟାମୀ ଶୁକ୍ରବାର ସାନ୍ଧ୍ୟ ଭ୍ରମଣରେ ଯାଇଥିବାବେଳେ ରାସ୍ତା ଉପରେ ଏକ ଗାଡ଼ି ତାଙ୍କୁ ପଛରୁ ଧକ୍କା ଦେଇ ଚଢ଼ି ଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନ୍ତର୍ଯ୍ୟାମୀଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଅପରପକ୍ଷରେ ଦୁର୍ଘଟଣା ଘଟାଇଥିବା ଗାଡ଼ି ଓ ଚାଳକ ଫେରାର ହୋଇଯାଇଛନ୍ତି। ପୋଲିସ ନିକଟରେ ଲାଗିଥିବା ସିସି କ୍ୟାମେରା ଆଦି ଯାଞ୍ଚ ପୂର୍ବକ ଗାଡ଼ିକୁ ଚିହ୍ନଟ ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଘର ଭାଙ୍ଗିଲେ, ଧାନ ଖାଇଲେ


ହାତୀ ଭାଙ୍ଗିଥିବା ଘର।

ବଣାଇଁ,୩୦।୧(ପ୍ରଦୀପ ତ୍ରିପାଠୀ)

**ତମଡ଼ା ବନାଞ୍ଚଳରେ ୧୨ ଟିକିଆ ହାତୀପଲଙ୍କ ତାଣ୍ଡବ**

ବଣାଇଁ ବନଖଣ୍ଡର ତାମଡା ବନାଞ୍ଚଳରେ ୧୨ ଟିକିଆ ହାତୀ ପଲଙ୍କ ଉତ୍ପାତ ଯୋଗୁ ଅତିଷ୍ଠ ହୋଇପଡ଼ିଛନ୍ତି ୬ଟି ଗ୍ରାମର ଗ୍ରାମବାସୀ। ଗୁରୁବାର ବିଳମ୍ବିତ ରାତିରେ ହାତୀପଲ ନୁନିଆପାଲି, କଣ୍ଟାପାଲି, ବଡ଼ଗାଁ, ଡୁମେରମୁଣ୍ଡା, ବନେଇକଳା ଆଦି ୬ଟି ଗ୍ରାମରେ ପଶି ଘର ଭାଙ୍ଗିବା ସହ ଧାନ ଖାଇଥିଲେ। ଫଳରେ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଦିନରେ ଘଞ୍ଚ ଜଙ୍ଗଲରେ ରହୁଥିବା ବେଳେ ରାତିହେଲେ ଗାଁ ମୁହାଁ ହେଉଛନ୍ତି । ଏବେ ଧାନ ଅମଳ ସରିଛି, ଅମଳ ଧାନ ଯେଉଁ ଘରେ ରଖାଯାଇଛି ସେଇ ଘର ଭାଙ୍ଗି ଧାନ ଖାଇ ନଷ୍ଟ କରୁଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଅଞ୍ଚଳବାସୀ ରାତି ଅନିଦ୍ରା ହୋଇ ହାତୀ ଘଉଡାଇବାକୁ ଉଦ୍ୟମ କରୁଥିଲେ ହେଁ ବିଫଳ ହେଉଛନ୍ତି। ଏ ସମ୍ପର୍କରେ ବନବିଭାଗକୁ ପଚାରିଲେ, ଆମର ୨ ସେକ୍ସନର କର୍ମଚାରୀ ହାତୀକୁ ଟ୍ରାକ କରି ତାଙ୍କୁ ଘଉଡ଼ାଇବାକୁ ଚେଷ୍ଟା ଜାରି ରଖିଥିବା କଥା କହୁଛନ୍ତି। ସରକାରଙ୍କ ଗାଇଡ଼ଲାଇନ ଅନୁସାରେ କ୍ଷତିପୂରଣ ଦିଆଯିବ ବୋଲି ବନବିଭାଗ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେବାପରେ ମଧ୍ୟ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।

# ସୁନା ଝିଅ ସୁସ୍ମିତାଙ୍କ ସଫଳତା

**୬୯ ତମ ଜାତୀୟ ବିଦ୍ୟାଳୟ ସମୂହ ହ୍ୟାଣ୍ଡବଲ ପ୍ରତିଯୋଗିତା**


ସୁସ୍ମିତା ସହ

ସୁନ୍ଦରଗଡ,୩୦।୧(ଜୟ ନାରାୟଣ ମେଣ୍ଡୁଲି)

୬୯ତମ ଜାତୀୟ ବିଦ୍ୟାଳୟ ସମୂହ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ସୁନ୍ଦରଗଡ଼ ଜିଲା ସଦର ବ୍ଲକ କିଞ୍ଜିର୍ମା ସ୍ଥିତ ପି.ଏମ.ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ସୁସ୍ମିତା କଙ୍ଗାଡି ଉନ୍ନତ ମାନର ଖେଳ ପ୍ରଦର୍ଶନ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ଗୁଜୁରାଟ ସ୍ଥିତ ସଦଭାବନା ଗ୍ରାଉଣ୍ଡ ସୋମନାଥ ଠାରେ ଆୟୋଜିତ ୬୯ ତମ ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ୧୭ ବର୍ଷରୁ କମ ଓଡ଼ିଶା ବାଳିକା ଦଳରେ ରାଜ୍ୟକୁ ପ୍ରତିନିଧିତ୍ୱ କରିଥିଲେ। ପ୍ରତିଯୋଗିତାରେ ସୁସ୍ମିତା କଙ୍ଗାଡି ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ସଫଳତା ହାସଲ କରିଛନ୍ତି। ସୁନ୍ଦରଗଡ଼ ଟାଙ୍ଗରପାଲି ବ୍ଲକ ସ୍ଥିତ ତିନକୁଡା ଗ୍ରାମର ରେଖା କଙ୍ଗାଡି ଏବଂ ରାଜେନ କଙ୍ଗାଡିଙ୍କ ଝିଅ ସୁସ୍ମିତାଙ୍କ ଛୋଟ ବେଳୁ ବିଭିନ୍ନ ଖେଳ ପ୍ରତି ବିଶେଷ ରୁଚି ରହିଛି । ରାଜ୍ୟ ସ୍ତରୀୟ ରେଫରି ତଥା ପ୍ରଶିକ୍ଷକ ରାକେଶ ବାରିକଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଅଭ୍ୟାସ କରୁଛନ୍ତି । ନିଜ ପ୍ରତିଭା ବଳରେ ବର୍ତ୍ତମାନ ଯାଏଁ ସେ ହ୍ୟାଣ୍ଡବଲ, ଫୁଟବଲ ,ଖୋ-ଖୋ, ଆଥଲେଟିକ୍ସ ଆଦି ଖେଳରେ ୪ ବର୍ଷ ଧରି ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ ଖେଳ,ରାଜ୍ୟସ୍ତରୀୟ ମୁକ୍ତ କ୍ରୀଡ଼ା ପ୍ରତିଯୋଗିତା, ସାଂସଦ ଖେଳ, ମୁଖ୍ୟମନ୍ତ୍ରୀ କପ ଆଦି ପ୍ରତିଯୋଗିତାରେ ଅଂଶ ଗ୍ରହଣ ଅନେକ ସଫଳତା ସାଉଁଟିଛନ୍ତି। ସୁସ୍ମିତାଙ୍କ ଏହି ସଫଳତା ପାଇଁ ସୁନ୍ଦରଗଡ଼ ଜିଲା ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରା, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଅଜୟ ପ୍ରଧାନ, ପି.ଏମ.ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ କିଞ୍ଜିର୍ମାର ପ୍ରଧାନ ଶିକ୍ଷୟିତ୍ରୀ ଦେବକୀ ଜୟପୁରିଆ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ନାଏକ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏବଂ କିଞ୍ଜିର୍ମା ଗ୍ରାମର ବୁଦ୍ଧିଜୀବୀ ତଥା ଖେଳ ପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି ।

# ବିମଳାଗଡ଼ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ଲହୁଣୀପଡ଼ା,୩୦।୧(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ବିମଳାଗଡ଼ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ମୁଖ୍ୟ ବକ୍ତାଭାବେ କୋଇଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ବେହେରା, ସମ୍ମାନିତ ଅତିଥିଭାବେ କୋଇଡା ଏବିଇଓ ଭରତ ରଞ୍ଜନ ମାହାନ୍ତି, କେ. ବଲାଙ୍ଗ ପିଏଚସି ଡା. ମନୋଜ ସିଂ, ଡା. କମଳାକାନ୍ତ ମାହାନ୍ତ, ବିମଳାଗଡ଼ ରେଲୱେ ଷ୍ଟେଶନ ମାଷ୍ଟର ଯୋଗେଶ ପୁର୍ତ୍ତି, ବିମଳାଗଡ଼ ରେଲୱେ ଷ୍ଟେଶନର ପିଡବ୍ଲ୍ୟୁୱାଇ ଏପି ସିଂ, କେ. ବଲାଙ୍ଗ ଶାନ୍ତିଦେବୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସ୍ୱାଇଁ, ଜାମୁଡ଼ିହି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହରେକୃଷ୍ଣ ମାହାନ୍ତ ଯୋଗ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଲାଲ ବାହାଦୂର ଷଡଙ୍ଗୀ ଅଧ୍ୟକ୍ଷତା କରିବା ସହିତ ବିବରଣୀ ପାଠ କରିଥିଲେ। ପ୍ରସନ୍ନଜିତ ପତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଞ୍ଜୟ କୁମାର ମାଝୀ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉତ୍ତମ ଛାତ୍ର ହେବା ପାଇଁ କଠିନ ପରିଶ୍ରମ କରିବାକୁ ପଡିବ। ଏଣୁ ପ୍ରତ୍ୟେକ ଛାତ୍ରୀଛାତ୍ର ଏଥିପ୍ରତି ଧ୍ୟାନ ଦେଇ ପାଠ ପଢିବା ଉଚିତ। ନିଜ ପିଲାଙ୍କୁ ଉତ୍ତମ ଛାତ୍ର କିମ୍ବା ଭଲ ମଣିଷ ଗଢି ତୋଳିବାକୁ ହେଲେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅପେକ୍ଷା ଅଭିଭାବିକା ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅଛି। ଏଣୁ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇବା ପାଇଁ ଅଭିଭାବକ ମାନେ ଯତ୍ନବାନ ହେବା ଉଚିତ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଶୁଭ୍ରାଂଶୁ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଦୀନବନ୍ଧୁ ରଣା, ଲକ୍ଷ୍ମଣ ଓରାମ, ପ୍ରମିଳା ଡୁଙ୍ଗଡୁଙ୍ଗ, ବନିତା ରାଣୀ ପ୍ରଧାନ, ତରଙ୍ଗିନୀ ମାଝୀ, ଗାୟତ୍ରୀ ନାୟକ,ନିବେଦିତା ମାହାନ୍ତ, ମୋତରାଣୀ ସାହୁ, କାଶୀନାଥ ମାହାନ୍ତ, ଡେଭିଡ ଡୁଙ୍ଗଡୁଙ୍ଗଙ୍କ ସମେତ ବିଦ୍ୟାଳୟର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଏଥିରେ ବହୁ ସଂଖ୍ୟାରେ ଅଭିଭାବିକା ଅଭିଭାବକମାନେ ଉପସ୍ଥିତ ଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ସିପିଆଇଏମ ଲହୁଣୀପଡ଼ା ଶାଖାର କର୍ମୀ ସମ୍ମିଳନୀ

ଲହୁଣୀପଡା,୩୦।୧(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଦର୍ଜୀଂ ସ୍ଥିତ ଜାତୀୟ ରାଜପଥ ଡାକ ବଙ୍ଗଳା ଠାରେ ଶୁକ୍ରବାର ସିପିଆଇଏମ ଲହୁଣୀପଡା ଶାଖାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସିପିଆଇଏମ ଜିଲା ସମ୍ପାଦକ ପ୍ରମୋଦ କୁମାର ସାମଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ କୋଇଡା (କ) ଜିଲା ପରିଷଦ ସଦସ୍ୟା ଶୁଶିଳା ମୁଣ୍ଡା, ଖୁଣ୍ଟଗାଁ ଆଞ୍ଚଳିକ କମିଟି ସମ୍ପାଦକ ସମୀର ନାଏକ, ଦୈତାରି ମାହାନ୍ତ, ସାଏବ ମାହାନ୍ତ, ରାଜୁ ପାତ୍ର ମଞ୍ଚାସୀନ ଥିଲେ। ଲହୁଣୀପଡା ଆଞ୍ଚଳିକ କମିଟି ସମ୍ପାଦକ ଲାଲ ବାହାଦୂର ମାହାନ୍ତ ଅଧ୍ୟକ୍ଷତା କରିଥିବା ବେଳେ ଦୁର୍ଯ୍ୟୋଧନ ମାହାନ୍ତ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଆଉ ଏକ ବର୍ଷ ରହିଲା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ। ଏଥିପାଇଁ ତୃଣମୂଳ ସ୍ତରରୁ ସଙ୍ଗଠନକୁ ସୁଦୃଢ଼ ନ କଲେ ୱାର୍ଡ ସଭ୍ୟ ଠାରୁ ଆରମ୍ଭ କରି ଜିଲା ପରିଷଦ ଆସନ ପର୍ଯ୍ୟନ୍ତ ଅକ୍ତିଆର କରି ହେବ ନାହିଁ। ଏଣୁ ସମସ୍ତ କର୍ମକର୍ତ୍ତା ଓ କର୍ମୀମାନେ ଯତ୍ନବାନ ହେବା ଜରୁରୀ ବୋଲି ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିବା ସହିତ ଆସନ୍ତା ମାସ ୧୨ ତାରିଖ ଭାରତ ବନ୍ଦ ଡାକରାକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କର୍ମୀ ସମ୍ମିଳନୀରେ ବହୁ ସଂଖ୍ୟାରେ କର୍ମକର୍ତ୍ତା, କର୍ମୀ ଯୋଗ ଦେଇଥିଲେ। ଓମନ୍ତ କୁମାର ମାହାନ୍ତ, ନେଲସନ ହେମ୍ବ୍ରମ, ରଞ୍ଜିତ ପତି, ନିକୁଞ୍ଜ ସିଂ, ମନ୍ମଥ ମାହାନ୍ତ, ଚଳତ ପଣ୍ଡା, ପ୍ରଦୀପ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ସମ୍ମିଳନୀରେ ବିଧାୟକଙ୍କ ସହ ଅନ୍ୟ ଅତିଥିମାନେ।

# ଆମ ପୋଲିସ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ପୋଲିସଙ୍କ ସହ ଅନ୍ୟ ଅଧିକାରୀମାନେ।

ବନ୍ଧମୁଣ୍ଡା, ୩୦।୧(ସୁବ୍ରତ ଦେ)

ବନ୍ଧମୁଣ୍ଡା ଥାନା ଅଧିକାରୀ ରଞ୍ଜନ ନାୟକଙ୍କ ନେତୃତ୍ୱରେ ଶୁକ୍ରବାର ବନ୍ଧମୁଣ୍ଡାର ବି-ସେକ୍ଟର ସ୍ଥିତ ନେପାଳୀ ବସ୍ତି ଖେଳ ପଡ଼ିଆରେ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବନ୍ଧମୁଣ୍ଡାର ବିଭିନ୍ନ ଅଞ୍ଚଳରୁ ଆସିଥିବା ସାଧାରଣ ନାଗରିକଙ୍କ ସହିତ ସ୍ଥାନୀୟ ରାଜନୈତିକ ଓ ସାମାଜିକ କର୍ମୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଉପସ୍ଥିତ ଲୋକେ ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ ବଢ଼ାଇବା, ଟ୍ରାଫିକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏବଂ ନିଶା ଦ୍ରବ୍ୟ ବିକ୍ରି ଉପରେ ବିଶେଷ ଅଭିଯାନ ଚଳାଇବା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ଥାନା ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଥାନା ଅଧିକାରୀ ରଞ୍ଜନ ନାୟକ ଲୋକମାନଙ୍କୁ ଅନୁରୋଧ କରି କହିଥିଲେ ଯେ, ଯଦି ଅଞ୍ଚଳରେ କୌଣସି ପ୍ରକାରର ଅସାମାଜିକ କିମ୍ବା ଆପରାଧିକ କାର୍ଯ୍ୟକଳାପ ଦେଖାଯାଏ, ତେବେ ତା'ର ସୂଚନା ପୋଲିସକୁ ଦିଅନ୍ତୁ। କାର୍ଯ୍ୟକ୍ରମରେ ପ୍ରମିଳା ସୁନା, ମାଳତୀ ସିଂ, ଜୋନ ଭେଂଗ୍ରା, ମନୋଜ ଭଗତ, ଗଣେଶ ବିଶାଳ, ମୁକ୍ଲେଶ ସିଂ, ଜି ବାଗ, ଲାଲୁ ଛେତ୍ରି, ଅଜୟ ସିଂଦେଓ, ରୋସନ ଖାନ, ମନୋଜ ଗୋପଙ୍କ ସମେତ ଥାନାର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ପରିବେଶ ସୁରକ୍ଷା,ସଚେତନତା କାର୍ଯ୍ୟକ୍ରମ

କୁତ୍ରା,୩୦।୧(ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଗଏରବାହାଲରେ ପରିବେଶ ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଅଧିନରେ ଜଳାଶୟ ସଫେଇ ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ପ୍ରଥମେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଗ୍ରାମବାସୀମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ସମିତି ସଭ୍ୟା ଜ୍ୟୋତ୍ସ୍ନା କେରକେଟା ପତାକା ଦେଖାଇ ଶୋଭାଯାତ୍ରାକୁ ଉଦ୍‌ଘାଟନ କରାଇଥିଲେ। ପରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଗ୍ରାମବାସୀ ବଡମାଳ ହାଟ ପଡିଆରେ ଥିବା ଅଳିଆ ଆବର୍ଜନା ସଫା କରିଥିଲେ। ଗ୍ରାମବାସୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସହାୟତାରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକମାନେ ବଡମାଳ ହାଟ ପାଖ ପୋଖରୀ ସଫା କରିଥିଲେ। ପରେ ପୋଖରୀ ହୁଡାରେ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଦାଶ, ପୂର୍ବ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମିଶ୍ର , ଗୋସନାର ମିଞ୍ଜ, ପଞ୍ଚରା ବନପାଳ ଦୀପନ କୁମାର ପଟେଲ ଓ ଅନ୍ୟ କର୍ମଚାରୀମାନେ ଯୋଗ ଦେଇଥିଲେ। ଶିକ୍ଷକ ସୁମିତ ଖଲଖୋ, ପୂଜାରାନୀ ଦେବସା, ରୋସନ ପ୍ରସାଦ, ସୁପ୍ରୀତି ବାଗ ଆଦି ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ବିଜେତାଙ୍କୁ ପୁରସ୍କୃତ କରଯାଇଯାଇଥିଲା।

# ସୃଜନ ଏକାଡେମୀ ସ୍କୁଲର ବାର୍ଷିକ ଉତ୍ସବ

ବଡ଼ଗାଁ,୩୦।୧(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବାଇବାଇ ଗ୍ରାମ ନିକଟସ୍ଥ ସୃଜନ ଏକାଡେମୀ ସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଚେୟାରମ୍ୟାନ ସମରି ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପ୍ରିନ୍ସିପାଲ ରେଶମା ମିଞ୍ଜ ପରିଚାଳନା କରିଥିଲା ବେଳେ ସଭାରେ ଶିକ୍ଷୟିତ୍ରୀ ରିଚା ଶର୍ମା ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ବଡ଼ଗାଁ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ମୁଖ୍ୟ ବକ୍ତା ବ୍ଲକ ଅଧ୍ୟକ୍ଷା ଦୁଲାରୀ ସରେଙ୍ଗ, ସମ୍ମାନିତ ଅତିଥିଭାବେ ବରିଷ୍ଠ ନାଗରିକ କିଶୋର ବିଶି, ସ୍କାନ ଷ୍ଟିଲର ଜିଏମ୍ ଅଙ୍କୁର ମଦାନ, ସୃଷ୍ଟି ଇସ୍ପାତ ମ୍ୟାନେଜର ଅଭୟ ସିଂ, ପରିଚାଳନା କମିଟିର ସଦସ୍ୟ ସୁରେନ୍ଦ୍ର ରାଉତରାୟ, ଶିଶିର ରାଉତରାୟ ପ୍ରମୁଖ ବ୍ୟକ୍ତିମାନେ ଯୋଗଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ମଞ୍ଚରେ ଉପସ୍ଥିତ ଅତିଥିମାନେ।

# ସ୍ପର୍ଶ କୁଷ୍ଠ ସଚେତନତା ନିବାରଣ ପକ୍ଷ ଉପଲକ୍ଷେ ଶୋଭାଯାତ୍ରା

କୁଆଁରମୁଣ୍ଡା,୩୦।୧(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ କୁଆଁରମୁଣ୍ଡା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୁକ୍ରବାର 'ସ୍ପର୍ଶ' କୁଷ୍ଠ ସଚେତନତା ନିବାରଣ ପକ୍ଷ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ଯୋଗଦେଇ ନିଜ ବକ୍ତବ୍ୟରେ କହିଥିଲେ ଯେ, କୁଷ୍ଠ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ସାଧ୍ୟ ଓ କୌଣସି ରୋଗୀ ଅନ୍ତରଭେଦଭାବ ନ ରଖି ନିଜର ମର୍ଯ୍ୟାଦାକୁ ସୁରକ୍ଷା ଦେବା ଉଚିତ। ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆୟୋଜିତ କୁଷ୍ଠ ସଚେତନତା ନିବାରଣ ଶୋଭାଯାତ୍ରାକୁ ଜିଲା ପରିଷଦ ସଭ୍ୟ କୁଜୁର ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାଁସଦା, ଡା. ସୀମା ତିଗା,ଡ. ଅମ୍ଳାନୀପ୍ରଶନା ରାଉଳ ଉପସ୍ଥିତ ଆଶା ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଉତ୍ସାହିତ କରିଛନ୍ତି। ଏହି କାର୍ଯ୍ୟକ୍ରମ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବରିଷ୍ଠ ସ୍ୱାସ୍ଥ୍ୟ କର୍ମଚାରୀ ଦେବାଶିଷ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ରର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁରୂପେ ସଞ୍ଚାଳନ କରିଥିଲେ।



କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କୁଷ୍ଠ ସଚେତନତା ଶୋଭାଯାତ୍ରା ଉଦଘାଟନ କରାଯାଉଛି।

# ଶିକ୍ଷକ, ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ଆବଶ୍ୟକ

କୁତ୍ରା,୩୦।୧(ଦେବାଶିଷ ସାହୁ)

**କିରିଙ୍ଗସିରା ପିଏମ୍ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କୁତ୍ରା ବ୍ଲକ କିରିଙ୍ଗସିରା ପିଏମ୍ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠାନର ପ୍ରଧାନ ଶିକ୍ଷକ ବ୍ରିଧିଚନ୍ଦ୍ର ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ଅନନ୍ତ କୁମାର ନାଏକ ଯୋଗଦେଇ ଶିକ୍ଷା ହେଉଛି ମଣିଷ ଜୀବନର ମୂଳ ଆଧାର ବୋଲି କହିଥିଲେ। ପିଏମ୍ଶ୍ରୀ ଯୋଜନା ଅଧୀନରେ ବିଦ୍ୟାଳୟର ଶିକ୍ଷାଗତ ଓ ଭୌତିକ ଉନ୍ନତି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବରେ ଓଷ୍ଟା ଜିଲା ସଭାପତି ଡ. ବିଭୀଷଣ ବାରିକ ଯୋଗଦେଇ ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ଥିଲେ ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ବିକାଶ ସମ୍ଭବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକଡା, କୁତ୍ରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, କିରିଙ୍ଗସିରା ସରପଞ୍ଚ ମଲ୍ଲି କୁଜୁର, ଅନୁଷ୍ଠାନର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଟିକଚାନ୍ଦ ପ୍ରଧାନ, ଏସ୍ଏମ୍‌ସି ସଭାପତି ରେଶମା ନାଏକ ଓ ପଞ୍ଚସଖା ଶିକ୍ଷା ସେତୁ ସଭାପତି କଷ୍ଟୁ କୁସୁମା ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଭାକାର୍ଯ୍ୟକୁ ଶିକ୍ଷକ କୃଷ୍ଣ ଟପ୍ପୋ ପରିଚାଳନା କରିଥିବା ବେଳେ ଶିକ୍ଷକ ବିକ୍ରମଜିତ ସିଂ ବାର୍ଷିକ ବିବରଣୀ ପଠନ କରିଥିଲେ। ଶେଷରେ ରୋହିତ ବରୁଆ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଟିକଚାନ୍ଦ ସିଂ, ବରୁଣ ନିଶାଳ, ପୁଲକ ପ୍ରଧାନ, ରଞ୍ଜିତା ବାଡା, ପୁଷ୍ପାଞ୍ଜଳି ବେହେରା, ରୋମିତ ନାଏକ, ସ୍ମୃତିରଞ୍ଜନ ମହାନ୍ତି, ଲବ କୁଲୁ, ରୁଦ୍ରନାରାୟଣ ସିଂ, ବିକ୍ରମଜିତ ସିଂଙ୍କ ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ଏସ୍ଏମ୍ସି ପକ୍ଷରୁ ଜବରଦଖଲ ଉଚ୍ଛେଦ

ସମ୍ବଲପୁର,୩୦ା୧(ପ୍ରମୋଦ ବହିଦାର)

**■ଉଚ୍ଛେଦ ହେଲା ୨୧ ଦୋକାନ**

**■ରାସ୍ତା ପ୍ରଶସ୍ତୀକରଣ ଓ ଜବରଦଖଲ ମୁକ୍ତ ଡ୍ରେନ୍ ଲକ୍ଷ୍ୟ**



ସାକ୍ଷୀପଡ଼ାରେ ଏସ୍ଏମ୍ସି ପକ୍ଷରୁ ଜେସିବି ସାହାଯ୍ୟରେ ଜବରଦଖଲ ଉଚ୍ଛେଦ କରାଯାଉଛି।

ସମ୍ବଲପୁର ମହାନଗର ନିଗମ (ଏସ୍ଏମ୍ସି) ପକ୍ଷରୁ ଶୁକ୍ରବାର ସାକ୍ଷୀପଡ଼ାରେ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ସହରର ଗମନାଗମନ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ରସ୍ତା ପ୍ରଶସ୍ତୀକରଣ ସହିତ ଓ ନର୍ଦ୍ଦମା ଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ସମ୍ବଲପୁରରେ ଏହି ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ପୂର୍ବାହ୍ନ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏଠାରେ ଏସ୍ଏମ୍ସି ପ୍ରବର୍ତ୍ତନ ବିଭାଗ ପକ୍ଷରୁ ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଶକ୍ତି ମିଷ୍ଟାନ୍ନ ଭଣ୍ଡାରଠାରୁ ଜାତୀୟ ରାଜପଥ ୫୩ ସଂଲଗ୍ନ ମୁଖ୍ୟ ରାସ୍ତାରେ ଉଚ୍ଛେଦ ପ୍ରକ୍ରିୟା ଚାଲିଥିଲା। ତେବେ ପ୍ରଥମ ଦିନରେ ପ୍ରାୟ ଅଧ କିଲୋମିଟ ପର୍ଯନ୍ତ ରାସ୍ତା ପାର୍ଶ୍ୱରେ ଡ୍ରେନ ଉପରେ ବେଆଇନ ଭାବେ ଗଢ଼ି ଉଠିଥିବା ପ୍ରାୟ ୨୧ଟି ଅସ୍ଥାୟୀ ଦୋକାନକୁ ଉଚ୍ଛେଦ କରାଯାଇଛି। ଏଥିରେ ମୁଖ୍ୟତଃ ଜୋତା ଦୋକାନ, ଚା ଓ ଜଳଖିଆ ଦୋକାନ, ଫାଷ୍ଟଫୁଡ୍ ଷ୍ଟଲ୍, ଲଣ୍ଡ୍ରି ଏବଂ ଦର୍ଜି ଦୋକାନ ଆଦି ରହିଛି। ତେବେ ଡ୍ରେନ୍ ବ୍ୟତୀତ ରାସ୍ତାରେ ସରକାରୀ ଜମି ଜବରଦଖଲ କରି ନିର୍ମାଣ ହୋଇଥିବା କେତେକ ସ୍ଥାୟୀ ଦୋକାନର ମାଲିକଙ୍କୁ ଉଚ୍ଛେଦ ପାଇଁ କିଛି ଦିନ ସମୟ ଦିଆଯାଇଛି ବୋଲି କହିଛନ୍ତି ପ୍ରବର୍ତ୍ତନ ଅଧିକାରୀ ସାହୁ। ସେ କହିଛନ୍ତି, ଆଗକୁ ଦିଲ୍ଲୀରୁ ସ୍ୱଚ୍ଛ ସର୍ବେକ୍ଷଣ ଓ ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ କାର୍ଯ୍ୟଧାରାର ସମୀକ୍ଷା ପାଇଁ ସମ୍ବଲପୁରକୁ କେନ୍ଦ୍ରୀୟ ଟିମ୍ ପରିଦର୍ଶନ ଆସୁଛନ୍ତି। ତେଣୁ ମହାନଗର ନିଗମ ଏହି ପଦକ୍ଷେପ ଗ୍ରହଣ କରିଛି ବୋଲି କହିଛନ୍ତି ପ୍ରବର୍ତ୍ତନ ଅଧିକାରୀ ସାହୁ। ସେ ଆହୁରି କହିଛନ୍ତି, ରାସ୍ତା ପାର୍ଶ୍ୱରେ ଡ୍ରେନ୍‌ଗୁଡ଼ିକୁ ଜବଦଖଲ କରି ଦୋକାନୀମାନେ ବ୍ୟବସାୟ କରୁଥିଲେ। ଫଳରେ ଡ୍ରେନ ସଫେଇରେ ସମସ୍ୟା ସୃଷ୍ଟି ହେବା ସହିତ ସହରରୁ ଠିକ୍ ଭାବେ ଆବର୍ଜନା ଜଳ ନିଷ୍କାସନରେ ସମସ୍ୟା ଉପୁଜିଥାଏ। ଏପରିକି ସାମାନ୍ୟ ବର୍ଷାରେ ମଧ କେତେକ ଅଞ୍ଚଳ ଜଳବନ୍ଦୀର ଶିକାର ହେବା ସହ କେତେକ ସ୍ଥାନରେ ଜମି ରହୁଥିବା ଆବର୍ଜନା ସହିତ ନର୍ଦ୍ଦମା ଜଳ ଦୁର୍ଗନ୍ଧ ସୃଷ୍ଟି ହେଉଥିଲା। ଏହାବ୍ୟତୀତ ଜବରଦଖଲରେ ଗଢ଼ି ଉଠିଥିବା ଦୋକାନ ପାଇଁ ଉକ୍ତ ରାସ୍ତାରେ ଉକ୍ଟ ଟ୍ରାଫିକ ଜାମ ସମସ୍ୟା ମଧ ଉପୁନ୍ନ ହେଉଥିଲା। ରାସ୍ତା ପ୍ରଶସ୍ତୀକରଣ ପାଇଁ ସରକାରୀ ରେକର୍ଡ ଅନୁସାରେ ଏହି ରାସ୍ତାର ଓସାର ୪୫ ରୁ ୫୦ ଫୁଟ୍ ହେବା କଥା। ମାତ୍ର ବେଆଇନ୍ ଜବରଦଖଲ ଯୋଗୁ ଉକ୍ତ ରାସ୍ତା ମାତ୍ର ୨୦ରୁ ୨୨ ଫୁଟକୁ ସଙ୍କୁଚିତ ହୋଇ ଯାଇଛି। ଫଳରେ ଉପଯୁକ୍ତ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ପୋତିବାରେ ମଧ ସମସ୍ୟା ଦେଖା ଦେଉଥିଲା। ତେବେ ଉଚ୍ଛେଦ ପରେ ଡ୍ରେନ ସଫେଇ ସହିତ ରାସ୍ତା ପ୍ରଶସ୍ତୀକରଣ ଓ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକର ସ୍ଥାନାନ୍ତରରେ ସହାୟକ ହେବ। ସେ କହିଲେ, ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ପୂର୍ବରୁ ୧୫ ଦିନ ଧରି ଡାକବାଜି ଯନ୍ତ୍ରରେ ଲୋକଙ୍କୁ ସୂଚନା ଦିଆଯିବା ସହ ଦୋକାନୀମାନଙ୍କୁ ଲିଖିତ ନୋଟିସ ମଧ ଦିଆଯାଇଥିଲା। ତେଣୁ ପ୍ରାୟ ୭୦ ପ୍ରତିଶତ ଦୋକାନୀ ଏଥିରେ ସହଯୋଗ କରି ସ୍ୱତଃସ୍ଫୂର୍ତ୍ତ ଭାବେ ନିଜ ଆସବାବପତ୍ରକୁ ଅନ୍ୟତ୍ର ସ୍ଥାନାନ୍ତର କରି ଘରଗୁଡ଼ିକ ଖାଲି କରି ଦେଇଥିବାରୁ ଉଚ୍ଛେଦ ପ୍ରକ୍ରିୟାରେ କୌଣସି ପ୍ରକାର ବାଧା ଉପୁନ୍ନ ହୋଇ ନ ଥିଲା ବୋଲି ପ୍ରବର୍ତ୍ତନ ଅଧିକାରୀ ସାହୁ କହିଛନ୍ତି।

# କଫ ସିରପ୍, ଦେଶୀ ମଦ ଜବତ

ସମ୍ବଲପୁର,୩୦ା୧(ପ୍ରମୋଦ ବହିଦାର)

**ନଗଦ ଲକ୍ଷାଧିକ ଟଙ୍କା ଓ କାର ଜବତ, ଜଣେ ଗିରଫ**



ବୁର୍ଲାରେ ବେଆଇନ ଭାବେ ଚାଲାଣ ହେଉଥିବା ବ୍ୟାପକ ପରିମାଣର ନିଷିଦ୍ଧ ନିଶା କଫ୍ ସିରପ ସହିତ ଦେଶୀ ମଦ ପାଉଚ୍‌କୁ ଶୁକ୍ରବାର ବୁର୍ଲାଥାନା ପୋଲିସ ଜବତ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବୁର୍ଲାଥାନା ପାଟ୍ରୋଲିଂ ଦଳକୁ କୌଣସି ସୂତ୍ରରୁ ଖବର ମିଳିଥିଲା ଯେ, ବୁର୍ଲା ସହର ୧-ଆର୍ କଲୋନୀ ନିକଟସ୍ଥ ଏକ ଫୁଟବଲ ପଡ଼ିଆର ଏକ ନିର୍ଜନ ସ୍ଥାନରେ ବେଆଇନ୍ ଭାବେ ନିଶା କଫ୍ ସିରପ୍ ଓ ଦେଶୀମଦ କାରବାର ଚାଲିଛି। ଖବରପାଇ ପୋଲିସ ପାଟ୍ରୋଲିଂ ଦଳ ଘଟଣାସ୍ଥଳରେ ପହଞ୍ଚି ନିଶା କଫ୍ ସିରପ୍ ସହିତ ଦେଶୀମଦ ପାଉଚ ଜବତ କରିଥିଲେ। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରିଫ କରିଥିଲା। ଗିରଫ ଅଭିଯୁକ୍ତ ଜଣକ ହେଲେ ବୁର୍ଲା ସହର ୧-ଆର୍ କଲୋନୀର ବିକାଶ ତାଣ୍ଡି(୨୬)। ତାଙ୍କ ନିକଟରୁ ଶହେ ମିଲିଲିଟର ବିଶିଷ୍ଟ ୧୬୯ ବୋତଲ ନିଶା କଫ୍ ସିରପ୍, ୨୧ଟି ଠିପିଖୋଲା କଫ୍ ସିରପ(ଅପମିଶ୍ରିତ), ୨୯ଟି ୨୦୦ ମିଲିଲିଟର୍ ବିଶିଷ୍ଟ ଦେଶୀମଦ ପାଉଚ୍, ଏକ କାର ଓଆର୍ ୧୯-କେ-୮୩୨୨ ଓ ନଗଦ ୧ଲକ୍ଷ ୨୧ହଜାର ୨୦୦ ଟଙ୍କା ଜବତ କରିଛି ପୋଲିସ। ଏହାକୁ ନେଇ ବୁର୍ଲା ଥାନାରେ ଏକ ଅବକାରୀ ମାମଲା (ନଂ.୪୫୫/୨୦୨୬) ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ସମ୍ବଲପୁର,୩୦ା୧(ପ୍ରମୋଦ ବହିଦାର)

ସମ୍ବଲପୁର ସହର ଧନୁପାଲି ଥାନା ଅନ୍ତର୍ଗତ ଭତରା ପେଟ୍ରୋଲ ପମ୍ପ ନିକଟରେ ୫୫ନଂ. ଜାତୀୟ ରାଜପଥରେ ଏକ ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମହାବୀରପଡ଼ାର ଅନ୍ତର୍ଯ୍ୟାମୀ ବେହେରା(୮୩)। ଅନ୍ତର୍ଯ୍ୟାମୀ ଶୁକ୍ରବାର ସାନ୍ଧ୍ୟ ଭ୍ରମଣରେ ଯାଇଥିବାବେଳେ ରାସ୍ତା ଉପରେ ଏକ ଗାଡ଼ି ତାଙ୍କୁ ପଛରୁ ଧକ୍କା ଦେଇ ଚଢ଼ି ଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନ୍ତର୍ଯ୍ୟାମୀଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଅପରପକ୍ଷରେ ଦୁର୍ଘଟଣା ଘଟାଇଥିବା ଗାଡ଼ି ଓ ଚାଳକ ଫେରାର ହୋଇଯାଇଛନ୍ତି। ପୋଲିସ ନିକଟରେ ଲାଗିଥିବା ସିସି କ୍ୟାମେରା ଆଦି ଯାଞ୍ଚ ପୂର୍ବକ ଗାଡ଼ିକୁ ଚିହ୍ନଟ ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଭିସୁଟ୍‌ରେ ଶୁଦ୍ଧ ଓ ପ୍ରୟୋଗାତ୍ମକ ଗଣିତ ଅନ୍ତର୍ଜାତୀୟ ସମ୍ମିଳନୀ

ସମ୍ବଲପୁର, ୩୦ା୧(ପ୍ରମୋଦ ବହିଦାର)

**ପିଏଏମ୍-ଡିଏସ୍ ଆଗାମୀ ପିଢ଼ି ପାଇଁ ଅନେକ ସମ୍ଭାବନା ସୃଷ୍ଟି କରିବ**

ଶୁଦ୍ଧ ଓ ପ୍ରୟୋଗାତ୍ମକ ଗଣିତ ସହିତ ଡାଟା ବିଜ୍ଞାନ(ପିଏମ୍-ଡିଏସ୍) ଛାତ୍ରୀଛାତ୍ର ତଥା ଆଗାମୀ ପିଢ଼ି ପାଇଁ ଅନେକ ସମ୍ଭାବନା ସୃଷ୍ଟି କରିବ ବୋଲି ସର୍ବିଆର ନାଇସ୍ ବିଶ୍ୱବିଦ୍ୟାଳୟ ପ୍ରଫେସର୍ ପ୍ରେଡ୍ରାଗ୍ ଏସ୍ ଷ୍ଟାନିମିରୋଭିକ୍ କହିଛନ୍ତି। ସମ୍ବଲପୁର ଜିଲା ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ର ଗଣିତ ବିଭାଗ ପକ୍ଷରୁ ଶୁକ୍ରବାର ଡାଟା ବିଜ୍ଞାନ ସହ ଶୁଦ୍ଧ ଓ ପ୍ରୟୋଗାତ୍ମକ ଗଣିତ(ପିଏମ୍-ଡିଏସ୍) ଶୀର୍ଷକ ଏକ ୨ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ପ୍ରଫେସର ଷ୍ଟାନିମିରୋଭିକ୍ ଆହୁରି କହିଥିଲେ, ଏହି ଅନ୍ତର୍ଜାତୀୟ ସମ୍ମିଳନୀ ଗବେଷକ ଓ ଛାତୀଛାତ୍ରଙ୍କ ଗବେଷଣା, ନବସୃଜନ କ୍ଷେତ୍ରରେ ଉପାଦେୟ ହେବା ସହ ସେମାନେ ଲାଭାନ୍ୱିତ ହେବେ। ଦେଶବିଦେଶର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାବର ଆଦାନପ୍ରଦାନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି। ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁଙ୍କ ଅଧକ୍ଷତାରେ ସମ୍ମିଳନୀ ହୋଇଥିଲା। ଏଥିରେ ଦେଶ ବିଦେଶରୁ ପ୍ରାୟ ୩ ଶହ ବିଶିଷ୍ଟ ଗଣିତଜ୍ଞ, ଗବେଷକ ଓ ଛାତ୍ରୀଛାତ୍ର ଯୋଗଦେଇ ଗଣିତ ଓ ଡାଟା ବିଜ୍ଞାନର ସମ୍ଭାବନା ଉପରେ ଆଲୋଚନା କରିଥିଲେ। ସମ୍ମିଳନୀରେ କୁଳସଚିବ ପ୍ରଦୀପ କୁମାର ଡାଙ୍ଗ, ଗଣିତ ବିଭାଗ ମୁଖ୍ୟ ପ୍ରଫେସର ଜୟପ୍ରକାଶ ପଣ୍ଡା, ସମ୍ମିଳନୀର ସଂଯୋଜକ ଡା. ସରୋଜ କୁମାର ପ୍ରଧାନ, ସଚିବ ଡା. ଇତିଶ୍ରୀ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ।



ଭିସୁଟ୍‌ରେ ପିଏମ୍-ଡିଏସ୍ ଅନ୍ତର୍ଜାତୀୟ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।




ଡାହାଣି ସନ୍ଦେହରେ ନିର୍ଯାତନା ଉପରେ କର୍ମଶାଳାରେ ମଞ୍ଚାସୀନ ଅତିଥି।

# ଡାହାଣି ସନ୍ଦେହରେ ନିର୍ଯାତନା ଦଣ୍ଡନୀୟ ଅପରାଧ

ସମ୍ବଲପୁର,୩୦ା୧(ଭବାନୀ ଶଙ୍କର ଭୋଇ)

**ଡାହାଣି ସନ୍ଦେହ ନିରାକରଣ ଉପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ**

ସମ୍ବଲପୁର ଜିଲା ସମାଜ ମଙ୍ଗଳ ବିଭାଗ ତରଫରୁ ଡାହାଣୀ ସନ୍ଦେହରେ ନିର୍ଯାତନା ନେଇ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଏକ ତାଲିମ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଡାହାଣୀ ସନ୍ଦେହରେ ନିର୍ଯାତନା ଦଣ୍ଡନୀୟ ଅପରାଧ ବୋଲି ଅତିଥିମାନେ କହିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରିଣୀ ସଂଯୁକ୍ତା ସାହୁଙ୍କ ସ୍ୱାଗତ ଭାଷଣରେ ଉକ୍ତ କାର୍ଯ୍ୟକ୍ରମର ଆରମ୍ଭ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ(ସାଧାରଣ) ଅଶୋକ କୁମାର ଭୋଇ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ଆଇନର ଉପଯୁକ୍ତ କାର୍ଯ୍ୟକାରିତା ଉପରେ ସମସ୍ତଙ୍କୁ ଧାନ ଦେବାକୁ ଉପଦେଶ ଦେଇଥିଲେ । ସେହିପରି ଡିଏସ୍‌ପି ଚିତ୍ତରଞ୍ଜନ ନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଡାହାଣୀ ସନ୍ଦେହର ନିର୍ଯାତନାକୁ ନେଇ ଥିବା ବିଭିନ୍ନ ନୀତି ନିୟମ ସମ୍ପର୍କରେ ଆଲୋକପାତ କରିଥିଲେ। କାହାରିକୁ ଡାହାଣୀ ସନ୍ଦେହ କରି ନିର୍ଯାତନା ଦେବା ଦଣ୍ଡନୀୟ ଅପରାଧ ବୋଲି ମୁଖ୍ୟ ଅତିଥି ଭୋଇ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମିନତୀ ପାଣିଗ୍ରାହୀ ତାଲିମଦାତା ଭାବରେ ଯୋଗଦେଇ ଡାହାଣୀ ନିର୍ଯାତନା ପାଇଁ ଥିବା ବିଭିନ୍ନ ନୀତି ନିୟମ ଓ ଓଡ଼ିଶାରେ ଘଟିଥିବା ବିଭିନ୍ନ ଘଟଣା ସମ୍ପର୍କରେ ଉଦାହରଣ ରଖିଥିଲେ। ଅନ୍ୟତମ ତାଲିମଦାତ୍ରି ଭାବରେ ସୁନୀତା ତ୍ରିପାଠୀ ଯୋଗ ଦେଇ ଡାହାଣୀ ସନ୍ଦେହରେ ଘଟୁଥିବା ଘଟଣାରେ ପୀଡିତା ଥିବା ମହିଳାମାନଙ୍କର ସାମାଜିକ ଥଇଥାନ ପାଇଁ ସମସ୍ତଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀମାନେ, ସରପଞ୍ଚ, ସଖିର କର୍ମକର୍ତ୍ତା, ଆଦର୍ଶର କର୍ମକର୍ତ୍ତା, ଆଶା କର୍ମକର୍ତ୍ତା, ପଶ୍ଚିମ ଓଡ଼ିଶା ଓବିସି ମଞ୍ଚର ଆବାହକ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, କିଶୋର ବାଳକ ଓ ବାଳିକା, ପାରା ଲିଗାଲ କର୍ମୀମାନେ ଯୋଗ ଦେଇଥିଲେ। ହବ ଜିଲା ସଂଯୋଜକ ଛୋଟେଲାଲ ସାହୁ ଉକ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ହବର କର୍ମକର୍ତ୍ତା ଉକ୍ତ କାର୍ଯ୍ୟକ୍ରମର ଆୟୋଜନରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ସରିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବୁର୍ଲା ଡିଏଭି ବିଦ୍ୟାଳୟରେ ଜାତୀୟ ଶହୀଦ ଦିବସ

ସମ୍ବଲପୁର,୩୦ା୧(ବି.ଶଙ୍କର)

ସମ୍ବଲପୁର ଜିଲା ବୁର୍ଲା ସ୍ଥିତ ଡିଏଭି ବିଦ୍ୟାଳୟରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପୂର୍ଣ୍ଣ୍ୟ ତିଥି ଅବସରରେ ଜାତୀୟ ଶହୀଦ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ରାଜେନ୍ଦ୍ର କୁମାର ବେଦବାକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ମହାତ୍ମା ଗାନ୍ଧୀଙ୍କୁ ଭକ୍ତିପୁଷ୍ପ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ବେଦବାକ ନିଜ ବକ୍ତବ୍ୟରେ ଜାତିର ପିତାଙ୍କ ଆଦର୍ଶକୁ ସ୍ମୃତି ଚାରଣ କରିଥିଲେ। ବିଦ୍ୟାଳୟର ବିଦ୍ୟାର୍ଥୀ ଆର୍ଯ୍ୟନ ମହାପାତ୍ର ମହାତ୍ମା ଗାନ୍ଧୀଙ୍କ ଅବଦାନକୁ ଆଲୋକପାତ କରିଥିଲେ। ଏହି ଅବସରରେ ଡ. ଅଭୟ କୁମାର ମିଶ୍ରଙ୍କ ନିର୍ଦ୍ଦେଶନାରେ ବିଦ୍ୟାର୍ଥୀଙ୍କ ଦ୍ୱାରା ଏକ ଲଘୁ ନାଟିକା ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ ନ୍ୟାଶନାଲ ବୁକ ଟ୍ରଷ୍ଟ ଦ୍ୱାରା ଭ୍ରାମ୍ୟମାଣ ପୁସ୍ତକ ପ୍ରଦର୍ଶନୀ ଆୟୋଜିତ କରାଯାଇଥିଲା। ଏହି ଶହୀଦ ଦିବସ ପାଳନର ଉଦ୍ଦେଶ୍ୟ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ମାହାତ୍ମା ଗାନ୍ଧୀଙ୍କ ଅବଦାନ ଓ ବିଚାରଧାରା, ଦର୍ଶନକୁ ଜାଗ୍ରତ କରିବା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଉତ୍ସବ କମିଟି ପ୍ରସ୍ତୁତ କରିଥିଲା ।



ମହାତ୍ମା ଗାନ୍ଧୀଙ୍କ ପୂର୍ଣ୍ଣ୍ୟତିଥି ଅବସରରେ ବୁର୍ଲାସ୍ଥିତ ଡିଏଭି ବିଦ୍ୟାଳୟରେ ଛାତ୍ରୀଛାତ୍ର ଲଘୁ ନାଟକ ପରିବେଷଣ କରୁଛନ୍ତି।

# ପୋଲିସପୋଷ୍ଟ ପାର୍ଶ୍ୱରେ କାର୍ ଦୁର୍ଘଟଣା

ସମ୍ବଲପୁର, ୩୦ା୧(ପ୍ରମୋଦ ବହିଦାର)




ଦୁର୍ଘଟଣା ପରେ କାରଟି ମଲ୍‌ର ପାର୍କିଂରେ ପଶି ଛିଡ଼ା ହୋଇଥିବା ସ୍କୁଟି ଗୁଡ଼ିକ ଉପରେ ଚଢ଼ି ଯାଇଛି।

**■ଅକ୍ଷତ ବର୍ତ୍ତିଲେ ଚାଳକ**

**■କାର ରେସିଂର କରୁଣ ପରିଣତି**

ସମ୍ବଲପୁର ସହର ଅଇଁଠାପାଲି ବଜାର ଛକ ସମ୍ମୁଖରେ ଭୟଙ୍କର ଦୁର୍ଘଟଣା ଘଟିଛି। କାର ଓଡି ୧୫ ଇ ୫୩୫୪ ଦ୍ରୁତ ଗତିରେ ଆସି ଅଇଁଠାପାଲି ଦୈନିକ ବଜାର ଛକ ପୋଲିସ ପୋଷ୍ଟ ପାର୍ଶ୍ୱସ୍ଥ ଏକ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇ ନିକଟରେ ଥିବା ଏକ ମଲ୍‌ର ପାର୍କିଂକୁ ପଶି ଯାଇ ଏଠାରେ ଥିବାଏକାଧିକ ବାଇକ ଓ ସ୍କୁଟି ଉପରେ ଚଢ଼ି ଯାଇଥିଲା। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ଏହାର ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏପରିକି ଚାଳକ ଜଣକ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଥିବା କୁହାଯାଇଛି। ତେବେ ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେବା ପରେ କାର ଇଞ୍ଜିନ ଛିଟିକି ଯାଇ ରାସ୍ତାର ଅପରପାର୍ଶ୍ୱରେ ପଡ଼ିଥିବା ଦେଖିବାକୁ ମିଳିଛି। ଚାଳକ ଜଣକ ସହରର ଏକ ସ୍ୱର୍ଣ୍ଣ ଅଳଙ୍କାର ବ୍ୟବସାୟୀଙ୍କ ପୁତ୍ର ବୋଲି ଶୁଣିବାକୁ ମିଳିଛି। ଦୁର୍ଘଟଣାକୁ କାର ରେସିଂର କରୁଣ ପରିଣତି ବୋଲି କେତେକ ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି। ଖବରପାଇ ଅଇଁଠାପାଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି। ଦୁର୍ଘଟଣାଗ୍ରସ୍ତ କାର ମାଡ଼ିଯିବାରୁ କ୍ଷତିଗ୍ରସ୍ତ ହୋଇଥିବା ସ୍କୁଟି ମାଲିକ ପ୍ରଧାନପଡ଼ାର ଅକ୍ଷୟ କୁମାର ତ୍ରିପାଠୀଙ୍କ ଏତଲା କ୍ରମେ ଅଇଁଠାପାଲି ଥାନାରେ ଏକ ମାମଲା ରୁଜୁ କରାଯାଇ ପୋଲିସ ଘଟଣାର ତଦନ୍ତ କରୁଛି। ଚାଳକଙ୍କୁ ଚିହ୍ନଟ କରାଯାଇଥିବା ବେଳେ ସେ ଫେରାର୍ ଥିବାରୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ପାରି ନାହିଁ। ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଇଁଠାପାଲି ଥାନା ଅଧିକାରୀ କହିଛନ୍ତି। ଅପରପକ୍ଷରେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ଗୁରୁବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ଗୋଟାଏ ସମୟରେ ସମ୍ବଲପୁର ସହର ମଧ୍ୟରୁ ୨ଟି କାର ପରସ୍ପର ପ୍ରତିଯୋଗିତା(ରେସିଂ) କରି ଅଇଁଠାପାଲି ପଟେ ଖୁବ୍ କ୍ଷିପ୍ର ଗତିରେ ଯାଉଥିଲେ। ଏହି ସମୟରେ ଗୋଟିଏ କାର ଭାରସାମ୍ୟ ହରାଇ ଅଇଁଠାପାଲି ବଜାର ଛକ ପୋଲିସ ପୋଷ୍ଟ ପାର୍ଶ୍ୱରେ ରାସ୍ତା ପାର୍ଶ୍ୱକୁ ଚାଲି ଯାଇ ପ୍ରଥମେ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇ ମଲ୍‌ର ପାର୍କିଂକୁ ପଶିଯାଇଥିଲା। ସମ୍ଭବତଃ ଉଭୟ ଗାଡ଼ିର ଚାଳକ ନିଶାଗ୍ରସ୍ତ ଥିଲେ ବୋଲି କେତେକ ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି।

# ସମ୍ବଲପୁର ପୁସ୍ତକମେଳାର ସପ୍ତମ ଦିବସ

ସମ୍ବଲପୁର,୩୦ା୧(ବି.ଶଙ୍କର)



ଏନ୍‌ବିଟି ଇଣ୍ଡିଆ ଆୟୋଜିତ ସମ୍ବଲପୁର ପୁସ୍ତକ ମେଳାର ସପ୍ତମ ଦିବସରେ ପୁରସ୍କୃତ ଛାତ୍ରୀମାନେ।

**ରଙ୍ଗବିରଙ୍ଗୀ କାହାଣୀ କି ଦୁନିଆ କାର୍ଯ୍ୟକ୍ରମରେ ସହସ୍ରାଧିକ ଛାତୀଛାତ୍ର ସାମିଲ**

ଏନ୍‌ବିଟି ଇଣ୍ଡିଆ ଆୟୋଜିତ ସମ୍ବଲପୁର ପୁସ୍ତକ ମେଳାର ସପ୍ତମ ଦିବସରେ ଶୁକ୍ରବାର ସୃଜନଶୀଳତା, କଳ୍ପନା, ଐତିହ୍ୟ ଏବଂ କଳାର ସମାଗମ ହୋଇଛି। ସମ୍ବଲପୁର ଅଇଁଠାପାଲି ପିଏଚ୍‌ଡି ପଡିଆ ପରିସରସ୍ଥ ଶିଶୁ ମଣ୍ଡପରେ ନ୍ୟାଶନାଲ ବୁକ ଟ୍ରଷ୍ଟ, ଇଣ୍ଡିଆ (ଏନ୍‌ବିଟି)ର ଜାତୀୟ ଶିଶୁ ସାହିତ୍ୟ କେନ୍ଦ୍ର (ଏନ୍‌ସିସିଏଲ) ପକ୍ଷରୁ ପିଲାଙ୍କ କାର୍ଯ୍ୟକ୍ରମରେ ୧୦ଟି ବିଦ୍ୟାଳୟରୁ ପ୍ରାୟ ୧୫୦୦ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କଥାକାର ଅମୃତ କୁମାର ପଣ୍ଡାଙ୍କ ନେତୃତ୍ୱରେ ରଙ୍ଗବିରଙ୍ଗୀ କାହାଣୀ କି ଦୁନିଆ ସହିତ ପ୍ରଥମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ଅଧିବେଶନକୁ ସତ୍ୟ ନାରାୟଣ ମେହେର ପରିଚାଳନାରେ ଇକତ କଳା କର୍ମଶାଳା ହୋଇଥିଲା। ପାରମ୍ପରିକ ଟାଇ-ଡାଇ କଳା ଫର୍ମ ସହିତ ପରିଚିତ ହେବା ସହ ଛାତ୍ରୀଛାତ୍ର କପଡ଼ାରେ ଅନନ୍ୟ ନମୁନା ସୃଷ୍ଟି କରିଥିଲେ। ଏଥିସହ ପୁସ୍ତକ କଭର ଡିଜାଇନ କର୍ମଶାଳାରେ ଚିତ୍ରଶିଳ୍ପୀ ଆର୍ଯ୍ୟନ ଶର୍ମା ଛାତ୍ରୀଛାତ୍ରଙ୍କୁ ମଧୁବନୀ କଳା ସହିତ ପରିଚିତ କରାଇଥିଲେ। ସେ ରୁଚିପୂର୍ଣ୍ଣ ଏବଂ ସାଂସ୍କୃତିକ ଭାବେ ସମୃଦ୍ଧ ପୁସ୍ତକ କଭର ଡିଜାଇନ୍ ପ୍ରସ୍ତୁତ କରିବାରେ ମାର୍ଗଦର୍ଶନ କରିଥିଲେ। ଅପରାହ୍ଣରେ ସେତୁ ପ୍ରାୟୋଜିତ ସାରସ୍ୱତ କାର୍ଯ୍ୟକ୍ରମରେ ବିଶିଷ୍ଟ ଗାଳ୍ପିକ ଗୌରହରି ଦାସଙ୍କ ସହ ସାକ୍ଷାତ କରିଥିଲେ କବି ଦୁର୍ଗାପ୍ରସାଦ ପଣ୍ଡା। ସେତୁର ପୂର୍ବତନ ସଭାପତି ଡାକ୍ତର ରମାବଲ୍ଲଭ ମିଶ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସାହିତ୍ୟ ଓ ସୃଜନକୁ ନେଇ ଗାଳ୍ପିକ ଦାସ କହିଲେ, ମୋର ନିଃସଙ୍ଗତା ମତେ ଜଣେ ଲେଖକ ଭାବେ ଗଢ଼ି ତୋଳିଥିଲା। ପାଦ ଥିଲେ ଚାଲି ହୁଏ, ହାତ ଥିଲେ ଲେଖି ହୁଏ ନାହିଁ। ସାମାଜିକ ବ୍ୟବସ୍ଥା ଉପରେ ଲେଖିବା ପାଇଁ ମାଧ୍ୟମ ସାହିତ୍ୟ। ସାହିତ୍ୟ ହେଉଛି ଏକ ସମାନ୍ତରାଳ ଇତିହାସ ବୋଲି ଗାଳ୍ପିକ ଦାସ କହିଥିଲେ। ସେତୁ ସମ୍ପାଦକ ହରିନାରାୟଣ ପଣ୍ଡା ପ୍ରାରମ୍ଭିକ ସୂଚନା ଏବଂ ଡ. ସନ୍ତୋଷ କୁମାର ଦାଶ ଅତିଥି ସ୍ୱାଗତ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସାହିତ୍ୟିକ ସରୋଜ କୁମାର ମିଶ୍ରଙ୍କ ରଚିତ ପୁସ୍ତକ ତ୍ରିଭୁଜର ତିନୋଟି ବାହୁ ଏବଂ ସେଦିନରୁ ସ୍ୱିଡେନ ଯାଏ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ଆଜି ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଗାୟିକା ଦୀପ୍ତିରେଖା ପାଢ଼ୀ ସମସ୍ତ ଦର୍ଶକଙ୍କ ମନମୋହି ନେଇଥିଲେ। ସେ ତାଙ୍କ ଅନନ୍ୟ ଓଡ଼ିଆ ଗୀତର ମାଧୁର୍ଯ୍ୟ ଏବଂ ଅଭିନୟ ପ୍ରଦର୍ଶନ କରିଥିଲେ।

# 'ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ'

ଝାରସୁଗୁଡ଼ା,୩୦।୧ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଗାନ୍ଧୀ ବିଚାର ମଞ୍ଚ ଓ ସ୍ଥାନୀୟ ଜନସାଧାରଣଙ୍କ ମିଳିତ ଉଦ୍ୟମରେ ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ଗାନ୍ଧୀ ମୂର୍ତ୍ତି ନିକଟରେ ଶୁକ୍ରବାର ପୂର୍ବାହ୍ନରେ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଗାନ୍ଧୀପ୍ରେମୀ ବାଳଗୋବିନ୍ଦ ମିଶ୍ର, ରୁପାନନ୍ଦ ଚୌଧୁରୀ, ପୂର୍ବତନ ଅଧ୍ୟକ୍ଷ ନରେନ୍ଦ୍ର ପଣ୍ଡା, ସରୋଜ କୁଅଁର, ସନ୍ତୋଷ ସାହୁ, ପ୍ରାଧ୍ୟାପକ ତପନ କୁମାର ବାରିକ, ଡ. ସ୍ୱର୍ଣ୍ଣମୟୀ ପୁରୋହିତ, ପୂର୍ବତନ କାଉନସିଲର ଲଳିତ ମଗର, ଅଧ୍ୟାପିକା ମନ୍ଦାକିନୀ ଶତପଥୀ, ଶତ୍ରୁଘ୍ନ ମେହେର, ସନାତନ ମହାନନ୍ଦ, ଡୋଳାମଣି ମହାନନ୍ଦ, ଜ୍ୟୋତିର୍ମୟୀ ବେହେରା, ରାଜେଶ ଦାଶ, ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ, ସୁଚିସ୍ମିତା ଗୁରୁ, ସରୋଜ ତିୱାରୀ, ଆଦିତ୍ୟ ଷଣ୍ଢ, ଲାଲୁ ବେହେରା, ସଞ୍ଜୟ ଗନିଆଁ, ମନୋଜ ତାଣ୍ଡି ଆଦି ଯୋଗଦେଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଥିଲା। ସେହିପରି ଝାରସୁଗୁଡ଼ା ସୁନାରୀମୁଣ୍ଡାସ୍ଥିତ ଡିଏଭି ପବ୍ଲିକ ସ୍କୁଲ ପରିସରରେ ଗାନ୍ଧିଜୀଙ୍କ ପୁଣ୍ୟତିଥି ତଥା ଶହୀଦ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତା ଯୋଗଦେଇ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ନୀଳିମା ପଟେଲ, ସବିତା ଧଳ, ସୁନନ୍ଦା ପ୍ରହରାଜ, ମନୀଷା ଚାନ୍ଦ, ନମିତା ପାଣ୍ଡେ, ମୋନିକା ଶ୍ରୀବାସ୍ତବ, ବିଜୟ ଦାଶଙ୍କ ସମେତ ଛାତ୍ରୀଛାତ୍ରମାନେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ସମସ୍ତେ ଗାନ୍ଧିଜୀଙ୍କ ପରି ସରଳ, ନିରାଡ଼ମ୍ବର ଓ ସ୍ୱଦେଶୀ ବିଚାରସମ୍ପନ୍ନ ଜୀବନଶୈଳୀ ଆପଣେଇବାକୁ ସଂକଳ୍ପ କରିଥିଲେ।


ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ବ୍ୟକ୍ତିବୃନ୍ଦ।

**ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳିତ**

# ବିଭିନ୍ନ କ୍ଷେତ୍ରରେ ସଫଳ ଚାଷୀଙ୍କୁ ସମ୍ମାନିତ


କାର୍ଯ୍ୟକ୍ରମରେ ଚାଷୀଙ୍କୁ ସମ୍ମାନିତ କରାଯାଉଛି।

**ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, କୃଷି ମହୋତ୍ସବ ଦ୍ୱିତୀୟ ଦିବସ**

ଦେବଗଡ଼,୩୦।୧ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କୃଷି ବିଭାଗ ପକ୍ଷରୁ ସ୍ଥାନୀୟ ପ୍ରଧାନପାଟ ବଡ଼ବଗିଚାଠାରେ ଚାଲିଥିବା ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବର ଶୁକ୍ରବାର ଥିଲା ଦ୍ୱିତୀୟ ଦିବସ। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ବରେଣ୍ୟ ଅତିଥି ଭାବେ ଏସ୍‌ପି ଅନିଲ କୁମାର ମିଶ୍ର, ଅଧୀକ୍ଷଣ ଯନ୍ତ୍ରୀ (କୃଷି) ନରେନ୍ଦ୍ର କୁମାର ପଣ୍ଡା, ଜିଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ କୁମାର ପାତ୍ର ଯୋଗଦେଇ କହିଛନ୍ତି, କମ୍ ମାନବସମ୍ବଳରେ ଯାନ୍ତ୍ରିକ ପଦ୍ଧତିରେ ଅଧିକ ଜମି ଚାଷ କରିହେବ। ହଳ କରିବାଠାରୁ ବୁଣିବା, ରୋଇବା, କାଟିବା, ଅମଳ ପରେ କୃଷିଜାତ ଦ୍ରବ୍ୟ ସାଇତି ରଖିବା ପର୍ଯ୍ୟନ୍ତ ଯାନ୍ତ୍ରିକ ଉପକରଣ ବ୍ୟବହାର କରି ଚାଷୀ ଅଧିକ ଲାଭବାନ ହୋଇପାରିବେ। ପାରମ୍ପରିକ ପଦ୍ଧତିରେ କରାଯାଉଥିବା ଚାଷଠାରୁ କମ୍ ସମୟରେ ଅଧିକ କାମ କୃଷି ଯନ୍ତ୍ରପାତି ଦ୍ୱାରା ହେଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛେଳି ପାଳନ କ୍ଷେତ୍ରରେ ସଫଳ ଚାଷୀ ବାରକୋଟ ବ୍ଲକ୍ ଅଞ୍ଚଳର ଚତୁରୀବାଳା ଦେହୁରୀ, ଗୋପାଳନ କ୍ଷେତ୍ରରେ ରିଆମାଳ ବ୍ଲକ୍‌ର କୁନି ବେହେରା, କୁକୁଡ଼ା ପାଳନ କ୍ଷେତ୍ରରେ ତିଲେଇବଣି ବ୍ଲକ୍‌ର କିଶୋର ବାଘ, ସ୍ୱରାଜ ଟ୍ରାକ୍ଟର କିଣାରେ ତିଲେଇବଣି ବ୍ଲକ୍‌ର କେଦାର ପ୍ରଧାନ, ବାରକୋଟ ବ୍ଲକ୍ ଅଧୀନ ଗୁରସଙ୍ଗ ଗ୍ରାମର ଯୁଧିଷ୍ଠିର ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଦର୍ଶନୀ ମେଳାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ, ଉଦ୍ୟାନ ବିଭାଗ, କୃଷି ଯନ୍ତ୍ରପାତି ବିଭାଗ ଓ ଜିଲା ଶିଳ୍ପକେନ୍ଦ୍ରର ମୋଟ ୫୦ଟି ଷ୍ଟଲ୍ ଖୋଲାଯାଇଛି। ବିଦେଶୀ ସାହୁ ସଭା ସଂଯୋଜନା କରିଥିଲେ। ସୁମନ ମହାକୁଡ଼ ଓ ପ୍ରୀତମ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବେଆଇନ ବାଲି ଚାଲାଣ, ୨ ହାଇୱା ଜବତ

ଦେବଗଡ଼,୩୦।୧ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନା ଅଧୀନ ବାହାଡ଼ାପସି ଛକରୁ ଶୁକ୍ରବାର ସକାଳେ ବେଆଇନ ବାଲିବୋଝେଇ ୨ଟି ହାଇୱା ଜବତ କରାଯାଇଛି। ଦେବଗଡ଼ ଜିଲା ଖଣି ବିଭାଗ ପକ୍ଷରୁ ବାରକୋଟ ପୋଲିସ ସହାୟତାରେ ଏହି ଚଢ଼ାଉ କରାଯାଇଥିଲା। ସିଂହଶାଳରୁ ବାରକୋଟ ଅଭିମୁଖେ ଉକ୍ତ ୨ ହାଇୱାରେ ବେଆଇନ ବାଲି ଚାଲାଣ ହେଉଥିବା ସୂଚନାପାଇ ଦେବଗଡ଼ କନିଷ୍ଠ ଖଣି ଅଧିକାରୀ ଏବଂ ବାରକୋଟ୍ ପୋଲିସ ବାହାଡ଼ାପସି ଛକରେ ଜଗି ରହିଥିଲେ। ସେଠାରେ ଉକ୍ତ ହାଇୱା ପହଞ୍ଚିବା ପରେ ଯାଞ୍ଚ କରାଯିବାରୁ ସେଥିରେ ବେଆଇନ ବାଲି ଚାଲାଣ ହେଉଥିବା ଜଣାପଡିଥିଲା। ପରେ ହାଇୱା ଦୁଇଟିକୁ ଜବତ କରାଯାଇ ବାରକୋଟ ପୋଲିସ ହେପାଜତରେ ରଖାଯାଇଛି।

## ଷଣ୍ଢ ଆକ୍ରମଣରେ ୨ ଆହତ

ବେଲପାହାଡ଼,୩୦।୧ (ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରାଞ୍ଚଳ ଜୋରାବଗାଠାରେ ଶୁକ୍ରବାର ଅପରାହ୍ନରେ ଷଣ୍ଢ ଆକ୍ରମଣରେ ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଜୋରାବଗା ଦେମୁଲପଡ଼ାର ହରିନ୍ଦ୍ର ପ୍ରଧାନ(୩୨) ଏବଂ କପିଲ ରାଓଡ଼ିଆ(୨୨)। କପିଲ ବୋଲି ଜଣାପଡିଛି। କପିଲଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାବେଳେ ହରିନ୍ଦ୍ରଙ୍କ ହାତ ଭାଙ୍ଗିଯାଇଛି। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ନିକଟସ୍ଥ ଚିକିତ୍ସାଳୟକୁ ପଠାଇଛନ୍ତି।

## ସାଇବର ଠକେଇ: ଯୁବକଙ୍କ ଆକାଉଣ୍ଟରୁ କଟିଗଲା ୨୮ ହଜାର ଟଙ୍କା

ଦେବଗଡ଼,୩୦।୧ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଥାନା ଅଧୀନ କାଲକାଠ ଗ୍ରାମର ଦିଲୀପ କୁମାର ପ୍ରଧାନ ନାମକ ଯୁବକ ସାଇବର ଠକେଇର ଶିକାର ହୋଇଛନ୍ତି। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଦିଲୀପ ନିଜ ମୋବାଇଲ ପ୍ଲେ ଷ୍ଟୋରରୁ ପିଏନ୍‌ବି ବ୍ୟାଙ୍କର ଆପ୍ ଡାଉନଲୋଡ୍ କରୁଥିଲେ। ଏହି ସମୟରେ ତାଙ୍କ ମୋବାଇଲକୁ ଏକ କଲ୍ ଆସିବାରୁ ସେ ରିସିଭ କରିଥିଲେ। ହେଲେ କିଛି ଶୁଣାଗଲା ନାହିଁ। କିଛି ସମୟ ପରେ କଲ୍ କଟିଯାଇଥିବାବେଳେ ସେହି ନମ୍ବରରୁ ହ୍ୱାଟ୍ସଆପ୍‌ରେ କଲ୍ ଆସିଥିଲା। ସେ ହ୍ୱାଟ୍ସଆପ୍ କଲ୍ ରିସିଭ୍ କଲା ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୨୮ ହଜାର ୨୮୮ ଟଙ୍କା କଟି ଯାଇଥିଲା। ସେ ସାଇବର ଠକାମି ଶିକାର ହୋଇଥିବା ଅନୁମାନ କରି ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଥିବା ବାକି ଟଙ୍କା ଅନ୍ୟଜଣେ ସାଙ୍ଗଙ୍କ ଆକାଉଣ୍ଟକୁ ପଠାଇ ଦେଇଥିଲେ।

## ସୁନାଚେନ୍ ଲୁଟ୍ ଘଟଣା: ୪ ଗିରଫ

ବ୍ରଜରାଜନଗର,୩୦।୧ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ହିଲ୍‌ଟପ୍ କଲୋନୀ ରାସ୍ତାରେ ଘଟିଥିବା ସୁନାଅଳଙ୍କାର ଲୁଟ୍ ଘଟଣାରେ ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଗଙ୍ଗାନଗର ଅଞ୍ଚଳର ବଜରଙ୍ଗ ଖମାରୀ (୨୩), ଆକାଶ ଯାଦବ(୨୩), କାହ୍ନା ଶିକା(୨୧), ଗଙ୍ଗାଧର କିଷାନ(୨୧)। ସେମାନଙ୍କ ସୂଚନା ଅନୁଯାୟୀ ଲୁଟ୍ ଜିନିଷକୁ ପୋଲିସ ରାୟଗଡ଼ରୁ ଜବତ କରିଛି। ସୂଚନା ଅନୁଯାୟୀ, ଗତ ୨୭ ତାରିଖ ସନ୍ଧ୍ୟାରେ ବ୍ରଜରାଜନଗର ଅଞ୍ଚଳର ବ୍ୟବସାୟୀ କମଳ ଗୋଏଲଙ୍କ ପୁଅ ହିଲ୍‌ଟପ୍ କଲୋନୀ ରାସ୍ତାରେ ଯାଉଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ଅଟକାଇଥିଲେ। ପରେ ସେ ପିନ୍ଧିଥିବା ସୁନାଚେନ୍ ଓ ମୁଦିକୁ ଲୁଟ୍ କରି ପଳାଇଯାଇଥିଲେ। ଏନେଇ କମଳ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ବିଦ୍ୟୁତ୍ ଆଘାତରେ ବ୍ୟକ୍ତି ମୃତ

ଦେବଗଡ଼,୩୦।୧ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କୁଣ୍ଢେଇଗୋଲା ଥାନା ଅନ୍ତର୍ଗତ ବାଘବର ଗ୍ରାମରେ ଶୁକ୍ରବାର ସକାଳେ ବିଦ୍ୟୁତ୍ ଆଘାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଘବର ଗ୍ରାମର ଦିଲୀପ ଦେହୁରୀ (୫୦)। ସକାଳେ ସେ ବାଘବରସ୍ଥିତ ତାଙ୍କ ଭଉଣୀ ଘରେ କଟର ଯୋଗେ କାମ କରୁଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଛତାବର ଡାକ୍ତରଖାନା ଆଣିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। କୁଣ୍ଢେଇଗୋଳା ପୋଲିସ ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରିଥିଲା। ଦିଲୀପଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨/୨୬) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି।

**TRIDENT**
Bhubaneswar

**Tender Notice (e-Tender)**

Sealed Tenders are invited for the supply of following categories of items to **Trident Bhubaneswar** as per our specifications, for the period mentioned below:

**Contract Period**
**1st APRIL 2026 to 31st MARCH 2027 (1 Year)**

1. Mushroom
2. Frozen Veg-Peas & Corn
3. Dry Fruits
4. Flowers
5. Whole Spices
6. Atta/Maida
7. Grocery
8. Goat
9. Fish
10. Dairy Products
11. Eggs
12. Bread
13. Sweets/ Namkeen
14. Charcoal
15. Pulses (From April to September & October to March)
16. Vegetables (From April to September & October to March)
17. Exotic/ English Vegetables (From April to September & October to March)
18. Fruits & Imported Fruits (From April to September & October to March)

Tender forms will be sent electronically on registered email ID after payment of Rs. 500.00 in cash non-refundable to the Purchase Office at Trident Bhubaneswar, CB-1, Nayapalli, Mobile no: 8637211123 all working days between 1000 to 1600 hrs from 31st January to 4th February 2026. The tender form will be submitted online from 04th February to 07th February 2026 till 1700 Hrs. FSSAI license for food vendors are mandatory.
The Management reserves the Right to reject or accept all offers/tenders in full or in part without assigning any reasons whatsoever.
Management- Trident Bhubaneswar

**JHARKHAND URJA SANCHARAN NIGAM LIMITED**
**(CIN No.:U40108JH2013SGC001704)**
**Regd. Office: 2nd Floor, JUSNL (SLDC) Building Kusai Colony, Doranda, Ranchi - 834002**
**(E-mail:cetjusnl@gmail.com)**

**TENDER CANCELLATION NOTICE**

Due to unavoidable circumstances, tender invited vide NIT no. 541/PR/JUSNL/2025-26 for Design, Engineering, supply, erection, testing & commissioning of Line Differential Protection for underground 132/33 KV Grid Sub-Station, Irba (Sikidiri) to Sikidiri Switchyard (SRHP) transmission line on turnkey basis is hereby cancelled.

PR No. 366925

स्वहित एवं राष्ट्रहित में ऊर्जा बचावें। कृपया अपनीशिकयतों को 18003456570(कॉल सेन्टर) पर दर्ज करायें।

PR 372061 Jharkhand Urja Sancharan Nigam Ltd(25-26).D
Sd/- General Manager, C&M (NWBP)

**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ**
**ଭୁବନେଶ୍ୱର - 751001**

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ₹ ୧୮ ଲକ୍ଷ ଟଙ୍କା ଆନୁମାନିକ ମୂଲ୍ୟ ରେ ନିଜର ମୁଖ୍ୟ କାର୍ଯ୍ୟାଳୟ ଭବନର ଦ୍ୱିତୀୟ ମହଲାରେ ଅଡିଟୋରିୟମ୍ ପାଇଁ ଭେରିଏବଲ୍ ରେଫ୍ରିଜରେଣ୍ଟ ଫ୍ଲୋ (ଭିଆରଏଫ/ଭିଆରଭି) ଟେକ୍ନୋଲୋଜି ଆଧାରିତ ଏୟାର କଣ୍ଡିସନିଂ ସିଷ୍ଟମର ଡିଜାଇନ୍, ଯୋଗାଣ, ସ୍ଥାପନା, ପରୀକ୍ଷଣ ଏବଂ କମିଶନିଂ (ଡିଏସଆଇଟିସି) ନିମନ୍ତେ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି ୩୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ଫେବୃଆରୀ ୦୫, ୨୦୨୬ ଅପରାହ୍ନ ୦୪:୦୦ ଟା ଅଟେ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

भा.क.नि.
C.C.I.
**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ, ରାୟଗଡ଼ା**
ପ୍ଲଟ ନଂ. ୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା – ୭୬୫୦୦୧ (ଓଡ଼ିଶା)
ମୋବାଇଲ ଆପ୍ — कपास किसान

ସଂଖ୍ୟା: ଭାକନି/ରାୟଗଡ଼ା/୨୦୨୫–୨୬ | ତାରିଖ: ୩୦.୦୧.୨୦୨୬

**କପା ଚାଷୀମାନଙ୍କୁ ଆହ୍ୱାନ**

ଓଡ଼ିଶାର ସମସ୍ତ କପା ଚାଷୀଭାଇମାନଙ୍କୁ ସୂଚିତ କରାଯାଉଛି ଯେ ବର୍ତ୍ତମାନ ଫସଲ ବର୍ଷ ୨୦୨୫–୨୬ରେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଯୋଜନା ଅନ୍ତର୍ଗତ କପା କ୍ରୟର ଶେଷ ତାରିଖ ୨୮ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ନିର୍ଦ୍ଧାରିତ କରାଯାଇଛି।
କପାସ କିଷାନ ଆପ୍ (Kapas Kisan App)ରେ ପଞ୍ଜୀକୃତ ସମସ୍ତ କପା ଚାଷୀ ଭାଇମାନଙ୍କୁ ଜଣାଇ ଦିଆଯାଉଛି ଯେ ସର୍ବନିମ୍ନ ସହାୟକ ମୂଲ୍ୟର ଲାଭ ନେବା ପାଇଁ ସେମାନେ ଆପ୍ ମାଧ୍ୟମରେ ସ୍ଲଟ୍ ବୁକ୍ କରି ନିକଟତମ CCI କ୍ରୟ କେନ୍ଦ୍ରରେ ତାରିଖ ୨୮.୦୨.୨୦୨୬ ମଧ୍ୟରେ ନିଜ କପା ବିକ୍ରୟ କରିପାରିବେ। ଅଧିକ ସୂଚନା କିମ୍ବା ସହାୟତା ପାଇଁ, ଚାଷୀମାନେ ଶାଖା କାର୍ଯ୍ୟାଳୟ ରାୟଗଡ଼ାର ହ୍ୱାଟ୍ସଆପ୍ ହେଲ୍ପଲାଇନ ନମ୍ବର: ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା./– ଶାଖା ପ୍ରମୁଖ

GOVERNMENT OF ODISHA No. 32001/11/2526
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**LOWER SUKTEL RRC&B DIVISION, BALANGIR**
At: Laltikra, Dist.: Balangir, PIN - 767002, email Id: isrrcbdbgr@gmail.com
**Government of Odisha "e" PROCUREMENT NOTICE**

| | | |
|---|---|---|
| 1 | Type of Work | Development of infrastructure and basic amenities centres at RR Colony, Kumiapali at Kapilbahal under LSIP, Balangir |
| 2 | Nos. of works | 7 (Seven) Nos. of Packages |
| 3 | Class of Contractor | 'B' or 'C' or 'D' Class Contractor |
| 4 | BID Identification Number | LSRRC&BD-BGR-07/2025-26 to LSRRC&BD-BGR-13/2025-26 |
| 5 | Estimated Cost | Rs.5,37,099/ to Rs.59,66,450/- |
| 6 | Period of Completion | 2 (Two) Months for each packages |
| 7 | Date & time of availability of bid document in the portal | 31.01.2026 at 10.30 A.M. to 16.02.2026 upto 05.30 P.M. |
| 8 | Last date/time for receipt of bid in the portal | 16.02.2026 upto 5.30 P.M. |
| 9 | Date of opening of technical bid | 17.02.2026 at 10.30 A.M. |
| 10 | Name & address of the Officer Inviting Bid | Superintending Engineer, Lower Suktel RRC&B Division, Balangir, At: Laltikra, Dist.: Balangir, PIN - 767002 |

(i) Further details can be seen from the e-Procurement Portal http://tendersodisha.gov.in.
(ii) Any Corrigendum/Addendum/Cancellation will be displayed in the Govt. website only.
Sd./- Superintending Engineer
OIPR-32001/32182/1/25-26/0011 Lower Suktel RRC&B Division, Balangir

**OFFICE OF THE BALASORE MUNICIPALITY, BALASORE**
No. 563 Date: 27.01.2026
**E-Procurement Notice**
**Bid Identification No. BM_09_2025-26**
No. 13001/11/2526: Bid documents consisting of work, estimated cost, cost of tender paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. **https://tendersodisha.gov.in/nicgep/app**.
1. Name of the Work : Civil works as mentioned in DTCN
2. No. of works : 01 No.
3. Estimated Cost : As per Work List
4. Period of Completion : As per DTCN
5. Date & time of Bidding : 28.01.2026 to 09.02.2026
6. Last date & time for receipt : 09.02.2026 upto 5.00 P.M.
7. Bids received online shall be opened on : 10.02.2026 from 11.00 A.M. onwards
8. Name and address of the Officer Inviting Bid : Executive Officer, Balasore Municipality

Further details can be seen from the e-procurement portal i.e. **https://tendersodisha.gov.in/nicgep/app**.
**Sd./- Executive Officer, Balasore Municipality**
**OIPR-13001/13154/1/25-26/0011**

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ **ମୁଖ୍ୟ ଯନ୍ତ୍ରୀ (ସିଓଏନ୍)/II/ଗାର୍ଡେନ୍ ରିଚ୍** ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ **www.ireps.gov.in** ରେ ଅପ୍‌ଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖ ଦିନ ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । **ଇ-ଟେଣ୍ଡର ବିଜ୍ଞପ୍ତି ନଂ.- ୪୫୯୪-ଜିଆର୍‌ସି-ସିଇ-ସି-II-୨୬-୨୦୨୫; କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଡେପୁଟି ସିଇ/ ସିଓଏନ୍/ ଟାଟାନଗର, କନ୍‌ଷ୍ଟ୍ରକ୍ସନ୍ ଅର୍ଗାନାଇଜେଶନ୍, ଦକ୍ଷିଣ ପୂର୍ବ ରେଳପଥଙ୍କ କ୍ଷେତ୍ରାଧିକାରରେ ବିଭିନ୍ନ ନିର୍ମାଣ ସାଇଟ୍/ସେକ୍ସନଗୁଡ଼ିକରେ ପ୍ରୋଜେକ୍ଟ ସୁପରଭିଜନ୍ ସର୍ଭିସେସ୍ ଯୋଗାଇବା ପାଇଁ ପ୍ରୋଜେକ୍ଟ ସୁପରଭିଜନ୍ ସର୍ଭିସେସ୍ ଏଜେନ୍ସି (ପିଏସ୍‌ଏସ୍‌ଏ) ନିଯୁକ୍ତି ଲାଗି ପ୍ରସ୍ତାବ ଅନୁରୋଧ (ଆର୍‌ଏଫ୍‌ପି); **ଆନୁମାନିକ ମୂଲ୍ୟ:** ₹୮.୪୫ କୋଟି; **ବିଡ୍ ଅମାନତ:** ୫,୭୨,୫୦୦.୦୦; **ନିର୍ମାଣ ଅବଧି:** ୨୪ ମାସ + ୬ ମାସର ଡିଏଲ୍‌ପି ଅବଧି; **ସମାପ୍ତି ତାରିଖ:** ୦୬।୦୩।୨୦୨୬; ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** "ସମ୍ଭାବ୍ୟ ଟେଣ୍ଡରଦାତା ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । **(PR-1124)**

**ODISHA STATE CO-OPERATIVE MARKETING FEDERATION Ltd.**
**MARKFED - ODISHA**
**Old Station Road, Bhubaneswar - 751006, E-mail: odishamarkfed@gmail.com**
**"e" Procurement Notice**
**No. 39001/1/2526** **Bid Identification No. MARKFED/06/2025-26**
**No. 270** **Civil/401/2025-26** **Date: 29.01.26**
1. Name of the Work : Renovation & modernization of Conference Hall of MARKFED, Odisha at Bhubaneswar
2. No. of Works : 01 (One)
3. Estimated Cost : 61.39 lakh
4. Period of Completion : 3 (Three) Months
5. Date & time of availability of Bid document in the portal : From 11.00 A.M. of 03.02.2026 to 5.30 P.M. on 26.02.2026
6. Last date/time of receipt of Bids in the portal : 5.30 P.M. on 26.02.2026
7. Date of opening of Bid from portal : 12.30 hours on 27.02.2026
8. Name & address of the Officer Inviting Bid : Managing Director, MARKFED-Odisha, Old Station Road, Bhubaneswar-751006
9. The bidders have to participate in ONLINE bidding only. Further details can be seen from the website "e-Procurement portal **www.tendersodisha.gov.in**" & any addendum, corrigendum, cancellation of tender can also be seen in the said website.

**OIPR-39001/39017/1/25-26/0001** **Sd./- Managing Director, MARKFED-ODISHA**

**GOVERNMENT OF ORISSA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KARANJIA**
**E-mail ID: eerwkaranjia@yahoo.com**
**Letter No. 247** **Date: 22.01.2026**
**1st CORRIGENDUM NOTICE**
**BID IDENTIFICATION No. RWDKNJ-15/2025-26**
**The Tender Call Notice vide Bid Identification No. RWDKNJ-15/2025-26 (Road) vide this office Letter No. 125 Date: 13.01.26**
No. 25001/7/2526: Due to unavoidable circumstances, tender invited vide Bid Identification No. RWDKNJ-15/2025-26 (Road) works vide this office Letter No. 125 Dt.13.01.2026 S/R, Periodical Maintenance Work. The Important dates have been changed as per following

| | | |
|---|---|---|
| 1 | Availability of tender online | 27.01.2026 at 05.00 P.M. instead of 22.01.2026 |
| 2 | Last date of availability of tender | 02.02.2026 upto 5.00 P.M. instead of 28.01.2026 |
| 3 | Last date & time of seeking tender | 31.01.2026 at 11.00 A.M. instead of 27.01.2026 |
| 4 | Date of opening of Tender | 03.02.2026 at 11.00 A.M. instead of 29.01.2026 |

**Sd./- Executive Engineer**
**OIPR-25001/25086/1/25-26/0007** **R.W. Division, Karanjia**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DEOGARH**
**E-mail Id - eerw_deogarh@yahoo.co.in**
**No. O-2145**
**E-Procurement Notice**
**BID IDENTIFICATION No. SERWDGH-Online-14/2025-26**
1. No. of Building Works : (01 No.)
2. Estimated Cost : Approx. Rs.93.77 Lakhs
3. Mode of submission of tender : Tender shall be submitted online in **www.tendersodisha.gov.in**.
4. Availability of tender for online bidding : 02.02.2026, 10.00 A.M. to 12.02.2026 upto 5.00 P.M.
5. Date and time of opening of tender : 13.02.2026, 11.00 A.M.
6. Other details can be seen from the website **www.tendersodisha.gov.in**.
7. Corrigendum/Addendum if any shall only be published in the above website.

**Sd./- Superintending Engineer**
**R.W. Division, Deogarh**
**OIPR-**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RWS&S DIVISION, MALKANGIRI**
**E-mail: eerwss_mal@nic.in, eerwssmlkg@gmail.com**
**INVITATION FOR BIDS**
**NATIONAL COMPETITIVE BIDDING**
**Bid Identification No. RWSS_MKG_ONLINE_04/2025-26** **Dated: 27.01.2026**
No. O-2152: The Superintending Engineer, RWS&S Division, Malkangiri on behalf of Governor of Odisha invites bids from bidders having valid HT Electrical Contractor licence issued by Electrical Licensing Board of Odisha (ELBO) for the works detailed in the table below to be eventually drawn up in P-1 contract.
1. Name of the Work : Construction of External Electrification (As detailed in TCN)
2. No. of Works : 02 Nos.
3. Estimated Cost : Rs.5.50 Lakhs to Rs.5.80 Lakhs
4. Tender Paper Cost : Rs.4000/- each
5. Class of Contractor : HT Electrical Contractor
6. Period of Completion : 01 (One) Calendar Month
7. Critical Dates :

| Procurement Officer | Bid Identification No. | Availability of Tender Online for Bidding | | Last Date of seeking tender clarification | Date of opening the Bid |
|---|---|---|---|---|---|
| | | From | To | | |
| Superintending Engineer, RWS&S Division, Malkangiri | RWSS_MKG_ONLINE_04 of 2025-26 | 01.02.2026 at 09.00 hours | 10.02.2026 upto 17.00 hours | 09.02.2026 | 11.02.2026 at 11.00 hours |

- Further details can be seen in the bidding documents, which is available in the e-procurement portal **https://www.tendersodisha.gov.in**.
- Subsequent corrigendum if required shall be appeared in the website.
- Authority reserves the right to reject any or all tenders without assigning any reason thereof.

**OIPR:** **Sd./- Superintending Engineer, RWS&S Division, Malkangiri**

Odisha Coal and Power Limited
OCPL
**ODISHA COAL AND POWER LTD.**
**(A GOVT. OF ODISHA COMPANY)**
**Zone-A, 4th Floor, Fortune Towers, Chandrasekharpur, Bhubaneswar – 751023, Odisha, Ph. No: 0674-2300654 / 0674-2300664**

**TENDER NOTICE**

NIT No.: OCPL/MCMP/SER-167(R)/2025 **Dt.: 31.01.2026**
Sealed bids in prescribed format are invited from reputed Companies/Firms/Agencies for execution of the following work:

| Sl. No. | Name of the Work | Cost of Tender Paper | Last Date of Sale/Download of Tender Document | Date of Submission/ Opening |
|---|---|---|---|---|
| 1 | Renovation of Pond at Village Kiripsira, Hemgir, Sundargarh | NIL | 13.02.2026 | 3.00 P.M./ 3.30 P.M. on 20.02.2026 |

Any further clarifications may please be addressed to the undersigned at the above address or by email to: **sudhakar.sinha@ocpl.org.in**

**Sd./- Sr. Manager (Commercial & Contracts)**

# ରାଜନେତା ବିଶ୍ୱଜିତ, ସଚିନଙ୍କୁ ମାରାଥନ ଜେରା

## ଗଞ୍ଜାମ ବାଲି, ମଦ ମାଫିଆଙ୍କୁ ଇଡି ଛାଟ

- ଜବତ ୨.୬୩ କୋଟି ଟଙ୍କା, ଦାମୀ ଗାଡ଼ିର ହିସାବ ଖୋଜା
- ୧୬ ଜଣଙ୍କୁ ଇଡି ଅଫିସରେ ହାଜର ହେବାକୁ ସମନ

ଭୁବନେଶ୍ୱର,୩୦।୧(ତ୍ରିନାଥ ମହାନ୍ତି)


ଇଡି ଅଫିସ୍‌ରେ ହାଜର ହେଉଛନ୍ତି କଂଗ୍ରେସ ନେତା ବିଶ୍ୱଜିତ ପାତ୍ର।

ଆପରାଧିକ ଉପାୟରେ ବହୁ କୋଟିର ସାମ୍ରାଜ୍ୟ ଠିଆ କରିଥିବା ଗଞ୍ଜାମ ବାଲି ଓ ମଦ ମାଫିଆଙ୍କୁ ସାବାଡ଼୍ କରୁଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ବେଆଇନ ବାଲିଘାଟ ଏବଂ ମଦ ଭାଟିରୁ ଆଦାୟ କରିଥିବା କଳାଧନର ଗୋଟିଗୋଟି କରି ହିସାବ ମାଗୁଛନ୍ତି ଇଡି ଅଧିକାରୀ। ସମନ ପାଇବା ପରେ ଶୁକ୍ରବାର ସକାଳ ପ୍ରାୟ ୧୦ଟା ୧୫ରେ ନୟାପଲ୍ଲୀସ୍ଥିତ ଇଡି କାର୍ଯ୍ୟାଳୟରେ ହାଜର ହୋଇଥିଲେ ଗଞ୍ଜାମର କଂଗ୍ରେସ ନେତା ବିଶ୍ୱଜିତ ପାତ୍ର ଏବଂ ବିଜେଡି ନେତା ହୃଷୀକେଶ ପାଢ଼ୀଙ୍କ ପୁଅ ସଚିନ ପାଢ଼ୀ। ଇଡିର ସୂଚନାନୁସାରେ, କେତେକ ଦସ୍ତାବିଜ୍ ସହ ସେମାନେ ହାଜର ହେବା ପରେ ଅଧିକାରୀମାନେ ରାତି ୯ଟା ୩୦ ପର୍ଯ୍ୟନ୍ତ ପଚରାଉଚରା କରିବା ସହ କଳାଧନର ହିସାବ ମାଗିଥିଲେ। ଆହୁରି ମଧ୍ୟ ବାଲିଘାଟ ଓ ମଦ ଭାଟିର କାଗଜପତ୍ର ମାଗିଥିଲେ। ଏଥିସହ ଇଡି ଜବତ କରିଥିବା ୨.୬୩ କୋଟି ଟଙ୍କାର ହିସାବ ମାଗିଥିଲେ ମଧ୍ୟ ସେମାନେ ଦେଇପାରି ନ ଥିଲେ। ସେମାନେ ଆଉ ଏକ ତାରିଖରେ ହାଜର ହୋଇ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ଇଡି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଚୋରା ବାଲି ଚାଲାଣ ଓ ବେଆଇନ ମଦ ଭାଟି ଲିଙ୍କ୍‌ରେ ଆଉ ୧୬ଜଣଙ୍କୁ ଇଡି ସମନ କରିଛି। ସମସ୍ତେ ଇଡି ଅଫିସରେ ହାଜର ହୋଇ ଦସ୍ତାବିଜ ରଖିବାକୁ କୁହାଯାଇଛି।

ଗତ ୧୬ ତାରିଖରେ ଗଞ୍ଜାମର ୬ ବାଲି ଓ ମଦ ବ୍ୟବସାୟୀଙ୍କ ଘରେ ଇଡି ଚଢ଼ାଉ କରି ୨ କୋଟି ୬୩ ଲକ୍ଷ ନଗଦ ଟଙ୍କା, ୧୦ ଦାମୀ ଗାଡି ଓ କିଛି କାଗଜପତ୍ର ଜବତ କରିଥିଲା। ଏଥିସହ ସାରା ରାଜ୍ୟରେ ବାଲି ଓ ମଦ ମାଫିଆଙ୍କ ସହ ଗ୍ୟାଙ୍ଗଷ୍ଟରଙ୍କ ଘର ସମେତ ଏକକାଳୀନ ୨୫ଟି ସ୍ଥାନରେ ଚଢ଼ାଉ ହୋଇଥିଲା। ଗଞ୍ଜାମର ବିଜେଡି ନେତା ହୃଷୀକେଶ ପାଢୀଙ୍କ ଘରେ ରେଡ୍ ହୋଇଥିଲା। ପରେ ହୃଷୀକେଶଙ୍କ ସମେତ ଗଞ୍ଜାମ ଜିଲାର ୮ରୁ ୧୦ ବାହୁବଳୀ ବାଲି ଓ ମଦ ମାଫିଆଙ୍କ ଠିକଣାରେ ଇଡି ଘନ ଘନ ଚଢ଼ାଉ କରିଥିଲା। ଯାଞ୍ଚରେ ମିଳିଥିବା ଆଲମୀରା ଭର୍ତ୍ତି ଟଙ୍କା ସହ ଖୋଲିଥିଲା ବାଲି ଓ ମଦ ମାଫିଆଙ୍କ କଳା ସାମ୍ରାଜ୍ୟ। ସେମାନେ ଋଷିକୁଲ୍ୟା, ବାହୁଦା, ବଡ଼ ନଦୀରୁ ବେଆଇନ ଭାବେ ବାଲି ଉଠାଇ ଜାଲ୍ ୱାଇ ଫର୍ମ ଜରିଆରେ କୋଟି କୋଟି ଟଙ୍କା ରାଜସ୍ୱ ଫାଙ୍କୁଥିଲେ। ଏହି ବାଲିକୁ ସେମାନେ ଆନ୍ଧ୍ରପ୍ରଦେଶକୁ ଉଚ୍ଚ ଦରରେ ଚାଲାଣ କରୁଥିଲେ। ଏନେଇ ସିଏଜି ରିପୋର୍ଟ ଆସିବା ପରେ ଏହି ଚଢାଉ କରିଥିଲା ଇଡି। ରେଡ୍ ବେଳେ ବାଲି ମାଫିଆଙ୍କ ଚୋରା ମଦ କାରବାର ସମ୍ପର୍କରେ ମଧ୍ୟ ସୁରାକ ମିଳିଥିଲା।

# ଶୌଚାଳୟରେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ଭାଇ

ଧାମନଗର,୩୦।୧(ସନ୍ତୋଷ କୁମାର ମହାପାତ୍ର)


ରଞ୍ଜିତା ଖଟୁଆ

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ଗୁହାଳିଆ ଗ୍ରାମର ରଞ୍ଜିତା ଖଟୁଆ ନାମ୍ନୀ ମହିଳାଙ୍କର ଗୁରୁବାର ବିଳମ୍ବିତ ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ଶୁକ୍ରବାର ସକାଳେ ଶୌଚାଳୟରୁ ତାଙ୍କ ମୃତଦେହ ମିଳିଛି। ଶାଶୁଘର ଲୋକେ ତାଙ୍କ ଭଉଣୀଙ୍କୁ ହତ୍ୟା କରିଥିବା ମୃତ ରଞ୍ଜିତାଙ୍କ ଭାଇ ଲମ୍ବୋଦର ଖଟୁଆ(୩୧) ଧାମନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ହତ୍ୟା ମାମଲା (ନଂ.୪୩/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତ ରଞ୍ଜିତାଙ୍କ ସ୍ୱାମୀ ଅକ୍ଷୟ ରାଉତ(୨୮), ଶାଶୁ କାଞ୍ଚନ ରାଉତ(୪୯) ଓ ଶ୍ୱଶୁର ଶ୍ରୀଧର ରାଉତ(୫୫)ଙ୍କ ନାମରେ ମାମଲା ରୁଜୁ ହୋଇଛି। ଘଟଣା ଘଟିବାର କିଛି ସମୟ ପରେ ଶାଶୁଘର ଲୋକ ଫେରାର ହୋଇଯାଇଥିବା ରଞ୍ଜିତାଙ୍କ ବାପଘର ଲୋକେ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ଧାମନଗର ଥାନା ଅଧୀନ ଚନ୍ଦେଶ୍ୱର ଗ୍ରାମର ସ୍ୱର୍ଗତ ଅନନ୍ତ ଖଟୁଆଙ୍କ ଝିଅ ରଞ୍ଜିତାଙ୍କର ୪ବର୍ଷ ତଳେ ଗୁହାଳିଆ ଗ୍ରାମର ଅକ୍ଷୟଙ୍କ ସହ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ସମୟରେ ଯୌତୁକ ବାବଦକୁ ନଗଦ ୫୦ ହଜାର ଟଙ୍କା ଏବଂ ସୁନା ରୁପା ସହ ବିଭିନ୍ନ ଆସବାବପତ୍ର ଦେଇଥିଲେ। ବିବାହର କିଛିଦିନ ପରେ ଶାଶୁଘର ଲୋକ ଯୌତୁକକୁ ନେଇ ରଞ୍ଜିତାଙ୍କୁ ନିର୍ଯାତନା ଦେଉଥିଲେ। ଏନେଇ ଉଭୟ ପରିବାର ପକ୍ଷରୁ ଅନେକଥର ଆପୋସ ବୁଝାମଣା ହୋଇଥିଲା। ଏପରିକି ୪ମାସ ପୂର୍ବରୁ ନିର୍ଯାତନା ଅସହ୍ୟ ହେବାରୁ ରଞ୍ଜିତା ବାପଘରେ କିଛିଦିନ ରହିଥିଲେ। ପରେ ସ୍ୱାମୀ, ଶ୍ୱଶୁର ଓ ପରିବାର ଲୋକେ ଆସି ବୁଝାମଣା କରି ତାଙ୍କୁ ଘରକୁ ନେଇଯାଇଥିଲେ। ହେଲେ ଗୁରୁବାର ବିଳମ୍ବିତ ରାତିରେ ଶାଶୁଘର ଲୋକ ରଞ୍ଜିତାଙ୍କ ତଣ୍ଟିକୁ ଶାବଳରେ ଚାପି ମାରିଦେବା ସହ ଘର ପାଖ ଶୌଚାଳୟରେ ପକାଇ ଦେଇଥିବା ଲମ୍ବୋଦର ଅଭିଯୋଗରେ ଦର୍ଶାଇଛନ୍ତି। ବାପଘର ଲୋକଙ୍କ ବିରୋଧ ସତ୍ତ୍ୱେ ଶାଶୁଘର ଲୋକ ମୃତ ରଞ୍ଜିତାଙ୍କୁ ଜୋରଜବରଦସ୍ତ ଆମ୍ବୁଲାନ୍ସ ଯୋଗେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଲମ୍ବୋଦର କହିଛନ୍ତି। ମୃତ ରଞ୍ଜିତାଙ୍କ ସ୍ୱାମୀ ଭୁବନେଶ୍ୱରରେ ଏକ ମେଡ଼ିସିନ ଦୋକାନରେ କାମ କରନ୍ତି। ଘଟଣାର ଦୁଇଦିନ ପୂର୍ବରୁ ୧ ବର୍ଷ ଝିଅର ଜନ୍ମଦିନ ଥିବାରୁ ସେ ଘରକୁ ଆସିଥିଲେ। ଏନେଇ ଥାନାଧିକାରୀ ରଞ୍ଜନ ସେଠୀ କହିଛନ୍ତି, ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଫେରାର ନିର୍ଦ୍ଦେଶକ ତନ୍ମୟଙ୍କୁ ପଶ୍ଚିମବଙ୍ଗରୁ ଗିରଫ କଲା ସିବିଆଇ

## ୨ କୋଟିର ଏକ୍ସପ୍ରେସ୍ କଲ୍‌ଟିଭେଶନ ଚିଟ୍‌ଫଣ୍ଡ୍ ଠକେଇ ମାମଲା

ଭୁବନେଶ୍ୱର,୩୦।୧(ତ୍ରିନାଥ ମହାନ୍ତି)

୨ କୋଟି ଟଙ୍କା ଚିଟ୍‌ଫଣ୍ଡ ଠକେଇ ମାମଲାରେ ଫେରାର ଥିବା ଏକ୍ସପ୍ରେସ୍ କଲ୍‌ଟିଭେଶନ ଲିମିଟେଡ୍‌ର ଅନ୍ୟତମ ନିର୍ଦ୍ଦେଶକଙ୍କୁ ପଶ୍ଚିମବଙ୍ଗ ନଦିଆରୁ ଗିରଫ କରିଛି ସିବିଆଇ। ଗିରଫ ଅଭିଯୁକ୍ତ ଜଣକ ହେଲେ ତନ୍ମୟ ମିର୍ଦ୍ଧା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ୨୦୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ସିବିଆଇ। ୨୦୨୨ରେ କମ୍ପାନୀ ବିରୋଧରେ ଚାର୍ଜଶିଟ ଦାଖଲ ହୋଇଥିଲା। ହେଲେ ତଦନ୍ତରେ ସହଯୋଗ ନ କରି ଫେରାର ହୋଇଯାଇଥିଲେ ଅଭିଯୁକ୍ତ ତନ୍ମୟ। ଫଳରେ ସିବିଆଇ ତାଙ୍କ ନାମରେ ୱାରେଣ୍ଟ ଜାରି କରିଥିଲା। ହେଲେ ତନ୍ମୟ ସିବିଆଇ ଅଧିକାରୀଙ୍କୁ ଚକ୍‌ମା ଦେଇ ସ୍ଥାନ ବଦଳାଇ ଲୁଚି ବୁଲୁଥିଲେ। ତେବେ ସେ ପଶ୍ଚିମବଙ୍ଗ ନଦିଆରେ ଥିବା ନେଇ ଗୋଇନ୍ଦା ସୂଚନା ପରେ ସିବିଆଇ ଟିମ୍ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ତନ୍ମୟ ଏକ୍ସପ୍ରେକ୍ସ କଲ୍‌ଟିଭେଶନ ଲିମିଟେଡ୍ ନାମରେ ଏକ କମ୍ପାନୀ ଖୋଲି ନିଜେ ଏହାର ନିର୍ଦ୍ଦେଶକ ଥିଲେ। ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ଏହାର ଅଫିସ ଥିଲା। ସେ ଲୋକଙ୍କୁ ଟଙ୍କା ଜମା କଲେ କମ୍ ଦିନରେ ଦୁଇଗୁଣା ଦେବାକୁ ଲୋଭ ଦେଖାଇ ୨ କୋଟିରୁ ଊର୍ଦ୍ଧ୍ୱ ସଂଗ୍ରହ କରିଥିଲେ।

# ୫ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

## କ୍ଷୀର ବ୍ୟବସାୟୀ ହତ୍ୟା ମାମଲା

ବ୍ରହ୍ମପୁର,୩୦।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଗୋଷାଣି ନୂଆଗାଁ ଥାନା ଅନ୍ତର୍ଗତ ହିଲପାଟଣାରେ କ୍ଷୀର ବ୍ୟବସାୟୀ ଲମ୍ବୋଦର ମୁନି ହତ୍ୟା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ବ୍ରହ୍ମପୁର ଅତିରିକ୍ତ ଜିଲାଜଜ୍ -୩ ବିବସ୍ୱତ ଗୌତମ ଏହି ମାମଲାର ୫ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତକରି ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସେମାନେ ହେଲେ ଗୋଷାଣି ନୂଆଗାଁ ଥାନା ଅଞ୍ଚଳର ରୂପେଶ ପାଢ଼ୀ(୩୦), ଶ୍ରୀନୁ ପାତ୍ର(୩୮), ଦିଗପହଣ୍ଡି ଥାନା ଅନ୍ତର୍ଗତ ଭୀଷ୍ମଗିରି ବନ୍ଧସାହିର ରଞ୍ଜିତ କୁମାର ସାହୁ ଓରଫ ନାକା (୨୯), ଶିବ ମହାକୁଡ଼ (୨୯) ଓ ଅନ୍ୟ ଏକ ମାମଲାରେ ଗିରଫହୋଇ ଢେଙ୍କାନାଳ ଜେଲରେ ଥିବା ଗୋଷାଣି ନୂଆଗାଁ ଥାନା ଅନ୍ତର୍ଗତ ବେଢ଼ାବନ୍ଧ ସାହିର ଶଙ୍କର ସାହୁ(୩୧)। ଜେଲ ଭୋଗିବା ସହ ପ୍ରତ୍ୟେକ ଅଭିଯୁକ୍ତ ୧୩ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧୮ ମାସ ଲେଖାଏ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ ରହିଛି।

୨୦୨୦ ଜୁନ୍ ୧୨ ରାତିରେ ହେରିଟେଜ କମ୍ପାନୀର କ୍ଷୀର ବ୍ୟବସାୟୀ ଲମ୍ବୋଦରଙ୍କୁ ହିଲପାଟଣାସ୍ଥିତ ତାଙ୍କ ଗୋଦାମରେ ହତ୍ୟା କରାଯାଇଥିଲା। ଅଭିଯୁକ୍ତମାନେ ଲୁଟ୍ ଉଦ୍ଦେଶ୍ୟରେ ଆସିଥିଲେ। ଘରେ ଲୁଟେରାଙ୍କ ଶବ୍ଦ ଶୁଣି ଲମ୍ବୋଦର ନିଦରୁ ଉଠି ପଡିଥିବା ବେଳେ ସେମାନେ ଧରାପଡିଯିବା ଭୟରେ ତାଙ୍କୁ ହତ୍ୟାକରିଥିଲେ। ଗୋଦାମ ମ୍ୟାନେଜର ଭି. ବିନୟ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁକରି ତଦନ୍ତ କରିଥିଲା। ପର୍ଯ୍ୟାୟକ୍ରମେ ଅଭିଯୁକ୍ତ ରୂପେଶ, ଶ୍ରୀନୁ, ରଞ୍ଜିତ, ଶିବଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ମୁଖ୍ୟ ଅଭିଯୁକ୍ତ ଶଙ୍କର ଫେରାର ଥିବାବେଳେ ଢେଙ୍କାନାଳରେ ଏକ ଡକାୟତି ଘଟଣାରେ ଗିରଫହୋଇ ଜେଲ ଯାଇଥିଲେ। ବ୍ରହ୍ମପୁର ପୋଲିସ ତାଙ୍କୁ ରିମାଣ୍ଡରେ ଆଣି ଏସ୍‌ଡିଜେଏମ୍ କୋର୍ଟରେ ହାଜରକରି ଲମ୍ବୋଦର ହତ୍ୟା ମାମଲାରେ ଜଡ଼ିତ କରିଥିଲା। ଲମ୍ବୋଦର କ୍ଷୀର ଗୋଦାମରେ ଶୋଇଥିବା ବେଳେ ସେଠାରେ ଟଙ୍କା ଓ ସୁନା ଥିବା ଜାଣି ଅଭିଯୁକ୍ତମାନେ ସେସବୁ ଲୁଟିବାକୁ ନିକଟସ୍ଥ ଏକ ହୋଟେଲରେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ନେଇ ପୋଲିସ ତଦନ୍ତରୁ ଜଣାପଡିଥିଲା। ସରକାରଙ୍କ ପକ୍ଷରୁ କ୍ୟାଡର ପିପି ବିଶ୍ୱଜିତ ବରାଳ ମାମଲା ପରିଚାଳନା କରିଥିଲେ।

# ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

## ଦିବ୍ୟାଙ୍ଗ ନାବାଳିକା ବଳାତ୍କାର ମାମଲା

ବାଲେଶର, ୩୦।୧(ବାଞ୍ଛାନିଧି ଦେ)

ଦିବ୍ୟାଙ୍ଗ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଗୁରୁବାର ବାଲେଶ୍ୱର ଏଡିଜେ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ଇନ୍ଦିରା ପ୍ରିୟଦର୍ଶିନୀ ଅଭିଯୁକ୍ତ କାଳିଆ ବାସ୍କେଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏହାସହିତ ପୀଡ଼ିତା ଦିବ୍ୟାଙ୍ଗ ନାବାଳିକାଙ୍କୁ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ ଲାଗି ଜିଲା ଆଇନସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ବସ୍ତା ଥାନା ବେଣାପୁରା ଗ୍ରାମର କାଳିଆ ବାସ୍କେ ସ୍ଥାନୀୟ ଅଞ୍ଚଳର ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର କରିଥିବା ନେଇ ୨୦୨୩ ଅଗଷ୍ଟ ୨୫ରେ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଏହି ମାମଲାରେ ୨୧ ଜଣ ସାକ୍ଷୀ ଓ ୨୯ଟି ଦସ୍ତାବିଜକୁ ଆଧାର କରି କୋର୍ଟ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଇମୋହନ ପଟ୍ଟନାୟକ ମାମଲାର ପରିଚାଳନା କରୁଥିଲେ।

## Business

# 'ଚେତକ ସି୨୫'ର ବଜାର ପ୍ରବେଶ

ଭୁବନେଶ୍ୱର, ୩୦।୧(ଅନୁରାଧା ମହାରଣା)




ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ଚେତକ ଶୋ'ରୁମରେ ଶୁକ୍ରବାର ନୂଆ ଇଲେକ୍ଟ୍ରିକ୍ ସ୍କୁଟର ଚେତକ ସି୨୫ର ବଜାର ପ୍ରବେଶ କରାଯାଇଛି। ଷ୍ଟାଇଲିଶ, ସ୍ଲିକ ଓ ଯୁବମୁଖୀ ଡିଜାଇନ ସହିତ ଆସିଥିବା ଏହି ସ୍କୁଟର ଚେତକ ପୋର୍ଟଫୋଲିଓକୁ ଆଉ ଏକ ନୂଆ ଆକର୍ଷଣ ଯୋଗାଇଛି। ସହର ଭିତରେ ସହଜ ଯାତାୟାତକୁ ଲକ୍ଷ୍ୟକରି ଡିଜାଇନ ହୋଇଥିବା ସି୨୫ ହାଲୁକା ଓ ସୁବିଧାଜନକ ରାଇଡିଂ ଅନୁଭୂତି ପ୍ରଦାନ କରୁଛି। ନିଓ-କ୍ଲାସିକ ଡିଜାଇନରେ ତିଆରି ହୋଇଥିବା ପ୍ରିମିୟମ ମେଟାଲ ବଡି, ଉଚ୍ଚମାନର ପେଣ୍ଟ ଫିନିଶ, ସିଗ୍ନେଚର ଡିଆର୍‌ଏଲ୍ ହେଡ୍‌ଲ୍ୟାମ୍ପ, ଜଏଣ୍ଟ ବିହୀନ ମୋନୋ-ବଡି ଡିଜାଇନ ରହିଛି। ୨.୫ କିଲୋୱାଟର ବ୍ୟାଟେରି ସହ ଆସିଥିବା ଚେତକ ସି୨୫ ଥରେ ଚାର୍ଜ କଲେ ୧୧୩ କିଲୋମିଟର ପର୍ଯ୍ୟନ୍ତ ଚାଲିପାରିବ। ଏହାର ସର୍ବାଧିକ ବେଗ ଘଣ୍ଟା ପ୍ରତି ୫୫ କି.ମି. ରହିଛି। ହିଲ୍ ହୋଲ୍ଡ ଆସିଷ୍ଟ, 'ଗାଇଡ ମି ହୋମ' ଲ୍ୟାମ୍ପ ଓ ଡିସ୍କ ବ୍ରେକ୍ ଭଳି ଆଧୁନିକ ସୁରକ୍ଷା ବ୍ୟବସ୍ଥା ଏହାକୁ ଆଉ ଅଧିକ ସୁବିଧାଜନକ କରିଛି। ଏହି ବଜାର ପ୍ରବେଶ ଅବସରରେ ଏମ୍‌ଏସ୍‌ବି ଅଟୋମୋଟିଭ୍ ପ୍ରାଇଭେଟ୍ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର ମନସୂର ବକ୍ସ ଓ ଡାଇରେକ୍ଟର ସାହିରା ବାନୁ ଉପସ୍ଥିତ ଥିଲେ। ଓଡ଼ିଶା ଏରିଆ ସେଲ୍ସ ମ୍ୟାନେଜର ରଶିତ ମାଲହୋତ୍ରା କହିଛନ୍ତି, ସହରୀ ଜୀବନଶୈଳୀରେ ଛୋଟ ଯାତ୍ରା ଓ ସ୍ୱାଧୀନ ଯାତାୟାତର ଆବଶ୍ୟକତା ବଢ଼ୁଛି। ଏହି ଆବଶ୍ୟକତାକୁ ଧ୍ୟାନରେ ରଖି ଏହି ସ୍କୁଟର ତିଆରି ହୋଇଛି । ଏହାର ବଜାର ମୂଲ୍ୟ ୯୧,୩୩୯ଟଙ୍କା(ଏକ୍ସ ଶୋ'ରୁମ୍ ମୂଲ୍ୟ) ରହିଥିବାବେଳେ ପ୍ୟାନ୍ ଇଣ୍ଡିଆ ସ୍ତରରେ ପ୍ରଥମ ୧୦ ହଜାର ଗ୍ରାହକ ଏହାକୁ ୭୪,୬୦୦ ଟଙ୍କାରେ କିଣିପାରିବେ।

# ଏ. ଅରବିନ୍ଦାକ୍ଷନ, ଯମୁନା ବୀଣୀଙ୍କୁ ତଥାଗତ ସାହିତ୍ୟ ସମ୍ମାନ

ଭୁବନେଶ୍ୱର, ୩୦।୧




ନୂଆଦିଲ୍ଲୀର ସାହିତ୍ୟ ଏକାଡେମୀ ସଭାଗୃହରେ ଅନୁଷ୍ଠିତ ଏକ ସମାରୋହରେ କେରଳର ବରିଷ୍ଠ ହିନ୍ଦୀ ସାହିତ୍ୟକାର ଏ. ଅରବିନ୍ଦାକ୍ଷନ ଏବଂ ଅରୁଣାଚଳ ପ୍ରଦେଶର ଯୁବ କବୟିତ୍ରୀ ଯମୁନା ବୀଣୀଙ୍କୁ 'ତଥାଗତ ସାହିତ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଏହି ସମ୍ମାନ ପ୍ରଖ୍ୟାତ ସାହିତ୍ୟକାର ରାମଦରଶ ମିଶ୍ରଙ୍କ ସ୍ମୃତିରେ ପ୍ରଦାନ କରାଯାଏ। ସମାରୋହର ଶୁଭାରମ୍ଭ ମହାକବି ନିରାଲାଙ୍କ ସରସ୍ୱତୀ ବନ୍ଦନା ଉପରେ ଆଧାରିତ କଥକ ନୃତ୍ୟ ପ୍ରସ୍ତୁତିରେ ହୋଇଥିଲା। ତଥାଗତ ଟ୍ରଷ୍ଟର ସଂରକ୍ଷକ ଡା. ଏନ୍‌ପି ସିଂହଙ୍କ ସହ ବରିଷ୍ଠ ସାହିତ୍ୟକାର ଅନାମିକା, ଓମ୍ ନିଶ୍ଚଳ, ଅଶୋକ ବାଜପେୟୀ, ଚନ୍ଦ୍ରକାନ୍ତା ପ୍ରମୁଖ ଯୋଗଦେଇଥିଲେ। ଏ. ଅରବିନ୍ଦାକ୍ଷନଙ୍କ କୃତି 'ଧଡକନୋଂ କେ ଭୀତର ଜାକର' ଏବଂ ଯମୁନା ବୀଣୀଙ୍କ ସଂଗ୍ରହ 'ଜବ ଆଦିବାସୀ ଗାତା ହୈ' ବେଶ୍ ପାଠକାଦୃତ ହୋଇଛି।

# ଖୋର୍ଦ୍ଧା ରୋଡ୍ ଡିଭିଜନରେ ଆଧୁନିକୀକରଣ କାର୍ଯ୍ୟ

ଭୁବନେଶ୍ୱର, ୩୦।୧(ଅନୁରାଧା ମହାରଣା)

ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ଯାଜପୁର କେନ୍ଦୁଝର ରୋଡ୍ ଏବଂ ଜଖପୁରା ମଧ୍ୟରେ ତୃତୀୟ ଲାଇନର କାର୍ଯ୍ୟକ୍ଷମତା ସହିତ ଜଖପୁରା ଷ୍ଟେଶନରେ ନନ-ଇଣ୍ଟରଲକିଂ କାର୍ଯ୍ୟକଳାପ ସହିତ ଜଡ଼ିତ ଜରୁରୀ ସୁରକ୍ଷା-ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଜାରି ରହିଛି। ନିରାପଦ ଏବଂ ସୁଗମ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ କେତେକ ଟ୍ରେନ୍ ବାତିଲ କରାଯାଇଥିବାବେଳେ ଅନ୍ୟ କେତେକର ମାର୍ଗ ପରିବର୍ତ୍ତନ କରାଯାଇଛି। ୬୮୪୨୪/୬୮୪୨୩ କଟକ-ଭଦ୍ରକ-କଟକ ମେମୁ, ୬୮୪୩୮/୬୮୪୩୭ କଟକ-ଭଦ୍ରକ-କଟକ ମେମୁ, ପୁରୀ-ଜଳେଶ୍ୱର ମେମୁ, ୬୮୪୪୧ ଜଳେଶ୍ୱର -ପୁରୀ ମେମୁ, ଖୋର୍ଦ୍ଧା ରୋଡ - କେନ୍ଦୁଝରଗଡ଼ ମେମୁ, କେନ୍ଦୁଝରଗଡ଼-ଖୋର୍ଦ୍ଧା ରୋଡମେମୁସାମୟିକବାତିଲ ରହିବ।

# ପ୍ୟାରିସ୍‌ରେ ପ୍ରଦର୍ଶିତ ହେଲା ଇନ୍ଦ୍ରିୟା ଜୁଏଲେରି



ଭୁବନେଶ୍ୱର, ୩୦।୧

ଆଦିତ୍ୟ ବିର୍ଲା ଜୁଏଲେରୀର ପ୍ରିମିୟମ ବ୍ରାଣ୍ଡ ଇନ୍ଦ୍ରିୟା ପ୍ରଥମ ଥର ପାଇଁ ବିଶ୍ୱର ସବୁଠାରୁ ପ୍ରତିଷ୍ଠିତ ଫ୍ୟାଶନ ପ୍ଲାଟଫର୍ମ ପ୍ୟାରିସ କୋଟୁର ୱିକରେ ଏହାର ସଂଗ୍ରହ ପ୍ରଦର୍ଶନ କରିଛି। ଏହି ସହଯୋଗରେ ପ୍ରସିଦ୍ଧ କୋଟୁରର୍ ଗୌରବ ଗୁପ୍ତା ଇନ୍ଦ୍ରିୟାଙ୍କୁ ଅଫିସିଆଲ ଜୁଏଲେରି ପାର୍ଟନର୍ ଭାବେ ବାଛିଛନ୍ତି। ଇନ୍ଦ୍ରିୟା ତା'ର ଉତ୍କୃଷ୍ଟ କାରିଗରି ଓ ଡିଜାଇନ ଶ୍ରେଷ୍ଠତା ପାଇଁ ପରିଚିତ। ଏହି ସହଯୋଗ ମାଧ୍ୟମରେ ଭାରତୀୟ ଜୁଏଲେରିର କଳାତ୍ମକତାକୁ ବିଶ୍ୱସ୍ତରୀୟ ଫ୍ୟାଶନ ମଞ୍ଚରେ ଉପସ୍ଥାପନ କରାଯାଇଛି। ଭାରତର ସମୃଦ୍ଧ ସୌନ୍ଦର୍ଯ୍ୟ ଓ ସାଂସ୍କୃତିକ ଐତିହ୍ୟ ଉପରେ ଆଧାରିତ ଇନ୍ଦ୍ରିୟାର ଡିଜାଇନ ଗୌରବ ଗୁପ୍ତାଙ୍କ ସ୍କଲ୍ପଚରାଲ କୋଟୁର୍ ଭାଷାକୁ ଆହୁରି ସମୃଦ୍ଧ କରିଛି। ଗୌରବ ଗୁପ୍ତା କହିଛନ୍ତି, ମୋ ପାଇଁ ଜୁଏଲେରି ଶରୀରର ଏକ ଆଭୂଷଣ ନୁହେଁ, ବରଂ ତା'ର ଆଭ୍ୟନ୍ତରୀଣ ପରିଭାଷା। ଇନ୍ଦ୍ରିୟାର ମାର୍କେଟିଂ ଓ ଭିଜୁଆଲ ମର୍ଚ୍ଚାଣ୍ଡାଇଜିଂ ହେଡ୍ ଶାନ୍ତିସ୍ୱରୂପ ପଣ୍ଡା କହିଛନ୍ତି, ଇନ୍ଦ୍ରିୟା ଭାରତୀୟ କଳା, କାରିଗରି, ସ୍ଥାପତ୍ୟ ଓ ସଂସ୍କୃତିର ସୂକ୍ଷ୍ମ ସୌନ୍ଦର୍ଯ୍ୟକୁ ତା'ର ଡିଜାଇନ ଭାଷାରେ ଆଣିବାରେ ଗର୍ବ ଅନୁଭବ କରେ। ଗୌରବ ଗୁପ୍ତାଙ୍କ ସହ ଏହି ସହଯୋଗ ଏକ ପ୍ରୟାସ, ଯାହା ପ୍ୟାରିସ କୋଟୁର୍ ୱିକ ମାଧ୍ୟମରେ ବିଶ୍ୱକୁ ଭାରତୀୟ ଦ୍ୱନ୍ଦ୍ୱ ଧାରଣାକୁ ଏକ ଅନନ୍ୟ ରୂପରେ ଉପସ୍ଥାପନ କରିବ। ଇନ୍ଦ୍ରିୟାର ଡିଜାଇନ ହେଡ ଅଭିଷେକ ରସ୍ତୋଗୀ କହିଛନ୍ତି, ପ୍ରତ୍ୟେକ ପିସ କୋଟୁରକୁ ବୃଦ୍ଧି କରୁଛି।

# ସିଏମ୍‌ପିଡିଆଇର ୫ ଜଣଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୩୦।୧

ରାଞ୍ଚିର ସେଣ୍ଟ୍ରାଲ ମାଇନ ପ୍ଲାନିଂ ଆଣ୍ଡ ଡିଜାଇନ ଇନ୍‌ଷ୍ଟିଚ୍ୟୁଟ ଲିମିଟେଡ୍ (ସିଏମ୍‌ପିଡିଆଇ) ପରିବାରର ୫ ଜଣ ସେବାନିବୃତ୍ତ କର୍ମଚାରୀଙ୍କୁ ଶୁକ୍ରବାର ବିଦାୟକାଳୀନ ସମାରୋହରେ ସମ୍ବର୍ଦ୍ଧିତ କରାଯାଇଛି। ସେବାନିବୃତ୍ତ ହେଉଥିବା ସଦସ୍ୟମାନେ ହେଲେ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଓମ୍ ପ୍ରକାଶ, ମମତା ଗୁପ୍ତା (ୟୁଡିସି), ୟୁଡିସି ଅମିତା ମେହେରା, କୋଲ ସାମ୍ପଲିଂ ଟେକ୍ନିସିଆନ ଦିନେଶ କୁଜୁର ଏବଂ ଭୋଳା ରାମ। ଏହି ଅବସରରେ ସିଏମ୍‌ପିଡିଆଇର ଅଧ୍ୟକ୍ଷ-ସହ-ପ୍ରବନ୍ଧ ନିର୍ଦ୍ଦେଶକ ଚୌଧୁରୀ ଶିବରାଜ ସିଂହ, ନିର୍ଦ୍ଦେଶକ (ଟେକ୍‌ନିକ/ସିଆରଡି) ଶଙ୍କର ନାଗାଚାରୀ, ନିର୍ଦ୍ଦେଶକ (ତକ୍‌ନିକୀ/ଇଏସ୍) ରାଜୀବ କୁମାର ସିହ୍ନା, ନିର୍ଦ୍ଦେଶକ (ଟେକ୍‌ନିକ/ଆରଡି ଆଣ୍ଡ ଟି) ନୃପେନ୍ଦ୍ର ନାଥ ଏବଂ ମୁଖ୍ୟ ସତର୍କତା ଅଧିକାରୀ ପଙ୍କଜ କୁମାର ଯୋଗଦେଇ ସେବାନିବୃତ୍ତ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ୟୁନିୟନ ପ୍ରତିନିଧି ସତୀଶ କୁମାର ସିଂହ, ପ୍ରଳୟ ଭଟ୍ଟାଚାର୍ଯ୍ୟ, ସୌଭିକ ଭୂଷଣ ଦେବ ଏବ ଟୁକଲାଲ ତଥା ସିଏମ୍‌ଓଏଆଇ ପ୍ରତିନିଧି ରାମ ସ୍ୱରୂପ ଖିଲାରୀ ମତବ୍ୟକ୍ତ କରିଥିଲେ। ଉପ ପ୍ରବନ୍ଧକ (ରାଜଭାଷା) ଅଭୟ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ ସହ ମଞ୍ଚ ପରିଚାଳନା ଏବଂ ଧନ୍ୟବାଦ ଦେଇଥିଲେ।

# ପାୱାର ହସ୍ପିଟାଲ ପକ୍ଷରୁ କର୍କଟ ପରୀକ୍ଷଣ ଶିବିର

ଭୁବନେଶ୍ୱର, ୩୦।୧(ଅନୁରାଧା ମହାରଣା)



ଓପିଟିସିଏଲ୍ ଓ ପଣ୍ଡା କ୍ୟାନ୍‌ସର ହସ୍ପିଟାଲର ମିଳିତ ସହଯୋଗରେ ଭୁବନେଶ୍ୱର ଭୋଇନଗରସ୍ଥିତ ପାୱାର ହସ୍ପିଟାଲରେ ଏକ ମାଗଣା କର୍କଟ ସଚେତନ ଓ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଗର୍ଭାଶୟ କର୍କଟ, ମୁଖ ଗହ୍ୱର କର୍କଟ ଓ ସ୍ତନ କର୍କଟ ଉପରେ ସଚେତନତା ସହ ମାଗଣା ପରୀକ୍ଷଣ କରାଯାଇଥିଲା। କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ସ୍ମିତି ଦାସ ଏହି ରୋଗର ପରାମର୍ଶ ଦେବା ସହ କର୍ମଚାରୀଙ୍କୁ ସଚେତନ କରାଇଥିଲେ। ଶିବିରରେ ଶତାଧିକ କର୍ମଚାରୀ ଓ ପରିବାର ସଦସ୍ୟ ଏବଂ ଆଞ୍ଚଳିକ ବାସିନ୍ଦା ଉପସ୍ଥିତ ହୋଇ ପରୀକ୍ଷଣ ଓ ଚିକିତ୍ସା ପରାମର୍ଶର ସୁବିଧା ନେଇଥିଲେ। ଓପିଟିସିଏଲ୍‌ର ମହାପ୍ରବନ୍ଧକ (ମାନବ ସମ୍ବଳ) ମଧୁମିତା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହି ଶିବିରଟି ହୋଇଥିଲା।

## ସେବା ମନୋଭାବ ଜାଗ୍ରତ ପାଇଁ ଆହ୍ୱାନ

**ନୂଆପଡ଼ା, ୩୦।୧ (ମକାରୁ ବେମାଲ):** ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଜିଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ କନିଷ୍ଠ ରେଡ୍‌କ୍ରସ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଶୃଙ୍ଖଳିତ ହୋଇ ସେବା ମନୋଭାବ ଜାଗ୍ରତ କରିବା ପାଇଁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଅଧକ୍ଷ ଶିବ ପ୍ରସାଦ ବେହେରା, ଜିଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ନୂଆପଡ଼ା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢ଼େଇ, ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ରତନ ସିଂହ ବାରିକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସହୀଦମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ୯୮ ଥର ରକ୍ତଦାନ କରିଥିବା ଶିକ୍ଷକ କିଶୋର କୁମାର ପରିଡ଼ାଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ଶଙ୍କର୍ଷଣ ପୁରୋହିତ ଓ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ।



ତହସିଲଦାରଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଥୁଆମୂଳ ରାମପୁର ବ୍ଲକ ଗୁଣପୁର ପଞ୍ଚାୟତର ପୁଲିଙ୍ଗପଦର ଗ୍ରାମବାସୀ।

# ଜଙ୍ଗଲ ଜମି ପଟ୍ଟା ଦାବିରେ ତହସିଲଦାରଙ୍କ ଦ୍ୱାରସ୍ଥ

**ଥୁଆମୂଳ ରାମପୁର,୩୦।୧(ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଗୁଣପୁର ପଞ୍ଚାୟତର ପୁଲିଙ୍ଗପଦର ଗ୍ରାମବାସୀ ଜଙ୍ଗଲ ଜମି ପଟ୍ଟା ଦାବିରେ ଶୁକ୍ରବାର ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କୁର୍କୁଟି ମୌଜାରେ ଥିବା ପ୍ରାୟ ୪୨ ଏକର ଜମିକୁ ବିନା ଗ୍ରାମସଭାରେ କମ୍ପାନୀକୁ ହସ୍ତାନ୍ତର କରାଯିବା ନେଇ ହେଉଥିବା ଚକ୍ରାନ୍ତକୁ ଗ୍ରାମବାସୀ କଡ଼ା ସମାଲୋଚନା କରିଛନ୍ତି। କୁର୍କୁଟି ମୌଜାର ଖାତା ନଂ.୨୨ ଓ ପ୍ଲଟ୍ ନଂ.୧୯/୨୮ ଅଧୀନରେ ଥିବା ଏହି ଜଙ୍ଗଲ ଜମିକୁ ଗ୍ରାମବାସୀ ୧୯୯୧ ପୂର୍ବରୁ ଚାଷ କାର୍ଯ୍ୟ ପାଇଁ ବ୍ୟବହାର କରିଆସୁଛନ୍ତି। ମାତ୍ର ପ୍ରଶାସନ ପକ୍ଷରୁ ଏହି ଜମିକୁ ଶିଳ୍ପସଂସ୍ଥାକୁ ଟେକିଦେବା ପାଇଁ ହେଉଥିବା ପ୍ରୟାସକୁ ଗ୍ରାମବାସୀ ବେଆଇନ ବୋଲି ଦର୍ଶାଇଛନ୍ତି। ସମ୍ବିଧାନର ପଞ୍ଚମ ଅନୁସୂଚୀ, ପେସା ଆଇନ ଅନୁଯାୟୀ ଗ୍ରାମସଭାର ସହମତି ବିନା ଆଦିବାସୀ ଅଞ୍ଚଳରେ ଜମି ହସ୍ତାନ୍ତର କରାଯାଇପାରିବ ନାହିଁ। ଏହା ଓଡ଼ିଶା ଜମି ସଂସ୍କାର ଆଇନର ସମ୍ପୂର୍ଣ୍ଣ ଉଲ୍ଲଂଘନ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଅବସରରେ ଖଣ୍ଡୁଆଳ ମାଳି ଜନ ଆନ୍ଦୋଳନ କମିଟିର ସମ୍ପାଦକ ବ୍ରିଟିଶ କୁମାର ଓ ଖଣ୍ଡୁଆଳ ମାଳି ସ୍ଥାୟୀ ସୁରକ୍ଷା ସମିତିର ସଭାପତି କାର୍ତ୍ତିକ ମାଝୀ ପ୍ରମୁଖ ଉପସ୍ଥିତ ରହି ପ୍ରଶାସନିକ ଅବହେଳା ବିରୋଧରେ ଗର୍ଜିଥିଲେ। ଦାବିପତ୍ର ପ୍ରଦାନ ସମୟରେ ରାମକୃଷ୍ଣ ମାଝୀ, ସୁରଜ ମାଝୀ, ଲିମ୍ବୁ ମାଝୀ, ବେଲ ମାଝୀଙ୍କ ସମେତ ଅଞ୍ଚଳର ଶତାଧିକ ମହିଳାପୁରୁଷ ଉପସ୍ଥିତ ଥିଲେ। ତୁରନ୍ତ ଏହାର ତଦନ୍ତକରି ଜଙ୍ଗଲ ଜମି ପଟ୍ଟା ପ୍ରଦାନ ନ କଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ବ୍ୟାପକ ହେବ ବୋଲି ଚେତାବନୀ ଦିଆଯାଇଛି।

## ବିଧାୟକଙ୍କ ଦ୍ୱାରା ରାସ୍ତା, ବ୍ରିଜ୍‌ର ଭିତ୍ତିପ୍ରସ୍ତର ସ୍ଥାପନ

**କୋକସରା,୩୦।୧ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ)**

ଧର୍ମଗଡ଼ ବିଧାୟକ ସୁଧୀର ପାଢ଼ଯୋଷୀଙ୍କ କରକମଳରେ ଶୁକ୍ରବାର କୋକସରା ବ୍ଲକର ବିଭିନ୍ନ ରାସ୍ତା ଓ ବ୍ରିଜ୍‌ର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ବିଜୁ ଏକ୍ସପ୍ରେସ ୱେଠାରୁ ମଙ୍ଗଳପୁର ଭାୟା ସାନପୋଡାଗୁଡା ଓ ସାନକେନ୍ଦୁଗୁଡାଠାରୁ ପଦ୍ମପୁର, ମଙ୍ଗଳପୁର ବ୍ରିଜ ଓ ବାଙ୍କିମୁଣ୍ଡାଠାରୁ ଦାବ୍ରିଗୁଡା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଧର୍ମଗଡ଼ ଗ୍ରାମ୍ୟଉନ୍ନୟନ ବିଭାଗ ଦ୍ୱାରା ସମସ୍ତ କାର୍ଯ୍ୟର ସମ୍ପାଦନ କରାଯାଉଛି। ସୂଚନାକ୍ରମେ ବିଜୁ ଏକ୍ସପ୍ରେସ ୱେ ମଙ୍ଗଳପୁର ଭାୟା ସାନପୋଡାଗୁଡା ରାସ୍ତା ଓ ମଝିରେ ଥିବା ଏକ ନାଳରେ ବ୍ରିଜ ନିର୍ମାଣ ନିମନ୍ତେ ଅଞ୍ଚଳବାସୀ ଦୀର୍ଘ ବର୍ଷରୁ ଦାବି କରିଆସୁଥିଲେ। ବର୍ତ୍ତମାନ ଏହି ଦାବି ପୂରଣ ହେବାକୁ ଯାଉଥିବାରୁ ସ୍ଥାନୀୟ ବିଧାୟକ ଓ ରାଜ୍ୟ ସରକାରଙ୍କୁ ଅଞ୍ଚଳବାସୀ କୃତଜ୍ଞତା ଜଣାଇଛନ୍ତି। ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ ବିଧାୟକ ପାଢ଼ଯୋଷୀଙ୍କ ସହିତ ଧର୍ମଗଡ଼ ବ୍ଲକ ଅଧକ୍ଷା ବବିତା ପାଢ଼ଯୋଷୀ, ଜିଲା ସମ୍ପାଦକ ହିମାଂଶୁ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ହେମନ୍ତ ମାଝୀ, ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ଯୁବମୋର୍ଚ୍ଚା ସଭାପତି ତ୍ରୈଲୋକ୍ୟ ବେଶ୍ରା, ଡେଣ୍ଡାପାଲି ସରପଞ୍ଚ ଗୌଲୋଚନ ଗୋପାଳ, ପୋଡାଗୁଡା ସରପଞ୍ଚ ଜୟରାମ ନାଗ, ସମିତି ସଭ୍ୟ ରାଜୀବ ଖମାରୀ, ମହିଳା ନେତ୍ରୀ ଧରିତ୍ରୀ ବାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କାନନ ପ୍ରଧାନ, ସହକାରୀ ଯନ୍ତ୍ରୀ ତରୁଣ ନାଏକ, କନିଷ୍ଠ ଯନ୍ତ୍ରୀ ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ବିଧାୟକଙ୍କ ସହ ଅନ୍ୟମାନେ।

## ଗୁଣ୍ଡରୀ ପଞ୍ଚାୟତ ଗସ୍ତରେ ଲାଞ୍ଜିଗଡ଼ ବିଧାୟକ





ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ଲାଞ୍ଜିଗଡ଼, ୩୦।୧(ରମେଶ ଚନ୍ଦ୍ର ନାୟକ)**

ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ଶୁକ୍ରବାର ଲାଞ୍ଜିଗଡ଼ ବ୍ଲକ ଗୁଣ୍ଡରୀ ପଞ୍ଚାୟତ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ବିଧାୟକ ଦିଶାରୀ ଦୁର୍ଗମ ଗମପେନୁ ଗାଁକୁ ଯାଇ ନବନିର୍ମିତ ଅତିରିକ୍ତ ଶ୍ରେଣୀଗୃହ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧକ୍ଷା କମଳା ପାତ୍ର, ଉପାଧକ୍ଷ ସଞ୍ଜୀବ କୁମାର ନାୟକ, ବିଡିଓ ଶଶାଙ୍କ ପାତ୍ର, ଗୋଷ୍ଠୀ ଶିକ୍ଷାଧିକାରୀ ରଷିଆ ମେହେର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁବଳଦେବ ମୁଣ୍ଡ, କ୍ଲଷ୍ଟର ସଂଯୋଜକ ମନୋଜ ସାହୁ, ସରପଞ୍ଚ ହରିପ୍ରିୟା ମାଝୀ, ସମିତିସଭ୍ୟା ପଦ୍ମିନୀ ରାଉତ, ନାଏବ ସରପଞ୍ଚ କାନ୍ତି ମାଝୀ ପ୍ରମୁଖ ସାମିଲଥିଲେ। ସେହିପରି ଗୁଣ୍ଡରୀଠାରେ ନବନିର୍ମିତ ନୂତନ ବଜାରଗୃହକୁ ବିଧାୟକ ଲୋକାର୍ପଣ କରିଥିଲେ। ଏଥିରେ ଅଧିକାରୀଙ୍କ ସହ ପୂର୍ବତନ ଜିଲା ପରିଷଦ ସଭ୍ୟ ଉପେନ୍ଦ୍ର ରାଉତ, ପୂର୍ବତନ ବ୍ଲକ ଉପାଧକ୍ଷ ଜଗଦୀଶ ବେନିଆ, ସାମାଜିକ କର୍ମୀ ହରିଶଙ୍କର ପାତ୍ର, ତରୁଣ କୁମାର ଦାସ, ରାମ ନାଏକ, ବିଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ମା' ମଙ୍ଗଳା କ୍ରିକେଟ: ପୂଝାରୀଗୁଡ଼ା ଚାମ୍ପିୟନ

**କୋକସରା,୩୦।୧ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ସିଉନୀ ମା' ମଙ୍ଗଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳ ପଡ଼ିଆଠାରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ କନ୍ଦାବୁଟ୍ରା ଓ ପୂଝାରୀଗୁଡା ମଧ୍ୟରେ ହୋଇଥିଲା। କନ୍ଦିବୁଟ୍ରା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ହରାଇ ୮୭ ରନ ସଂଗ୍ରହ କରିଥିଲା। ଜବାବରେ ପୂଝାରୀଗୁଡ଼ା ଦଳ ୯ ଓଭରରେ ୬ ଉଇକେଟ ହରାଇ ବିଜୟୀ ହୋଇ ଟୁର୍ନାମେଣ୍ଟର ଚାମ୍ପିୟନ ହୋଇଛି। ଅମ୍ପାୟାର ଭାବେ କୁମୁଦ ବେହେରା ଓ ସୁଶାନ୍ତ ସେଠୀ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବରାଡଙ୍ଗା ସରପଞ୍ଚ ନିରୁପମା ସେଠୀ ମୁଖ୍ୟ ଅତିଥି, ଶିକ୍ଷକ ଭାଗ୍ୟବନ ବାଗ ମୁଖ୍ୟବକ୍ତା ଓ ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ, ଭୁବନେଶ୍ୱର ଦିଶାରୀ ସମ୍ମାନିତ ଥିଲେ।

## ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଜୁନାଗଡ଼,୩୦।୧ (ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିଟୈଗୁଡ଼ା ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ୫୪ ତମ ବାର୍ଷିକ ଉତ୍ସବ 'ଉମଙ୍ଗ' ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶକ୍ତି ପ୍ରସାଦ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଜିଲା ଶିକ୍ଷାଅଧିକାରୀ ରାଧାକାନ୍ତ ଛତ୍ରି ମୁଖ୍ୟ ଅତିଥି, ଭବାନୀପାଟଣା ସାନ୍ଧ୍ୟ ମହାବିଦ୍ୟାଳୟ ଅଧକ୍ଷ ପରମେଶ୍ୱର ମୁଣ୍ଡ ମୁଖ୍ୟ ବକ୍ତା ଓ ଜିଲା ବିଜ୍ଞାନ ନିରୀକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ, ଏବିଇଓ ସୁଶାନ୍ତ କୁମାର ଠାକୁର, ଜୁନାଗଡ଼ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନେପାଲ ଚନ୍ଦ୍ର ବାଗ, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ହିମାଂଶୁ ମେହେର, ଖବରଦାତା ସୁନ୍ଦର ମୋହନ ଛତ୍ରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଦଶମ ଶ୍ରେଣୀର ଟପ୍ପରଙ୍କ ସହିତ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ପ୍ରେମଲାଲ ବାଗ ପରିଚାଳନା କରିଥିବା ବେଳେ କଳା ଶିକ୍ଷୟିତ୍ରୀ ସୁମୁଖୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।





idco Your power to grow ISO 9001 & 14001 Corporation | ODISHA NEW OPPORTUNITIES No.CAD-

**OFFICE OF THE CHIEF GENERAL MANAGER (CIVIL)**
**IDCO, IDCO TOWER, BHUBANESWAR**
Bid Identification No.Civil/EST-28/2025-26
Notice No.2367, Dt.28.01.26
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**1.Name of the Work:** Landscaping Work inside the premises of Kalinga Studio, Bhubaneswar. 2.Value of the Work: Rs.115.00 Lakh (Approx.). 3. Period of Completion: 03 (Three) Calendar Months. 4. Availability of tender online for Bidding: I. Start Date: 11.00 Hours of dt.02.02.2026. II. End Date: 15.00 Hours of dt.16.02.2026. III. Opening Date: 16.00 Hours of dt.16.02.2026.

Tender details can be seen from the e-procurement portal **www.tendersorissa.gov.in**. Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**

Sd./-Chief General Manager (Civil)
IDCO, Bhubaneswar
OIPR-

## ଡିଗ୍ରୀ ମହିଳା କଲେଜରେ ଶହୀଦ ଦିବସ

**ଖଡ଼ିଆଳ,୩୦।୧ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳ ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ଶହୀଦ ଦିବସ ପାଳିତ ହୋଇଯାଇଛି। ସଭାରେ କଲେଜ ଅଧକ୍ଷା ଲିଜା ଆଚାର୍ଯ୍ୟ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଏନ୍‌ଏସି ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀଙ୍କ ସଂଗ୍ରାମୀ ଜୀବନ ଉପରେ ଆଲୋକପାତ କରିଥିଲେ। କଲେଜ ପରିଚାଳନା କମିଟି ସଭାପତି ବିନୋଦ ବିହାରୀ ପାଢୀ ବିଶିଷ୍ଟ ଅତିଥି ଓ ଖବରଦାତା ପରମେଶ୍ୱର ବାରିକ, ତପନ ରଞ୍ଜନ ଦାଶ ସମ୍ମାନିତ ଅତିଥି ଥିଲେ। ଏନ୍‌ଏସ୍‌ଏସ୍ ଅଧିକାରୀ ପୁଷ୍ପାଞ୍ଜଳି ପ୍ରଧାନୀ ମଞ୍ଚ ପରିଚାଳନା କରିଥିବା ବେଳେ ଲାଇବ୍ରେରିଆନ ଲକ୍ଷ୍ମୀ ନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ। ପରେ କଲେଜ ପରିସର ସଫେଇ କରାଯାଇଥିଲା।

# ରୟାଲ ବଜରଙ୍ଗୀ ୟୁଥ୍ କ୍ରିକେଟ: ମୁଡିଂ ଚାମ୍ପିୟନ

**କର୍ଲାମୁଣ୍ଡା,୩୦।୧ (ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ଭୋଇପଡାସ୍ଥିତ ଆଦର୍ଶ ବିଦ୍ୟାଳୟ ନିକଟ ଖେଳ ପଡିଆଠାରେ ରୟାଲ ବଜରଙ୍ଗୀ ୟୁଥ୍ କ୍ରିକେଟ କ୍ଲବ ରେଗଡା ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ନର୍ଲା ବ୍ଲକ ଉଫେର ଓ ମ ରମପୁର ବ୍ଲକ ମୁଡିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଫେରକୁ ହରାଇ ମୁଡିଂ ଦଳ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ସଭାରେ ସରପଞ୍ଚ ସଂଘ ରାଜ୍ୟ ସଭାପତି ରୋମାଞ୍ଚଳ ସାହୁ, ରେଗଡା ସରପଞ୍ଚ ଦିପ୍ତିରାଣୀ ସାହୁ, କର୍ଲାମୁଣ୍ଡା ବ୍ଲକ ବିଜେଡି ସଭାପତି ଯଶୋବନ୍ତ ସାହୁ, ମ ରମପୁର ବ୍ଲକ ବିଜେଡି ସଭାପତି ସତ୍ୟ ନାରାୟଣ ସାହୁ, ଜିଲା ଛାତ୍ର ବିଜେଡି ସଭାପତି ଅଜିତ କୁମାର ସାହୁ, ରେଗଡା ପୂର୍ବତନ ସରପଞ୍ଚ ସୁଶାନ୍ତ ପରିଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ବିଜେଡି ନେତା ଦେବେନ୍ଦ୍ର କୁମାର ସଭା ସଂଯୋଜନା କରିଥିଲେ।



ବିଜୟୀ ଦଳର ଖେଳାଳିଙ୍କ ସହ ଅତିଥିମାନେ।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ଭାରତ ସରକାରଙ୍କ ଏକ ଉଦ୍ୟମ A Government of India Undertaking

 କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପୂବାଶାସନ** ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସର୍ତ୍ତଗୁଡିକୁ ଦଖଲକୁ ନେଇଛନ୍ତି। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।** ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସର୍ତ୍ତଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସର୍ତ୍ତଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପୂବାଶାସନ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ପୂବାଶାସନ ଶାଖା /** **୧(କ) ଋଣଗ୍ରହୀତା: ଲିଙ୍ଗରାଜ ଫ୍ଲାଏ ଆଶ୍ ବ୍ରିକ୍ସ,** ମାଲିକ: ଆଶିଷ କୁମାର ସାହୁ, ପ୍ଲଟ୍ ନଂ.: ୩୪/୨୧୮୯, ଗ୍ରା: ଉତ୍ତରା, ଡେଲଟା କଲୋନୀ, କୌଶଲ୍ୟାଗଙ୍ଗ, ପୂବାଶାସନ, ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୧୦୦୨। **୧(ଖ) ଋଣଗ୍ରହୀତା: ଆଶିଷ କୁମାର ସାହୁ,** ପିତା: ଯୋଗେନ୍ଦ୍ର ସାହୁ, ପ୍ଲଟ୍ ନଂ.: ୩୪/୨୧୮୯, ଗ୍ରା: ଉତ୍ତରା, ଡେଲଟା କଲୋନୀ, କୌଶଲ୍ୟାଗଙ୍ଗ, ପୂବାଶାସନ, ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୧୦୦୨। **୨- ଗ୍ୟାରେଣ୍ଟିଦାତା/ବନ୍ଧକଦାତା : ଶ୍ରୀ ଯୋଗେନ୍ଦ୍ର ସାହୁ,** ପିତା: ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ସାହୁ, ପ୍ଲଟ୍ ନଂ.: ୩୪/୨୧୮୯, ଗ୍ରା: ଉତ୍ତରା, ଡେଲଟା କଲୋନୀ, କୌଶଲ୍ୟାଗଙ୍ଗ, ପୂବାଶାସନ, ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୧୦୦୨। | ଟ. 25,25,611.09 (ପଚିଶ ଲକ୍ଷ ପଚିଶ ହଜାର ଛଅ ଶହ ଏଗାର ନଅ ପଇସା ମାତ୍ର) + ସେବାବଦ ସୁଧ | ୧୦.୦୯.୨୦୨୫ / ୨୮.୦୧.୨୦୨୬ | ପ୍ଲଟ ନମ୍ବର ୩୪/୨୧୮୯, ଖାତା ନଂ. ୭୬୭/୪୦୫, କ୍ଷେତ୍ର ଆକାର ୦.୦୪୦ ଡିସିମିଲ, ମୌଜା ପୂବାଶାସନ, କିସମ-ଘରବାରୀ, ସଦ୍-ସ୍ଥିତିବାନ ସହିତ ସମ୍ବନ୍ଧିତ ହାଲ ଖାତା ନଂ. ୭୬୭/୧୬୨, ପ୍ଲଟ ନଂ. ୩୪, ପୋଷ୍ଟ-ପିପିଲି, ପୋଲିସ୍ ଷ୍ଟେସନ-ପିପିଲି, ଜିଲ୍ଲା-ପୁରୀ, ଓଡ଼ିଶା, ଚୌହଦି: ଉତ୍ତର-ରୋଡ, ଦକ୍ଷିଣ- ଭାଗବତ ବାସୁଦେବ, ପୂର୍ବ-ବସନ୍ତ ସ୍ୱାଇଁ, ପଶ୍ଚିମ- ପ୍ଲଟର ଅଂଶ ନମ୍ବର-୨୨ ଦ୍ୱାରା ପରିବେଷ୍ଟିତ ଶ୍ରୀ ଯୋଗେନ୍ଦ୍ର ସାହୁଙ୍କ ପିତା ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ସାହୁଙ୍କ ନାମରେ ଅବସ୍ଥିତ। |

ସ୍ଥାନ: ଭୁବନେଶ୍ୱର
ତାରିଖ: ୩୦.୦୧.୨୦୨୬
ସ୍ୱା/- ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଜିଲାସ୍ତରୀୟ ମିନି ମାରାଥନ ପ୍ରତିଯୋଗିତା

**ନୂଆପଡ଼ା,୩୦।୧ (ମକାରୁ ବେମାଲ)**

ମହାତ୍ମା ଗାନ୍ଧୀଙ୍କ ପୁଣ୍ୟତିଥି ଅବସରରେ ନୂଆପଡ଼ା ଜିଲା ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଶାହାରୁଖ ଖାନଙ୍କ ନେତୃତ୍ୱରେ ୧୧ତମ ଜିଲାସ୍ତରୀୟ ମିନି ମାରାଥନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଅଞ୍ଚଳରୁ ଶହେରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା କଂଗ୍ରେସ ସଭାପତି ଘାସିରାମ ମାଝୀ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଉଦ୍ୟାନବନ୍ଧଠାରୁ କୋମନା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ୮ କିଲୋମିଟର ମାରାଥନ ହୋଇଥିଲା। ମାରାଥନରେ ଝାରସୁଗୁଡ଼ା ଜିଲାର ପବନ କୁମାର ଯାଦବ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି କଳାହାଣ୍ଡି ଜିଲାର ଚୁଡ଼ାମଣି ଚିନ୍ଦା ଦ୍ୱିତୀୟ ଏବଂ ସୋନପୁର ଜିଲାର ଜୁନେଶ ନନ୍ଦ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହିଳା ବିଭାଗରେ ରାଉରକେଲାର ଇରାନ ମହତାବ ବିଜେତା ହୋଇଥିଲେ। କୋମନା ବ୍ଲକ ବରଦାପାଟ ଗ୍ରାମର ଯଶୋଦା ମାଝୀ ଦ୍ୱିତୀୟ ଓ ଭବାନୀପାଟଣାର ଯଶୋମତି ମାଝୀ ତୃତୀୟ ସ୍ଥାନ ଅଧିକାର କରିଥିଲେ।କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଖଡ଼ିଆଳ କଂଗ୍ରେସ ବିଧାୟକ ପ୍ରାର୍ଥୀ କମଳ ଚରଣ ତାଣ୍ଡି, ଜିଲାପରିଷଦ ଭରତ ଲାଲ ରାଉତ, ଆଇନଜୀବୀ ଦେବଦତ୍ତ ଦୀକ୍ଷିତ, ପ୍ରଦେଶ କଂଗ୍ରେସ ସଦସ୍ୟ ବିରଞ୍ଚି ବାଗ, ପୂର୍ବତନ ବ୍ଲକ ଅଧକ୍ଷ ଭକ୍ତରାମ ଶବର, ପୂର୍ବତନ ସରପଞ୍ଚ ଅନ୍ତରାମ ସାହୁ, ପୂର୍ବତନ ବ୍ଲକ ଉପାଧକ୍ଷା ପ୍ରତିଭା ପ୍ରଧାନ ପ୍ରମୁଖ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ମାରାଥନ ଆୟୋଜନରେ ବଲରାମ ସରାଫ, ଉମା ବନଛୋର, ନରେନ୍ଦ୍ର ନାଗ, ଯୋଗେନ୍ଦ୍ର ବାଗ, ଛିନୁ ପୋର୍ତ୍ତ, ଚନ୍ଦ୍ର ନାଗ, ଫୈଜ ଅଲ୍ଲୀ, ବିଶ୍ୱ ମହାନନ୍ଦ, ସାଗର ସାହୁ ପ୍ରମୁଖ ସହଯୋଗ କରିଥିଲେ।



ମାରାଥନରେ ଭାଗ ନେଇଥିବା ପ୍ରତିଯୋଗୀ।

**ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର-II**

ନଂ.୨୬୪ ତାରିଖ:୨୮.୦୧.୨୦୨୬

**ମୋଟର ଯାନ ନିଲାମ ନିମନ୍ତେ ବିଜ୍ଞପ୍ତି**

No.JJ-ଏତଦ୍ୱାରା ନିମ୍ନଲିଖିତ ମୋଟରଯାନର ମାଲିକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିକି, ସେମାନଙ୍କର ଯାନ ବିରୁଦ୍ଧରେ ବକେୟା ମୋଟରଯାନ ଟିକସ ବାକିଥିବାରୁ ସେମାନଙ୍କ ନାମରେ ଟିକସ ଅସୁଲି ମାମଲା ରୁଜୁ କରାଯାଇଥିଲା । ଯଥା ସମୟରେ ସେମାନେ ଟିକସ ଅସୁଲିକାରୀଙ୍କ କାର୍ଯ୍ୟାଳୟରେ ବକେୟା ଟିକସ ପଇଠ ନକରିବାରୁ କିମ୍ବା କୌଣସି ଉତ୍ତର ନରଖିବାରୁ ସେମାନଙ୍କ ଯାନଗୁଡିକୁ ଓଡ଼ିଶା ମୋଟରଯାନ କର ଆଇନ୍ ୧୯୭୫ ଅନୁସୂଚୀ-II ଅନୁଯାୟୀ ଜବତ କରାଯାଇଅଛି ।

ପୁନର୍ବାର ଉକ୍ତ ବିଜ୍ଞାପନ ମାଧ୍ୟମରେ ସମ୍ପୃକ୍ତ ଯାନ ମାଲିକମାନଙ୍କୁ ଅବଗତ କରାଯାଉଅଛିକି ଯଦି ସେମାନେ ଆସନ୍ତା ତା.୧୦.୦୨.୨୦୨୬ ରିଖ ଅପରାହ୍ନ ୪ ଘଟିକା ସୁଦ୍ଧା ସେମାନଙ୍କର ବକେୟା ଅର୍ଥ ପଇଠ ନକରନ୍ତି ତେବେ ତା.୧୧.୦୨.୨୦୨୬ ରିଖ ଅପରାହ୍ନ ୪ ଘଟିକା ସମୟରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ଯାନଗୁଡିକୁ ନିଲାମ କରାଯିବ ।

ଅତଏବ ସମସ୍ତ ଜନସାଧାରଣଙ୍କୁ ଉକ୍ତ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଉଅଛି କି, ଇଚ୍ଛୁକ ବ୍ୟକ୍ତି ଯଦି ନିମ୍ନଲିଖିତ ଯାନଗୁଡିକର ନିଲାମିରେ ଅଂଶଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରନ୍ତି ତେବେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ମିଳୁଥିବା ଫର୍ମ ପୂରଣ କରି ତତ୍ ସହିତ ଟ.୫୦୦୦ ଙ୍କା (ପାଞ୍ଚ ହଜାର ଟଙ୍କା) ମାତ୍ରର ଅମାନତ ରାଶି ଯେ କୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ବ୍ୟାଙ୍କ ଡ୍ରାଫ୍ଟ (**Regional Transport Officer, Bhubaneswar-II, payable at SBI, Govt. Treasury Branch, Bhubaneswar**) ସଂଲଗ୍ନ କରି ତା.୧୧.୦୨.୨୦୨୬ ରିଖ ଦିବା ୧୦ ଘଟିକା ୩୦ ମିନିଟ୍ ଠାରୁ ଅପରାହ୍ନ ୨ ଘଟିକା ମଧ୍ୟରେ ଜଉମୁଦ ଲଫାପାରେ ପ୍ରତ୍ୟେକ ଯାନପାଇଁ ପୃଥକ ଭାବେ ଦାଖଲ କରିବାକୁ ହେବ ।

କୌଣସି କାରଣ ନଦର୍ଶାଇ କୌଣସି ଯାନକୁ ଅଥବା ସମସ୍ତ ଯାନକୁ ନିଲାମ ପ୍ରକ୍ରିୟାରୁ ରଦ୍ଦ କରିବା ନିଲାମି ଅଧିକାରୀ କ୍ଷମତା ସମ୍ପନ୍ନ ଅଟନ୍ତି ।

**ବିଦ୍ର:- ନିଲାମି ସମ୍ବନ୍ଧିତ ସବିଶେଷ ତଥ୍ୟ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିପାରିବ ।**

AUCTION VEHICLE LIST

| SL. NO. | VEHICLE NO. | TYPE OF VEHICLE | UPSET PRICE | MODEL | PLACE OF AVAILABILITY OF VEHICLE |
|---|---|---|---|---|---|
| 1. | OR02X2690 | Bus | Rs.3,50,000/- | TATA MOTORS LTD-LPT 709/34 E | Driving Testing Track, Chandrasekharpur, Bhubaneswar, Khurda |
| 2. | OR02BR6601 | Traveller | Rs.1,40,000/- | FORCE MOTORS LIMITED-TRAVELLER (14 Seater) | |

ସ୍ୱା./-ଟିକସ ଅସୁଲି ଅଧିକାରୀ ଏବଂ
ଆଞ୍ଚଳିକ ପରିବହନ ଅଧିକାରୀ, ଭୁବନେଶ୍ୱର-II
OIPR-

**ସୁବର୍ଣ୍ଣପୁରରେ ଜିଲାସ୍ତରୀୟ କର୍ମଶାଳା**

# ଭିବି-ଜି ରାମ୍‌ଜି ଗାଁକୁ ସମୃଦ୍ଧ କରିବ

**ସୋନପୁର,୩୦।୧(ମୃତ୍ୟୁଞ୍ଜୟ ଶତପଥୀ)**

ଗ୍ରାମୀଣ ରୋଜଗାରର ନୂଆ ଗ୍ୟାରେଣ୍ଟି ଭିବି-ଜି ରାମଜୀ(ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ)। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏକ ବଳିଷ୍ଠ ପଦକ୍ଷେପ। ଯାହା ଗାଁକୁ ସମୃଦ୍ଧ କରିବ। ଏଥିରେ ସଶକ୍ତିକରଣ, ବିକାଶ, ସାମାଜିକ କଲ୍ୟାଣ ପାଇଁ ଅଧିକ ସୁଯୋଗ ରହିଛି ବୋଲି ସୁବର୍ଣ୍ଣପୁର ଟାଉନ ହଲରେ ଆୟୋଜିତ ଭିବି-ଜି ରାମଜୀ ଅଧିନିୟମ ୨୦୨୫ର ଜିଲାସ୍ତରୀୟ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି। ମନ୍ତ୍ରୀ ଆହୁରି କହିଥିଲେ, ଭିବି-ଜି ରାମଜୀ ଏମ୍‌ଜିଏନ୍‌ଆର୍‌ଇଜିଏର ଏକ ବ୍ୟାପକ ବୈଧାନିକ ସଂସ୍କାର। ପ୍ରତ୍ୟେକ ଗ୍ରାମୀଣ ପରିବାର ଏଣିକି ପ୍ରତିବର୍ଷ ଅତି କମରେ ୧୨୫ ଦିନ ପାଇଁ ନିଶ୍ଚିତ କର୍ମ ନିଯୁକ୍ତି ପାଇବେ। ଜଳ ସୁରକ୍ଷା, ଗ୍ରାମୀଣ ମୌଳିକ ଭିତ୍ତିଭୂମିର ସୁଦୃଢ଼ୀକରଣ, ଜୀବିକା ପ୍ରୋତ୍ସାହନ ଓ ସଶକ୍ତ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଇଁ ଏଥିରେ ଅଧିକ ଧ୍ୟାନ ଦିଆଯାଇଛି। ଏହି ଅବସରରେ ମନ୍ତ୍ରୀ ହିତାଧିକାରୀ ଓ ଜିଆର୍‌ଏସଙ୍କ ସହିତ ଆଲୋଚନା କରିଥିଲେ। ରାଜ୍ୟ ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶକ୍ରମେ ସୁବର୍ଣ୍ଣପୁର ଜିଲା ପରିଷଦ ପକ୍ଷରୁ ଆୟୋଜିତ କର୍ମଶାଳାରେ ଜିଲାପାଳ ଡ. ନୃପରାଜ ସାହୁ ଅଧ୍ୟକ୍ଷତା କରିଥିଲେ। ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ଯୋଗଦେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ନେଇ ଏହି ସଂସ୍କାର ଅଣାଯାଇଛି। ଏହା ଏକ ଗ୍ରାମ କେନ୍ଦ୍ରିକ ଯୋଜନା। ପ୍ରଯୁକ୍ତି ବିଦ୍ୟା ସାହାଯ୍ୟରେ, ପ୍ରଧାନମନ୍ତ୍ରୀ ଗତି ଶକ୍ତି ଅଧିନରେ ବିକଶିତ ଗ୍ରାମ ପଞ୍ଚାୟତ ଯୋଜନା ଗ୍ରାମସଭା ମାଧ୍ୟମରେ ପ୍ରସ୍ତୁତ କରାଯିବ। ଚାଷ ସମୟରେ ଯେତେବେଳେ ଲୋକଙ୍କ ନିକଟରେ ଅନ୍ୟ କାମ କରିବାର ସୁଯୋଗ ଥିବ ରାଜ୍ୟ ସରକାର ଶ୍ରମିକ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ମୋଟ ୬୦ ଦିନ ପାଇଁ କାମ ବନ୍ଦ କରିବାର ନୂତନ ନିୟମରେ ବ୍ୟବସ୍ଥା ରହିଛି ବୋଲି ଏମ୍‌ପି କହିଥିଲେ। ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ଯୋଗଦାନ କରି କହିଥିଲେ, ପୂର୍ବରୁ ଶ୍ରମିକଙ୍କୁ ଠିକ୍ ସମୟରେ ପ୍ରାପ୍ୟ ମିଳୁ ନ ଥିଲା। ଯାହା ଖର୍ଚ୍ଚ ହେଉଥିବା କାମ ଠିକ୍ ଭାବେ ହେଉ ନ ଥିଲା। ଏବେ ଆବଶ୍ୟକ ଅନୁଯାୟୀ ପାଣ୍ଠି ଯୋଗାଇ ଦିଆଯିବ। କମ୍ ବିକଶିତ ଅଞ୍ଚଳ ଗୁଡ଼ିକୁ ଅଧିକ ପ୍ରାଧାନ୍ୟ ମିଳିବ। ଡିଜିଟାଲ ସିଷ୍ଟମ୍, ବାୟୋମେଟ୍ରିକ୍ ଉପସ୍ଥାନ ମାଧ୍ୟମରେ ମଜୁରୀ ପ୍ରଦାନ କରାଯିବ ବୋଲି କହିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ



କର୍ମଶାଳାରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

**ଚାଷ ସମୟରେ ଶ୍ରମିକ ୬୦ ଦିନ କାମ ବନ୍ଦ କରିପାରିବେ**

ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କର୍ମଶାଳାରେ ସୋନପୁର ବିଡିଓ ପ୍ରତୀକ କର, ତରଭା ବିଡିଓ ଗଙ୍ଗାଧର ବୁଡେକ୍, ଉଲୁଣ୍ଡା ବିଡିଓ ଚିନ୍ମୟ ମହାନନ୍ଦ, ବୀରମହାରାଜପୁର ବିଧାୟକ ରାଜୀବ ହାଁସଦା, ଡୁଙ୍ଗୁରିପାଲି ବିଡିଓ ଦିଲ୍ଲୀପ ବାରା ଓ ବିନିକା ବିଡିଓ ଶରତ ଚନ୍ଦ୍ର ବାଗଙ୍କ ସମେତ ଜିଆର୍‌ଏସ୍, ଏଡିଇଓ, ପିଇଓ, ମେଟ୍, ହିତାଧିକାରୀ, ଶ୍ରମିକ ଓ ବ୍ଲକର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଭିବି-ଜି ରାମଜୀର ସଫଳ ରୂପାୟନ ଓ ଲୋକମାନଙ୍କ ମଧ୍ୟରେ ଭ୍ରମ ଦୂର କରିବା ପାଇଁ ସରକାରଙ୍କ ପକ୍ଷରୁ ଏହି କର୍ମଶାଳା ଆୟୋଜନ ହୋଇଥିଲା। ଆସନ୍ତା ଏକ ମାସ ମଧ୍ୟରେ ବ୍ଲକସ୍ତରରେ ଓ ପଞ୍ଚାୟତସ୍ତରରେ କର୍ମଶାଳା ଆୟୋଜନ କରିବାକୁ ମନ୍ତ୍ରୀ ନାଏକ ଏହି ଅବସରରେ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

## ତମାଖୁମୁକ୍ତ ସମାଜ ସଚେତନତା କାର୍ଯ୍ୟକ୍ରମ



ଡୁଲେଶ୍ୱର ହାଇସ୍କୁଲରେ ସଚେତନତା ଶୋଭାଯାତ୍ରାରେ ଛାତ୍ରୀଛାତ୍ର ଅଞ୍ଚଳ ପରିକ୍ରମା କରୁଛନ୍ତି।

**ଅମରପାଲି,୩୦।୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଡୁଲେଶ୍ୱର ସ୍ଥିତ ରାଧାମୋହନ ଉଚ୍ଚ ବିଦ୍ୟାଳୟ ପରିସରରେ ତମାଖୁ ମୁକ୍ତ ସମାଜ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟ ତରଫରୁ ଉକ୍ତ ତମାଖୁ ମୁକ୍ତ ସମାଜ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଡାକ୍ତରଖାନା ପିଏଚଓ ସ୍ୱର୍ଣ୍ଣପ୍ରଭା ପ୍ରୁଏଡଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ତମାଖୁ ମୁକ୍ତ ପାଇଁ ବିଭିନ୍ନ ସ୍ଲୋଗାନ ଦେଇ ସଚେତନତା ଶୋଭାଯାତ୍ରା ଗ୍ରାମ୍ୟ ପରିକ୍ରମା କରିଥିଲା। ଶୋଭାଯାତ୍ରାକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପୁରୋହିତ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ସ୍ୱାଗତିକା କର୍ମୀ ପ୍ରଥମ, ବବିଲି ବଘାର ଦ୍ୱିତୀୟ ଏବଂ ଶୁଭମ ପଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ତମାଖୁରୁ ନିଜକୁ ଓ ନିଜ ପ୍ରିୟଜନଙ୍କୁ କିପରି ଦୂରେଇ ରଖିବା ଏବଂ ଏହାକୁ ବ୍ୟବହାର କଲେ ନିଜର ତଥା ପରିବାରର କଣ କ୍ଷତି ହେବ ସେନେଇ ବୁଝେଇବା ସହିତ ଏଥିରୁ ଦୂରେଇ ରହିବା ପାଇଁ ଏକ ସାମୂହିକ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### ନେଫ୍ରୋଲୋଜିଷ୍ଟ ଡା. ଆମୋଦ ମହାକୁର ସମ୍ମାନିତ

**ଅମରପାଲି,୩୦।୧(ପୀତାମ୍ବର ସାହୁ)**



ଖ୍ୟାତନାମା ନେଫ୍ରୋଲୋଜିଷ୍ଟ ପ୍ରଫେସର ଡା. ଆମୋଦ ଚନ୍ଦ୍ର ମହାକୁରଙ୍କୁ ତାମିଲନାଡୁର କିଡନୀ ରିସର୍ଚ୍ଚ ଫାଉଣ୍ଡେସନ 'ଲା' ରେନନ ଟାଙ୍କର ଫାଉଣ୍ଡେସନ' ପକ୍ଷରୁ ତାଙ୍କ ଜୀବନବ୍ୟାପି ସାଧନା ପାଇଁ ସମ୍ମାନିତ କରାଯାଇଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଅନ୍ତର୍ଗତ କଳାପଥର ଗ୍ରାମର ଡା.ମହାକୁର ସମ୍ପ୍ରତି ଭୁବନେଶ୍ୱର ସ୍ଥିତ କଳିଙ୍ଗ ହସ୍ପିଟାଲରେ ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟରତ ଅଛନ୍ତି। ସେ ପୂର୍ବରୁ ମଧ୍ୟ ବୃକକ ରୋଗର କ୍ଷେତ୍ରରେ ନିଜର ଗବେଷଣା ଏବଂ ପ୍ରକାଶନ କାର୍ଯ୍ୟ ପାଇଁ "ଦ୍ରୋଣାଚାର୍ଯ୍ୟ", ଇଣ୍ଡିଆନ ସୋସାଇଟି ଅଫ ନେଫ୍ରୋଲୋଜି ଦ୍ୱାରା 'ଆଇଏସଏନ ଲାଇଫ ଟାଇମ ଆଚିଭମେଣ୍ଟ ଆୱାର୍ଡ଼' ଆଦି ବିଭିନ୍ନ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

### ଖଣ୍ଡହତା ଇନ୍ଦିରା ଗାନ୍ଧୀ ହାଇସ୍କୁଲର ବାର୍ଷିକ ଉତ୍ସବ

**ଅମରପାଲି,୩୦।୧(ପୀତାମ୍ବର ସାହୁ)**

ବାର୍ଷିକ ଉତ୍ସବ କେବଳ ଏକ ଆନନ୍ଦ ଉତ୍ସବ ନୁହେଁ, ଏହା ଗତ ବର୍ଷର ସଫଳତାକୁ ସ୍ମରଣ କରିବା ଏବଂ ଆଗାମୀ ଲକ୍ଷ୍ୟ ପାଇଁ ନୂଆ ସଙ୍କଳ୍ପ ନେବାର ଏକ ଶୁଭ ଅବସର। ଶିକ୍ଷାମାନେ କେବଳ ପାଠ୍ୟପୁସ୍ତକର ଜ୍ଞାନ ନୁହେଁ; ଏହା ଶିଷ୍ଟାଚାର, ମୂଲ୍ୟବୋଧ, ସୃଜନଶୀଳତା ଓ ଦାୟିତ୍ୱବୋଧର ସମନ୍ୱୟ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା ସ୍ଥିତ ଇନ୍ଦିରା ଗାନ୍ଧୀ ହାଇସ୍କୁଲର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଇନ୍ଦିରା ଗାନ୍ଧୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ସଭାରେ ଖଣ୍ଡାହତା ସ୍ଥିତ ରବୀନ୍ଦ୍ରନାଥ ହାୟର ସେକେଣ୍ଡାରୀ ସ୍କୁଲର ଇତିହାସ ବିଭାଗର ଅଧ୍ୟାପକ ଧନଞ୍ଜୟ ସାହୁ ମୁଖ୍ୟ ଅତିଥି ଓ ବୀରମହାରାଜପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ହିମାଂଶୁ ଶେଖର ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ ଉପରେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ପରିଚାଳନା କମିଟିର ସଭାପତି ସଞ୍ଜୀବ ପ୍ରଧାନ, ପଞ୍ଚସଖା ଶିକ୍ଷାସେତୁର ସଭାପତି ରତ୍ନାକର ପ୍ରଧାନ ଓ ସ୍ଥାନୀୟ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ବିଶ୍ୱାମିତ୍ର ନାଏକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ରବୀନ୍ଦ୍ର କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ସନ୍ତୋଷ ରଥ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଏହା ସହିତ ପୂର୍ଣ୍ଣିମା ସାହୁଙ୍କୁ ଶ୍ରେଷ୍ଠ ଛାତ୍ରୀ ଏବଂ ବାର୍ଷିକ କ୍ରୀଡାରେ ଚାମ୍ପିୟନ ହୋଇଥିବା ବାଳିକା ବର୍ଗରେ ଅନ୍ନପୂର୍ଣ୍ଣା ସାହୁ ଓ ବାଳକ ବର୍ଗର ବିକାଶ ଭୋଇଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। କୁନା ବଣ୍ଟକି ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ରଣଜିତ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଏଥିରେ ସ୍କୁଲର ଛାତ୍ରୀଛାତ୍ର ନୃତ୍ୟଗୀତ ପରିବେଷଣ କରିଥିଲେ।

## ପଶ୍ଚିମ ସୋମନାଥଙ୍କ ପବିତ୍ର ଗଙ୍ଗା ଜଳଶାୟୀ

**ସୋନପୁର,୩୦।୧(ମୃତ୍ୟୁଞ୍ଜୟ ଶତପଥୀ)**

ପବିତ୍ର ମାଘ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ଶୁକ୍ରବାର ସୁବର୍ଣ୍ଣପୁର ସହର ଘୋଡାଘାଟପଡା ସ୍ଥିତ ପଶ୍ଚିମ ସୋମନାଥ ବାବାଙ୍କ ଗଙ୍ଗା ଜଳଶାୟୀ ଅନୁଷ୍ଠିତ ହୋଇଯାଇଛି। ପୁରୀ ରାମଜୀ ମଠର ମହନ୍ତ ବଂଶୀଧର ଦାସ ମହାରାଜ ପଶ୍ଚିମ ସୋମନାଥଙ୍କ ଉପରେ ଗଙ୍ଗା ଜଳ ଢାଳି ଏହି ପବିତ୍ର କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ପରେ ସହର ଓ ଆଖପାଖ ଅଞ୍ଚଳର ଶତାଧିକ ଭକ୍ତ ଧାଡିରେ ଛିଡାହୋଇ ପଶ୍ଚିମ ସୋମନାଥ ବାବାଙ୍କ ଠାରେ ପବିତ୍ର ଗଙ୍ଗା ଜଳ ଲାଗି କରିବା ସହିତ ବାବାଙ୍କ ଆଶିଷ ଲାଭ କରିଥିଲେ। ପଶ୍ଚିମ ସୋମନାଥଙ୍କ ଜଳଶାୟୀ ଦର୍ଶନ କରିବା ପାଇଁ ମନ୍ଦିର ପରିସରରେ ହଜାର ହଜାର ଭକ୍ତଙ୍କ ଭିଡ ଲାଗିଥିଲା। ପଶ୍ଚିମ ସୋମନାଥ ବାବାଙ୍କ ନିକଟରେ ଜଳଲାଗି କଲେ ମନୋସ୍କାମନା ପୂର୍ଣ୍ଣ ହୁଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ତେଣୁ ଘୋଡାଘାଟପଡା ଓ ଆଖ ପାଖ ଅଞ୍ଚଳର ଲୋକଙ୍କ ସହଯୋଗରେ ପ୍ରତିବର୍ଷ ଜଳଶାୟୀ ଆୟୋଜିତ ହେଉଛି। ମନ୍ଦିର ପୂଜକ ମଙ୍ଗୁଲୁ ଥନାପତି ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ଅଳକା ଦାଶ ଓ ସାଥିଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଥିଲା। ବ୍ରଜଗୋପାଳ ପୂଜାହାରୀ, ଶ୍ରୀବତ୍ସ ମଲ୍ଲିକ, ରଜତ ପଟ୍ଟନାୟକ, କାର୍ତ୍ତିକ ପ୍ରଧାନ, କଲ୍ୟାଣ ପାଢ଼ୀ, କୃତ୍ତିବାସ ପାଣିଗ୍ରାହୀ, ଦିଲ୍ଲୀପ ନାୟକ, ଗୋପାଳ ପ୍ରଧାନ ଓ ମୈଥାଳୀ ପଣ୍ଡାଙ୍କ ସମେତ ଅଞ୍ଚଳବାସୀ ଏହି ଧାର୍ମିକ କାର୍ଯ୍ୟରେ ସକ୍ରିୟ ସହଯୋଗ କରିଥିଲେ। କମିଟି ପକ୍ଷରୁ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ପ୍ରକାଶ ଯେ, ଜଳଶାୟୀ ପାଇଁ କମିଟି ପକ୍ଷରୁ ଉତ୍ତରପ୍ରଦେଶର ଆହ୍ଲାବାଦରୁ ଟ୍ୟାଙ୍କରରେ ଗଙ୍ଗାନଦୀ ଜଳ ଅଣା ଯାଇଥିଲା।


ଭକ୍ତମାନେ ପଶ୍ଚିମ ସୋମନାଥ ବାବାଙ୍କ ନିକଟରେ ଗଙ୍ଗା ଜଳଶାୟୀ କରୁଛନ୍ତି।

## କ୍ରିକେଟ: ଲୁଦୁମୁଣ୍ଡାକୁ ହରାଇ ବଡ଼ଖମାର ସେମିରେ

**ଅମରପାଲି,୩୦।୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଗୁଦୁଗୁଦା ଗ୍ରାମରେ ହେଉଥିବା ପଞ୍ଚମ ମା'ପଞ୍ଚଖଣ୍ଡା କ୍ରିକେଟ କପ୍‌ର ଶୁକ୍ରବାର ମ୍ୟାଚରେ ଲୁଦୁମୁଣ୍ଡାକୁ ହରାଇ ବଡ଼ଖମାର ସେମି ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ପ୍ରଥମ ମ୍ୟାଚ ବଡ଼ମାଳ ଓ ଲୁଦୁମୁଣ୍ଡା ମଧ୍ୟରେ ହୋଇଥିଲା। ଏଥିରେ ଲୁଦୁମୁଣ୍ଡା ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ବଡ଼ଖମାର ଓ ଗୁଦୁଗୁଦା ମଧ୍ୟରେ ହୋଇଥିଲା। ଏଥିରେ ବଡଖମାର ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା ଲୁଦୁମୁଣ୍ଡା ଓ ଦ୍ୱିତୀୟ ମ୍ୟାଚର ବିଜେତା ବଡଖମାର ମଧ୍ୟରେ ହୋଇଥିଲା। ଏଥିରେ ବଡ଼ଖମାର ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି।

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES — No.CAD-

**OFFICE OF THE CHIEF GENERAL MANAGER (CIVIL)**
**IDCO, IDCO TOWER, BHUBANESWAR**
Bid Identification No.Civil/EST-28/2025-26
Notice No.2367, Dt.28.01.26

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**1.Name of the Work:** Landscaping Work inside the premises of Kalinga Studio, Bhubaneswar. 2.Value of the Work: Rs.115.00 Lakh (Approx.). 3. Period of Completion: 03 (Three) Calendar Months. 4. Availability of tender online for Bidding: I. Start Date: 11.00 Hours of dt.02.02.2026. II. End Date: 15.00 Hours of dt.16.02.2026. III. Opening Date: 16.00 Hours of dt.16.02.2026.

Tender details can be seen from the e-procurement portal **www.tendersorissa.gov.in**. Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**

OIPR- **Sd./-Chief General Manager (Civil)**
**IDCO, Bhubaneswar**

## ଅଟଳ ବୟୋ ଅଭ୍ୟୁଦୟ ଯୋଜନାରେ ବିଭିନ୍ନ କାର୍ଯ୍ୟକ୍ରମ

**ତରଭା,୩୦।୧(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବାଳିକା ବିଦ୍ୟାଳୟଠାରେ ପଞ୍ଚାୟତ ସମିତି ତରଫରୁ ଅଟଳ ବୟୋ ଅଭ୍ୟୁଦୟ ଯୋଜନାରେ ବିଭିନ୍ନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବ୍ଲକ ଫାଇନାନ୍ସ ଅଧିକାରୀ ପଦ୍ମାଳୟା ମେହେର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟ ନାରାୟଣ ମହାପାତ୍ର, ବରିଷ୍ଠ ନାଗରିକ ଦେବେନ୍ଦ୍ର ବିଜୟ ସାହୁ, ଜୟ ପ୍ରକାଶ ନାରାୟଣ ସାହୁ, ଅଶୋକ କୁମାର ସା, ଅକ୍ଷୟ କୁମାର ବାଗ ପ୍ରମୁଖ ଯୋଗଦେଇ ସମାଜ ଗଠନରେ ବରିଷ୍ଠ ନାଗରିକଙ୍କ ଅବଦାନ ଉପରେ ଛାତ୍ରୀମାନଙ୍କୁ ଦିଗଦର୍ଶନ ଦେଇଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କବିତା ବାରେଇ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଆୟୋଜିତ ଚିତ୍ରାଙ୍କନ ଏବଂ ବକ୍ତୃତା ପ୍ରତିଯୋଗିତାରେ ୬ଜଣ କୃତି ଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସିଆର୍‌ସିସି ସଞ୍ଜୀବ କୁମାର ସେଠୀ, କଳା ଶିକ୍ଷକ ଶାନ୍ତନୁ ପ୍ରଧାନ, ଶିକ୍ଷକ କୁଶଲେଶ୍ୱର ତ୍ରିପାଠୀ, ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ପ୍ରତିଯୋଗିତା ପରିଚାଳନା କରିଥିଲେ ଏବଂ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ସାମିଲ ଛାତ୍ରୀ ଓ ଅନ୍ୟମାନେ।

## ପୁତନାର ମୃତ୍ୟୁ ଖବର ପାଇ କଂସ ମର୍ମାହତ


ବୀରମହାରାଜପୁର ଧନୁଯାତ୍ରାରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବୀରମହାରାଜପୁର,୩୦।୧(ଯୁଗଳ କିଶୋର ମିଶ୍ର)**

**ବୀରମହାରାଜପୁର ଧନୁଯାତ୍ରା ମହୋତ୍ସବ, ଚତୁର୍ଥ ସନ୍ଧ୍ୟା**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମଠାରେ ଚାଲିଥିବା ଧନୁଯାତ୍ରା ଶୁକ୍ରବାର ଚତୁର୍ଥ ରଜନୀରେ ପହଞ୍ଚିଛି। ବୀରମହାରାଜପୁର ଧନୁଯାତ୍ରା ମହୋତ୍ସବ କମିଟିର ଅଧ୍ୟକ୍ଷ କିଶୋର ହୋତାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। କଂସ ଦରବାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶୁକ୍ରବାର ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ବୀରମହାରାଜପୁର ବିଧାୟକ ଇଞ୍ଜିନିୟର୍ ରଘୁନାଥ ଜଗଦଲା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଭାଜପା ଜିଲ୍ଲା ସଭାପତି ବେଣୁଧର ଦାସ, ଏମ୍‌ପିଙ୍କ ପ୍ରତିନିଧି ନଳିନି ପଣ୍ଡା, ଆମ୍ବାର ଅଧ୍ୟକ୍ଷ ଏକଲବ୍ୟ ବେହେରା ପ୍ରମୁଖ ଯୋଗଦେଇ ସାଂସ୍କୃତିକ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। କଂସ ଭାବରେ ଝସକେତନ ପ୍ରଧାନଙ୍କ ନିଖୁଣ ଅଭିନୟ ଦର୍ଶକମାନଙ୍କୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଚତୁର୍ଥ ରଜନୀରେ ଦେବର୍ଷି ନାରଦଙ୍କ ପରାମର୍ଶ କ୍ରମେ କୃଷ୍ଣଙ୍କୁ ମାରିବା ପାଇଁ ପୁତନା ସୁନ୍ଦରୀକୁ ଗୋପପୁର ପ୍ରେରଣ, ପୁତନାର ମୃତ୍ୟୁ ଖବର ପାଇ କଂସ ମର୍ମାହତ ଆଦି ପୌରାଣିକ ବିଷୟବସ୍ତୁ ଉପରେ ନାଟକ ପରିବେଷଣ ହୋଇଥିଲା। କଂସ ଦରବାରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବେସ ଉପଭୋଗ କରିଥିଲେ ଦର୍ଶକ। ଏହା ସହିତ ମୀନାବଜାର ଚଟପଟି ଖାଦ୍ୟ ମଜା ନେଇଥିଲେ ଦର୍ଶକ। ଦରବାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଲକ୍ଷ୍ମୀନାରାୟଣ ସାହୁ। ଅକ୍ଷୟ କୁମାର ସରାଫ,ସାଂସ୍କୃତିକ କମିଟି ସମ୍ପାଦକ ଚିନ୍ମୟ ସାହୁ, ସୁରୁବାବୁ ପଧାନ ଓ ଅନ୍ୟ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ — Union Bank of India — ଭାରତ ସରକାରଙ୍କ ଏକ ଉଦ୍ୟମ — A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପୂବାଶାସନ** ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସର୍ତ୍ତଗୁଡିକୁ ଦଖଲକୁ ନେଇଛନ୍ତି। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।** ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସର୍ତ୍ତଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସର୍ତ୍ତଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପୂବାଶାସନ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/ନିର୍ଦ୍ଦେଶକ/ ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ପୂବାଶାସନ ଶାଖା /** **୧(କ) ଋଣଗ୍ରହୀତା: ଲିଙ୍ଗରାଜ ଫ୍ଲାଏ ଆଶ୍ ବ୍ରିକ୍ସ,** ମାଲିକ: ଆଶିଷ କୁମାର ସାହୁ, ପ୍ଲଟ୍ ନଂ.: ୩୪/୨୧୮୯, ଗ୍ରା: ଉତ୍ତରା, ଡେଲଟା କଲୋନୀ, କୌଶଲ୍ୟାଗଙ୍ଗ, ପୂବାଶାସନ, ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୧୦୦୨ । **୧(ଖ) ଋଣଗ୍ରହୀତା: ଆଶିଷ କୁମାର ସାହୁ,** ପିତା: ଯୋଗେନ୍ଦ୍ର ସାହୁ, ପ୍ଲଟ୍ ନଂ.: ୩୪/୨୧୮୯, ଗ୍ରା: ଉତ୍ତରା, ଡେଲଟା କଲୋନୀ, କୌଶଲ୍ୟାଗଙ୍ଗ, ପୂବାଶାସନ, ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୧୦୦୨ । **୨- ଗ୍ୟାରେଣ୍ଟିଦାତା/ବନ୍ଧକଦାତା : ଶ୍ରୀ ଯୋଗେନ୍ଦ୍ର ସାହୁ,** ପିତା: ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ସାହୁ, ପ୍ଲଟ୍ ନଂ.: ୩୪/୨୧୮୯, ଗ୍ରା: ଉତ୍ତରା, ଡେଲଟା କଲୋନୀ, କୌଶଲ୍ୟାଗଙ୍ଗ, ପୂବାଶାସନ, ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୧୦୦୨। | ଟ. 25,25,611.09 (ପଚିଶ ଲକ୍ଷ ପଚିଶ ହଜାର ଛଅ ଶହ ଏଗାର ନଅ ପଇସା ମାତ୍ର) + ସେବାବଦ ସୁଧ | ୧୦.୦୯.୨୦୨୫ / ୨୮.୦୧.୨୦୨୬ | ପ୍ଲଟ ନମ୍ବର ୩୪/୨୧୮୯, ଖାତା ନଂ. ୭୬୭/୪୦୫, କ୍ଷେତ୍ର ଆକାର ୦.୦୪୦ ଡିସିମିଲ, ମୌଜା ପୂବାଶାସନ, କିସମ-ଘରବାରୀ, ସଦ୍-ସ୍ଥିତିବାନ ସହିତ ସମ୍ବନ୍ଧିତ ହାଲ ଖାତା ନଂ. ୭୬୭/୧୬୨, ପ୍ଲଟ ନଂ. ୩୪, ପୋଷ୍ଟ-ପିପିଲି, ପୋଲିସ୍ ଷ୍ଟେସନ-ପିପିଲି, ଜିଲ୍ଲା-ପୁରୀ, ଓଡ଼ିଶା, ଚୌହଦି: ଉତ୍ତର-ରୋଡ, ଦକ୍ଷିଣ- ଭାଗବତ ବାସୁଦେବ, ପୂର୍ବ-ବସନ୍ତ ସ୍ୱାଇଁ, ପଶ୍ଚିମ- ପ୍ଲଟର ଅଂଶ ନମ୍ବର-୨୨ ଦ୍ୱାରା ପରିବେଷ୍ଟିତ ଶ୍ରୀ ଯୋଗେନ୍ଦ୍ର ସାହୁଙ୍କ ପିତା ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ସାହୁଙ୍କ ନାମରେ ଅବସ୍ଥିତ। |

ସ୍ଥାନ: ଭୁବନେଶ୍ୱର
ତାରିଖ: ୩୦.୦୧.୨୦୨୬

ସ୍ୱା/- ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର-II

ନଂ.୨୬୪ ତାରିଖ:୨୮.୦୧.୨୦୨୬

**ମୋଟର ଯାନ ନିଲାମ ନିମନ୍ତେ ବିଜ୍ଞପ୍ତି**

No.JJ-ଏତଦ୍ୱାରା ନିମ୍ନଲିଖିତ ମୋଟରଯାନର ମାଲିକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିକି, ସେମାନଙ୍କର ଯାନ ବିରୁଦ୍ଧରେ ବକେୟା ମୋଟରଯାନ ଟିକସ ବାକିଥିବାରୁ ସେମାନଙ୍କ ନାମରେ ଟିକସ ଅସୁଲି ମାମଲା ରୁଜୁ କରାଯାଇଥିଲା । ଯଥା ସମୟରେ ସେମାନେ ଟିକସ ଅସୁଲିକାରୀଙ୍କ କାର୍ଯ୍ୟାଳୟରେ ବକେୟା ଟିକସ ପଇଠ ନକରିବାରୁ କିମ୍ବା କୌଣସି ଉତ୍ତର ନରଖିବାରୁ ସେମାନଙ୍କ ଯାନଗୁଡିକୁ ଓଡ଼ିଶା ମୋଟରଯାନ କର ଆଇନ୍ ୧୯୭୫ ଅନୁସୂଚୀ-II ଅନୁଯାୟୀ ଜବତ କରାଯାଇଅଛି ।

ପୁନର୍ବାର ଉକ୍ତ ବିଜ୍ଞାପନ ମାଧ୍ୟମରେ ସମ୍ପୃକ୍ତ ଯାନ ମାଲିକମାନଙ୍କୁ ଅବଗତ କରାଯାଉଅଛିକି ଯଦି ସେମାନେ ଆସନ୍ତା ତା.୧୦.୦୨.୨୦୨୬ ରିଖ ଅପରାହ୍ନ ୪ ଘଟିକା ସୁଦ୍ଧା ସେମାନଙ୍କର ବକେୟା ଅର୍ଥ ପଇଠ ନକରନ୍ତି ତେବେ ତା.୧୧.୦୨.୨୦୨୬ ରିଖ ଅପରାହ୍ନ ୪ ଘଟିକା ସମୟରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ଯାନଗୁଡିକୁ ନିଲାମ କରାଯିବ ।

ଅତଏବ ସମସ୍ତ ଜନସାଧାରଣଙ୍କୁ ଉକ୍ତ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଉଅଛି କି, ଇଚ୍ଛୁକ ବ୍ୟକ୍ତି ଯଦି ନିମ୍ନଲିଖିତ ଯାନଗୁଡିକର ନିଲାମିରେ ଅଂଶଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରନ୍ତି ତେବେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ମିଳୁଥିବା ଫର୍ମ ପୂରଣ କରି ତତ୍ ସହିତ ଟ.୫୦୦୦ ଙ୍କା (ପାଞ୍ଚ ହଜାର ଟଙ୍କା) ମାତ୍ରର ଅମାନତ ରାଶି ଯେ କୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ବ୍ୟାଙ୍କ ଡ୍ରାଫ୍ଟ (**Regional Transport Officer, Bhubaneswar-II, payable at SBI, Govt. Treasury Branch, Bhubaneswar**) ସଂଲଗ୍ନ କରି ତା.୧୧.୦୨.୨୦୨୬ ରିଖ ଦିବା ୧୦ ଘଟିକା ୩୦ ମିନିଟ୍ ଠାରୁ ଅପରାହ୍ନ ୨ ଘଟିକା ମଧ୍ୟରେ ଜଉମୁଦ ଲଫାପାରେ ପ୍ରତ୍ୟେକ ଯାନପାଇଁ ପୃଥକ ଭାବେ ଦାଖଲ କରିବାକୁ ହେବ ।

କୌଣସି କାରଣ ନଦର୍ଶାଇ କୌଣସି ଯାନକୁ ଅଥବା ସମସ୍ତ ଯାନକୁ ନିଲାମ ପ୍ରକ୍ରିୟାରୁ ରଦ କରିବା ନିଲାମି ଅଧିକାରୀ କ୍ଷମତା ସମ୍ପନ୍ନ ଅଟନ୍ତି ।

**ବିଦ୍ର:- ନିଲାମି ସମ୍ବନ୍ଧିତ ସବିଶେଷ ତଥ୍ୟ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିପାରିବ ।**

**AUCTION VEHICLE LIST**

| SL. NO. | VEHICLE NO. | TYPE OF VEHICLE | UPSET PRICE | MODEL | PLACE OF AVAILABILITY OF VEHICLE |
|---|---|---|---|---|---|
| 1. | OR02X2690 | Bus | Rs.3,50,000/- | TATA MOTORS LTD-LPT 709/34 E | Driving Testing Track, Chandrasekharpur, Bhubaneswar, Khurda |
| 2. | OR02BR6601 | Traveller | Rs.1,40,000/- | FORCE MOTORS LIMITED-TRAVELLER (14 Seater) | |

ସ୍ୱା./-ଟିକସ ଅସୁଲି ଅଧିକାରୀ ଏବଂ
ଆଞ୍ଚଳିକ ପରିବହନ ଅଧିକାରୀ, ଭୁବନେଶ୍ୱର-II

OIPR-

# ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ରାଉରକେଲା,୩୦।୧(ସଙ୍ଗୀତା ଜେନା): ପ୍ଲାଂଟସାଇଟ୍ ଥାନା ଅଧୀନ ରେଲୱେ କଲୋନୀ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋପବନ୍ଧୁପାଲୀର ପ୍ରିନ୍ସ ରାଓ(୨୦), ୱାର୍ଡ ନଂ.୩ର ବି. ସୂର୍ଯ୍ୟା(୧୯), ସଚିନ ପ୍ରସାଦ(୨୩), ଅମନ ସାଓ(୨୭) ଏବଂ ସେକ୍ଟର-୧୫ ଅଞ୍ଚଳର ନାରାୟଣ ସାହୁ(୨୫)। ସେମାନଙ୍କଠାରୁ ଖଣ୍ଡା, ଭୁଜାଲି, ଲୁହାରଡ୍ ଆଦି ଜବତ ହେଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୬/୨୬) ରୁଜୁ କରି ଶୁକ୍ରବାର ଅପରାହ୍ନ ୨ଟାରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ନାରାୟଣଙ୍କ ବିରୋଧରେ ୧୫ଟି ଆପରାଧିକ ମାମଲା ଥିବାବେଳେ ପ୍ରିନ୍ସଙ୍କ ୫ଟି, ସୂର୍ଯ୍ୟାଙ୍କ ୪ଟି, ସଚିନଙ୍କ ୪ଟି ଏବଂ ଅମନଙ୍କ ନାଁରେ ଗୋଟିଏ ଆପରାଧିକ ମାମଲା ରହିଛି। ଏମାନେ ଦୋକାନ, ଘର, ବ୍ୟବସାୟିକ ଅନୁଷ୍ଠାନରୁ ଡକାୟତି ଯୋଜନା କରୁଥିବା ବେଳେ ଗିରଫ ହୋଇଥିଲେ।



ଗିରଫ ୫ ଅଭିଯୁକ୍ତ ଏବଂ ଜବତ ମାରଣାସ୍ତ୍ର।



ଆଦିବାସୀଙ୍କ ଧର୍ମ ଆଦିଧର୍ମ ଓ ଧର୍ମକୋଡ୍ ତଥା ସ୍ୱତନ୍ତ୍ର ସାମ୍ବିଧାନିକ ମାନ୍ୟତା ଦାବିରେ ରାଉରକେଲାରେ ଆୟୋଜିତ ବିଶାଳ ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳା ପୁରୁଷ।

# ଆଦିଧର୍ମ, ଧର୍ମକୋଡ୍ ଦାବିରେ ଶୋଭାଯାତ୍ରା

ରାଉରକେଲା,୩୦।୧(ସଙ୍ଗୀତା ଜେନା)

ପରମ୍ପରାଗତ ଆଦିବାସୀଙ୍କ ସାମାଜିକ, ଧାର୍ମିକ ଓ ନ୍ୟାୟିକ ସଙ୍ଗଠନ ପାଡାପାଡ୍ହା ଓଡ଼ିଶା ପକ୍ଷରୁ ଶୁକ୍ରବାର ଆଦିବାସୀଙ୍କ ଧର୍ମ ଆଦିଧର୍ମ ଓ ଧର୍ମକୋଡ୍ ତଥା ସ୍ୱତନ୍ତ୍ର ସାମ୍ବିଧାନିକ ମାନ୍ୟତା ଦାବିରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ଅପରାହ୍ନ ୨ଟାରେ ଉଦିତନଗର ଫିଟନେସ୍ ପାର୍କରୁ ବାହାରି ଏଡିଏମ୍‌ଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ରାଜୀ ପାଡ୍ହା ବେଲ୍ ବାଗି ଲାକ୍ରାଙ୍କ ନେତୃତ୍ୱରେ ଛତିଶଗଡ଼ର ବିନୋଦ ଭଗତ, ଝାଡଖଣ୍ଡର କ୍ୟାପଟେନ୍ ଲୋହରା ଓରାମ, ଗୁମଲା ଜିଲାର ସୁଶୀଲ ଓରାମ, ସୁକୋ ଖାଲଖୋ, ବିରୁଆ ଓରାମଙ୍କ ସମେତ ଶତାଧିକ ମହିଳା ପୁରୁଷ ଉକ୍ତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଲାକ୍ରା ଉଦ୍‌ବୋଧନ ଦେଇ କହିଲେ, ୨୦୦୭ ନଭେମ୍ବରରେ ଆଦିବାସୀଙ୍କ ଧର୍ମକୁ ସ୍ୱତନ୍ତ୍ରତା ପ୍ରଦାନ, ଆଦିଧର୍ମର ମାନ୍ୟତା ଓ ଧର୍ମକୋଡ ନେଇ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜନଜାତି ଶବ୍ଦରୁ ଆଦି ଧର୍ମର ଉତ୍ପତ୍ତି ହୋଇଛି। ଦେଶରେ ଭିନ୍ନ ଭିନ୍ନ ସମ୍ପ୍ରଦାୟକୁ ସ୍ୱତନ୍ତ୍ର ଧାର୍ମିକ ମାନ୍ୟତା ମିଳିଛି। ସେମାନଙ୍କ ସୁରକ୍ଷା ପାଇଁ ଯୋଜନା କାର୍ଯ୍ୟକାରୀ କରାଯାଉଛି। ହେଲେ ସ୍ୱାଧୀନତାର ୭୭ ବର୍ଷ ବିତିଯାଇଥିଲେ ମଧ୍ୟ ଆଦିଧର୍ମର ମାନ୍ୟତା ମିଳିପାରିନାହିଁ। ଏହାକୁ ସାମ୍ବିଧାନିକ ମାନ୍ୟତା ମିଳିଲେ ଧର୍ମାନ୍ତରୀକରଣ ହୁଅନ୍ତା ନାହିଁ। ଆଦି ଧର୍ମରେ ପୂଜାପଦ୍ଧତି, ଧାର୍ମିକ ଚେତନା ସମ୍ପୂର୍ଣ୍ଣ ଭିନ୍ନ। ଏହି ଏହି ଦାବିକୁ ତୁରନ୍ତ ପୂରଣ କରାଯାଉ। ଏବେ ଶାନ୍ତିଶୃଙ୍ଖଳାର ସହ ଦାବି କରୁଛୁ। ଦିନ ଆସିବ ଆଗାମୀ ପିଢ଼ି ଏହି ଦାବି ପାଇଁ ଅଶାନ୍ତିର ମାର୍ଗ ଆପଣେଇବ ବୋଲି ଲାକ୍ରା କହିଥିଲେ।

# ଜ୍ଞାନର ଆଦାନ ପ୍ରଦାନ ମଞ୍ଚ ହେଉଛି ଆର୍‌ଏସ୍‌ପି ଜ୍ଞାନ ମଞ୍ଚ

ରାଉରକେଲା,୩୦।୧ (ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ମାନବ ସମ୍ବଳ (ଜ୍ଞାନାର୍ଜନ ଏବଂ ବିକାଶ) ବିଭାଗ ପକ୍ଷରୁ ଗୋପବନ୍ଧୁ ଅଡିଟୋରିୟମରେ ଜ୍ଞାନ ମଞ୍ଚ କୁଇଜ୍ ପ୍ରତିଯୋଗିତାର ତୃତୀୟ ସଂସ୍କରଣ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଦ୍ୱିମାସିକ ଜ୍ଞାନଆଦାନ ପ୍ରଦାନ ପଦକ୍ଷେପ 'ଆର୍‌ଏସ୍‌ପି ଜ୍ଞାନ ମଞ୍ଚ'ର ଅଂଶ ଭାବେ ଆୟୋଜିତ ହୋଇଥିଲା। ଶିକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବା, ବୈଷୟିକ, ପରିଚାଳନାଗତ ଏବଂ ବିଶ୍ୱସ୍ତରୀୟ କ୍ଷେତ୍ରଗୁଡ଼ିକ ଉପରେ ସଚେତନତା ବୃଦ୍ଧି କରିବା ସହ କାରଖାନା କର୍ମଚାରୀମାନଙ୍କ ମଧ୍ୟରେ ଦଳଗତ କାର୍ଯ୍ୟ ପ୍ରତିଯୋଗିତାମୂଳକ ମନୋଭାବ, ଆନ୍ତଃ ବିଭାଗୀୟ ସମ୍ପର୍କ ଏବଂ କ୍ରସ୍-ଫଙ୍କସନ ଜ୍ଞାନର ଆଦାନ ପ୍ରଦାନ କରିବା ଏହାର ମୁଖ୍ୟ ଲକ୍ଷ୍ୟ ଥିଲା। ଏହି ଅନଲାଇନ୍ କୁଇଜ୍ ପ୍ରତିଯୋଗିତାରେ ଦୁଇଜଣ ସଦସ୍ୟ ବିଶିଷ୍ଟ ମୋଟ ୫୧ଟି ଦଳ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବୋକାରୋ ଇସ୍ପାତ କାରଖାନାର ସିନିୟର ମ୍ୟାନେଜର ଶୁଭାନ ବର୍ମା କୁଇଜ୍ ମାଷ୍ଟର ଭାବେ କାର୍ଯ୍ୟ ପରିଚାଳନା କରିଥିଲେ। କୋକ୍ ଓଭେନ୍ସ ବିଭାଗର ଏଜିଏମ୍ ସମ୍ପଦ ମିଶ୍ର ଏବଂ ଏସ୍‌ଏସ୍‌ଏସ୍-୧ ବିଭାଗର ଏଜିଏମ୍ ଏସ୍. ଶ୍ରୀନାଥ ବିଜେତା ହୋଇଥିଲେ। ମାନବ ସମ୍ବଳ (ଜ୍ଞାନାର୍ଜନ ଓ ବିକାଶ) ବିଭାଗର ଡିଜିଏମ୍ କେ. କେ. ଜୟସ୍ୱାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ପ୍ରତିଯୋଗିତାରେ ଭାଗ ନେଇଥିବା ଆର୍‌ଏସ୍‌ପି ଅଧିକାରୀ।

# ୬ କ୍ଲଷ୍ଟରର ୧୦୦ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅଂଶଗ୍ରହଣ



ଶିବିରରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ।

ରାଉରକେଲା,୩୦।୧(ଦିନେଶ ମିଶ୍ର)

## ପଞ୍ଚଦିବସୀୟ ପ୍ରଶିକ୍ଷଣ ଶିବିର

ରାଉରକେଲା ସେକ୍ଟର-୨୦ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପଞ୍ଚଦିବସୀୟ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଛି। ଏଥିରେ ବିସ୍ରା ବ୍ଲକ ଶିକ୍ଷାଧିକାରୀ ସୁପ୍ରଭାତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମାଧୁରୀ କେରକେଟ୍ଟା ଓଡ଼ିଶାର ପାଠ୍ୟକ୍ରମ ରୂପରେଖ ୨୦୨୫ ପ୍ରଶିକ୍ଷଣ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମ ଅଧିବେଶନରେ ପ୍ରଶିକ୍ଷଣର ମୂଳନୀତି, ଉଦ୍ଦେଶ୍ୟ ଏବଂ ଦ୍ୱିତୀୟ ଅଧିବେଶନରେ ଜାତୀୟ ଶିକ୍ଷାନୀତି-୨୦୨୦ ସମ୍ବନ୍ଧରେ ବ୍ଲକ ଶିକ୍ଷାଧିକାରୀ ବେହେରା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରରେ ସିଆରସିସି ସିପ୍ରା ସାହୁ, ଗୋବିନ୍ଦ ଚନ୍ଦ୍ର ସେଠୀ, ଜନ ପ୍ରକାଶ ଲମ୍‌ଗା, ମନୋଜ କୁମାର ମିଶ୍ର ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ୬ଟି କ୍ଲଷ୍ଟର ୧୦୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ଅଂଶଗ୍ରହଣ କରିଥିଲେ। ଏହା ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଶିକ୍ଷାଧିକାରୀ ବେହେରା ସୂଚନା ଦେଇଛନ୍ତି।

# ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଆକୃଷ୍ଟ କଲା ଉଲା ମଡେଲ

ରାଉରକେଲା,୩୦।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୧୩ ମେଳଣ ପଡିଆରେ ଚାଲିଥିବା ଏଣ୍ଟରପ୍ରାଇଜ ଓଡ଼ିଶା-୨୦୨୬ରେ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ପ୍ରଦର୍ଶିତ 'ଉଲା ମଡେଲ' ବିଦ୍ୟୁତ୍ ଉପଭୋକ୍ତା ଏବଂ ସାଧାରଣ ବ୍ୟବସାୟୀମାନଙ୍କୁ ଆକୃଷ୍ଟ କରିଛି। ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ପଶ୍ଚିମ ଓଡ଼ିଶାରେ ପରିଚାଳିତ 'ଉଲା ମଡେଲ' ଅଧୀନରେ ଏକ କିଲୋୱାଟ୍ ସୋଲାର ପ୍ୟାନେଲ୍ ସ୍ଥାପନ ଏବଂ ସାରା ଦେଶରେ ପ୍ରଚଳିତ ପିଏମ୍ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା ଅଧୀନରେ ସୌର ପ୍ୟାନେଲ ସଂସ୍ଥାପନରେ ଉଲ୍ଲେଖନୀୟ ଅଗ୍ରଗତି ରେକର୍ଡ କରାଯାଇଛି। ସୁଲଭ ମୂଲ୍ୟରେ ସ୍ଥାପନ ହୋଇପାରୁଥିବା ଏହି ଏକ କିଲୋୱାଟ୍ ରୁଫ୍‌ଟପ୍ ସୋଲାର ପ୍ୟାନେଲକୁ ନିଜ ଘର ଛାତ ଉପରେ ବସାଇ ଅନେକ ଗ୍ରାହକଙ୍କ ଗତ ଡିସେମ୍ବର ମାସରେ ବିଦ୍ୟୁତ୍ ବିଲ୍ ଶୂନ ହୋଇଯାଇଛି। ୟୁଟିଲିଟି ଲେଡ୍ ଏଗ୍ରିଗେଶନ ମଡେଲ୍ (ଉଲା ମଡେଲ୍) ସାରା ଦେଶରେ ପ୍ରଚଳିତ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁକ୍ତ ବିଜୁଳି ଯୋଜନାର ଏକ ଅଂଶ। ଏହା କେବଳ ଏକ କିଲୋୱାଟ୍ ପାଇଁ ଚୁକ୍ତି କରିଥିବା ବିଦ୍ୟୁତ୍ ଘରୋଇ ଗ୍ରାହକଙ୍କ ପାଇଁ ପ୍ରଯୁଜ୍ୟ ବୋଲି ସୂଚନା ଦିଆଯାଇଛି।



ପ୍ରଦର୍ଶିତ ଉଲା ମଡେଲ।


idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

No.CAD-

**OFFICE OF THE CHIEF GENERAL MANAGER (CIVIL)**
**IDCO, IDCO TOWER, BHUBANESWAR**

Bid Identification No.Civil/EST-28/2025-26
Notice No.2367, Dt.28.01.26

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**1.Name of the Work:** Landscaping Work inside the premises of Kalinga Studio, Bhubaneswar. 2.Value of the Work: Rs.115.00 Lakh (Approx.). 3. Period of Completion: 03 (Three) Calendar Months. 4. Availability of tender online for Bidding: I. Start Date: 11.00 Hours of dt.02.02.2026. II. End Date: 15.00 Hours of dt.16.02.2026. III. Opening Date: 16.00 Hours of dt.16.02.2026.

Tender details can be seen from the e-procurement portal **www.tendersorissa.gov.in**. Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**

Sd./-Chief General Manager (Civil)
IDCO, Bhubaneswar

OIPR-


# ସୁସ୍ଥ ହେଲେ ବିମାନ ଦୁର୍ଘଟଣା ଆହତ ଯାତ୍ରୀ

ରାଉରକେଲା,୩୦।୧(ସଙ୍ଗୀତା ଜେନା): ଜାନୁଆରୀ ୧୦ତାରିଖରେ ଜଲଦା ଏ ବ୍ଲକରେ ଇଣ୍ଡିଆ ୱାନ ଏୟାରର ୯ ସିଟ୍ ବିଶିଷ୍ଟ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଏକ ଚାଷଜମିରେ ଖସିପଡ଼ିଥିଲା। ଘଟଣାର ୨୦ ଦିନ ବିତିଯାଇଛି। ଶୁକ୍ରବାର ଏଥିରେ ଆହତ ଯାତ୍ରୀ ଅନୀତା ସାହୁ ଚିକିତ୍ସିତ ହେଉଥିବା ଜେପି ହସ୍ପିଟାଲରୁ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏଥିରେ ଚାଳକଙ୍କ ସମେତ ମୋଟ ୬ ଜଣ ଆହତ ହୋଇଥିଲେ। ଜଣେ ଯାତ୍ରୀ ସୁଶାନ୍ତ ବିଶ୍ୱାଳଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଅନ୍ୟମାନେ ସୁସ୍ଥ ଅଛନ୍ତି। ଏହି ଘଟଣାରେ ଚାଳକ ନବୀନ କାଡାଙ୍ଗୀ, ତରୁଣ ଶ୍ରୀବାସ୍ତବ ପୂର୍ବରୁ ସୁସ୍ଥ ହୋଇ ଘରକୁ ଫେରିଥିଲେ।

# କଥା ସାହିତ୍ୟରେ ଓଡ଼ିଶାର ଜନଜୀବନ ପ୍ରଦର୍ଶିତ




ସଭାରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲା,୩୦।୧(ବିପ୍ଳବ ରଞ୍ଜନ ଦାଶ)

## କଲଚରାଲ ଏକାଡେମୀର ୩୪ତମ କଥାସାହିତ୍ୟ ଦିବସ

ରାଉରକେଲା କଲଚରାଲ ଏକାଡ଼େମୀ ପକ୍ଷରୁ ଫକୀରମୋହନ ଜୟନ୍ତୀ ଅବସରରେ ୩୪ତମ କଥା ସାହିତ୍ୟ ଦିବସ ଏକାଡେମୀ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଛି। ସଭାରେ ଡ. ପ୍ରଭାତ କୁମାର ମଲ୍ଲିକ ଅଧକ୍ଷତା କରି କହିଥିଲେ, ସଂକ୍ରାନ୍ତି ପୁରୁଷ ଫକୀରମୋହନ ଓଡ଼ିଆ ଜାତି ପାଇଁ ନିଜର ସୃଜନ ଶକ୍ତି ଓ ସାମର୍ଥ୍ୟକୁ ସମର୍ପିତ କରିଛନ୍ତି ଓ ଓଡ଼ିଆ ଜନଜୀବନର ଚିତ୍ର ତାଙ୍କ ସାହିତ୍ୟକୁ ମଞ୍ଜୁଳିତ କରିଛି। ସେ ଓଡ଼ିଶାର ଇତିହାସ, ବୌଦ୍ଧିକ ଦର୍ଶନ ତଥା ସାମାଜିକ ଓ ସାଂସ୍କୃତିକ ଦିଗଗୁଡ଼ିକୁ ତାଙ୍କର କବିତା, କଥା ସାହିତ୍ୟ, ପ୍ରବନ୍ଧ ଓ ଉପନ୍ୟାସରେ ପ୍ରକାଶ କରିଛନ୍ତି ବୋଲି ମଲ୍ଲିକ କହିଥିଲେ। ଆର୍‌ଏସ୍‌ପି ବିତ୍ତ ବିଭାଗ ମହାପରିଚାଳକ ଦିବାକର ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ କଲଚରାଲ ଏକାଡ଼େମୀ ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ମତବ୍ୟକ୍ତ କରିଥିଲେ। ବକ୍ତା ଡ. ନଗେନ ଦାସ ବୀଣାପାଣି ମହାନ୍ତିଙ୍କ କଥାସାହିତ୍ୟରେ ନାରୀର ଅସ୍ତିତ୍ୱ ବିଷୟରେ ଆଲୋଚନା କରିଥିଲେ। କବି ବଳରାମ ରାଉଳ ଭିତ୍ତିପ୍ରବନ୍ଧ ପାଠ ଓ କଲଚରାଲ ଏକାଡ଼େମୀ ସମ୍ପାଦକ କାଶୀନାଥ ପାତ୍ର ସଭା ପରିଚାଳନା କରିଥିଲେ। ପରିଚାଳନା ସମ୍ପାଦକ ଅକ୍ଷୟ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଡା. କୃପାସିନ୍ଧୁ ନାୟକ, ବିଚିତ୍ରାନନ୍ଦ ସାହୁ, ଗୋକୁଳାନନ୍ଦ ଦାଶ, ମୀନକେତନ ପଶାୟତ, ଅକ୍ଷୟ ପଣ୍ଡା, ପରେଶ ବିଶ୍ୱାଳ, ଧୋବେଇ ବେହେରା, ଭରତ ଭୂଷଣ ମହାନ୍ତି, ରାଜୀବ ପାଣି ପ୍ରମୁଖ ବହୁ ବୁଦ୍ଧିଜୀବୀ ଓ ସାହିତ୍ୟିକ ଯୋଗ ଦେଇଥିଲେ।


ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ଭାରତ ସରକାରଙ୍କ ଏକ ଉଦ୍ୟମ A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପୂବାଶାସନ** ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସର୍ତ୍ତଗୁଡ଼ିକୁ ଦଖଲକୁ ନେଇଛନ୍ତି । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।** ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସର୍ତ୍ତଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସର୍ତ୍ତଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପୂବାଶାସନ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ପୂବାଶାସନ ଶାଖା /** **୧(କ) ଋଣଗ୍ରହୀତା: ଲିଙ୍ଗରାଜ ଫ୍ଲାଏ ଆଶ୍ ବ୍ରିକ୍ସ,** ମାଲିକ: ଆଶିଷ କୁମାର ସାହୁ, ପ୍ଲଟ୍ ନଂ.: ୩୪/୨୧୮୯, ଗ୍ରା: ଉତ୍ତରା, ଡେଲଟା କଲୋନୀ, କୌଶଲ୍ୟାଗଙ୍ଗ, ପୂବାଶାସନ, ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୧୦୦୨ । **୧(ଖ) ଋଣଗ୍ରହୀତା: ଆଶିଷ କୁମାର ସାହୁ,** ପିତା: ଯୋଗେନ୍ଦ୍ର ସାହୁ, ପ୍ଲଟ୍ ନଂ.: ୩୪/୨୧୮୯, ଗ୍ରା: ଉତ୍ତରା, ଡେଲଟା କଲୋନୀ, କୌଶଲ୍ୟାଗଙ୍ଗ, ପୂବାଶାସନ, ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୧୦୦୨ । **୨- ଗ୍ୟାରେଣ୍ଟିଦାତା/ବନ୍ଧକଦାତା : ଶ୍ରୀ ଯୋଗେନ୍ଦ୍ର ସାହୁ,** ପିତା: ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ସାହୁ, ପ୍ଲଟ୍ ନଂ.: ୩୪/୨୧୮୯, ଗ୍ରା: ଉତ୍ତରା, ଡେଲଟା କଲୋନୀ, କୌଶଲ୍ୟାଗଙ୍ଗ, ପୂବାଶାସନ, ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୧୦୦୨। | ଟ. 25,25,611.09 (ପଚିଶ ଲକ୍ଷ ପଚିଶ ହଜାର ଛଅ ଶହ ଏଗାର ନଅ ପଇସା ମାତ୍ର) + ସେବାବଦ ସୁଧ | ୧୦.୦୯.୨୦୨୫ / ୨୮.୦୧.୨୦୨୬ | ପ୍ଲଟ ନମ୍ବର ୩୪/୨୧୮୯, ଖାତା ନଂ. ୭୬୭/୪୦୫, କ୍ଷେତ୍ର ଆକାର ୦.୦୪୦ ଡିସିମିଲ, ମୌଜା ପୂବାଶାସନ, କିସମ-ଘରବାରୀ, ସତ୍ତ୍ୱ-ସ୍ଥିତିବାନ ସହିତ ସମ୍ବନ୍ଧିତ ହାଲ ଖାତା ନଂ. ୭୬୭/୧୬୨, ପ୍ଲଟ ନଂ. ୩୪, ପୋଷ୍ଟ-ପିପିଲି, ପୋଲିସ୍ ଷ୍ଟେସନ-ପିପିଲି, ଜିଲ୍ଲା-ପୁରୀ, ଓଡ଼ିଶା, ଚୌହଦି: ଉତ୍ତର-ରୋଡ, ଦକ୍ଷିଣ- ଭାଗବତ ବାସୁଦେବ, ପୂର୍ବ-ବସନ୍ତ ସ୍ୱାଇଁ, ପଶ୍ଚିମ- ପ୍ଲଟର ଅଂଶ ନମ୍ବର-୨୨ ଦ୍ୱାରା ପରିବେଷ୍ଟିତ ଶ୍ରୀ ଯୋଗେନ୍ଦ୍ର ସାହୁଙ୍କ ପିତା ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ସାହୁଙ୍କ ନାମରେ ଅବସ୍ଥିତ। |

ସ୍ଥାନ: ଭୁବନେଶ୍ୱର
ତାରିଖ: ୩୦.୦୧.୨୦୨୬

ସ୍ୱା/- ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


# ସମ୍ବଲପୁର ବିଶ୍ୱବିଦ୍ୟାଳୟ ଚାମ୍ପିୟନ

## ଆନ୍ତଃ ବିଶ୍ୱବିଦ୍ୟାଳୟ ହକି ପ୍ରତିଯୋଗିତା

ରାଉରକେଲା,୩୦।୧(ଦିନେଶ ମିଶ୍ର)




ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

ରାଉରକେଲା ଛେଣ୍ଡସ୍ଥିତ ବୀର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଆନ୍ତଃ ବିଶ୍ୱବିଦ୍ୟାଳୟ ଜୋନ୍ ହକି ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଜାତୀୟ ହକି ଦଳର ପର୍ଯ୍ୟବେକ୍ଷକ ଡ. ପ୍ରଦୀପ କୁମାର ଖାଲକୋ ମୁଖ୍ୟ ଅତିଥି, ଡ. ସମର ମୁଦାଲି, କାଳୁଚରଣ ଚୌଧୁରୀ ଓ ହରିହର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଏଲ୍.ପି ବିଶ୍ୱବିଦ୍ୟାଳୟ ମଧ୍ୟରେ ଖେଳାଯାଇଥିଲା। ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ୩-୧ ଗୋଲରେ ଏଲ୍.ପି ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ରେଫରି ହୃଷୀକେଶ ଦାସ ଓ ଅନୁଭବ ରାଉତ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ତୃତୀୟ ସ୍ଥାନ ପାଇଁ ଏମ୍‌ଏସ୍ ବିଶ୍ୱବିଦ୍ୟାଳୟ ଓ ଜେନ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ମ୍ୟାଚ୍ ହୋଇଥିଲା। ପେନାଲ୍ଟି ସୁଟ୍‌ରେ ଜେନ୍ ବିଶ୍ୱବିଦ୍ୟାଳୟ ୪-୩ ଗୋଲରେ ବିଜୟୀ ହୋଇଥିଲା। ରେଫରି ବେଲ୍‌ସ ବାର୍ଲା ଓ ସୁରଜ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିମାନେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳକୁ ଟ୍ରଫି ସହ ପ୍ରତ୍ୟେକ ଖେଳାଳିଙ୍କୁ ମେଡାଲ ପ୍ରଦାନ କରିଥିଲେ।


# ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର-II

ନଂ.୨୬୪ | ତାରିଖ:୨୮.୦୧.୨୦୨୬

**ମୋଟର ଯାନ ନିଲାମ ନିମନ୍ତେ ବିଜ୍ଞପ୍ତି**

No.JJ-ଏତଦ୍ୱାରା ନିମ୍ନଲିଖିତ ମୋଟରଯାନର ମାଲିକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିକି, ସେମାନଙ୍କର ଯାନ ବିରୁଦ୍ଧରେ ବକେୟା ମୋଟରଯାନ ଟିକସ ବାକିଥିବାରୁ ସେମାନଙ୍କ ନାମରେ ଟିକସ ଅସୁଲି ମାମଲା ରୁଜୁ କରାଯାଇଥିଲା । ଯଥା ସମୟରେ ସେମାନେ ଟିକସ ଅସୁଲିକାରୀଙ୍କ କାର୍ଯ୍ୟାଳୟରେ ବକେୟା ଟିକସ ପଇଠ ନକରିବାରୁ କିମ୍ବା କୌଣସି ଉତ୍ତର ନରଖିବାରୁ ସେମାନଙ୍କ ଯାନଗୁଡ଼ିକୁ ଓଡ଼ିଶା ମୋଟରଯାନ କର ଆଇନ୍ ୧୯୭୫ ଅନୁସୂଚୀ-II ଅନୁଯାୟୀ ଜବତ କରାଯାଇଅଛି ।

ପୁନର୍ବାର ଉକ୍ତ ବିଜ୍ଞାପନ ମାଧ୍ୟମରେ ସମ୍ପୃକ୍ତ ଯାନ ମାଲିକମାନଙ୍କୁ ଅବଗତ କରାଯାଉଅଛିକି ଯଦି ସେମାନେ ଆସନ୍ତା ତା.୧୦.୦୨.୨୦୨୬ ରିଖ ଅପରାହ୍ନ ୪ ଘଟିକା ସୁଦ୍ଧା ସେମାନଙ୍କର ବକେୟା ଅର୍ଥ ପଇଠ ନକରନ୍ତି ତେବେ ତା.୧୧.୦୨.୨୦୨୬ ରିଖ ଅପରାହ୍ନ ୪ ଘଟିକା ସମୟରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ଯାନଗୁଡ଼ିକୁ ନିଲାମ କରାଯିବ ।

ଅତଏବ ସମସ୍ତ ଜନସାଧାରଣଙ୍କୁ ଉକ୍ତ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଉଅଛି କି, ଇଚ୍ଛୁକ ବ୍ୟକ୍ତି ଯଦି ନିମ୍ନଲିଖିତ ଯାନଗୁଡ଼ିକର ନିଲାମିରେ ଅଂଶଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରନ୍ତି ତେବେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ମିଳୁଥିବା ଫର୍ମ ପୂରଣ କରି ତତ୍ ସହିତ ଟ.୫୦୦୦ ଙ୍କା (ପାଞ୍ଚ ହଜାର ଟଙ୍କା) ମାତ୍ରର ଅମାନତ ରାଶି ଯେ କୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ବ୍ୟାଙ୍କ ଡ୍ରାଫ୍ଟ (**Regional Transport Officer, Bhubaneswar-II, payable at SBI, Govt. Treasury Branch, Bhubaneswar**) ସଂଲଗ୍ନ କରି ତା.୧୧.୦୨.୨୦୨୬ ରିଖ ଦିବା ୧୦ ଘଟିକା ୩୦ ମିନିଟ୍ ଠାରୁ ଅପରାହ୍ନ ୨ ଘଟିକା ମଧ୍ୟରେ ଜଉମୁଦ ଲଫାପାରେ ପ୍ରତ୍ୟେକ ଯାନପାଇଁ ପୃଥକ ଭାବେ ଦାଖଲ କରିବାକୁ ହେବ ।

କୌଣସି କାରଣ ନଦର୍ଶାଇ କୌଣସି ଯାନକୁ ଅଥବା ସମସ୍ତ ଯାନକୁ ନିଲାମ ପ୍ରକ୍ରିୟାରୁ ରଦ୍ଦ କରିବା ନିଲାମି ଅଧିକାରୀ କ୍ଷମତା ସମ୍ପନ୍ନ ଅଟନ୍ତି ।

**ବିଦ୍ର:- ନିଲାମି ସମ୍ବନ୍ଧିତ ସବିଶେଷ ତଥ୍ୟ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିପାରିବ ।**

AUCTION VEHICLE LIST

| SL. NO. | VEHICLE NO. | TYPE OF VEHICLE | UPSET PRICE | MODEL | PLACE OF AVAILABILITY OF VEHICLE |
|---|---|---|---|---|---|
| 1. | OR02X2690 | Bus | Rs.3,50,000/- | TATA MOTORS LTD- LPT 709/34 E | Driving Testing Track, Chandrasekharpur, Bhubaneswar, Khurda |
| 2. | OR02BR6601 | Traveller | Rs.1,40,000/- | FORCE MOTORS LIMITED- TRAVELLER (14 Seater) | |

ସ୍ୱା./-ଟିକସ ଅସୁଲି ଅଧିକାରୀ ଏବଂ
ଆଞ୍ଚଳିକ ପରିବହନ ଅଧିକାରୀ, ଭୁବନେଶ୍ୱର-II

OIPR-

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଦ୍ୟାଳୟରେ ଅସୁସ୍ଥ ହେଲେ ୬ ଛାତ୍ରୀଛାତ୍ର

ପାଟଣା,୩୦।୧ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଗୋରାସ ବୁଢ଼ିପାଟ ଉଚ୍ଚ ବିଦ୍ୟାଳୟର ୬ ଜଣ ଛାତ୍ରୀଛାତ୍ର ଶୁକ୍ରବାର ଅସୁସ୍ଥ ହୋଇପଡ଼ିଥିଲେ ସମସ୍ତ ଛାତ୍ରୀଛାତ୍ର ନବମ ଓ ଦଶମ ଶ୍ରେଣୀର ହୋଇଥିବା ବେଳେ ପ୍ରଥମେ ୨ ଜଣ ପରେ ୪ ଜଣ ଅସୁସ୍ଥ ହୋଇଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଯେ, ବିଦ୍ୟାଳୟରେ ପ୍ରାର୍ଥନା ପରେ ପ୍ରଥମେ ୨ ଛାତ୍ର ଅସୁସ୍ଥ ହୋଇ ପଡ଼ିଥିଲେ। ଏହାର କିଛି ଘଣ୍ଟା ପରେ ୪ ଛାତ୍ରୀ ଅସୁସ୍ଥ ହୋଇପଡ଼ିଥିଲେ। ଛାତ୍ରୀଛାତ୍ର ଜୋରରେ ଚିତ୍କାର କରିବା ସହ ବେହୋସ ହୋଇ ପଡ଼ିଥିଲେ।



କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଅଭିଭାବକଙ୍କ ସହ ଚିକିତ୍ସାଧୀନ ଛାତ୍ରୀ।

ଅସ୍ୱାଭାବିକ ଆଚରଣ ପ୍ରଦର୍ଶନ କରିବା ସହ ପାଟି କରି କାନ୍ଦିଥିଲେ। ସମସ୍ତଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରଥମେ ମେଡିକାଲ ନ ନେଇ ଝଡ଼ାଫୁଙ୍କା କରିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସା ପରେ ସମସ୍ତଙ୍କ ଅବସ୍ଥା ସ୍ୱାଭାବିକ ଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ପଚାରିବା ତଥା ଖବର ସଂଗ୍ରହ ପାଇଁ ଯାଇଥିବା ଜଣେ ଖବରଦାତାଙ୍କୁ ପ୍ରଧାନଶିକ୍ଷକ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ପ୍ରଧାନ ଶିକ୍ଷକ ସହଦେବ ମହାନ୍ତ କହିଛନ୍ତି, ଖବରଦାତାଙ୍କ ଅଭିଯୋଗର ସତ୍ୟତା ନାହିଁ, ଗାଁ ଲୋକ ଉପସ୍ଥିତ ଥିଲେ। ଦୁର୍ବ୍ୟବହାର କରି ନ ଥିବା ସେ କହିଥିଲେ।

# କଇଠାରେ ଝାଡ଼ାବାନ୍ତି, ୧୫ ଆକ୍ରାନ୍ତ

ପାତ୍ରପୁର,୩୦।୧ (ଉମା ଚରଣ ନେପାକ)

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଗୁଣ୍ଠୁରା ପଞ୍ଚାୟତ କଇଠା ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଛି। ଏଥିରେ ୧୫ଜଣରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ପୋଖରୀ ଓ ସେଠାରେ ଥିବା ପାନୀୟ ଜଳ ପ୍ରକଳ୍ପରୁ ଆସୁଥିବା ପାଣି ବ୍ୟବହାରକରି ଲୋକେ ପ୍ରଥମେ ଝାଡ଼ାବାନ୍ତି ଏବଂ ପରେ ଜ୍ୱରରେ ଆକ୍ରାନ୍ତ ହୋଇଥିବା ଗ୍ରାମବାସୀ କହଛନ୍ତି। ଗ୍ରାମର ସୁରେଖା ଦାସ, ବୁଟି ଦାସ, ଭୁକୁଲି ଦାସ, ସୁରେନ୍ଦ୍ର ସାହୁ, କୁଲୁ ଦାସ, ଯମୁନା ଦାସ, ମୁରଲୀ ସାହୁ, ସୀତାରାମ ଦାସ, ଗୁରୁବାରୀ ଦାସ, ପ୍ରମିଳା ବେହେରା, ଅନସୂୟା ଦାସ, ରଶ୍ମିତା ଦାସ, ଗୀତା ଦାସ, ଗୋପାଳ ଦାସ ପ୍ରମୁଖଙ୍କ ସହ ଦାମିନୀ ବେହେରା, ସିଦ୍ଧି ଦାସ, ମାମାଲି ବେହେରା, ଅନନ୍ୟା ବେହେରା ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସେମାନେ ଜରଡ଼ା ଓ ପାତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଫେରିବା ପରେ ଜ୍ୱରରେ ପୀଡ଼ିତ ଥିବା ସୂଚନା ମିଳିଛି। ସେଥିମଧ୍ୟରେ କେତେଜଣ ଶିଶୁ ମଧ୍ୟ ଅଛନ୍ତି। ଗ୍ରାମର ବୟସ୍କମାନେ ଝାଡ଼ାବାନ୍ତି ଆକ୍ରାନ୍ତ ହେଉଥିଲେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ନ ପାରି କ୍ୱାକ୍‌ଙ୍କ ଦ୍ୱାରା ଚିକିତ୍ସିତ ହେଉଛନ୍ତି। ତୁରନ୍ତ ସ୍ୱାସ୍ଥ୍ୟ ଟିମ୍ ଗାଁକୁ ନ ଆସିଲେ ସ୍ଥିତି ଅଣାୟତ୍ତ ହୋଇପଡିବ ବୋଲି ଗ୍ରାମବାସୀ କହିଛନ୍ତି। ଆକ୍ରାନ୍ତ ଚିକିତ୍ସା ସହ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ଦାବି ହେଉଛି।

# ଅଭୟାରଣ୍ୟ ପାଦଦେଶରୁ ୩ ଶିକାରୀ ଗିରଫ

## ଧରାପଡ଼ିଲେ ବଜ୍ରକାପ୍ତା ବେପାରୀ

ନୀଳଗିରି, ୩୦।୧
(ପ୍ରଶାନ୍ତ କୁମାର ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି କୁଳଡିହା ଅଭୟାରଣ୍ୟ ପାଦଦେଶ ଅଞ୍ଚଳରୁ ୨ ଜଣ ବଜ୍ରକାପ୍ତା କାତି ବେପାରୀଙ୍କୁ ଗତ ୨୨ ତାରିଖରେ ଗୋହିରା ଛକ ନିକଟରେ ଗିରଫ କରାଯାଇଥିବା ବେଳେ ଶୁକ୍ରବାର ଆଉ ଜଣଙ୍କୁ ଗିରଫ କରଯାଇଛି। ସେମାନଙ୍କ ନିକଟରୁ ମାତ୍ର ୪ଟି କାତି ସହିତ ୩ଟି ଛୁରୀ ସହ ମୋବାଇଲ ଜବତ କରାଯାଇଥିବା କୁଳଡିହା ରେଞ୍ଜର ସୁବ୍ରତ ବେହେରାଙ୍କ ସୂଚନା ଦେଇଛନ୍ତି। ଏନେଇ କୁଳଡିହା ବନବିଭାଗ ପକ୍ଷରୁ ମାମଲା(ନଂ. ୧୭କେ ୨୦୨୫/୨୬) ରୁଜୁ କରାଯାଇଛି।




ଗିରଫ ଶିକାରୀ ଓ ଜବତ ସାମଗ୍ରୀ।

# ଉଷା ପାଢ଼ୀଙ୍କ ସମେତ ୪ ଅଧିକାରୀଙ୍କ ନିଃସର୍ତ୍ତ କ୍ଷମାପ୍ରାର୍ଥନା

## ହାଇକୋର୍ଟରେ ଅଦାଲତ ଅବମାନନା ମାମଲା

କଟକ,୩୦।୧ (କାର୍ତ୍ତିକ ସାହୁ)

ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ସମେତ ୪ଜଣ ଅଧିକାରୀଙ୍କ ବିରୋଧରେ ଆଗତ ଅଦାଲତ ଅବମାନନା ମାମଲାରେ ସଭିଏ ଶୁକ୍ରବାର ହାଇକୋର୍ଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ଅନ୍ୟମାନେ ହେଲେ ଓଡ଼ିଶା ପୌର ନିର୍ଦ୍ଦେଶକ ଗଗନ ବିହାରୀ ସ୍ୱାଇଁ, ଟାଉନ ପ୍ଲାନିଂ ସ୍ୱତନ୍ତ୍ର ସଚିବ ତଥା ନିର୍ଦ୍ଦେଶକ ସୁଶାନ୍ତ କୁମାର ମିଶ୍ର, ଆଠଗଡ଼ ସ୍ୱତନ୍ତ୍ର ପ୍ଲାନିଂ କର୍ତ୍ତୃପକ୍ଷ ତଥା କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ। ଆବେଦନକାରିଣୀଙ୍କୁ ୨୦୧୪ ମସିହାରୁ ନୂତନ ବେତନ ହାରରେ ଦରମା ଦେବା ସହ ଚାକିରି ସମ୍ବନ୍ଧୀୟ ସମସ୍ତ ସୁବିଧା ପ୍ରଦାନ ପାଇଁ ଆଦେଶ ଜାରି କରାଯାଇଛି ବୋଲି ପ୍ରମୁଖ ଶାସନ ସଚିବ ପାଢ଼ୀ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ହାଇକୋର୍ଟ ବିଚାରପତି ଦୀକ୍ଷିତ କୃଷ୍ଣ ଶ୍ରୀପଦ ଓ ବିଚାରପତି ଏମ. ଏସ. ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରି ଅଦାଲତ ଅବମାନନା ମାମଲାରୁ ସମସ୍ତଙ୍କୁ ମୁକ୍ତ କରିଛନ୍ତି।

ସୂଚନାନୁସାରେ, ପିଲୋନା ମହାନ୍ତି ନାମକ ମହିଳା ୧୯୯୩ ଏପ୍ରିଲ ୨ରେ ଡି.ଏଲ.ଆର୍ ଭାବେ ଆଠଗଡ଼ ସ୍ପେଶାଲ ପ୍ଲାନିଂ ଅଥରିଟି ଅଫିସରେ ଯୋଗଦେଇଥିଲେ। କେତେଜଣ କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ସେମାନଙ୍କ ଏକ ତାଲିକା ଗୃହ ଓ ନଗର ଉନ୍ନୟନ ସଚିବଙ୍କ ନିକଟକୁ ପଠାଯାଇଥିଲା। ମାତ୍ର ଆବେଦନକାରିଣୀ ସେଥିରୁ ବାଦ୍ ପଡ଼ିଥିଲେ। ମାତ୍ର ଅନ୍ୟ ସମସ୍ତ କର୍ମଚାରୀଙ୍କୁ ନିୟମିତ କରାଯାଇଥିଲା। କାରଣ ସମ୍ପର୍କରେ ଅନୁଧ୍ୟାନ କରିବା ପରେ ଆବେଦନକାରିଣୀଙ୍କୁ ୧୯୯୩ ଜୁଲାଇ ୧୫ରୁ ୧୯୯୪ ଏପ୍ରିଲ ୨୯ ପର୍ଯ୍ୟନ୍ତ ଚାକିରିରୁ ଅନ୍ତର କରାଯାଇଥିବା ସେ ଜାଣିବାକୁ ପାଇଥିଲେ। ତାଙ୍କୁ ପୁନଃନିଯୁକ୍ତି କରିବା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ଆଦେଶ ଜାରି କରାଯାଇଥିଲା। ମାତ୍ର ଏହାକୁ ସରକାରଙ୍କ ପକ୍ଷରୁ ଖାରଜ କରିଦିଆଯାଇଥିଲା। ଏହା ବିରୋଧରେ ସେ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ହାଇକୋର୍ଟ ମାମଲା ଶୁଣାଣି କରି ଆବେଦନକାରିଣୀଙ୍କ ଲିଖିତ ଆବେଦନପତ୍ରର ବିଚାର ୩ ମାସ ମଧ୍ୟରେ କରିବାକୁ ଗୃହ ଓ ନଗର ଉନ୍ନୟନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସଚିବ ଆବେଦନକାରିଣୀଙ୍କ ଆବେଦନପତ୍ରକୁ ରଦ୍ଦ କରିଦେଇଥିଲେ। ଫଳରେ ଆବେଦନକାରିଣୀ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟର ଜଣିକିଆ ପୀଠ ଆବେଦନର ଶୁଣାଣି କରି ଆବେଦନକାରିଣୀଙ୍କୁ ଏକ ମାସ ମଧ୍ୟରେ ନିୟମିତ କରି ଚାକିରି ସମ୍ବନ୍ଧୀୟ ସମସ୍ତ ପ୍ରାପ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୁଣି ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କ ଆଦେଶକୁ ଚାଲେଞ୍ଜ କରି ଏକ ରିଟ୍ ଅପିଲ ରୁଜୁ କରାଯାଇଥିଲା। ଏହି ମାମଲାର ବିଚାର କରି ହାଇକୋର୍ଟ ରିଟ୍ ଅପିଲକୁ ଖାରଜ କରି ୮ ସପ୍ତାହ ମଧ୍ୟରେ ପୂର୍ବରୁ ହାଇକୋର୍ଟଙ୍କ ଜଣିକିଆ ପୀଠ ଦେଇଥିବା ରାଏକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ରାଜ୍ୟ ସରକାର ହାଇକୋର୍ଟଙ୍କ ଆଦେଶକୁ କାର୍ଯ୍ୟକାରୀ ନ କରିବାରୁ ଆବେଦନକାରିଣୀ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଗୋକୁଳାନନ୍ଦ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ଶ୍ରମିକ ମୃତ୍ୟୁ ଘଟଣା: ସ୍ୱାମୀଙ୍କ ବିୟୋଗ ପରେ ସ୍ତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

ଚୌଦ୍ୱାର,୩୦।୧ (ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ବାଣୀପଦା ପଞ୍ଚାୟତ ଚାଙ୍ଗୁଡ଼ିଆ ଗ୍ରାମର ରାକେଶ ମୁଦୁଲି ନାମକ ଶ୍ରମିକଙ୍କ ଗତ ବୁଧବାର ସ୍ଥାନୀୟ ଇମ୍ପା କାରଖାନା ଭିତରେ ଉପର ଅଂଶରେ ୱେଲଡିଂ କାର୍ଯ୍ୟ କରୁଥିବାବେଳେ ହଠାତ୍ ତଳକୁ ଖସିପଡ଼ି ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସ୍ୱାମୀଙ୍କୁ ହରାଇ ରାକେଶଙ୍କ ସ୍ତ୍ରୀ ବନୀତା ପାଗଳପ୍ରାୟ ହୋଇଛନ୍ତି। ଗତ ୩ ଦିନ ହେଲା ବନୀତା ଖାଇବା ପିଇବା ଛାଡ଼ିଦେଇଥିବାବେଳେ ଶୁକ୍ରବାର ସକାଳେ ସେ ମାନସିକ ଭାରସାମ୍ୟ ହରାଇ ଘର ଭିତରେ ବେକରେ ଶାଢ଼ି ବାନ୍ଧି ପଙ୍ଖାରେ ଝୁଲି ପଡ଼ିଥିଲେ। ସେ ଘର କବାଟ ବନ୍ଦ କରିଦେଇଥିବାରୁ ପାଖ ଘରେ ପରିବା କାଟୁଥିବା ତାଙ୍କ ନଣନ୍ଦ ତୁରନ୍ତ ପରିବାର ଲୋକଙ୍କୁ ଡାକ ପକାଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହୋଇଯିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ନିଆଯାଇଛି। ସୂଚନାଯୋଗ୍ୟ, ଗତ ୬ ମାସ ତଳେ ବିବାହ କରି ନୂଆ ଘରସଂସାର ଆରମ୍ଭ କରିଥିବା ବନୀତା ଏବେ ଅନ୍ତସତ୍ତ୍ୱା ଥିବା ଜଣାପଡ଼ିଛି। ସ୍ୱାମୀଙ୍କୁ ହରାଇ ଦୁଃଖ ସହି ନ ପାରିବା ଓ ଅସହାୟ ହୋଇଯିବା ଫଳରେ ସେ ଏଭଳି ପଦକ୍ଷେପ ନେଇଥିବା ଆଲୋଚନା ହେଉଛି।

# ହାତୀ ଭୟରେ ସନ୍ଧ୍ୟାରୁ ପଡୁଛି ତାଟି କବାଟ

ଦିଗପହଣ୍ଡି,୩୦।୧ (ଅଶେଷ ନାଥ ମିଶ୍ର)

ଗଞ୍ଜାମ-ଗଜପତି ସୀମାନ୍ତରେ ଗତ ପ୍ରାୟ ୪ ଦିନ ହେଲା ଏକ ଗୋଠଛଡା ହାତୀ ବୁଲୁଛି। ହାତୀଟି ଖାଦ୍ୟ ଅନ୍ୱେଷଣରେ ସନ୍ଧ୍ୟା ହେଲେ ଜନବସତି ଆଡ଼କୁ ଆସୁଛି। ହାତୀ ଭୟ ଯୋଗୁ ଲୋକେ ଯିଏ ଯେଉଁଆଡେ କାର୍ଯ୍ୟରେ ଯାଇଥିଲେ ସନ୍ଧ୍ୟା ପୂର୍ବରୁ ଘରକୁ ଫେରି ଆସୁଛନ୍ତି। ସନ୍ଧ୍ୟା ହେଲେ ହାତୀ ଭୟରେ ସିନ୍ଧବା, ଚଷାନିମଖଣ୍ଡି, ଶ୍ୟାମସୁନ୍ଦରପୁର, ସୁଗୁଗା, ବିଦ୍ୟାଧରପୁର, ଗଡ ସାମନ୍ତରାପୁର, ଖମାରି ଗାଁ, କୁମ୍ଭଟି ପଙ୍କାଲ, ପୋଡ଼ାମାରି, ଡୋଳବ ଆଦି ଗ୍ରାମରେ ତାଟି କବାଟ ପଡିଯାଉଛି। ରାତିରେ ରାସ୍ତାରେ ଚଳପ୍ରଚଳକୁ ଲୋକେ ନିରାପଦ ମନେକରୁନାହାନ୍ତି।


# Classified Everyday
0674-2580101, 9692975378



REAL ESTATE
SALE

ପୁରୀ ଅଠରନଳା ଛକଠାରୁ ୧୦୦ମିଟର ମଧ୍ୟରେ ୫ଟି ସ୍ଥିତିବାନ ବାସଘରଯୋଗ୍ୟ ପ୍ଲଟ୍ ବିକ୍ରିହେବ। ଯୋଗାଯୋଗ- 8917271741/ 6371040227 ଉକ୍ତ ପ୍ଲଟ୍‌କୁ ଲାଗି ୧୨ଟି ଆପାର୍ଟମେଣ୍ଟ ତିଆରି କରାଯାଇ ବିକ୍ରି ହେବ। Studio apartment approximate 380sqft- 14ଲକ୍ଷ, 1BHK approximate 550sqft. 19ଲକ୍ଷ। ଯୋଗାଯୋଗ- 9040622080. D-76954

Odisha's First Resort Property (GMA & PCP) @10,00,000. Contact- 9938517146. D-3247

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ KEC ପାଖରେ ready to move 2/3BHK flat ବିକ୍ରି ହେବ। 8327785834 D-3178

ଭୁବନେଶ୍ୱର ବରମୁଣ୍ଡାରୁ 48km farmhouse land ପିଚୁରୋଡକୁ ଲାଗି ଏକର ୨୮ଲକ୍ଷରେ ବିକ୍ରି ହେବ। 8144706560. D-3199

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

2482Sqft. individual ଘରବାରି ପଟ୍ଟା yellowzone NH to 100mtr CV Raman College ଛକରେ ବିକ୍ରି ହେବ। 9776866520. D-3248

କଟକ-ଭୁବନେଶ୍ୱରର ମଧ୍ୟଭାଗରେ ଥିବା **Sum-2 ଏବଂ Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି SC general plot କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। 9658562429.** D-3194



CONSTRUCTION

**Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469.** D-3190




All types of physiotherapy and massage contact 9556924059/ 7656969134. D-3245

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3246

AFFIDAVIT

I, Ritwik Nayak, S/o.- Lt Mr. Shubhendu Kumar Nayak & Lt Mrs. Prasannera Nayak, have changed my name from Ritwik Kashyap to Ritwik Nayak for all future purposes. D-3242

I, Hitherto known as Lukunath Khila, S/o. Rabi Khila, R/o. At- Lamataput, Deulapada, Koraput, Lamtaput, Odisha-764081 have changed my name and shall hereafter be known as Lokanath Khila for all future purposes. D-3243

By virtue of an affidavit sworn before the Notary Public, Sonepur, Dtd.- 21.01.26, I, Jyotirmayee Tripathy, D/o.- Dhirendra Tripathy, R/o. P.O.- Jaloe, P.S.- Birmaharajpur, Dist.- Subarnapur declare that I have changed my name and DOB from JYOTRIMAYEE TRIPATHI, DOB- 14.06.2001 to JYOTIRMAYEE TRIPATHY, DOB- 10.01.2001. Henceforth, I shall be known as JYOTIRMAYEE TRIPATHY, DOB- 10.01.2001 for all purposes.
JYOTIRMAYEE TRIPATHY
D-3244

By virtue of an affidavit dtd. 01.08.2025 sworn before Executive Magistrate, Bhadrak, I, Mina Rani Laha, D/o- Laxmidhar Laha, Vill: Santhia, Nilakanthapur, P.S.- Purunabazar, P.O./ Dist.- Bhadrak, Odisha, PIN- 756101 declare that I have changed my name from Ayusha Laha to Mina Rani Laha. Henceforth, I shall be known as Mina Rani Laha for all future purposes. D-3251

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## LEGAL NOTICE

Letter No.- 131, Date- 30.01.2026

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪,
ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ.
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା,
ଓ.ଏସ୍.ଏସ୍. କେସ୍ ନମ୍ବର ୧୦୯୨/୨୦୨୪
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଅମଲ କୁମାର ମିତ୍ର ..........ବାଦୀ
ବନାମ
ରମେଶ ଚନ୍ଦ୍ର ମହାନ୍ତି ଓ ଅନ୍ୟମାନେ ........ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା: ପ୍ରତିବାଦୀ ନଂ.- ୧. ରମେଶ ଚନ୍ଦ୍ର ମହାନ୍ତି, ପିତା- ସ୍ୱର୍ଗତ ଅଗାନି ମହାନ୍ତି, ୪. ଦୁଃଖିଶ୍ୟାମ ମହାନ୍ତି, ପିତା- ସ୍ୱର୍ଗତ ନେତ୍ରାନନ୍ଦ ମହାନ୍ତି, ୬. ପ୍ରଫୁଲ୍ଲ ମହାନ୍ତି, ପିତା- ସ୍ୱର୍ଗତ କାହ୍ନୁ ଚରଣ ମହାନ୍ତି, ୭. ରାମଚନ୍ଦ୍ର ମହାନ୍ତି, ପିତା- ସ୍ୱର୍ଗତ ନରହରି ମହାନ୍ତି, ୮. ଲକ୍ଷ୍ମଣ ମହାନ୍ତି, ପିତା- ସ୍ୱର୍ଗତ ସଦାଶିବ ମହାନ୍ତି, ୯. ଭ୍ରମରବର ମହାନ୍ତି, ୧୦. ପଦ୍ମ ଚରଣ ମହାନ୍ତି, ୧୧. ଅଗାଧୁ ମହାନ୍ତି, ୧୨. ରାଧାଶ୍ୟାମ ମହାନ୍ତି, ୧୩. କେଲୁଚରଣ ମହାନ୍ତି, ୧୪. ବଂଶୀଧର ମହାନ୍ତି, ପ୍ରତିବାଦୀ ନଂ ୯ ରୁ ୧୪ ଙ୍କ ପିତା- ସ୍ୱର୍ଗତ ହୃଷୀକେଶ ମହାନ୍ତି, ୧୫. ରତ୍ନାକର ମହାନ୍ତି, ପିତା- ନାରାୟଣ ମହାନ୍ତି, ୧୬. ପ୍ରତାପ ଚନ୍ଦ୍ର ମହାନ୍ତି, ପିତା- ଗୋଲେଖ ଚନ୍ଦ୍ର ମହାନ୍ତି, ୧୭. ବର୍ଣ୍ଣମାଳା ମହାନ୍ତି, ପିତା- ସ୍ୱର୍ଗତ ଉଗ୍ରସେନ ମହାନ୍ତି, ୧୮. ଝରଣାବାଳା ମହାନ୍ତି, ପିତା- ସ୍ୱର୍ଗତ ଉଗ୍ରସେନ ମହାନ୍ତି, ୨୧. ଧୀରୁପମା ମହାନ୍ତି, ପିତା- ସ୍ୱର୍ଗତ ଅଟଳ ବିହାରୀ ମହାନ୍ତି, ୨୨. ଉରପମା ମହାନ୍ତି, ପିତା- ସ୍ୱର୍ଗତ ଅଟଳ ବିହାରୀ ମହାନ୍ତି, ପ୍ରତିବାଦୀମାନଙ୍କ ଗ୍ରାମ- ଗୋଠପାଟଣା, ପୋଷ୍ଟ- ମାଳିପଡ଼ା, ଥାନା- ଚନ୍ଦକା, ଜିଲ୍ଲା - ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା. ୦୯।୦୩।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା - ଚନ୍ଦକା, ମୌଜା- ଗୋଠପାଟଣା ସାବକ: ଖାତା ନମ୍ବର- ୮୪, ପ୍ଲଟ୍ ନମ୍ବର- ୪୦୫, କିସମ- ପତିତ, ରକବା- ଏ୦.୧୧୯ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍, ହାଲ୍: ଖାତା ନମ୍ବର- ୨୯୩, ପ୍ଲଟ୍ ନମ୍ବର- ୧୮୯୭, କିସମ- ବାଗାୟତ- ୨, ରକବା- ଏ ୦.୧୨୧ ଡେସିମିଲ ରୁ ଏ ୦.୧୧୯ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧୀକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୩୨୪୯


## ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଏବଂଶୀଧର ମିଶ୍ର
ଗୋପୀନାଥପୁର ଶାସନ, ଆଳି, କେନ୍ଦ୍ରାପଡ଼ା
ଆବିର୍ଭାବ: ୨୪।୧୧।୧୯୩୯
ତିରୋଧାନ: ୨୦।୦୧।୨୦୨୬
ଆପଣଙ୍କ ଅମର ଆତ୍ମା ଶାନ୍ତି, ସଦ୍‌ଗତି ଲାଭ କରୁ, ଏହାହିଁ ପ୍ରଭୁ ଗୁରୁଦେବଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।
-ଶୋକସନ୍ତପ୍ତ-
ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୩୨୫୦

# ସ୍ପର୍ଶ

**ଗଳ୍ପ**

**ପ୍ରତାପ ବିଶ୍ୱାଳ**

॥ ଏକ ॥

ତପୁଭାଇ ହଠାତ୍ ତା' ହାତକୁ ଧରିପକାଇ କହିଲେ: ଗୋଟାଏ କଥା ପଚାରିବି କହିବୁ ମିତା ?

ତପୁଭାଇଙ୍କ ହାତକୁ ଛାଡିଦେଇ ସେ ଏକପ୍ରକାର ଦୌଡ଼ି ଦୌଡ଼ି ଘରକୁ ଆସୁ ଆସୁ ଦ୍ୱାରବନ୍ଧ ପାଖରେ ଛିଡ଼ାହୋଇ ପଛକୁ ଚାହିଁଲା। କୁମାରପୂର୍ଣ୍ଣିମାର ତୋଫା ଜହ୍ନରାତି। ଜୋଛନା ଜୁଆରରେ ଗାଁଦାଣ୍ଡ ଭାସୁଛି। ତପୁଭାଇ ମନ ଦୁଃଖରେ ସେଠି ଛିଡ଼ା ହୋଇଛନ୍ତି ଏକା ଲୟରେ ତା' ଆଡ଼କୁ ଚାହିଁ।

ଘର ଭିତରକୁ ପଶିଆସି ଖଟ ଉପରେ ବସିଯାଇ ଭାବିଲା କ'ଣ କହିଥାନ୍ତେ ତାକୁ ତପୁଭାଇ! ଏଇ କିଛିଦିନ ହେଲା ତାଙ୍କ ଚାହାଣିଟା କାହିଁକି କେଜାଣି ଅଲଗା ଅଲଗା ଲାଗୁଛି ତାକୁ।

ଦାଣ୍ଡରେ ତା' ବୟସର ପିଲାମାନେ କିଏ ପୁଚି, କିଏ ଲୁଡୁ ଖେଳୁଛନ୍ତି। ଲତା ଭାଉଜ, ମିତା ନାନୀ ଆଦି ତାସ୍ ଖେଳରେ ବ୍ୟସ୍ତ ଥିଲେ। ବୟସ୍କା ଭୁଆସୁଣୀମାନେ କାନ୍ଧରେ ହାତ ରଖି କୁଆଁରପୂନେଇଁ ଗୀତ ଗାଇ ଆଗକୁ ପଛକୁ ହୋଇ ନାଚିବାରେ ବ୍ୟସ୍ତ।

ଛାତିଟା କାହିଁକି ଉଠ୍‌ପଡ଼ ହେଉଛି। ସେ ଖଟରୁ ଉଠିଯାଇ ଝରକା ଖୋଲିଦେଲା। ପୁଳାଏ ଥଣ୍ଡା ପବନ ସହ ଶେଫାଳି ଗଛରୁ ପଶିଆସିଲା ମହମହ ବାସ୍ନା। ଝର୍କା ବାଟ ଦେଇ ବାଡ଼ି ଆଡ଼କୁ ଚାହିଁଲା। ରୁପା ରଙ୍ଗର ଜୋଛନା ବିଛାଡ଼ି ହୋଇ ପଡ଼ିଛି ବାଡ଼ିଟାସାରା। କେମିତି ଗୋଟାଏ ଅସହଜ ଅସହଜ ଲାଗୁଛି। ଖଟ ପାଖକୁ ଆସି ଖଟ ଧାରରେ ବସିଯାଇ ସେ ତା' ବାଁ ହାତ ପାପୁଲିକୁ ଚାହିଁଲା। ଟିକିଏ ଲାଲ୍ ଦିଶିଲା ପରି ଲାଗିଲା ପାପୁଲିଟା।



ଡାହାଣ ହାତ ପାପୁଲିରେ ବାମହାତ ପାପୁଲିକୁ ଧୀରେ ଧୀରେ ସାଉଁଳାଇ ଆଣିଲା। କେମିତି ଏକ ମିଠା ଅନୁଭବରେ ସେ ଶିହରିଉଠିଲା। ଭାବିଲା କ'ଣ ଆଉ ଅଧିକଟେ କହିଥାନ୍ତେ ତପୁଭାଇ ତାକୁ। ଯାହା କହିବା କଥା ତ ଆଖି ତାଙ୍କର ସବୁ କହିଦେଇଛି। ପୁଣି ଭାବିଲା ଯାଇ କହିବ କି ତପୁଭାଇକୁ କ'ଣ କହିବ କୁହ ?

ସେ ଦୌଡ଼ି ଆସିଲା ଘରୁ ପୁଣି ଦାଣ୍ଡକୁ। ଦାଣ୍ଡରେ ସେମିତି ଭରା ଜହ୍ନରାତି। ତପୁଭାଇକୁ ମନେମନେ ଖୋଜିହେଲା ତାସ୍ ଖେଳ, କଉଡ଼ି ଖେଳ, ପୁଚିଖେଳ ପାଖରେ। କେଉଁଠି ବି ପାଇଲାନାହିଁ। ଆକାଶର ଜହ୍ନକୁ ଚାହିଁଲା। ଜହ୍ନ ଭିତରେ ତପୁଭାଇଙ୍କ ମୁହଁଟା ଦିଶିଯାଉଥିଲା। ପୁଣି ଥରେ ଆଉଁଶି ଦେଲା ଡାହାଣ ହାତରେ ତପୁଭାଇ ଧରିଥିବା ତା' ବାମହାତର ପାପୁଲିକୁ। ଚାରିଆଡ଼କୁ ଚାହିଁଲା। କେହି ନାହାନ୍ତି ପାଖରେ। ଚୁମାଟିଏ ଦେଲା ତପୁଭାଇ ଧରିଥିବା ଜାଗାରେ। କେଜାଣି କାହିଁକି ଲୁହ ଦୁଇଟୋପା ଖସିପଡ଼ିଲା ତା' ହାତରେ।

॥ ଦୁଇ ॥

ତାଙ୍କ ବିବାହର ତିରିଶ ବର୍ଷ ପୂର୍ତ୍ତି ପାଇଁ ପୁଅ ଝିଅ ଦି'ଜଣ ଆଜି ବେଶ୍ ତତ୍ପର। ତାଙ୍କ ପାଇଁ ନୂଆ ପ୍ୟାଣ୍ଟ ଶାର୍ଟ, ମା' ପାଇଁ ନୂଆ ଶାଢ଼ି, ତାଙ୍କ ପସନ୍ଦର ଖାଇବା ସବୁର ବନ୍ଦୋବସ୍ତ କରିଛନ୍ତି ସେମାନେ। ଏପରି କି ମା'କୁ ଆଜି ରୋଷେଇ କରିବାକୁ ମନାକରି ବାହାରୁ ରୋଷେଇଆ ଆଣିଛନ୍ତି। ସନ୍ଧ୍ୟାକୁ ତାଙ୍କ ପରି କେତେଜଣ ବୟସ୍କ, ବୟସ୍କାଙ୍କୁ ନିମନ୍ତ୍ରଣ କରିଛନ୍ତି। ଘରକୁ ସଜାଡ଼ିଛନ୍ତି ରଙ୍ଗ ବେରଙ୍ଗର ଫୁଲ ଓ ବେଲୁନ୍‌ରେ।

ଏ ସବୁ ଦେଖି ସ୍ତ୍ରୀଙ୍କୁ ସେ ପଚାରିଲେ: ଏସବୁ କ'ଣ ? ବିବାହ ଆସି ତିରିଶ ବର୍ଷ ହେଲାଣି ଏ ପର୍ଯ୍ୟନ୍ତ ବିବାହ ବାର୍ଷିକରେ ତ ମୁଁ ତୁମ ପାଇଁ ଛୋଟିଆ ଉପହାରଟିଏ ବି କେବେ ଆଣିନି। ଏପରି କି ଚାକିରି କରୁଥିବା ସମୟରେ ଘରକୁ ବି ଆସିପାରେନି। ଆଜି ଏ ବୁଢ଼ା ବୟସରେ ଏ କି ଫାର୍ସ ?

ସ୍ତ୍ରୀ କହିଲେ: ପିଲାମାନେ କ'ଣ ଆଉ ଛୋଟ ଅଛନ୍ତି। ତାଙ୍କୁ କହିଲେ ସେ ଆମ କଥାକୁ ମାନିନେବେ। ଯାହା ତାଙ୍କ ମନକୁ ଆସୁଛି କରୁଛନ୍ତି। କରନ୍ତୁ। ନହେଲେ ତାଙ୍କ ମନ ଦୁଃଖ ହେବନି!

ଭୋଜିଭାତ, ଆନୁଷଙ୍ଗିକ କାମ ସରୁସରୁ ରାତି ଏଗାରଟା। ଶୋଇବା ଘରକୁ ଯାଇ ଦେଖନ୍ତି ତ ବିଛଣା ଚାଦର ବଦଳା ହୋଇ ନୂଆ ବିଛଣା ଚାଦରଟିଏ ପଡ଼ିଛି ଖଟ ଉପରେ। ତକିଆ ଖୋଳ ଦୁଇଟି ବି ମୁଣ୍ଡ ପାଖରେ ନୂଆ। ସେ ଆଶ୍ଚର୍ଯ୍ୟ ହେଲେ ଗୋଟିଏ ତକିଆ ପରିବର୍ତ୍ତେ ଦୁଇଟା ତକିଆକୁ ଦେଖି! କାରଣ ପ୍ରାୟ ତିନିବର୍ଷ ହେଲା ସ୍ତ୍ରୀ ଝିଅ ଅନ୍ୟ ଗୋଟେ କୋଠରିରେ ଶୁଅନ୍ତି। ତେଣୁ ଗୋଟିଏ ତକିଆ ତାଙ୍କ ମୁଣ୍ଡ ପାଖରେ ଥାଏ। ଖଟବାଡ଼ରେ ଟଙ୍ଗାହୋଇଛି ରଜନୀଗନ୍ଧାର ମାଳ। ସେ ମନେମନେ ଟିକିଏ ହସିଲେ ପିଲାମାନଙ୍କ ଏପରି କାମକୁ ଦେଖି।

ବିଛଣାକୁ ଯିବାକୁ ଘରର ଲାଇଟ ବନ୍ଦ କରି ଜିରୋ ପାୱାର ବଲ୍‌ବର ସୁଇଚ ଅନ୍ କରିଛନ୍ତି ତ ସ୍ତ୍ରୀ କ୍ଷୀର ଗ୍ଲାସ୍‌ଟାଏ ଧରି ଆସି କହିଲେ: ନିଅ। ସେ ସ୍ତ୍ରୀଙ୍କ ଆଡ଼କୁ ଚାହିଁଲେ। ତାଙ୍କ ପାକଳ ମୁହଁରେ ଓଠ ନ ଫିଟା ହସ ଦିଶୁଥିଲା ଏକ ଅନିର୍ବଚନୀୟ ସୁଷମାରେ ପୂର୍ଣ୍ଣ, ନାଁ ଜଣା ନଥିବା ଫୁଲଟିର ସୌନ୍ଦର୍ଯ୍ୟ ପରି। କହିଲେ: ଆଜି କ'ଣ ତୁମେ! ଝିଅ ?

ସେମାନଙ୍କର ଆଦେଶ ହୋଇଛି ମୁଁ ଆଜି ଏଇଠି ଶୋଇବି।

କ୍ଷୀର ଗ୍ଲାସ୍‌ଟାକୁ ତରତର କରି ପିଇଦେଇ ଖଟ ଉପରକୁ ଭିଡ଼ି ଆଣିଲେ ସେ ସ୍ତ୍ରୀଙ୍କୁ। ସ୍ତ୍ରୀ କହିଲେ: ଏ କ'ଣ!

ଆଜକୁ ତିରିଶ ବର୍ଷ ତଳର ସେ ରାତି କଥା ତୁମର କ'ଣ ମନେପଡୁନି। ସ୍ତ୍ରୀ କିଛି ଉତ୍ତର ଦେଲେନାହିଁ। ସେ ସ୍ତ୍ରୀଙ୍କୁ ସ୍ୱର୍ଶକଲାବେଳେ ତାଙ୍କୁ ଲାଗିଲା ତିରିଶ ବର୍ଷ ତଳର ସେ ଉତ୍‌ଫୁଲ୍ଲିତ ନଦୀ ଯେପରି ଆଜି ଶୁଖି ବାଲିସ୍ତୁପରେ ପରିଣତ ହୋଇଯାଇଛି। କୌଣସି ପ୍ରତିକ୍ରିୟା ନାହିଁ ତାଙ୍କ ସ୍ୱର୍ଶରେ। ସ୍ତ୍ରୀ କହିଲେ: ତୁମେ ବି କ'ଣ ପିଲାଙ୍କ ପରି ହେଉଛ! ବସନ୍ତ ହଜିଗଲାଣି ଅନେକ ଦିନରୁ। ମୁଁ ଏବେ ଶୁଖିଲା କାଠ ଗଣ୍ଡିଟାଏ ମାତ୍ର। ଦଲକାଏ ପବନ ତୁମେ। ତୁମ ସ୍ୱର୍ଶ କ'ଣ ମୋ' ମନରେ କି ଦେହରେ ଆଉ ବସନ୍ତର ସେ ମାଦକତା ଭରିଦେଇ ପାରିବ ଭାବୁଛ ? ଦିନସାରା ଏପଟ ସେପଟ ହୋଇ ଥକି ଯାଇଥିବ, ଶୋଇପଡ଼।

ସ୍ତ୍ରୀଙ୍କ ଆଡ଼କୁ ପିଠି କରି କଡ଼ ଲେଉଟାଇ ସେ ଶୋଇବାକୁ ଚେଷ୍ଟା କରୁଥିଲେ।

– ରାହାଡିଙ୍ଗା, ଜଗତ୍‌ସିଂହପୁର
ମୋ: ୯୪୩୭୭୪୫୯୮୩

---

## ପୁସ୍ତକ ପରିଚୟ

### From Files to Butterflies




**ଲେଖକ:** ରାଜୁ ସାମଲ
**ପ୍ରକାଶକ:** ରତ୍ନଚିରା ପବ୍ଲିକେଶନ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୩୦୦/–

ଆଲୋଚ୍ୟ ପୁସ୍ତକ ଏକ ରହସ୍ୟମୟ କବିତାଗ୍ରନ୍ଥ (Mystical Musings)। ବହିରେ ରହିଛି ପାଞ୍ଚଟି ପରିଚ୍ଛେଦ। ପ୍ରଥମ ପରିଚ୍ଛେଦରେ ୨୭, ଦ୍ୱିତୀୟରେ ୨୧, ତୃତୀୟରେ ୧୬, ଚତୁର୍ଥରେ ୨୭ ଓ ପଞ୍ଚମରେ ୧୦ଟି କାବ୍ୟାତ୍ମକ କଥନିକା। ବହିରେ ଥିବା ଲେଖାଗୁଡ଼ିକର ଉଦ୍ଦେଶ୍ୟ ଏକ ଜାତିରହିତ ହିନ୍ଦୁବାଦର ପ୍ରସ୍ତାବନା, ଯାହାକୁ 'ଶ୍ରୀ–ହିନ୍ଦୁ' ଭାବେ ନାମିତ କରିଛନ୍ତି କବି। ଏହି 'ଶ୍ରୀ–ହିନ୍ଦୁ' ପରିକଳ୍ପନାଟି ତେବେ କ'ଣ ? 'ମୁଖବନ୍ଧ'ରେ କୁହାଯାଇଛି: "Sri–Hinduism is purified version of Hinduism because it is cast–free. It is ready to arrive at the doorstep of our life like a new dawn to flush out the illusion of caste that sorrounds us ominously and makes our existence miserable." 'ଶ୍ରୀ–ହିନ୍ଦୁବାଦ' ଏପରି ଏକ ଚିନ୍ତନ (Idea), ଯାହା ପାଇଁ ସମୟ ଏବେ ଅନୁକୂଳ। କବିଙ୍କ ମତରେ ଈଶ୍ୱରଙ୍କର ନିର୍ମାତା ମଣିଷ, ତେଣୁ ଜାତିପ୍ରଥା ପ୍ରଚଳନରେ ଥାଇ ହିନ୍ଦୁସମାଜରେ ଐକ୍ୟ ପ୍ରତିଷ୍ଠା ସମ୍ଭବ ନୁହେଁ। କର୍ଣ୍ଣ ଅପମାନିତ ହୁଅନ୍ତି ଶ୍ରୀକୃଷ୍ଣଙ୍କ ଉପସ୍ଥିତି ସତ୍ତ୍ୱେ। କବିଙ୍କର ଅବସୋସ ଯେ ପ୍ରକୃତି, ପଶୁପକ୍ଷୀ, ମେଘ, ସୂର୍ଯ୍ୟୋଦୟ ଆଦିରେ ପ୍ରାଣସତ୍ତାର ଯେଉଁ ସ୍ଫୁରଣ, ତାହା ମଣିଷଠାରେ ଦୁର୍ଲଭ। ସବୁ ସୁବିଧାର ଅଧିକାରୀ ହୋଇ ବି ମଣିଷ ଜାତି ପରସ୍ପରଠୁଁ କେତେ ଭିନ୍ନ! ଜିନ୍ନା, ଶାରଦା ଦେବୀ, ବିବେକାନନ୍ଦ, ଗୁରୁନାନକ, ଜଗନ୍ନାଥ ପୁରୀ, ଚଣ୍ଡାଳ ଓ ଆଦି ଶଙ୍କରାଚାର୍ଯ୍ୟ, ଯୋଗେନ୍ଦ୍ରନାଥ ମଣ୍ଡଳ, ସାର୍ତ୍ରେ, ଆଇନଷ୍ଟାଇନ୍, ଟାଗୋର, ଆରାବଳୀ ପର୍ବତମାଳାର ଭିଲ, ରବି ଦାସ, ଓସୋ, ସୁଇଡେନ୍‌ର ରାଜକୁମାରୀ ମୀରା, ଗାନ୍ଧିଜୀ, ମେଘନାଦ ଶାହା, ଚାର୍ଲସ୍ ଡାରୱିନ୍, ସତ୍ୟବତୀ ଓ ରାଣୀ ରାସମଣି ପ୍ରମୁଖଙ୍କ ଜୀବନ–ଦୃଷ୍ଟାନ୍ତ ଆଧାରରେ କବି ଶ୍ରୀ ସାମଲ ଜାତିବିହୀନ ହିନ୍ଦୁବାଦର ଯେଉଁ ନକ୍ସା ଆଙ୍କିଛନ୍ତି, ତା'ର କ୍ୱଚିତ୍ ବିକଳ୍ପ ଉପଲବ୍ଧ। ଦର୍ଶନ ଓ ବିରଳ କବିତ୍ୱର ମିଳନ–ବେଦୀ ହୋଇଉଠିଛି ଆଲୋଚ୍ୟ ଗ୍ରନ୍ଥ। ପାଠକ ଯିଏ ବି ହେଉ, ମନ ମାନୁ କି ନ ମାନୁ, ବହିଟି ତାଙ୍କୁ ପଢ଼ିବାକୁ ବାଧ କରିବ।

### ସାଂସ୍କୃତିକ ଦୃଷ୍ଟି ଓ ଦର୍ଶନ




**ଲେଖକ:** ଡ. ସୁରେନ୍ଦ୍ର କୁମାର ମହାରଣା
**ପ୍ରକାଶକ:** ଦିବ୍ୟଦୂତ ପ୍ରକାଶନୀ, ରାଜାବଗିଚା, କଟକ–୯
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୩୦/–

ଆଲୋଚ୍ୟ ପ୍ରବନ୍ଧଗ୍ରନ୍ଥରେ ସଂସ୍କୃତି ଓ ଧର୍ମ ସମ୍ପର୍କୀୟ ସାତଟି ପ୍ରବନ୍ଧ ସ୍ଥାନିତ। ସେଗୁଡ଼ିକ ହେଲା– ଓଡ଼ିଶାରେ ଜୈନଧର୍ମ ଓ ସଂସ୍କୃତି, ବୌଦ୍ଧ–ସଂସ୍କୃତିର ବିକାଶରେ ଓଡ଼ିଶାର ଭୂମିକା, ଓଡ଼ିଶାର ବୌଦ୍ଧକଳା ଓ ଭାସ୍କର୍ଯ୍ୟ, ଓଡ଼ିଶାର ତନ୍ତ୍ର–ସଂସ୍କୃତି, ଉତ୍କଳୀୟ ସଂସ୍କୃତିର ମୂକସାକ୍ଷୀ ଧଉଳି, ପୁରାଣ–ଇତିହାସର ମନ୍ମୟ ଆଲେଖ୍ୟ: ନାଭିକ୍ଷେତ୍ର ନାଭିଗୟା ଓ ଜଗତ୍‌ସିଂହପୁର ଜିଲାର ଜୈନ ଓ ବୌଦ୍ଧ ସଂସ୍କୃତି। 'ପ୍ରାରମ୍ଭିକା'ରେ ପ୍ରାବନ୍ଧିକ କହନ୍ତି: ''ବିଭିନ୍ନ ସମୟରେ ଲିଖିତ, ପ୍ରକାଶିତ ଓ ବିକ୍ଷିପ୍ତ ଉତ୍କଳୀୟ ସଂସ୍କୃତି ସମ୍ପର୍କିତ ପ୍ରବନ୍ଧଗୁଡ଼ିକ ମଧ୍ୟରୁ କେତେକ ଉପାଦେୟ ପ୍ରବନ୍ଧକୁ ଏହି ପୁସ୍ତକରେ ଏକତ୍ର କରାଯାଇଛି।'' ଗ୍ରନ୍ଥରେ ସ୍ଥାନିତ ପ୍ରବନ୍ଧଗୁଡ଼ିକ ତଥ୍ୟନିଷ୍ଠ ଓ ଭାରତୀୟ ଦର୍ଶନ ତଥା ସଂସ୍କୃତିର ବିବିଧ ପକ୍ଷକୁ ଆଲୋକିତ କରେ। ୧୯୫୧ ମାର୍ଚ୍ଚ ସଂଖ୍ୟା 'ନବଭାରତ' ଆଧାରରେ ପ୍ରାବନ୍ଧିକ କହିଛନ୍ତି: ''ଜୈନଧର୍ମର ଆଦିତୀର୍ଥଙ୍କର ଋଷଭନାଥ ହେଉଛନ୍ତି ଜଗନ୍ନାଥ''(ପୃ:୨୧)। ତାଙ୍କ ମତରେ ବୌଦ୍ଧଧର୍ମକୁ ବିଶ୍ୱଧର୍ମରେ ପରିଣତ କରିବାରେ ବିହାର ଅପେକ୍ଷା ଓଡ଼ିଶାର ଭୂମିକା ଅଧିକ(ପୃ:୫୬)। ବିଭିନ୍ନ ସ୍ଥାନର ବୌଦ୍ଧକଳା ଓ ଭାସ୍କର୍ଯ୍ୟର ଅବତାରଣା ଦିଗରେ ପ୍ରାବନ୍ଧିକଙ୍କ ଅନୁଧ୍ୟାନ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ଜଗନ୍ନାଥଙ୍କୁ ତନ୍ତ୍ର–ଦେବତା ଭାବେ ଅଭିହିତ କରି ଡ. ମହାରଣା କହନ୍ତି: ''ଜଗନ୍ନାଥଙ୍କ ଦର୍ଶନ ମାତ୍ରେ ଭକ୍ତର ମନେହୁଏ ସତେ ଯେପରି ତାଙ୍କ ମୁଖମଣ୍ଡଳର ଚିତା ଓ ନୟନ–ଭଙ୍ଗିମାରେ ପୂରି ରହିଛି ସମ୍ମୋହନ, ସ୍ତମ୍ଭନ, ବଶୀକରଣ ଓ ଉଚ୍ଚାଟନ ଆଦି ତନ୍ତ୍ରୋକ୍ତ ଷଡ଼ାଭିଚାର ଲକ୍ଷଣ''(ପୃ:୯୮)। ଧଉଳି ଓ ଯାଜପୁରର ନାଭିଗୟା ସମ୍ପର୍କରେ ଲେଖକଙ୍କର ବିଶ୍ଳେଷଣ ଗବେଷକ ତଥା ସାଧାରଣ ପାଠକଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଆଶା।

---

## କାଳକାଳକୁ



**''ତମ ବାଟରେ ତମେ ଯଦି ପୃଥିବୀକୁ ଉନ୍ନତ କରି ନ ପାରିଲ, ତମ ପାଇଁ ସେ ପୃଥିବୀ ନିରର୍ଥକ।''**
**–ଟୋନି ମରିସନ୍**

**ଟୋନି ମରିସନ୍‌**ଙ୍କ ଜନ୍ମ ୧୮ ଫେବୃଆରୀ ୧୯୩୧ରେ ଓ ପରଲୋକ ୫ ଅଗଷ୍ଟ ୨୦୧୯ରେ। ସେ ଔପନ୍ୟାସିକା ଓ ସମ୍ପାଦିକା– ଉଭୟ। କୃଷ୍ଣକାୟ ନାରୀଙ୍କ ଜୀବନଚିତ୍ର ତାଙ୍କ ଲେଖାରେ ରୂପ ପାଏ। ତାଙ୍କର ପ୍ରଖ୍ୟାତ ରଚନା ମଧ୍ୟରେ ଅନ୍ତର୍ଭୁକ୍ତ 'ଦି ବ୍ଲୁଏଷ୍ଟ ଆଏ' (୧୯୭୦), 'ସଙ୍ଗ୍ ଅଫ୍ ସୋଲୋମନ୍' (୧୯୭୭), 'ବିଲଭ୍ଡ' (୧୯୮୭), 'ଜାଜ୍' (୧୯୯୨) ଓ 'ପାରାଡାଇଜ୍' (୧୯୯୭)। ବିଶ୍ୱ ସାହିତ୍ୟକୁ ବିରଳ ଅବଦାନ ପାଇଁ ଆମେରିକୀୟ ଏଇ ଲେଖିକାଙ୍କୁ ୧୯୮୮ରେ ମିଳେ 'ପୁଲିଜର ପୁରସ୍କାର' ଓ ୧୯୯୩ରେ 'ନୋବେଲ ପୁରସ୍କାର'।

---

**କବିତା**

### ଧାନତଳି

**ପୀତାମ୍ବର ତରାଇ**

ଉତ୍ତର ଦିଗରୁ ଉଡ଼ିଆସୁଥିବା ମେଘଖଣ୍ଡ
କୋଉଠି ବର୍ଷିବ ?
ବେଳ ଅବେଳରେ କହି ତ ଥାଉ ତ୍ରାହି ଅଚ୍ୟୁତ
କିଛି ଖବର ଅନ୍ତର ଅଛି କି ସନାତନ!

ବିଲ ଫାଟି ଦି'ଫାଳ,
ଯେମିତି ଫାଟିପଡ଼ିଛି ଭାଗ୍ୟର ଭୂଗୋଳ
ଗମ୍‌ଗମ୍ ଝାଳ, ଲୁହଲହୁ ଏକାକାର
ଉଡ଼ିଯାଉଥିବା ପକ୍ଷୀର ଛାଇ
ଭାସି ଆସୁଥିବା କେଉଁ ନିଶ୍ୱାସ
ବାଟୋଇର ବାଟଚଲା ଗୀତ
ଏତିକିରେ ରାଜି ନୁହେଁ ଧାନପିଣ୍ଡ
ମାଟି ଧରିବନି ଚେର, କହ–
କିଏ ଯୋଗାଇବ ସୁବର୍ଣ୍ଣ ସ୍ୱପ୍ନ
ବର୍ଷକ ଆହାର!

ଏ କି କଥା, କୋଉ ହାତର ନା ଆଦେଶର
ରେ ମେଘଖଣ୍ଡ ଦଣ୍ଡେ ଛିଡ଼ା ହ'
ନେ' ବିକଳ ବିଲର ନିଉନ ନିମନ୍ତ୍ରଣ
ହିଡ଼ ନୁହେଁ ତ ରଇତ ହାଡ଼ରେ ବ'
ଶୁଣୁ, ହତାଶର କାନ୍ଦବୋବାଳି।

ଆରେ ନାଇଁରେ ନାଇଁ, ଇଏ ଆମର ନୁହଁ
କାଳିଦାସଙ୍କ ଦୂରନ୍ତ ମେଘଦୂତ
ସୁଦୂର ନାୟିକାର ବୋହିଚାଲିଛି ପ୍ରେମପତ୍ର
ବେଳ କାହିଁ! କ୍ଷଣିଏ ଅଟକିବ
ଗଜାମେଲି ଆଉଟୁପାଉଟୁ ଧାନ ବିହନର
ସେ କି ବର୍ଷା ଋତୁର ବର୍ଣ୍ଣନା ଶୁଣିବ!

ନାହିଁ ହୋ ସନାତନ, ଧାନ ଆଉ ମଣିଷର
ସମ୍ବନ୍ଧ ଭିତରେ କାହାର ଚାଲିଛି ଗୋଟେ
ଗୁପତ ନଟଖଟ
କେବେ ଜଳବିହୁନେ ତ କେବେ ବହୁଳେ
ସୃଷ୍ଟିନାଶ, ଆମେ କି ଜାଣୁ ଜଳ ପୁରାଣ
କିବା ଲୋକ, ଛାର ନର ଜନମ
ସାରୁପତ୍ରେ ବିନ୍ଦୁଏ ଜଳ–ଧାରଣ।

ଆସି ଶେଷ ହେଲାଣି ଆଷାଢ଼ ଶ୍ରାବଣ,
କ'ଣ କହୁଛି ଆଗତ ଅନାଗତର
ମାଳିକା ଭିଆଣ
ହିଡ଼ ମୁଣ୍ଡରେ ପଡ଼ିଛି ମଲା ତଳି ଗଣ୍ଡାକ
ଗଡୁଛି ବିଷ–ବିଷୟ, ପବନରେ ଉଡୁଛି
ଚିରାମିରା ଜୀବନର ଅଜପା ବୃତ୍ତାନ୍ତ
ଏଣେ ବଳେଇଗଲାଣି ମୂଳକୁ ସୁଧ
ହଁ ରେ ଭାଇ ଇଏ ଅଧା ମରଣ
'ଚାଷ ଅଛି ଯାହାର କି ଆନନ୍ଦ ତାହାର'
କିଏ ଲେଖିଲା ଏମନ୍ତ ରେ ସନାତନ!

– ଅଶ୍ରୁନୀଡ଼, ମଙ୍ଗରାଜପୁର
କୁଜଙ୍ଗ, ଜଗତ୍‌ସିଂହପୁର
ମୋ: ୯୪୩୭୧୬୩୪୨୧

### ସ୍ମୃତିର ଦହନ

**ଅନସୂୟା ପଣ୍ଡା**

ବ୍ୟସ୍ତତାରେ ହସିଦେଲେ
କିଛି ସ୍ମୃତିକୁ ପଖାଳି
ବେଢ଼ିଯାଆନ୍ତି ସମସ୍ତେ
ପଚାରନ୍ତି ମିଳିଛି କି
ଦୁର୍ଲଭ କିଛି!

ଜିଜ୍ଞାସାର ଧାଡ଼ି ଲମ୍ବିଥାଏ
ଅତି ନିବିଡ଼ତର ଆପଣାଠୁଁ ବଳି
ମୋହଗ୍ରସ୍ତ ସମ୍ବନ୍ଧମାନେ
ସୁଖ ଦୁଃଖର ପରମ ସାଥୀଗଣ
ଆହା ଆହା କହି ବେଢ଼ିଯାଆନ୍ତି
ପାରିଦେଇ ସ୍ମୃତିର ଗାଲିଚା।

ଆୟୁଷ ସଙ୍କୁଚିତ ହେବାକୁ ଆରମ୍ଭିଲାଣି
ସମୟ ଖର୍ଚ୍ଚ ହେଲାଣି
ଶୀତଳତା ସ୍ୱର୍ଶ କଲାଣି
କହିପାରେନି କାହାକୁ ବୁଝେଇ
ଦୂର ଦିଗନ୍ତର ଜହ୍ନରେ
ଦେଖିଲି ଏବେ ଏବେ ମୋ' ଛବି।

ବ୍ୟକ୍ତ ଅସ୍ତିତ୍ୱ ପାଉଁଶ ମୁଠାକରେ ବିଲୀନ
ଜୁଇର ଦହନରେ ଦୈହିକ ସତ୍ତା
ମହାଶୂନ୍ୟରେ ପାଲଟିଛି ଅବ୍ୟକ୍ତ ଆତ୍ମା
ହେଲେ ସ୍ମୃତିସବୁ ଅପାସୋରା
କେବେ ହଜେନା କି ମନରୁ ଲିଭେନା।

– ବୁର୍ଲା, ସମ୍ବଲପୁର
ମୋ: ୯୪୩୯୨୧୧୯୭୧

**ଗୀତି–କବିତା**

### ପାଦ ଥାପିଥିଲି

**ଲକ୍ଷ୍ମୀପ୍ରିୟା ପୃଷ୍ଟି**

ପାଦ ଥାପିଥିଲି ସମୟ ଛାତିରେ
ପାଣି ପରି ଗଲା ବୋହି
ପାଇବାକୁ ଥିଲା ଯେତେ ପ୍ରତିଶ୍ରୁତି
ସବୁ ଗଲା ମିଛ ହୋଇ।

ବୁଲାଣି ବାଟରେ ଘଡ଼ିଏ ଅଟକି
ଜହ୍ନ ବି ପଚାରେ ମୋତେ
ବାକି ରହିଗଲା କେତେ ଯେ କାହାଣୀ
ପୂରଣ କି ହେବ ସତେ!

ସତର ପଥରେ ଶହେ ପଦାଘାତ
ମିଛକୁ ବାହାବା କହି
ସମୟ ଲେଖିଛି କେତେ ଯେ କାହାଣୀ
ଜୀବନର ଦ୍ରୋହୀ ହୋଇ।

ରାଣ ଦେଇଥିଲା ଋତୁ କେବେ ଦିନେ
ସଜାଇବ ବୋଲି ରଙ୍ଗେ
ରାତି ପାହିଗଲା ସରିନି ସପନ
ଅବେଳେ ସପନ ଭାଙ୍ଗେ।

ପାଦ ଥାପିଥିଲି ସମୟ ଛାତିରେ
ପାଣି ପରି ଗଲା ବୋହି
ଅନିଶ୍ଚିତ ଏଠି ଯେତେ ସବୁ ସ୍ୱପ୍ନ
ନୀରବେ ଏକଥା କହି।

ମୋ: ୭୩୭୭୩୧୮୭୮୯

---

# ସରଳ ଜୀବନ

**ଅନୁବାଦ ଗଳ୍ପ**

ମୂଳଲେଖା : ଶ୍ରୀମତୀ ସୁଧାମୂର୍ତ୍ତିଜୀ
ଅନୁସୃଜନ: ସୁଜାତା ମହାନ୍ତି

**ଅଙ୍ଗେନିଭା କଥା**

ଦିନ ଥିଲା, କେତେ ସରଳ, ସୁନ୍ଦର, ସହଜ ଥିଲା ମଣିଷର ଜୀବନ–ଶୈଳୀ। ଉତ୍ତର କର୍ଣ୍ଣାଟକର ଗୋଟିଏ ଅଖ୍ୟାତ ପଲ୍ଲୀରେ ମୋର ଜନ୍ମ। ସେ ସମୟର ଲୋକମାନେ ନିଷ୍କପଟ, ସରଳ ଏବଂ ନିରୀହ ଥିଲେ।

କୌଣସି ବ୍ୟକ୍ତିର ଭୁଲ୍ ଦେଖିଲେ ପାଖରେ ଥିବା ବ୍ୟକ୍ତି ନିଃସଂକୋଚରେ ସେଇ ଭୁଲ୍‌ଟିକୁ ଦର୍ଶାଇ ପାରୁଥିଲେ, ଭୁଲ୍ କରିଥିବା ବ୍ୟକ୍ତି ଜଣକ ସେଥିପାଇଁ କ୍ଷମାପ୍ରାର୍ଥନା କରୁଥିଲେ। ଭବିଷ୍ୟତରେ ସେଇ ଭୁଲ୍‌ର ପୁନରାବୃତ୍ତି ନ କରିବା ପାଇଁ ସଜାଗ ହେଉଥିଲେ। ପରସ୍ପର ପ୍ରତି ବ୍ୟବହାରରେ ଛନ୍ଦ, କପଟ ନ ଥିଲା। ସାମାଜିକ ଜୀବନ ବେଶ୍ ନିରଳସ, ସହଜ ଏବଂ ସୁବିଧାଜନକ ଥିଲା। ଗୁରୁଜନମାନଙ୍କୁ ଉପଯୁକ୍ତ ସମ୍ମାନ ମିଳୁଥିଲା।

ସେ ସମୟର ପରିବେଶ ଭଲ ଥିଲା। ଆବଶ୍ୟକସ୍ଥଳେ ବ୍ୟକ୍ତି ସାହାଯ୍ୟ ଏବଂ ସହଯୋଗ କରୁଥିଲେ। ସାହାଯ୍ୟ ଗ୍ରହଣ କରିଥିବା ବ୍ୟକ୍ତି କୃତଜ୍ଞତା ଜ୍ଞାପନ କରୁଥିଲେ।

ମୋ' ପିଲାଦିନର କଥା। ଆମ ଗୃହପାଳିତ ପ୍ରାଣୀ ଗାଁର ଜଣେକ ଗୋପାଳର ବଗିଚାରେ ପଶି ସମସ୍ତ ପରିବା ଫସଲ ନଷ୍ଟ କରିଦେଲା। ଗୋପାଳ ଜଣକ କ୍ରୋଧରେ ଗାଈଟିକୁ ବାନ୍ଧି ରଖିଲା। ଖବର ପାଇ ଆମେ ପହଞ୍ଚିଲୁ। କଥାଟି ଗାଁ ମୁଖିଆଙ୍କ ଉପସ୍ଥିତିରେ ସମାଧାନ ହେଲା। ଗୋପାଳର ଫସଲ କ୍ଷତିର ମୂଲ୍ୟ ଭରଣା କରି ଆମେ ଗାଈଟିକୁ ମୁକୁଳାଇ ଆଣିଲୁ। ଉଭୟ ପକ୍ଷ ମୁଖିଆଙ୍କ କଥା ମାନିଲେ। କାହା ମନରେ ବିଦ୍ୱେଷ ଅବା ତିକ୍ତତାଭାବ ରହିଲା ନାହିଁ।

ଅନ୍ୟ ଏକ ଘଟଣା। ଆମ ଗାଁର ପଡ଼ୋଶୀଙ୍କର ଶାଶୁମା' ଏବଂ ଗୃହ ପ୍ରବେଶ କରିଥିବା ନବବଧୂ ମଧ୍ୟରେ ଛୋଟ ଛୋଟ କଥାରେ ଝଗଡ଼ା ଲାଗୁଥିଲା। ଶାଶୁ ଦୁଷ୍ଟ ପ୍ରକୃତିର ଥିଲେ। ସଦାସର୍ବଦା ନିରୀହ ଅଳ୍ପବୟସ୍କା ବୋହୂ ଉପରେ ଅତ୍ୟାଚାର କରୁଥିଲେ। ପ୍ରତି କଥାରେ ଗଞ୍ଜଣା ଦେଉଥିଲେ। ସେଇ ଘରେ ପାଦ ଥାପିବା ଦିନଠା'ରୁ ବୋହୂଟିର ଖରାପ ସମୟ ଆରମ୍ଭ ହୋଇଯାଇଥିଲା। କଥାରେ ଅଛି, 'ମୂଷିକ ଏବଂ ମାର୍ଜାର' ମଧ୍ୟରେ ବନ୍ଧୁତା ହୋଇପାରେନା। ଶାଶୁ ଏବଂ ବୋହୂଙ୍କର କଳି–ଝଗଡ଼ା ଏବେ ବି ଘର–ଘରର–କାହାଣୀ। ଗାଁର ଶେଷଭାଗରେ ଥିବା ପୋଖରୀର ପଥର ପାହାଚ ଉପରେ ବସି ବୋହୂଟି ଅନେକ ଥର ଧକେଇ ଧକେଇ କାନ୍ଦେ। ସେଇ ବୋହୂର ଦୁଃଖ–କାହାଣୀ ମୋ' ଜେଜେମା' ଜାଣିଲେ। କାଳବିଳମ୍ବ ନ କରି ତାଙ୍କ ଘରକୁ ଗଲେ। ଶାଶୁମା'ଙ୍କୁ ବୁଝାଇଲେ। ''ଅନ୍ୟ ଘରର ଝିଅଟି ତୁମ ଘରକୁ ବୋହୂ ହୋଇଆସିଛି। ତାକୁ କାହିଁକି ହଇରାଣ କରୁଛ ? ସେ ସବୁ ଉପରବାଲା ଦେଖୁଛନ୍ତି। ଦେଖିବ, ଦିନେ ନା ଦିନେ ସେ ତୁମର ଠିକ୍ ବିଚାର କରିବେ।''

ସେ ସମୟରେ ଗୁରୁଜନଙ୍କ ପରାମର୍ଶକୁ ଗୁରୁତ୍ୱ ଦିଆଯାଉଥିଲା। ମୋ' ଜେଜେମା' ସ୍ନେହୀ ମଣିଷ ଏବଂ ପଡ଼ୋଶୀପ୍ରେମୀ ଥିଲେ। ସେ କଦାପି ଭାବୁନଥିଲେ ସେ କାହିଁକି ଅନ୍ୟଘର ଶାଶୁ–ବୋହୂ କଳିରେ ମଧ୍ୟସ୍ଥତା କରିବେ। ସେ ଅନ୍ୟର ମଙ୍ଗଳ କାମନା କରୁଥିଲେ।

ସେ ଚାହୁଁଥିଲେ ପରିବାର ମଧ୍ୟରେ ପରସ୍ପର ସ୍ନେହ ଓ ସଦ୍ଭାବନା ବଜାୟ ରହୁ। ଯୁବତୀ ବୟସର ବୋହୂଟିକୁ ଉଚିତ୍ ନ୍ୟାୟ ମିଳୁ। ଏପରି ହେଲା, ସେହି ଦୁଷ୍ଟମତି ଶାଶୁ ଉପରେ ଜେଜେମା'ଙ୍କ କଥାର ଗଭୀର ପ୍ରଭାବ ପଡ଼ିଲା। ତାଙ୍କ ଆଚରଣରେ ପରିବର୍ତ୍ତନ ହେଲା। ବୋହୂର ଅବଶିଷ୍ଟ ଦିନ ଭଲରେ କଟିଲା। ଶାଶୁର ଆଚରଣରେ ମଧ୍ୟ ଅନେକ ସୁଧାର ଆସିଲା। ଜେଜେମା' ଏବଂ ପଡ଼ୋଶୀ ଶାଶୁଙ୍କ ସମ୍ପର୍କ ମଧ୍ୟ ଭଲ ରହିଲା। ଲୋକମାନେ ଭାବୁଥିଲେ ଜଣେ ବୟସ୍କ ବ୍ୟକ୍ତି ଆମର ମଙ୍ଗଳ ନିମନ୍ତେ ପରାମର୍ଶ ଦେଉଛନ୍ତି। ସେତେବେଳେ ସେମାନଙ୍କ କଥା ଗ୍ରହଣୀୟ ଥିଲା।

ସହଜ ଓ ସରଳ ଉପାୟରେ ଝଗଡ଼ାର ସମାଧାନ ହେଉଥିଲା। କେହି ଏଥିରେ ମାନସିକ ସ୍ତରରେ ଆଘାତପ୍ରାପ୍ତ ହେଉନଥିଲେ। ପୋଲିସ କିମ୍ବା କୋର୍ଟ କଚେରି ଯାଇ ଅଯଥା ବ୍ୟସ୍ତ ବିବ୍ରତ ଏବଂ ଖର୍ଚ୍ଚାନ୍ତ ହେବାକୁ ପଡୁନଥିଲା।

ଅନ୍ୟ ଏକ ଘଟଣା। ମୋ' ବାପାଙ୍କ ଦେହାନ୍ତ ପରେ ତାଙ୍କ ନାଁରେ ରନ୍ଧନଗ୍ୟାସ୍ ଆଣିବା ଆଇନ ଅନୁଯାୟୀ ଠିକ୍ ନୁହେଁ ମନେକରି ମୁଁ ଘରର ଅନ୍ୟ ଜଣେ ସଦସ୍ୟଙ୍କ ନାଁକୁ ଟ୍ରାନ୍ସଫର କରିବା ପାଇଁ ମନସ୍ଥକଲି। ସାଙ୍ଗରେ ବାପାଙ୍କ ଡେଥ୍ ସାର୍ଟିଫିକେଟ୍ ଏବଂ ରାଶନ୍‌କାର୍ଡ ନେଇ ଗ୍ୟାସ୍ ଏଜେନ୍ସିକୁ ଗଲୁ। ମ୍ୟାନେଜର କହିଲେ, ଆପଣଙ୍କ ନାଁକୁ ବଦଳ କରିବା ପାଇଁ ଅନ୍ୟ ଭାଇ ଓ ଭଉଣୀଙ୍କ ଲିଖିତ ସମ୍ମତି ଆବଶ୍ୟକ। ସେମାନେ ଲେଖିଦେବେ ଯେ ଭବିଷ୍ୟତରେ ଏ ରନ୍ଧନଗ୍ୟାସ୍ ପାଇଁ ସେମାନେ ଦାବିଦାର ହେବେ ନାହିଁ।

ସେତେବେଳେ ମୋ' ଭାଇ ଭଉଣୀ ଆମେରିକାରେ ଅବସ୍ଥାନ କରୁଥିଲେ। ସେମାନଙ୍କ ଦସ୍ତଖତ ଆଣିବା ସମୟସାପେକ୍ଷ ଏବଂ କଷ୍ଟକର ଥିଲା। କିନ୍ତୁ ଗ୍ୟାସ୍ ଏଜେନ୍ସି ମ୍ୟାନେଜର ତାଙ୍କ ଜିଦ୍‌ରେ ଅଟଳ ଥିଲେ। କାର୍ଯ୍ୟର ବିଫଳତା ନେଇ ମୁଁ ନିରାଶରେ ଫେରିଲି।

ଗ୍ୟାସ୍ ଶେଷ ହେବା ପରେ ଯେତେବେଳେ ଅନ୍ୟ ଏକ ଭରା ଗ୍ୟାସ୍ ସିଲିଣ୍ଡର ପାଇଁ ଗଲି, ମ୍ୟାନେଜର କହିଲେ ଆପଣଙ୍କ ବାପାଙ୍କ ନାଁରେ ଗ୍ୟାସ୍ ରହିଛି ଏବଂ ବାପାଙ୍କ ଦେହାନ୍ତ ହୋଇ ସାରିଛି। ମୃତବ୍ୟକ୍ତିଙ୍କ ନାମରେ ଗ୍ୟାସ୍ ଦେଇ ହେବ ନାହିଁ। ଆଇନର ଯୂପକାଠି ମଧ୍ୟରେ ଛନ୍ଦି ହୋଇ ମୁଁ ନିରୁପାୟ ହୋଇ ଫେରିଲି। ଭାବିଲି, ବାପାଙ୍କ ମୃତ୍ୟୁ ଖବର ଯଦି ନ ଜଣାଇଥା'ନ୍ତି, ବୋଧହୁଏ ନିୟମିତ ଗ୍ୟାସ୍ ଆଣି ପାରିଥାନ୍ତି।

ଆଇନର ସଂଶୋଧନ ଅଥବା ସରଳୀକରଣ ନ ହେବା ପର୍ଯ୍ୟନ୍ତ ଏପରି ଅସୁବିଧା ଲାଗି ରହିଥିବ।



ଅନ୍ୟ ଏକ ସମସ୍ୟା। ରାସ୍ତାରେ ଯିବା ସମୟରେ ଦେଖିଲି, ଜଣେ ମହିଳା ସଫେଇ କର୍ମଚାରୀ ଉଚ୍ଚସ୍ୱରରେ ଭୋ ଭୋ ହୋଇ କାନ୍ଦୁଛନ୍ତି ଏବଂ ଆଖିରୁ ଝରିପଡୁଥିବା ଲୁହ ନିଜ ପଣତକାନିରେ ପୋଛୁଛନ୍ତି। ନିକଟକୁ ଯାଇ ଜାଣିବାକୁ ପାଇଲି, ତାଙ୍କର ମଦ୍ୟପ ସ୍ୱାମୀ ଅଧିକାଂଶ ସମୟ ମଦନିଶାରେ ଚୂର୍ ହୋଇ ପତ୍ନୀଙ୍କୁ ମାର୍‌ପିଟ କରନ୍ତି ଏବଂ ନିଷ୍ଠୁର ବ୍ୟବହାର କରନ୍ତି। ମଦ୍ୟପ ସ୍ୱାମୀକୁ ଭେଟି ଅନେକ ବୁଝାଇଲି। ସେ କ୍ରୋଧରେ କହିଲା, ''ମାଡାମ୍! ଆପଣ କାହିଁକି ଆମ ବ୍ୟକ୍ତିଗତ ଜୀବନରେ ହସ୍ତକ୍ଷେପ କରୁଛନ୍ତି ? ଯଦି ମୋ' ସ୍ତ୍ରୀ ଅସୁବିଧା ଭୋଗୁଛି ସେ ଓକିଲ ପରାମର୍ଶ କରୁ ଅଥବା ଥାନାକୁ ଯାଇ ମୋ' ବିରୁଦ୍ଧରେ କହୁ। ଆପଣଙ୍କୁ ଜଣାଇବାରେ ଲାଭ କ'ଣ ?''

ସମାଜରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ଆଇନର ସୃଷ୍ଟି। ଯଦି ତାହା କାର୍ଯ୍ୟକାରୀ ନ ହେଲା, ତା'ହେଲେ ଏପରି ଆଇନ କ'ଣ ପାଇଁ? ମନୁଷ୍ୟ ତା'ର ଜୀବନକାଳ ମଧ୍ୟରେ ଅନେକ ଛୋଟବଡ଼ ସମସ୍ୟାର ସମ୍ମୁଖୀନ ହୁଏ। ଯଦି ସବୁଠି ଆଇନ ଉପରେ ନିର୍ଭର କରାଯାଏ, ତା'ହେଲେ ତୁରନ୍ତ ସମାଧାନ ଜଟିଳ ହେବ। ଆମ ସମାଜର ବୁଦ୍ଧିଜୀବୀମାନଙ୍କର ଏହାର ବିକଳ୍ପ ବ୍ୟବସ୍ଥା ସମ୍ବନ୍ଧରେ ଚିନ୍ତା କରିବାର ଆବଶ୍ୟକତା ରହିଛି।

ମୋ: ୬୩୭୦୯୧୦୧୪୧

